Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

STATE ARCHIVES

ଭାଗ ୧୬ ଗ
ସଂଖ୍ୟା ୧

ତା ୧ ଲିଖ ମାହେ ଜାନୁଏରି ସନ ୧୮୮୧ ମସିହା । ମୁ । ପୌଷ ଦ ୨୦ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୫୯

ଅଦ୍ୟ ଆମ୍ଭେମାନେ ନୂତନ ବର୍ଷରେ ପଦାର୍ପଣ କରି ପାଠକମାନଙ୍କ ସମ୍ମୁଖରେ ଅତ୍ୟନ୍ତ ଆନନ୍ଦ ଉପସ୍ଥିତ ହେଲୁ । ସନ ୧୮୮୧ ମସିହା ଆଜିଠାରୁ ଆରମ୍ଭ ହେଲା ସୁତରାଂ ଆଜ ନବ ବର୍ଷର ପ୍ରଥମଦିନ ଅତଏବ ଉତ୍ସବର ଦିନ ଅଟଇ । ଆଜ ସମସ୍ତଙ୍କର ମନ ଆନନ୍ଦରେ ପରି- ପୂର୍ଣ୍ଣ ସମସ୍ତେ ନବ ବର୍ଷକୁ ସୁଖରେ କଟାଇବାର ମଙ୍ଗଳାଚରଣରେ ବ୍ୟସ୍ତ । ଦୀପିକା ମଧ୍ୟ ସେହି ସାଧାରଣ ଭାବର ବଶବର୍ତ୍ତୀ ହୋଇ ପାଠକ- ମାନଙ୍କର ମଙ୍ଗଳବାଦ କରୁଅଛି କାରଣ ଏହା ପାଠକଙ୍କ କୃପାରୁ ଏହା ପଞ୍ଚଦଶ ବର୍ଷ ନିର୍ବି- ଘ୍ନରେ ଅତିବାହିତ କରି ଷୋଡଶ ବର୍ଷରେ ପ୍ରବିଷ୍ଟ ହେଲା । ଏଥିପାଇଁ କୃତଜ୍ଞତା ପ୍ରକାଶର ଉପଯୁକ୍ତ ଏହି ଶୁଭଦିନରେ କିଛି ହେଉ ତାହାର କର୍ତ୍ତବ୍ୟ ଦିନୁ ବାକି ଭିନ୍ନ ଦୀପିକାର ଆଉ କିଛି ନାହିଁ ଅତଏବ ମୁକ୍ତ କଣ୍ଠରେ କରୁଣାମୟ ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ସେ ଆମ୍ଭମାନଙ୍କ ପାଠକ ପୃଷ୍ଠପୋଷକ ଏବଂ ହିତା- କାଙ୍କ୍ଷୀମାନଙ୍କୁ ନୂତନ ବର୍ଷର ଯାବନ୍ତ ସୁଖମଙ୍ଗଳ ପ୍ରଦାନ କରନ୍ତୁ ଏବଂ ସେମାନେ ଅବଚ୍ଛେଦ- ପୂର୍ବକ ସେ ସମସ୍ତ ସମ୍ଭୋଗ କରନ୍ତୁ ଏବଂ ଆମ୍ଭ- ମାନଙ୍କପ୍ରତି କରୁଣା ଦୃଷ୍ଟି ରଖନ୍ତୁ ।

---

ନେପାଳର ପ୍ରଧାନ ମନ୍ତ୍ରୀ ଗତମାସ ତା ୨୨ରିଖ ପ୍ରାତଃକାଳରେ କଲିକତା ନଗରରେ ପହଞ୍ଚିଲେ ସେ ଅଳକାଳ ପୁରୀ ଦର୍ଶନକୁ ଆସିବେ ଏବଂ ସେଠାରୁ ପୁନଶ୍ଚ କଲିକତାକୁ ଯାଇ ଲାଟସାହେ- ବଙ୍କ ସହିତ ସାକ୍ଷାତ କରି ସ୍ୱଦେଶର ଗାର୍ଥକୁ ଯାତ୍ରା କରିବେ ।

---

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ସେ- ଠାରେ ଡେପୁଟି ଅଫିକ ଫଣ୍ଡର ସାହାଯ୍ୟ ନିମିତ୍ତ ଯେଉଁ ସଭା ହୋଇଥିଲା ତହିଁରେ କୁମାର ବୈକୁଣ୍ଠନାଥ ଦେ ଟ ୫୦୦୯ ଙ୍କା ଶ୍ରୀଯୁକ୍ତ କୁକ୍ ସାହେବ ଟ ୧୦୦୯ ଙ୍କା ବାବୁ ରାଧାରମଣ ଦାସ ଟ ୧୦୦୯ ଙ୍କା ଏବଂ ଅପର କେତେକ ଭଦ୍ର ବ୍ୟକ୍ତି ଟ ୪୨୯ ଙ୍କା ସ୍ୱାକ୍ଷର କରିଅଛନ୍ତି ଏବଂ ସେ ଜିଲ୍ଲାର ଅନ୍ୟାନ୍ୟ ଲୋକଙ୍କଠାରୁ ହେବା ସଂଗ୍ରହ କରିବା ନିମିତ୍ତ ଗୋଟିଏ କମିଟୀ ନିଯୁକ୍ତ ହୋଇଅଛି ।

---

ଅସ୍ତ୍ରଶସ୍ତ୍ର ଆଇନ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କର ଖଣ୍ଡିଏ ହୁକୁମ ସରକୁଲର ବାହାରିଅଛି ତହିଁର ମର୍ମ ଏହି ଯେ ଅସ୍ତ୍ରଶସ୍ତ୍ର ଆମଦାନୀ ଏବଂ ସ୍ଥାନାନ୍ତରିତ ହେବା ପତିକୁ ଦୃଷ୍ଟି ରଖିବା ନିମିତ୍ତ ଉକ୍ତ ଆଇନ ହୋଇଅଛି ଜନ୍ତୁ ଏ ଆଇନ ସମ୍ପର୍କୀୟ କାର୍ଯ୍ୟମାନ ଏମନ୍ତ ସତର୍କତା ଓ ଦୟାସହିତ କରିବାକୁ ହେବ ଯେମନ୍ତ କ କାହାର କୌଣସି କଷ୍ଟ ନ ହୁଅଇ ଏବଂ ଲୋକଙ୍କପ୍ରତି ଅତ୍ୟନ୍ତ ସୁବର୍ତ୍ତୁର କରିବାକୁ ହେବ । ଏହିପରି ଆଦେଶ ପ୍ରଥମରୁ ହୋଇ- ଥିଲେ ଉକ୍ତ ଆଇନ ଏତାଦୃଶ ଘୃଣିତ ହୋଇ ନ ଥାନ୍ତା ଏବଂ ଲୋକେ ଟାକ୍ସ ଓ ଦଣ୍ଡ ଭୟ- ରେ ଆପଣା୨ ସମ୍ପତ୍ତି ବା ପ୍ରାଣରକ୍ଷା ସକାଶେ ଖଣ୍ଡେ ଅଧେ ଅସ୍ତ୍ର ଯାହା ରଖିଥିଲେ ତାହା ବାକ୍ୟୟୁକ୍ତ ହେଇ ଅତ୍ୟନ୍ତ ଅସହାୟ ଓ ଦୁଃଖିତ ଅବସ୍ଥାରେ ପଡନ୍ତେ ନାହିଁ ।

---

ହିନ୍ଦୁପେଟ୍ରିଅଟରେ ଆମ୍ଭେମାନେ ଆନନ୍ଦସହିତ ପାଠକଲୁଁ ଯେ ବାଲେଶ୍ୱରର ମାଜିଷ୍ଟ୍ରେଟ କୁକ୍ ସାହେବଙ୍କର ଯେ ସମସ୍ତ କର୍ମଚାରୀ କୁମାର ବୈକୁଣ୍ଠନାଥ ଦେ ଅନରରି ମାଜିଷ୍ଟ୍ରେଟ ଏବଂ ବାଇସଚେୟାରମେନ ପ୍ରଭୃତି ପଦରୁ ଇସ୍ତଫା ଦେଇଥିଲେ ତହିଁ ସମ୍ପର୍କୀୟ କାଗଜମାନ ଗବ- ର୍ମେଣ୍ଟ ବଙ୍ଗାଲଙ୍କ ନିକଟରେ ଦରପେଶ ହେବା- ରେ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର କୁକ୍ ସାହେବଙ୍କୁ ଯଥୋଚିତ ତିରସ୍କାର କରି ତାହାଙ୍କୁ ସ୍ଥାନାନ୍ତରକୁ ବଦଳକରି ଅଛନ୍ତି ଏବଂ କୁମାର ବୈକୁଣ୍ଠନାଥଦେଙ୍କୁ ଆପଣା ଇସ୍ତଫା ଫେରନେଇ ପୂର୍ବପ୍ରାପ୍ୟ କର୍ମମାନ କରିବାକାରଣ ଅନୁରୋଧ କରି ଅଛନ୍ତି । ଶ୍ରୀଯୁକ୍ତ ଶ୍ରଦ୍ଧାସ୍ପଦ ବଡନସାହେବ ପୁନର୍ବାର ବାଲେଶ୍ୱରର କଲେକ୍ଟର ମାଜିଷ୍ଟ୍ରେଟ ହୋଇ ଆସିଅଛନ୍ତି କାଲି ଗେଜେଟରେ ଦେଖି- ଲୁଁ ଯେ ଶ୍ରୀଯୁକ୍ତ କୁକ୍ସାହେବ ବଦଳି ନ ହୋଇ ସେହିଠାର ଜଏଣ୍ଟମାଜିଷ୍ଟ୍ରେଟ ହୋଇ ଅଛନ୍ତି । ଏହାଙ୍କୁ ବଦଳକରିବାର ଭଲ ଥିଲା । ତଥାପି ଦୃଢ଼ବିଶ୍ୱାସ ଯେ ଯେଉଁଠାରେ ବଡନ

Digitized by srujanika@gmail.com

Split by PDF Splitter



ସାହେବଙ୍କ ପର ମାଜିଷ୍ଟ୍ରେଟ ଥିବେ ସେଠାରେ ଅବଗୃହର ସ୍ଥାନ ପାଇବା କଠିନ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଡେଲିନ୍ୟୁସରେ ପାଠକଲୁଁ ଯେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧକ୍ରମେ ବିଲାତର ସେକ୍ରେଟେରୀ ସାଧାରଣ ରାଜସ୍ୱରୁ ବାର୍ଷିକ ଟ ୩୦୦୦୲ ଙ୍କା ଡାକ୍ତର ରାଜେନ୍ଦ୍ରଲାଲ ମିତ୍ରଙ୍କୁ ପେନସନ ସ୍ୱରୂପ ଦେବାକାରଣ ମଞ୍ଜୁର କରି ଅଛନ୍ତି ପ୍ରାଚୀନକାଳ ସମ୍ବନ୍ଧୀୟ ନାନା ତତ୍ତ୍ୱ ନିର୍ଣ୍ଣୟ କରିବାରେ ଏ ମହାତ୍ମା ଯେଉଁ ଅସାଧାରଣ ଯୋଗ୍ୟତା ଦେଖାଇ ଅଛନ୍ତି କେବଳ ତହିଁନିମିତ୍ତ ଏହି ପେନସନ ମଞ୍ଜୁର ହୋଇଅଛି କିନ୍ତୁ ନାବାଲଗ ମାନଙ୍କର ତତ୍ତ୍ୱାବଧାରକ କର୍ମ ନିମିତ୍ତ ସେ ନାବାଲଗ ମହାଲ ଅଥବା ଅନ୍ୟ କୌଣସି ଫଣ୍ଡରୁ ବାର୍ଷିକ ଟ ୩୦୦୦ ଙ୍କା ପେନସନ ପାଇବେ ଏପରି ତାହାଙ୍କର ମୋଟ ପେନସନ ବର୍ଷକୁ ଟ ୬୦୦୦୲ ଙ୍କା ଅଥବା ମାସକୁ ଟ ୫୦୦୲ ଙ୍କା ଲେଖାଏ ହେବ । ଗବର୍ଣ୍ଣମେଣ୍ଟଙ୍କର ଏପ୍ରକାର ସୁବନ୍ଦୋବସ୍ତରେ ସର୍ବସାଧାରଣ ଆନନ୍ଦିତ ହେବେ ଏଥିରେ ସନ୍ଦେହ ନାହିଁ ଏବଂ ମିତ୍ରଜା ମହାଶୟ ପେନସନ ନେଇ ତୁନିହୋଇ ବସିବାଲୋକ ନୁହନ୍ତି ବରଂ ନିଶ୍ଚିନ୍ତ ହୋଇ ପ୍ରାଚୀନ ତତ୍ତ୍ୱ ଅନୁସନ୍ଧାନ ପକ୍ଷରେ ସମଧିକ ଯତ୍ନବାନ୍ ହେବେ ଏବଂ ତଦ୍ଦ୍ୱାରା ବିଶେଷ ସାଧାରଣ ଉପକାର ହେବ ।

—*—

ଆମ୍ଭେମାନେ ଆନନ୍ଦସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଲର୍ଡ ରିପନସାହେବ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ଏବଂ ତାହାଙ୍କର ଦୁର୍ବଳତା ଅନେକ ପରିମାଣରେ ଛାଡି ଯାଇଅଛି । ଚଳିତ ମାସ ତା ୭ ରିଖରେ ସେ ଏଲାହାବାଦରୁ କଲିକତାକୁ ଆସିବାର ସ୍ଥିର କରିଅଛନ୍ତି ମାତ୍ର କେଉଁ ତାରିଖ କେଉଁ ସମୟରେ ରାଜଧାନୀରେ ପ୍ରବେଶ ହେବେ ତହିଁର ସରକାରୀ ବିଜ୍ଞାପନ ବାହାରିବାର ଆମ୍ଭେମାନେ ଦେଖିନାହୁଁ । ତାହାଙ୍କ ଦର୍ଶନ ଲାଭ କରିବା ନିମିତ୍ତ କଲିକତାକୁ ଅନେକ ରାଜା ମହାରାଜା ଓ ସମ୍ଭ୍ରାନ୍ତ ଲୋକମାନେ ଆସି ଅଛନ୍ତି । ଲର୍ଡ ରିପନ ଏଥି ମଧ୍ୟରେ ନାନା ବିଷୟରେ ଯେ ସମସ୍ତ କଥା କହିଅଛନ୍ତି ଏଣା ତଦ୍ଦ୍ୱାରା ସର୍ବସାଧାରଣଙ୍କର ଭକ୍ତି ଓ ପ୍ରୀତିଭାଜନ ହୋଇ ଅଛନ୍ତି ତହିଁରେ ପୁଣି ପୀଡାରେ ବ୍ୟକ୍ତିବେଦନ ଟେକ୍ଷଟେଇ କରି ଅରୋଗ୍ୟଲାଭ କରିଅଛନ୍ତି ଏଥିପାଇଁ ତାହାଙ୍କର ରାଜଧାନୀକୁ ଶୁଭାଗମନ ଯେ ସର୍ବସାଧାରଣଙ୍କର ଅତ୍ୟନ୍ତ ଆନନ୍ଦର ବିଷୟ ହେବ ଏକଥା ବୋଲିବା ବାହୁଲ୍ୟ । ବାସ୍ତବରେ ଲୋକଙ୍କର ଆନନ୍ଦର ସୀମା ରହିବ ନାହିଁ । ଏଥି ମଧ୍ୟରେ ସେ କର୍ମତ୍ୟାଗ କରିବାର ଜନରବ ଉଠିଥିଲା ମାତ୍ର ଆମ୍ଭମାନଙ୍କର ଭାଗ୍ୟବଳରୁ ତାହା ମିଥ୍ୟା ହୋଇଅଛି ।

—*—

ଗତ କଲିକତା ଗେଜେଟରେ ବଙ୍ଗପ୍ରଦେଶର ଜଳପ୍ରଣାଳୀ ବିଷୟକ ସନ ୧୮୭୯।୮୦ ସାଲର ବିଜ୍ଞାପନୀ ଉପରେ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ନିର୍ଦ୍ଧାରଣପତ୍ର ବାହାରି ଅଛି ତହିଁରୁ ଦେଖାଯାଏ ଯେ ଅଦ୍ୟାବଧି କାଳଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର କ୍ଷତି ବିନା କୌଣସି ଲାଭ ହୋଇ ନାହିଁ ଏବଂ କ୍ଷତିପୂରଣ ହେବାର ଆଶା ବହୁଦୂରବର୍ତ୍ତୀ ଅଟେ । କାଳ କାର୍ଯ୍ୟରେ ଯେତେ ମୂଳଧନ ବ୍ୟୟ ହୋଇ ଅଛି । ତହିଁର ସୁଧ ସ୍ୱରୂପ ବାଇଶଲକ୍ଷ ଟଙ୍କା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ବଙ୍ଗାଳ ଗବର୍ଣ୍ଣମେଣ୍ଟର ଦେଣ ଅଟଇ ଏଥି ମଧ୍ୟରୁ କେବଳ ଏଗାର ଲକ୍ଷ ଟଙ୍କା ରାଜସ୍ୱ ଅଦାୟ ହୋଇଅଛି ଏବଂ ଏଥି ମଧ୍ୟରୁ ବାର୍ଷିକ ବ୍ୟୟ ୯ ଲକ୍ଷ ଟଙ୍କା ବାହାରିଗଲେ କେବଳ ଦୁଇଲକ୍ଷ ଟଙ୍କା ସୁଧ ବାବଦରେ ଗବର୍ଣ୍ଣମେଣ୍ଟ ପାଇଲେ ସୁତରାଂ କୋଡିଏ ଲକ୍ଷ ଟଙ୍କା କ୍ଷତି ହୋଇଅଛି । କେତେ କାଳରେ ଯେ କାଳ ରାଜସ୍ୱ ଖର୍ଚ୍ଚା ଓ ସୁଧ ଦେଇ ପାରିବ ବୋଲି ଯାଇ ନ ପାରେ । କେବଳ ଏତିକି ଭରସା ଯେ ବର୍ଷକୁବର୍ଷ ରାଜସ୍ୱ ବଢୁଅଛି ଯଥା ସନ ୧୮୭୭।୭୮ ରେ ଟ ୪୯୪୭୭୬୲ ଙ୍କା ସନ ୧୮୭୮।୭୯ ରେ ଟ ୮୫୧୧୩୩୲ ଙ୍କା ଏବଂ ସନ ୧୮୭୯।୮୦ ସାଲରେ ଟ ୧୦୯୪୧୮୬୲ ଙ୍କା ରାଜସ୍ୱ ଅଦାୟ ହୋଇଅଛି । ଏପରି ବୃଦ୍ଧିରେ ବାର୍ଷିକ ରାଜସ୍ୱ ଅନ୍ତତଃ ୩୦ ଲକ୍ଷ ଟଙ୍କା ହେବାକୁ ଆହୁରି ଦଶବର୍ଷ ଲାଗିବ । ଫଳତଃ ବିଜ୍ଞାପନୀରୁ ଜଣାଯାଏ ଯେ କାଳର ରାଜସ୍ୱରେ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ହେଉ ପଛକେ କାଳ ଜଳଦ୍ୱାରା ସାଧାରଣ ଉପକାର ହୋଇଅଛି । ଓଡିଶା ଏବଂ ମେଦନୀପୁରରେ କାଳକୂଳ ଜମିର ଦର ବହୁତ ବୃଦ୍ଧି ହୋଇଅଛି ଓ ସେ ଜମିକୁ ଲୋକେ ଧରାଧରି କରି ନେଉ ଅଛନ୍ତି ଏବଂ ବେହାରରେ ଏ ଘଟଣା ଛଡ଼ା ଆଖୁର ଚାଷ ଏବଂ ଗୁଡ଼ର କାରବାର ବହୁତ ବୃଦ୍ଧି ହୋଇଅଛି । ଆଖୁ ରସ ବାହାର କରିବା କାରଣ ୯୦୦୦ ଗୋଟା କଳ ଲୋକେ କାଳ ଉପରେ ବସାଇ ଅଛନ୍ତି ଏବଂ ପୂର୍ବେ କେବଳ ୧୮୦୪ ମାଣ ଆଖୁ କ୍ଷେତ ଥିଲା ସମ୍ପ୍ରତି ମା ୬୨୧୩୮ ଣ ଜମିରେ ଆଖୁ ହେଉଅଛି ।

ଚିଫ ଇଞ୍ଜିନିୟରଙ୍କ ରିପୋର୍ଟ ଅନୁସାରେ କାଳ ସମ୍ପର୍କୀୟ କାର୍ଯ୍ୟମାନ ସନ୍ତୋଷଜନକ ଅଟେ ସେ ଲେଖି ଅଛନ୍ତି କି ସନ ୧୮୭୮।୭୯ ସାଲରେ ଖର୍ଚ୍ଚା ଉତ୍ତାରୁ କେବଳ ଟ ୪୫୫୬୩୲ ଙ୍କା ଲାଭ ହୋଇଥିଲା ଏବର୍ଷ ଟ ୧୭୩୬୧୪୲ ଙ୍କା ଲାଭ ହୋଇଅଛି ଏବଂ ଯଦ୍ୟପି ଅସାଧାରଣ ନଦୀବୃଦ୍ଧିଦ୍ୱାରା ଓଡିଶାର ପଥରବନ୍ଧମାନ କ୍ଷତଗ୍ରସ୍ତ ହୋଇଥିବାରୁ ଓ ସେ ସମସ୍ତ ମରାମତି କରିବାରେ ଅଧିକ ବ୍ୟୟ ପଡି ନ ଥାନ୍ତା ତାହା ହେଲେ ସମ୍ପୂର୍ଣ୍ଣ ଟ ୩୬୩୦୦୦୲ ଙ୍କା ଅବଶ୍ୟ ଲାଭ ହୋଇଥାନ୍ତା । ଯାହାହେଉ କାଳର ସମସ୍ତ ପ୍ରକାର ଆୟବ୍ୟୟ ମିଶାଇବାରେ ଦେଖାଯାଏ ଯେ ବିଜ୍ଞାପନୀ ବର୍ଷରେ ଟ ୬୬୬୧୪୫୲ ଙ୍କା ଲାଭ ହୋଇଅଛି ଯଥା;

| | |
|---|---|
| ମେଦନୀପୁରର ନିଟ ଲାଭ | ଟ ୧୧୬୫୮୬ |
| ହିଜଲୀ | ଟ ୮୪୯୭ |
| ସୋନ | ଟ ୧୯୮୭୭୫ |
| | ଟ ୩୬୩୮୫୪ |
| ଓଡିଶା ନିଟ କ୍ଷତି | ଟ ୯୬୭୦୯୲ |

କାଳର ସର୍ବପ୍ରକାର ଆୟରୁ ବାର୍ଷିକ ଖର୍ଚ୍ଚା ଯାଇ ଯାହା ଅବଶିଷ୍ଟ ରହିଲା ଲାଭ ରୂପରେ ତାହା ଲେଖାଗଲା । ସନ ୧୮୭୯।୮୦ ସାଲରେ କେଉଁ କାଳର କେତେ ଆୟ ହୋଇଥିଲା ତାହା ଏଠାରେ ଲେଖୁଅଛୁଁ ଯଥା —

| | |
|---|---|
| ଓଡିଶା | ଟ ୬୭୯୫୧୮ |
| ମେଦନୀପୁର | ଟ ୬୪୭୬୬୪ |
| ହିଜଲୀ | ଟ ୪୫୭୮୧ |
| ସୋନ | ଟ ୫୩୧୫୮୮ |
| ମୋଟ | ଟ ୧୦୯୪୧୮୬୲ ଙ୍କା |

କାଳର ରାଜସ୍ୱ ସମ୍ପର୍କୀୟ କାର୍ଯ୍ୟମାନ ଉତ୍ତମରୂପେ ନିର୍ବାହ କରିବା ହେତୁରୁ ଓଡିଶାର ଆସିଷ୍ଟାଣ୍ଟ ବାଇଲି ଏବଂ ରବର୍ଟସ ଓ ମେଦନୀପୁରର ବାବୁ ଯଦୁନାଥ ମୁଖୁର୍ଯ୍ୟା ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟମାନେ ଗବର୍ଣ୍ଣମେଣ୍ଟରୁ ପ୍ରଶଂସା ଲାଭ କରିଅଛନ୍ତି । ବିଶେଷରେ ଯଦୁନାଥ ବାବୁଙ୍କ ସପକ୍ଷରେ ମେଦନୀପୁରର କଲେକ୍ଟର ଏବଂ

Digitized by srujanika@gmail.com

Split by PDF Splitter



କମିସନରଙ୍କ ସାହେବମାନେ ଅନେକ ସୁଖ୍ୟାତି ଲେଖି ଅଛନ୍ତି ।

—୦✲୦—

## ଖୋର୍ଦ୍ଧା ଜଙ୍ଗଲ ମାହାଲ ।

ଆମ୍ଭେମାନେ ବର୍ତ୍ତମାନ ସଭ୍ୟ ହୋଇଅଛୁଁ ଅଥବା ହେବାକୁ ଲାଗି ଚେଷ୍ଟିତ । ଏଣୁକରି ଦେଶର ଅନେକ ପ୍ରାଚୀନ ବାକ୍ୟକୁ କୁସଂସ୍କାରପୂର୍ଣ୍ଣ ବୋଲି ଘୃଣା ଅଥବା ଉପହାସ କରୁଁ । କିନ୍ତୁ ଅନୁଧାବନ କରି ଦେଖିଲେ ଅନେକ ପ୍ରାଚୀନବାକ୍ୟ ଯାହାକି ପ୍ରକାଶ୍ୟରେ କୁସଂସ୍କାରପୂର୍ଣ୍ଣ ବୋଧ ହୁଅଇ ବାସ୍ତବରେ ସୁନ୍ଦର ନୀତିଗର୍ଭକ ଅଟଇ । ରାଜ୍ୟ ଉପରେ ରାଜାଙ୍କର ଯେତେ ଦୃଷ୍ଟି ରହିବ ତେତେ ମଙ୍ଗଳ ବୋଲି ସମସ୍ତେ ସ୍ୱୀକାର କରିବେ କାରଣ ପ୍ରଜାଙ୍କ ମଙ୍ଗଳ କରିବା ରାଜାଙ୍କର ଏକମାତ୍ର ବ୍ରତ । ଏହିହେତୁ ରାଜକର୍ମଚାରୀମାନଙ୍କୁ ଆଜ୍ଞା ଅଛି ଯେ ସେମାନେ ଦେଶର ଅଭ୍ୟନ୍ତରରେ ବୁଲି ବୁଲି ପ୍ରଜାଙ୍କର ଅଭାବ ମୋଚନ ଏବଂ ସୁଖ ବୃଦ୍ଧିର ଉପାୟ କରିବେ । ଇଂରାଜ ଗବର୍ଣ୍ଣମେଣ୍ଟ ଏହି ନିୟମରେ କାର୍ଯ୍ୟ କରିବାରୁ ପ୍ରଜାଙ୍କର ନାନା ପ୍ରକାର ଅଭାବ ଘୁଞ୍ଚି ଯାଇ ସୁଖସ୍ୱଚ୍ଛନ୍ଦତାର ବୃଦ୍ଧି ହେଉଅଛି । ଏପ୍ରକାର ପ୍ରତ୍ୟକ୍ଷ ଘଟନା ଦେଖି କିଏ ସ୍ୱୀକାର କରିବ ଯେ ଦେଶ ଉପରେ ରାଜାଙ୍କ ଦୃଷ୍ଟି ପଡ଼ିବା ମଙ୍ଗଳକର ନୁହଇ । ଅଥଚ ଗୋଟିଏ ପ୍ରାଚୀନ କଥା ଅଛି ଯେ ରାଜାଙ୍କର ଦେଶଉପରେ ଦୃଷ୍ଟିପଡ଼ିବା ଭଲ ନୁହଇ । ଏହିହେତୁ ପୂର୍ବକାଳର ଲୋକମାନେ ନାନା କୌଶଳଦ୍ୱାରା ରାଜାଙ୍କୁ ନଅରର ବେଢ଼ା ମଧ୍ୟରେ ଏକନ୍ତ ଲୁଚାଇ ରଖୁଥିଲେ ଯେ ରାଜଦର୍ଶନ ମିଳିବା ଭାର ହେଉଥିଲା ଏବଂ ପ୍ରଜାମାନେ ମଧ୍ୟ ଆପଣା ଆପଣା ପ୍ରକୃତ ଅବସ୍ଥା ଲୁଚାଇ ରଖିବା କାରଣ ସାମାନ୍ୟ ଖଣ୍ଡିଏ ଲୁଗା ପିନ୍ଧି ଦାଣ୍ଡକୁ ବାହାରୁ ଥିଲେ ଏବଂ ସାମାନ୍ୟ ଘରେ ବାସ କରୁଥିଲେ କାରଣ ସେମାନଙ୍କର ଭୟ ଥିଲା ଯେ କୌଣସି ପ୍ରକାର ଭଲଲୁଗା ବା ଘର ଦେଖିଲେ ପଛେ ରାଜା ତାହାକୁ ସଙ୍ଗତିପନ୍ନ ଲୋକ ମନେକରି କାଢ଼ି ନେବେ ଅଥବା ଅଧିକ କର ବସାଇବେ । ଏ ଯୁକ୍ତି କାହାରଠାରେ ହାସ୍ୟାସ୍ପଦ ହୋଇପାରେ ମାତ୍ର ଆମ୍ଭେମାନେ କହୁଁ ଯେ ଏହା ନୀତିଗର୍ଭକ ଅଟଇ । ଖୋରଧାର ଜଙ୍ଗଲ ମାହାଲର ବନ୍ଦୋବସ୍ତ ଇହିଁର ଗୋଟିଏ ଉଦାହରଣ ଅଟଇ । ଓଡ଼ିଶାର ସମସ୍ତ ଗଡ଼ଜାତ ମାହାଲର ପ୍ରଜାଙ୍କ ସଙ୍ଗେ ଖୋରଧାର ପ୍ରଜାଙ୍କ ଅବସ୍ଥା ତୁଳନା କଲେ ସ୍ୱର୍ଗ ମର୍ତ୍ତ୍ୟର ଭେଦ । ଗଡ଼ଜାତରେ କାଠ ଅପର୍ଯ୍ୟାପ୍ତ ପ୍ରାପ୍ତ ହୁଅଇ ଏଣୁକରି ପ୍ରଜାମାନେ ବିନା କରରେ ଜଙ୍ଗଲରୁ କାଠ କାଟିଆଣି ଆପଣା ଆପଣା ପ୍ରୟୋଜନ ସାଧନ କରନ୍ତି ଏ ବିଷୟରେ କୌଣସିପ୍ରକାର ଅଟକ ନାହିଁ । କିନ୍ତୁ ଖୋରଧା ପ୍ରଜାଙ୍କର କାଠ କାଟିଆଣିବା ଦୂରେ ଥାଉ ଖଣ୍ଡିଏ ଦାନ୍ତକାଠି ସକାଶେ ଲଣ୍ଡଭଣ୍ଡ ହେଉ ଅଛନ୍ତି । ପତ୍ରର ଖଣ୍ଡେ ଛିଣ୍ଡାଇଲେ ଫରେଷ୍ଟଦାର ସୁପୋର୍ଦ୍ଦ ହୋଇ ଦଣ୍ଡ ଲଭୁଅଛନ୍ତି । ଏପରି ହେବାର କାରଣ କି ? ଆମ୍ଭେମାନେ କହୁଁ ଯେ ଏକା ରାଜଦୃଷ୍ଟି ଏଥିର କାରଣ ଅଟଇ । ଅନ୍ୟାନ୍ୟ ଗଡ଼ଜାତର ପ୍ରଜାମାନେ ଗବର୍ଣ୍ଣମେଣ୍ଟଙ୍କର ସାକ୍ଷାତ ପ୍ରଜା ନୁହନ୍ତି ସେମାନେ ଜଣେ ଜଣେ କ୍ଷମତା ବିଶିଷ୍ଟ ଜମିଦାରଙ୍କ ପ୍ରଜା । ସୁତରାଂ ଦେଶର ପ୍ରକୃତ ରାଜା ଯେ ଗବର୍ଣ୍ଣମେଣ୍ଟ ତାହାଙ୍କ ଦୃଷ୍ଟି ସେମାନଙ୍କ ଉପରେ ପଡ଼ୁ ନାହିଁ । ଜମିଦାରମାନେ ପ୍ରଜାଙ୍କୁ ଆପଣା ଅଙ୍ଗରେ ଘୋଡ଼ାଇ ରଖି ଅଛନ୍ତି ମାତ୍ର ଖୋରଧା ସାକ୍ଷାତ ଗବର୍ଣ୍ଣମେଣ୍ଟଙ୍କର ରାଜ୍ୟ ଖାସମହାଲ ଅଟଇ ଏଠାରେ ପ୍ରଜାଙ୍କ ଉପରେ ରାଜଦୃଷ୍ଟି ସରଳରେଖାରେ ପଡ଼ୁଅଛି କୌଣସିପ୍ରକାର ବ୍ୟବଧାନ ନାହିଁ । ତେଣୁ ପ୍ରଜାଙ୍କର ଦୁଃଖର ସୀମା ନାହିଁ । ଯେବେ ଏଠାରେ ଜଣେ ଜମିଦାର ଥାନ୍ତା ତେବେ ସେ ଅନ୍ୟାନ୍ୟ ଗଡ଼ଜାତଠାରୁ କିଛି ଅତିରିକ୍ତ ନିୟମ କରି ପାରନ୍ତା ନାହିଁ ଏବଂ ସେପରି କଲେ ଗବର୍ଣ୍ଣମେଣ୍ଟ ତହିଁରେ ହସ୍ତକ୍ଷେପ କରିବାକୁ ତ୍ରୁଟି କରନ୍ତେ ନାହିଁ । ଖୋରଧା ପ୍ରଜାମାନେ ସାକ୍ଷାତ ସରକାରଙ୍କ ପ୍ରଜା ବୋଲି ସରକାରୀ କର୍ମକାରକମାନେ ଯାହା ଇଚ୍ଛା ତାହା କରୁଅଛନ୍ତି ଏବଂ ତଦ୍ୱାରା ପ୍ରଜାଙ୍କର ଯେତେକଷ୍ଟ ହେଉଅଛି ତାହା କେହି ଶୁଣୁ ନାହାନ୍ତି । ଏ ସମସ୍ତ ଦେଖି ଆମ୍ଭେମାନେ ବିଚାର କରୁ ଅଛୁଁ କି ରାଜଦୃଷ୍ଟି ଭଲ ନୁହଇ କାରଣ ରାଜଦୃଷ୍ଟିରେ ରାଜାଙ୍କ ଲୋଭ ବଢ଼ଇ ଏବଂ ସ୍ୱୟଂ ରାଜା ଲୋଭ ପରବଶ ହେଲେ ତାହାଙ୍କୁ ସମ୍ଭାଳି ରଖିବା ବଡ଼ କଠିନ ବ୍ୟାପାର ପ୍ରାୟ ଅସାଧ୍ୟ ଅଟଇ । ଏକା ଖୋରଧା କାହିଁକି ସମୁଦାୟ ଭାରତବର୍ଷ ଏଥିର ଉଦାହରଣ ଅଟଇ । ଭାରତବର୍ଷର ଭାର ଯେତେବେଳେ କମ୍ପାନୀଙ୍କ ହସ୍ତରେ ଥିଲା ସେତେବେଳେ ରାଜଦୃଷ୍ଟି ସାକ୍ଷାତରୂପେ ପଡ଼ୁ ନ ଥିବାରୁ ପ୍ରଜାଙ୍କର କେତେ ସୁଖ ଥିଲା ଯେମନ୍ତ କମ୍ପାନୀ ଉଠି ଗଲା ଏବଂ ଭାରତବର୍ଷ ଶ୍ରୀମତୀ ଭାରତେଶ୍ୱରୀଙ୍କ ସାକ୍ଷାତ ରାଜ୍ୟ ଅବା ଖାସମାହାଲ ହେଲା ତେମନ୍ତ ଟାକ୍ସ ଇତ୍ୟାଦିର ସୀମା ରହିଲା ନାହିଁ । ଏହି ପରି ଟାକ୍ସ ବସାଇ ଏବଂ ନାନାପ୍ରକାର ଅପ୍ରୀତିକର ଆଇନ ପ୍ରଚଳିତ କରି ଯେବେ କମ୍ପାନୀ ପ୍ରଜାମାନଙ୍କୁ ଲଣ୍ଡଭଣ୍ଡ କରି ଥାନ୍ତେ ତେବେ ଗବର୍ଣ୍ଣମେଣ୍ଟ ସେମାନଙ୍କର କେତେ ନିନ୍ଦା କରନ୍ତେ ମାତ୍ର ସାକ୍ଷାତ ଗବର୍ଣ୍ଣମେଣ୍ଟ ସେହି ସମସ୍ତ କରୁଅଛନ୍ତି ଆଉ କିଏ ପ୍ରଜାଙ୍କର ଦୁଃଖ ଶୁଣିବ । ଆଜି ଏତିକି

———

# ସାପ୍ତାହିକ ସଂବାଦ ।

ବାବୁ ହାରାଧନ ଘୋଷ କଟମାଳର ତହସିଲଦାର ନିଯୁକ୍ତ ହୋଇଅଛନ୍ତି ।

ପୁରୀର ହେଡ କ୍ଲର୍କ ବାବୁ କାଶୀଆନନ୍ଦ ଦତ୍ତ ବାଲେଶ୍ୱରର ୨ ୟ ଶ୍ରେଣୀର ସବ୍ ଡେପୁଟୀ କଲେକ୍ଟର ନିଯୁକ୍ତ ହୋଇ ଅଛନ୍ତି ।

ଯାଜପୁରର ମୁନସଫ ବାବୁ ହରେକୃଷ୍ଣ ଚାଟୁର୍ଯ୍ୟା ତିନିମାସର ଛୁଟି ପାଇଅଛନ୍ତି ତାହାଙ୍କ କର୍ମରେ କେହି ନିଯୁକ୍ତ ହୋଇ ନାହିଁ କିନ୍ତୁ ଜଜ ସାହେବ ଏଠାର ଜଣେ ବଡ଼ ଓକିଲ ଯୋଗେନ୍ଦ୍ରନାଥ ଲହିଡ଼ିଙ୍କୁ ଏକ୍‌ଟିଂ ନିଯୁକ୍ତ କରିବାପାଇଁ ଅନୁରୋଧ କରିଅଛନ୍ତି ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ଶିବପ୍ରସାଦ ସିଂହ ମାନବଲୀଳା ଶେଷ କରିଅଛନ୍ତି । ଏହାଙ୍କ ବାସସ୍ଥାନ ରାମବାଗ ମୁକାମରେ ଶ୍ରାଦ୍ଧକାର୍ଯ୍ୟ ଯଥାବିଧିରେ ନିର୍ବାହିତ ହେଲା । ବାବୁ ମହାଶୟ ଜଣେ ବିଖ୍ୟାତ ଲୋକ ଥିଲେ ସେ ଆପଣା ବିଚକ୍ଷଣତାଦ୍ୱାରା ସାମାନ୍ୟ ଅମଲଠାରୁ ପ୍ରଥମ ଶ୍ରେଣୀର ମୁନସଫ ପର୍ଯ୍ୟନ୍ତ ପଦବୃଦ୍ଧି ପାଇ ପରଶେଷରେ ପେନସନ ଭୋଗ କରୁଥିଲେ ଏବଂ ତଥାପି ଅନରେରି ମାଜିଷ୍ଟ୍ରେଟ ସ୍ୱରୂପ ସାଧାରଣ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ।

ଯୁକ୍ତ ଜେ, ଏମ୍, ଡେଭିଡସନ ଏକ୍‌ଟିଂ ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ କଟକ କଚ୍ଛାରୁ ନିଯୁକ୍ତ ହୋଇ ଆସିଅଛନ୍ତି ।

ଜଣେ ଜ୍ୟୋତିଷ ଗଣନା କରି କହୁଅଛନ୍ତି କି ସନ ୧୮୮୮ ସାଲ ପର୍ଯ୍ୟନ୍ତ ଭାରତବର୍ଷରେ ଆଉ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦୃଶ୍ୟ ହେବ ନାହିଁ ।

ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀ ପେଟ୍ରିଅଟିକ୍ ଫଣ୍ଡ କମିଟିକୁ ୫୦୦ ଟଙ୍କା ଦେଇଅଛନ୍ତି ମହାରାଣୀଙ୍କର କୌଣସି ଦାନ ଅସୁନ୍ଦର ନୁହଇ ।

ନଦୀୟା ଜିଲ୍ଲାରେ ଜ୍ୱର ରୋଗ ଅତ୍ୟନ୍ତ ଭୟାନକ ହୋଇଅଛି ହିନ୍ଦୁ ପେଟ୍ରିଅଟରୁ ଆମ୍ଭେମାନେ ଅବଗତ ହେଲୁଁ ଯେ ଗତ ନବେମ୍ବର ମାସ ମଧ୍ୟରେ ଥାନା ଦେବହାଟରେ ୯୦୦ ଏବଂ ଥାନା ହଁସଖାଲିରେ ୭୦୦ ମୃତ୍ୟୁ କେବଳ ଏହି ରୋଗ ହେତୁ ଘଟଣା ହୋଇଥିଲା । ଅତ୍ୟନ୍ତ ବିଷୟ ଯେ ଔଷଧ ଚିକିତ୍ସାର ଉତ୍ତମ ବନ୍ଦୋବସ୍ତ ସେଠାରେ ହୋଇ ନାହିଁ ଓ କମିଶନର ମନରୋ ସାହେବ ଏତେବେଳେ ସୁଦ୍ଧା ଏ ରୋଗର ଭୟଙ୍କର ଅବସ୍ଥାକୁ ହୃଦୟଙ୍ଗମ କରିପାରି ନାହାନ୍ତି । ହାକିମଙ୍କ ମିଜାଜ ଯେନ ଦେଶୀୟ ଲୋକଙ୍କର କଷ୍ଟର ସୀମା ନାହିଁ ।

ଏକ ତାଲିକାରୁ ଜଣାଯାଏ ଯେ ଭାରତବର୍ଷ ମଧ୍ୟରେ ମାନ୍ଦ୍ରାଜରେ ସର୍ବାପେକ୍ଷା ଅଧିକ ସଂଖ୍ୟକ ସଂବାଦପତ୍ର ଚଳ ପ୍ରଚଳ ହୁଅଇ । ଏଥିର କାରଣ ଏହି ଯେ ମାନ୍ଦ୍ରାଜରେ

Digitized by srujanika@gmail.com

ଇଂରାଜୀ ଭାଷା ଜାଣିପାରିବା ଦେଶୀୟ ଲୋକଙ୍କ ସଂଖ୍ୟା ଅଧିକ ତହିଁ ତଳେ ବଙ୍ଗଳା ଓ ତହିଁ ତଳେ ଯଥାକ୍ରମେ ବମ୍ବେ ପଞ୍ଜାବ ଉତ୍ତରପଶ୍ଚିମ ବେହାର ଆସାମ ମଧ୍ୟପ୍ରଦେଶ ପ୍ରଭୃତି ଅଟଇ । ଯାହାହେଉ ଗୋଟିଏ ବିଷୟରେ ହେଲେହେଁ ମାନ୍ଦ୍ରାଜ ଶ୍ରେଷ୍ଠତ୍ୱ ଲାଭ କରିଅଛି ।

ଇଟାଲିରୁ ତାରଯୋଗେ ସଂବାଦ ଆସିଅଛି କି ଗତମାସ ତା ୨୨ ରିଖରେ ଲଉସ୍ ନାମକ ସ୍ଥାନରେ ଏକ ଭୟଙ୍କର ରେଲରୋଡ ଦୁର୍ଘଟନା ହୋଇଥିଲା ଏବଂ ତହିଁରେ ପ୍ରାୟ ଜ ୫୦ ଣ ମନୁଷ୍ୟ ହତ ଓ ଆହତ ହେଲେ ।

କାଶମିରରେ ମୃତାଶୌଚ ସମ୍ପର୍କରେ ଚମତ୍କାର ଦୃଶ୍ୟ ଅଛି । କାଶମିରର ମହାରାଣୀଙ୍କ ମୃତ୍ୟୁ ହେବାରୁ ସେଠାର ସମସ୍ତ ଦରବାରି ଏବଂ ସରକାରୀ କର୍ମକାରକମାନେ ମସ୍ତକ ଓ ଦାଢି ଖେଉର କରିଅଛନ୍ତି । ସେହି କାଳେ ମହାରାଣୀଙ୍କ ଶବ ଗଲା ତହିଁର କୂଳପାର୍ଶ୍ୱସ୍ଥ ଲୋକେ ଏହିପରି ଖେଉର ହେବାର ବିଧି ମାତ୍ର ମହାରାଜା ଏଥିର ଘୋଷଣା ଦେଲେ ସେପରି କରିବା ଅନାବଶ୍ୟକ ଅଟଇ ।

ଆଏରଲଣ୍ଡର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ବଙ୍ଗ ପ୍ରଦେଶରେ ଯେଉଁ ଭେଦା ସଂଗୃହୀତ ହୋଇଥିଲା ତହିଁର ହିସାବ ଶେଷ ପାଇଅଛି ସର୍ବସୁଦ୍ଧା ଟ ୧୦୨୯୮୯ ଙ୍କା ଜମା ହୋଇଥିଲା ତହିଁମଧ୍ୟରୁ ଟ ୯୫୨୧୪ ଆଏରଲଣ୍ଡକୁ ପଠା ଯାଇଥିଲା ଓ ସର୍ଚ୍ଚାବାଦେ ଟ ୪୫୪୧ ଙ୍କା ତହବିଲରେ ଜମା ଥିଲା । ଏ ଟଙ୍କା ଆଏରଲଣ୍ଡକୁ ପଠାଯାଇ ହିସାବ ବନ୍ଦ କରିବାର ସ୍ଥିର ହେଲା ।

ଇଟାଲିରେ ଶବଦାହର ପ୍ରଥା ଏତେଦୂର ପ୍ରଚଳିତ ହେଲାଣି ଯେ, ସେଠାର ମିଉନିସିପାଲିଟି ଗୋଟିଏ ପ୍ରକାଣ୍ଡ ଶବଦାହ ମନ୍ଦିର ନିର୍ମାଣ କରିଅଛନ୍ତି । ଜର୍ମାନରେ ମଧ୍ୟ ଶବ ଦାହ ପ୍ରଥା ଚଳିତ ହୋଇଅଛି ମାତ୍ର ଇଟାଲି ପରି ନୁହଇ ।

କେରୋସିନ ତେଲରେ ଅନେକ କାର୍ଯ୍ୟ ହୁଅଇ । ଜର୍ମାନିରେ ଏହାଦ୍ୱାରା କାଠ ରକ୍ଷା କରିବାର ଉପାୟ ବଡ ସଫଳ ହୋଇଅଛି ଏବଂ ରଣ୍ଡସବାର୍ଗ ରେଲଓଏର ସୁପରିଣ୍ଟେଣ୍ଡେଣ୍ଟ ମାନ୍ଦ୍ରାଜ ରେଲଓଏର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁକରଣ କରି ରେଲବେ କାଠରେ ଏହି ତେଲ ଲଗାଇ ଅଛନ୍ତି ତହିଁରେ କାଠ କ୍ଷୟ ହେବା ନିବାରଣ ହେଉଅଛି ।

ଭାରତବର୍ଷରେ ଯେତେ ପ୍ରକାର ପଥରକୋଇଲା ଖଣି ଅଛି ତେତେ କୌଣସିଠାରେ ନାହିଁ ଏବଂ କୋଇଲାର ପରିମାଣ ମଧ୍ୟ ଜଣା ନୁହେ ତଥାପି ଓଲଡମ ସ୍ଥିର କରିଅଛନ୍ତି କି ଭାରତବର୍ଷରେ ଦୁଇଶତ କୋଟି ଟନ୍ କୋଇଲା ଅଛି ଏଥିରୁ କମ ନୁହଇ ।

ସରକାରୀ କରେନ୍ସି ନୋଟର ଗତ ବାର୍ଷିକ ରିପୋର୍ଟରେ ଅର୍ଜ୍ଜ ବଲ୍ଗରର ସେକ୍ରେଟରୀ ଲେଖିଅଛନ୍ତି କି ଜାଲ ନୋଟ ପ୍ରସ୍ତୁତ କରିବା ବିଷୟରେ ବମ୍ବେଇ ପ୍ରଦେଶ ଭାରତବର୍ଷରେ ପ୍ରଧାନ । ଆମ୍ଭେ ମନେ କରିଥିଲୁଁ ବଙ୍ଗାଳୀମାନେ ସର୍ବାପେକ୍ଷା ଉତ୍କୃଷ୍ଟ କାରିଗର ହେବେ କାରଣ ସେମାନଙ୍କ ବରାବର ଚତୁର ଭାରତବର୍ଷରେ ନାହିଁ ।

ରଙ୍ଗୁନରେ ଏଥିମଧ୍ୟରେ ଗୋଟିଏ ଉଦ୍ୟାନର ଅଗ୍ନିକାଣ୍ଡ ହୋଇ ଯାଇଅଛି । ଏଥିରେ ସର୍ବମୋଟ ୧୫ ଲକ୍ଷ ଟଙ୍କା କ୍ଷତି ହୋଇଅଛି । କେତେ ଘର ଓ କି ମୂଲ୍ୟବାନ ଦ୍ରବ୍ୟମାନ ପୋଡି ଯାଇଅଛି ତହିଁର ବିବରଣ କିଛି ଲେଖା ନାହିଁ ।

ଭାଗଲପୁର ଜିଲ୍ଲା ଅନ୍ତର୍ଗତ ମନମୁଦିଗଞ୍ଜରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭାରି ଝଗଡା ଲାଗିଅଛି । ମୁସଲମାନମାନେ ବକରିଦ ପର୍ବରେ ନାଗରା ବଜାଇ ଘୋଷଣା ଦେଇ ଦୁଇଟା ଗୋରୁ ବଧ କରିଥିଲେ ଏବଂ କମିଶ୍ନର ବାଉଲେ ସାହେବ ଗୋରୁ ହତ୍ୟା ନିଷେଧ କରିଥିଲେ ମଧ୍ୟ ଜଣେ ମାଜିଷ୍ଟ୍ରେଟ ସେ ଆଜ୍ଞା ଅନ୍ୟଥା କରିଥିଲେ । ଏଥିରେ ହିନ୍ଦୁମାନେ ଅତ୍ୟନ୍ତ ରାଗାନ୍ୱିତ ଅଛନ୍ତି । ଗବର୍ଣ୍ଣମେଣ୍ଟ ଏଥିର କି କିଛି ବିଚାର କରିବେ ନାହିଁ ।

୧ । ସୁଲଭସମାଚାରରୁ ଉଦ୍ଧୃତ ହେଲୁଁ ଆୟର୍ଲଣ୍ଡର ଗୋଲମାଲ ନିମନ୍ତେ ପାର୍ଲିମେଣ୍ଟର କ୍ୟାବିନେଟ ସଭାର ସଭ୍ୟମାନେ ଭାରି ବ୍ୟସ୍ତ ଓ ଚିନ୍ତିତ ହୋଇଉଛନ୍ତି । ପ୍ରଜାମାନେ କୌଣସିରୂପେ ବାଗ ମାନୁ ନାହାନ୍ତି କର୍ତ୍ତୃ ଲଗାହେବ ବିବାଦ ମୀମାଂସା କରି ଦେବାର କଠିନ ଉପାୟ ଅବଲମ୍ବନ କରିବାରୁ ଆହୁରି ବିପଦ ବଢିଅଛି ବର୍ତ୍ତମାନ ଏହା ନିବାରଣ ପାଇଁ ସଭ୍ୟମାନେ ଭାରି ବ୍ୟସ୍ତ ହୋଇଉଛନ୍ତି । କି ଆଶ୍ଚର୍ଯ୍ୟ ! ରାଜଧାନୀର ସନ୍ନିକଟରେ ଏତେ ଅତ୍ୟାଚାର ହେଉଅଛି ଅଥଚ ତାହାର କୌଣସି ପ୍ରତିବିଧାନ ହେଉ ନାହିଁ, ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ । ଜମିଦାରମାନଙ୍କର ଅତ୍ୟାଚାର ସହନ ପ୍ରବଳ ହେବାରୁ ପ୍ରଜାମାନେ ଅଟେର କ୍ଷେପିଲେ ହରବର କରି ଦେଉଛନ୍ତି ।

୨ । କାବୁଲରେ ବର୍ତ୍ତମାନ ଭାରି ଗୋଲମାଲ । ଇଂରେଜର ଇଡ୍‌ମାନ ଦୁଇବର୍ଷର ବାକି ଖଜଣା ଆଦାୟ କରିବାର ସଂକଳ୍ପ କରିଥିଲେ ବୋଲି ପୁଣି ଆହୁରି ଗୋଟାଏ ବିଦ୍ରୋହ ଘଟିବାର ଉପକ୍ରମ ହୋଇଅଛି । ଜ ୭ ଣ ରୁଷିୟାନ କର୍ମଚାରୀ ଅମୀରଙ୍କୁ ଅଭିନନ୍ଦନ ଦେବା ନିମନ୍ତେ କାବୁଲକୁ ଆସୁଅଛନ୍ତି । ସେମାନେ ଏହି ଘଟନା ନିମନ୍ତେ ବୋଖାରାସହର ଅତିକ୍ରମ କରିଥିଲେ । ଏଥର କାବୁଲକୁ ରୁଷିୟାନମାନେ ଆସି ଗୋଲମାଲ କରିବାର ବିଲକ୍ଷଣ ଚେଷ୍ଟା କରିବେ ।

୩ । କୌଣସି ଖ୍ରିଷ୍ଟିୟାନ ବାଳକକୁ ଭର୍ତ୍ତି କରିବାରୁ ସଂସ୍କୃତ କଲେଜର ଅଧ୍ୟକ୍ଷଙ୍କ ସଙ୍ଗେ ଡିରେକ୍ଟର କ୍ରଫ୍ଟ ସାହେବଙ୍କର ଲେଖାଲେଖି ଚଳୁଥିଲା, ସମ୍ପ୍ରତି ତହିଁର ମୀମାଂସା ହୋଇ ଯାଇଅଛି । କ୍ରଫ୍ଟ ବୋଲିଅଛନ୍ତି ଯେ ଯେଉଁବେଳେ ହିନ୍ଦୁ ବାଳକର ସଂସ୍କୃତ ଶିକ୍ଷା କଲେଜର ଉଦ୍ଦେଶ୍ୟ ସେତେବେଳେ କେବଳ ତାହାହିଁ ରକ୍ଷିବାର କର୍ତ୍ତବ୍ୟ । ଅତଏବ ସେହି ବାଳକକୁ ଭର୍ତ୍ତି କରାଯାଇ ନ ପାରେ । କ୍ରଫ୍ଟ ସାହେବଙ୍କର ଭାରି ବିଦ୍ୟା ଉନବିଂଶତି ଶତାବ୍ଦୀରେ ଏଭଳି ପ୍ରବଳ କାପୁରୀର ଧାଡି ଲଗିବାର ଦରକାର କଣ ? ନ୍ୟାୟରତ୍ନ ମହାଶୟଙ୍କ ଭଲ କରିଥିଲେ ।

୪ । ହାଇକୋର୍ଟର ପ୍ରଧାନ ଜଜଙ୍କର ପଦଟା ଉଠାଇ ଦେବାର ସ୍ଥିର ହୋଇଅଛି । ସମୁଦାୟ ଭାରତରେ ଗୁଡ଼ିକେ ହାଇକୋର୍ଟମାନଙ୍କରେ ପ୍ରଧାନ ଜଜ ଅଛନ୍ତି । ଏମାନେ ଥିବାରୁ ବିଚାର ପକ୍ଷରେ ଯେ ବିଶେଷ ସାହାଯ୍ୟ ହୋଇଥାଏ । ତାହା ବୋଧ ହେଉ ନାହିଁ ।

୫ । ନିବ୍ବତର ଲୋକମାନେ ଅନେକାଳ ଅଧିକ ଥର ଆହାର କରନ୍ତି । ଏଥିପାଇଁ ସ୍ପେକ୍‌ଟେଟର ବିଶେଷ ଆକ୍ଷେପ କରିଅଛନ୍ତି । ସେମାନେ ବାରଘଣ୍ଟା ମଧ୍ୟରେ ୫।୬ ଥର ଖାଉଥାନ୍ତି । ଏହା ସୁସ୍ଥତାର ଲକ୍ଷଣ ନୁହେ । ଅମ୍ଭମାନଙ୍କ ଦେଶରେ ପ୍ରଧାନ ଆହାର ଦୁଇଥର । ଓ ସାମାନ୍ୟ ଭୋଜନ ଦୁଇଥର ଏଥିରେ ଶରୀର ବେଶ୍ ସୁସ୍ଥ ଥାଏ । ଦୁଇଥର ଆହାର ଅତି କଷ୍ଟରେ ଜଳ ଖିଆ ହେଲେ ତୃପ୍ତି ସହିତ ହୋଇପାରେ । ନିବ୍ବତର ଲୋକ ଙ୍କର ଶରୀର ପକ୍ଷରେ କି ଏତେ ଅଧିକ ହୋଇଥାଏ? ସେମାନଙ୍କର କ୍ଷୁଧା ଲାଗିଥାଉ ବା ନଥାଉ ବୁଭୁକ୍ଷା ଅଧିକ ।

ବେହାର ଅଞ୍ଚଳରେ କେତେକ ଦିନତଳେ ଡାକ ଲୁଟି ଯାଇଅଛି । କଥିତ ହୁଅଇ ଯେ ଡାକ ପୁଳିନ୍ଦା ସମସ୍ତ ମଧ୍ୟରେ ଗୋଟିଏ ପୁଳିନ୍ଦାରେ ବହୁମୂଲ୍ୟ ରତ୍ନମାନ ଥିଲା ସେହି ଲୋଭରେ ଚୋରମାନେ ଲୁଟି ନେଇ ଅଛନ୍ତି । ନିସ୍ପତ୍ତି ତଦାରକ ଲାଗିଅଛି ।

## ପ୍ରେରିତ ପତ୍ର ।

ପରମ ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ବିପୁଳମାନ୍ୟାସ୍ପଦେଷୁ ।

ମହାଶୟ !

ଏହି ସବ୍‌ଡିବିଜନର ବିଦ୍ୟୋତ୍ସାହୀ ଜଏଣ୍ଟ ମାଜିଷ୍ଟ୍ରେଟ କେଜି ଗୁପ୍ତ ସ୍ୱୋଶ୍ରୟର ମହୋଦୟ ଏ ସବ୍‌ଡିବିଜନ ଅନ୍ତର୍ଗତ ଅରୁଆ ନବସ୍ଥାପିତ ଇଂରେଜୀ ବିଦ୍ୟାଳୟର ଗତ ପ୍ରଥମ ବୃତ୍ତି କ୍ଲାସର ପରୀକ୍ଷୋତ୍ତୀର୍ଣ୍ଣ ଏବଂ ଛାତ୍ରବୃତ୍ତି ପ୍ରାପ୍ତ ଶ୍ରୀ ବିକ୍ରମ ମହାପାତ୍ରଙ୍କୁ ପାଞ୍ଚଟଙ୍କା ପୁରସ୍କାର ଦେଇଅଛନ୍ତି; ଏହି ପରି ଅନେକ କାର୍ଯ୍ୟ ସମୟେ୨ କରୁଥାନ୍ତି. ଏ ସ୍କୁଲଟିର ଅବସ୍ଥା ଶୁଣିଲେ ଆପଣ ଓ ଆପଣଙ୍କ ପାଠକବର୍ଗ ଆନନ୍ଦିତ ନ ହୋଇ ରହିପାରିବେ ନାହିଁ । ଅରୁଆ ଗ୍ରାମରେ ଇତିପୂର୍ବେ ଗୋଟିଏ ପ୍ରାଇମେରୀ ପାଠଶାଳା ଥିଲା ଉକ୍ତ ଗ୍ରାମ ନିବାସୀ ବିଦ୍ୟୋତ୍ସାହୀ ଏବଂ ଗ୍ରାମହିତୈଷୀ ଶ୍ରୀଯୁକ୍ତ ବାବୁ ଗୋପାଳ ପଣ୍ଡା ଅନେକ ଯତ୍ନ ଓ ପରିଶ୍ରମରେ ଉକ୍ତ ପାଠଶାଳାକୁ ଇଣ୍ଟରମିଡିୟଟ ସ୍କୁଲରେ ପରିଣତ କଲେ ଏବଂ ୧୮୭୯ ମାର୍ଚ୍ଚରେ ତାଙ୍କର ଏକାନ୍ତ ଅଧ୍ୟବସାୟ ଓ ଶ୍ରମରେ ଉକ୍ତ ଇଣ୍ଟରମିଡିୟଟ ସ୍କୁଲଟି ଇଂରେଜୀ ମଧ୍ୟମଶ୍ରେଣୀ ସ୍କୁଲରେ ପରିଣତ ହୋଇଅଛି, ଏପରି ସ୍କୁଲରେ ଯେତେ ଟଙ୍କା ବ୍ୟୟ ହୁଏ ତାହା ଆପଣଙ୍କୁ ଅବିଦିତ ନାହିଁ । ଗୃହା ଓ ଗ୍ରାଣ୍ଟ ଦ୍ୱାରା ବେତନ ଅତି ଅଳ୍ପ ଆଦାୟ ହୁଏ, ବାକି ଟଙ୍କା ଉକ୍ତ ମହାଶୟ ସ୍ୱହସ୍ତରୁ ଦିଅନ୍ତି ଆମ୍ଭେ ତତ୍ତ୍ୱ କରି ଦେଖିଅଛୁଁ ଯେ ପ୍ରତି ମାସରେ ଟ ୨୦୧ ଙ୍କା ତାଙ୍କ ହସ୍ତରୁ ପଡ଼େ କଟକରେ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଯେପ୍ରକାର ଉତ୍ସାହୀ ଏ ମଧ୍ୟ ସେହିପରି ଜଣେ । ଏ ଅଞ୍ଚଳରେ ଅନେକ ଜମିଦାର ଓ ଭଦ୍ରଲୋକମାନେ ଅଛନ୍ତି କିନ୍ତୁ ଦୁଃଖର ବିଷୟ ଯେ କେହି ଏପ୍ରକାର ଉତ୍ସାହିତ ହୋଇ ଆପଣା୨ର ଗ୍ରାମର ଉନ୍ନତି ସାଧନ କରୁ ନାହାନ୍ତି, ଯାହା ହେଉ ଏହା ସମସ୍ତଙ୍କ ବାଞ୍ଛନୀୟ ଯେ ଏହାଙ୍କ ଦୃଷ୍ଟାନ୍ତ ଲକ୍ଷ୍ୟ କରି ଯଦି ଅନ୍ୟାନ୍ୟ ଗ୍ରାମର ସମ୍ଭ୍ରାନ୍ତ ଲୋକମାନେ ଆପଣା୨ ଗ୍ରାମର ହିତ ସାଧନ କରି ପାରନ୍ତି ତାହା ହେଲେ ଅବଶ୍ୟ ଏ ଅଞ୍ଚଳର ଅବସ୍ଥା ଅନେକ ପରିମାଣରେ ପରିବର୍ତ୍ତିତ ହେବ । ଇତି ।

ବଶମ୍ବଦ

୧୯।୧୨।୮୦ ଶ୍ରୀ ଭଗବତୀଚରଣ ଦାସ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା ୧ ରଖ ମାହେ ଜାନୁଏରୀ ସନ ୧୮୮୧ ମସିହା ।

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକଦ୍ୱୟ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ଥିବା ଅନ୍ୟ ଦୋକାନରେ ଜଳ୍ଦ କଲେ ପ୍ରାପ୍ତ ହେବେ ।

| | | |
|---|---|---|
| ଶିକ୍ଷକମାଳା | ଖ ୧ | ଟ ॰/ |
| ଗୀତରାଜି | ଖ ୧ | ଟ ॰ |
| ଅଲମଙ୍ଗଳକାବ୍ୟ କଟକ | | ଶ୍ରୀ ଭଗୀରଥୀ ସାଠିଆ |

ଏତଦ୍ୱାରା ସର୍ବସାଧାରଣଙ୍କୁ ବିଜ୍ଞାପନ ଦିଆ ଯାଉଅଛି ଯେ ବିଜ୍ଞାପନ ବାହାରିବା ପର୍ଯ୍ୟନ୍ତ କଟକ ଓ ଗୃଦବାଲି ମଧ୍ୟରେ ଏକ ଦିନରୁ ଅଧିକ ସମୟ ଅର୍ଗ୍ନିବୋଟ ଷ୍ଟିମବୋଟ ମଧ୍ୟରେ ଏକ ଦିନ୍ନା ଅଧିକ ସମୟରେ ଅର୍ଗ୍ନିବୋଟ ଷ୍ଟିମବୋଟ ମାନଙ୍କ ସହିତ ପଥିକ ଓ ଦ୍ରବ୍ୟାଦି ସେନ ଯାତାୟାତ କରିବ ଏବଂ ପଥ ମଧ୍ୟରେ ନାନାସ୍ଥାନରେ ପଥିକ ଓ ଦ୍ରବ୍ୟ ବୋଝାଇ ହେବ ଏବଂ ଓହ୍ଲାଇ ଦେବ ।

କଟକ ଓ ଗୃଦବାଲିରୁ ଯାତ୍ରା କରିବାର ସମୟ ଓ ଭଡ଼ାର ନିର୍ଣ୍ଣୟ ନିମ୍ନେ ଲେଖାଗଲା । ଯଥା ;—

ଅର୍ଗ୍ନିବୋଟ ଷ୍ଟିମବୋଟ ସହିତ ପ୍ରତି ମଙ୍ଗଳବାର ସକାଳ ୬ ଘଣ୍ଟା ସମୟରେ ଜୋବରା ଲକ୍ଠାରେ ଥିବା ସରକାରୀ ଘାଟରୁ ଯାତ୍ରା କରିବ ଏବଂ ପ୍ରତି ଗୁରୁବାର ଅପରାହ୍ନ ୨ ଘଣ୍ଟା ସମୟରେ ଗୃଦବାଲିରୁ ଯାତ୍ରା କରିବ ମାତ୍ର କଲିକତାରୁ ଡାକର ପହଞ୍ଚିବା ଦୃଷ୍ଟିରେ ଗୃଦବାଲିରୁ ବାହାରିବାର ସମୟ ପରିବର୍ତ୍ତନ ହେବ ।

ଭଡ଼ା କଟକଠାରୁ ଗୃଦବାଲିକୁ

| | | | |
|---|---|---|---|
| ପ୍ରଥମ ଶ୍ରେଣୀର ପଥିକ | ଟ ୧୬ | ପୂର୍ଣ୍ଣମହଣ ଗଣ୍ଠିରି ଛାଡ଼ | |
| ଦ୍ୱିତୀୟ „ „ | ଟ ୮ | ଏକମହଣ | „ „ |
| ତୃତୀୟ „ „ | ଟ ୨ | ଅର୍ଦ୍ଧମହଣ | „ „ |

ତିନିବର୍ଷରୁ ଉଣା ବୟସର ପିଲା ଥିବା ତିନି ବର୍ଷର ଉପର ବାର୍ ବର୍ଷର ଉଣା ଏକଚୌଥ ଭଡ଼ା ବାର୍ବର୍ଷ ଉପର ବାର୍ବର୍ଷରୁ ଉଣା ଅଧା ଭଡ଼ା — ଯେତେବେଳେ ଅପଣା ପିତାମାତା ବା ଅଭିଭାବକ ସଙ୍ଗରେ ଥିବେ ।

ଦ୍ରବ୍ୟ ପ୍ରଭୃତିର ଭଡ଼ା ପ୍ରତ୍ୟେକର ଆକୃତି ଅନୁସାରେ ଟ ॥ ଠାରୁ ଏକଟଙ୍କା ପର୍ଯ୍ୟନ୍ତ ହେବ । ମାଙ୍ଗ ବସ୍ତା ଏବଂ ଗଣ୍ଠି ଓ ଭୁଷିକା ବାକସର ଭଡ଼ା ମାପ ଅନୁସାରେ ୪୦ ଘନଫୁଟ ଟ ୩ ଦରରେ ଲଗାଯିବ । ଖୁଚୁରା ଦ୍ରବ୍ୟର ଭଡ଼ା ଶତକଡ଼ା ୧୨ ଅଂଶ । ପର ବାକ୍ସମାନ ୨୮ ମହଣର ଏକଟଙ୍କାରୁ ଉଣା ହେବ ନାହିଁ ।

ବୋଟ ଉପରେ ରଖି ପ୍ରତ୍ୟେକ ଗାଡ଼ି ପାଇଁକି ଅଣିବାର ଭଡ଼ା ଟ ୭ କରି ଟ ୧୫ ପାଇଁକି ଗାଡ଼ି ଏବଂ ଅନ୍ୟପ୍ରକାର ଗାଡ଼ି ଟ ୨୦ ।

ମଧ୍ୟସ୍ଥିତ ସ୍ଥାନମାନଙ୍କର ଭଡ଼ା ନିର୍ଣ୍ଣୟ ।

| | ଶ୍ରେଣୀ ୧ମ | ୨ୟ | ୩ୟ |
|---|---|---|---|
| କଟକଠାରୁ ଜଗତପୁର | ଟ ॰ | ଟ ॰।/ | ଟ ॰/ |
| „ ବାରବୁଡ଼ିଆ | ଟ ୧। ୭ | ଟ ॰ | ଟ ॰ |
| „ କେନ୍ଦ୍ରପଡ଼ା | ଟ ୩ | ଟ ୧/୨ | ଟ ॰।/ |
| „ ପୋକନାଥପୁର | ଟ ୪ | ଟ ୨। | ଟ ॰। |
| „ କେନ୍ଦ୍ରାପଡ଼ା | ଟ ୪/୨ | ଟ ୨୧ | ଟ ॰ |
| „ ପଟ୍ଟାମୁଣ୍ଡେଇ | ଟ ୭ | ଟ ୩/୨ | ଟ ୧। |
| ତାମରପୁର | ଟ ୧୦। | ଟ ୪ | ଟ ୧ |
| ଗୃଦବାଲି | ଟ ୧୭ | ଟ ୮ | ଟ ୨ |

ଏଥିମଧ୍ୟରେ ଯେ ସମସ୍ତ ସ୍ଥାନ ପଡ଼ିବ ତହିଁ ନିମିତ୍ତ ଅତିରିକ୍ତ ଭଡ଼ା ଲାଗିବ ନାହିଁ ।

ଉପରଲିଖିତ ଭଡ଼ା କେବଳ ପଥିକ ସକାଶେ ଅଟଇ ମାତ୍ର ଜାହାଜରେ ଜଣେ ଖାନସମା ଥାଇ ବାସନ ଇତ୍ୟାଦି ସହିତ ରହିବ ଏବଂ ସେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପଥିକମାନଙ୍କଠାରୁ ଦାମ ନେଇ ତାହାଙ୍କୁ ଖୁଆଇବ । କିନ୍ତୁ ଦୈନିକ ପ୍ରଥମ ଶ୍ରେଣୀର ଖର୍ଚ୍ଚା ଟ ୩ ଓ ଦ୍ୱିତୀୟ ଶ୍ରେଣୀର ଟ ୨ରୁ ଅଧିକ ହେବ ନାହିଁ । ଏଥିଉତ୍ତାରୁ ଅପଣାର ଖାଇବାର ବନ୍ଦୋବସ୍ତ କରିବା ପକ୍ଷରେ ପ୍ରଥମଶ୍ରେଣୀର ପଥିକଙ୍କ ପ୍ରତି ଦିନେ ଧରାହେଲା ।

ସମ୍ପ୍ରତି କେବଳ କଟକ କେନ୍ଦ୍ରପଡ଼ା କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡେଇ ତାମ୍ପୁଅ ଏବଂ ଗୃଦବାଲି ସକାଶେ ନିମ୍ନଲିଖିତ ଦରରେ ଦ୍ରବ୍ୟର ଭଡ଼ା ହୋଇପାରେ । ଯଥା ;—

କଟକଠାରୁ କେନ୍ଦ୍ରପଡ଼ା ଆକୃତି ଅନୁସାରେ

| | | | |
|---|---|---|---|
| | ଟ ॰/ ଠାରୁ | ଟ ॰। ଟଙ୍କାପ୍ରତି | ଟ ॰ |
| „ କେନ୍ଦ୍ରାପଡ଼ା ଆକୃତି | ଟ ॰ | ଟ ॰। | ଟ ୧ |
| „ ପଟ୍ଟାମୁଣ୍ଡେଇ | ଟ ॰ | ଟ ॰ | ଟ ୨ |
| „ ତାମରପୁର | ଟ ॰। | ଟ ॰ | ଟ ॰ |
| „ ଗୃଦବାଲି | ଟ ॰। | ଟ ୧ | ଟ ॰ |

କଟକଠାରୁ ଗୃଦବାଲି ପର୍ଯ୍ୟନ୍ତ ମନୁଷ୍ୟ ଓ ଦ୍ରବ୍ୟର ଭଡ଼ା ଯେମନ୍ତ ଉପରେ ଲେଖାଗଲା ଗୃଦବାଲିଠାରୁ କଟକ ପର୍ଯ୍ୟନ୍ତ ସେହିପରି ହେବ

ମଧ୍ୟବର୍ତ୍ତୀ ସ୍ଥାନମାନଙ୍କର ଭଡ଼ାର ନିର୍ଣ୍ଣୟ ।

| | ପ୍ରତି ବାକ୍ସ ପ୍ରଭୃତି | ପ୍ରତି ଟନ | ୧ମ ଶ୍ରେଣୀ | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|---|---|---|
| ଗୃଦବାଲିଠାରୁ ତାମରପୁର | ଟ ॰/ ରୁ ଟ ॰। | ଟ ୧ | ଟ ୪ | ଟ ୨ | ଟ ॰ |
| ପଟ୍ଟାମୁଣ୍ଡେଇ | ଟ ॰ ରୁ ଟ ॰। | ଟ ୨ | ଟ ୮।/ | ଟ ୪/୨ | ଟ ॰ |
| କେନ୍ଦ୍ରାପଡ଼ା | ଟ ॰ ରୁ ଟ ॰ | ଟ ୨। | ଟ ୧୦/୨ | ଟ ୫। | ଟ ୧। |
| ତାଳପୁର | ଟ ॰/ | ଟ ୨ | ଟ ୧୧ | ଟ ୫ | ଟ ୧। |
| ପୋକନାଥପୁର | ଟ ॰/୨ ରୁ ଟ ॰ | ଟ ୩ | ଟ ୧୨। | ଟ ୭। | ଟ ୧। |
| କେନ୍ଦ୍ରପଡ଼ା | ଟ ॰। ରୁ ଟ ॰ | ଟ ୩। | ଟ ୧୨୧ | ଟ ୭।/୨ | ଟ ୧ |
| କଟକ | ଟ ॰। ରୁ ଟ ୧ | ଟ ୩ | ଟ ୧୭ | ଟ ୮ | ଟ ୨ |

ଅର୍ଗ୍ନିବୋଟ ଓ ଷ୍ଟିମବୋଟରେ ଜ ୭ ଣ ପ୍ରଥମଶ୍ରେଣୀ ଜ ୭ ଣ ଦ୍ୱିତୀୟଶ୍ରେଣୀ ଏବଂ ୨୭୦ ତୃତୀୟଶ୍ରେଣୀର ପଥିକ ବସି ପାରନ୍ତି ।

ଡଲମ୍ ଅଟକ କମ୍ପାନୀ ଅଦୃଷ୍ଟ ଦୁର୍ଘଟନାର ଦାୟିକୁ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ ନାହିଁ ମାତ୍ର ଉଚିତ ସମୟ ରକ୍ଷା ଓ ନିରାପଦ ରକ୍ଷା କରିବା ଏବଂ ଅଟକ ନିବାରଣ କରିବା ପକ୍ଷରେ ସମ୍ପୂର୍ଣ୍ଣ ଚେଷ୍ଟିତ ହେବେ ।

ପଥିକଙ୍କ ସୁବିଧା ନିମିତ୍ତ ଏବଂ ସ୍ଥାନରେ ଜହାଜ ଘାଟରେ ଖାଦ୍ୟଦ୍ରବ୍ୟ ଯୋଗାଇବାର ଦୋକାନମାନ ଅଛି । ଅନ୍ୟାନ୍ୟ ଲକ୍ ଏବଂ ସ୍ଥାନରେ ପାଏସଣ୍ଟ ଲେଖା ଅଟକ ରହିବ । କେନ୍ଦ୍ରାପଡ଼ା ଓ କେନ୍ଦ୍ରପଡ଼ାରେ ଅଧସଣ୍ଟ ଲେଖା ଏବଂ ଗଣ୍ଡାକୁଦା ଓ ପଟ୍ଟାମୁଣ୍ଡେଇରେ ଏକଘଣ୍ଟା ଲେଖା ବୋଟମାନ ଅଟକିବ ।

ସନ ୧୮୭୮ ସାଲ ତା ୧୧ରିଖ ଡିସେମ୍ବର କଲିକତା ଗଜେଟର ୨ୟଭାଗ ୧୪୧୨ ପୃଷ୍ଠାରେ ଯେଉଁ ବିଜ୍ଞାପନ ଦିଆ ଯାଇଥିଲା ଏତଦ୍ୱାରା ତାହା ରହିତ ହେଲା ।

ଅର୍ଗ୍ନିବୋଟ ଭଡ଼ା ଇତ୍ୟାଦି ବିଷୟରେ ସମସ୍ତ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଯିବ ।

ବସ୍ତୁସହ ଜନ୍ ମାକ୍ମିଲନ
ଏକଜିକ୍ୟୁଟିବ ଇଞ୍ଜିନିୟର
ମହାନଦୀ ଇରିଗେସନ ଡିଭିଜନ

☞ ଦୂଲପଣ୍ଡ ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭ ୧୬ ଗ } ସ ୨ ଖ୍ୟା

ତା ୮ ରିଖ ମାହେ ଜାନୁଏର ସନ ୧୮୮୧ ମସିହା । ମୁ । ପୌଷ ଦ ୨୭ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲଥିଁାଇ ଡାକମାସୁଲ ଟ ୧୰୵

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ କୃତ ଓଡ଼ିଶା ଇତିହାସକୁ ଉତ୍କଳ ଭାଷାରେ ଅନୁବାଦ କରି ଓଡ଼ିଶାର ବିଦ୍ୟାଳୟ ସମୂହରେ ଚଳାଇବା କାରଣ କଟକର କଲେକ୍ଟର ଶ୍ରୀଯୁକ୍ତ ଟଏସାହେବ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଅଛନ୍ତି । ରଙ୍ଗଲାଲ ବାବୁ ଇଂରାଜୀ ଭାଷାରେ ଖଣ୍ଡେ ଇତିହାସ ଲେଖିଥିଲେ ବୋଲି ଅମ୍ଭେମାନେ ଶୁଣିଥିଲୁଁ ମାତ୍ର ମୁଦ୍ରିତ ହେବାର ଦେଖି ନାହୁଁ ।

—*—

ବଙ୍ଗଳାର ଲେଫ୍ଟନାଣ୍ଟଗବର୍ଣ୍ଣର କଲିକତା ଗେଜେଟରେ ଘୋଷଣା ଦେଇ ଅଛନ୍ତି କି ଲୋକସଂଖ୍ୟା ଗ୍ରହଣରେ ନିଯୁକ୍ତ ଥିବା କର୍ମକାରକମାନେ କେବଳ ତାଲିକା ପୂର୍ଣ୍ଣ କରିବା ସକାଶେ ଯେ ସମସ୍ତ କଥା ପଚାରିବାର ଆବଶ୍ୟକ ସେହି କଥାମାନ ଏକା ଅପଣା ଏଲାକାର ଲୋକଙ୍କୁ ପଚାରିବେ । କେହି ସ୍ତ୍ରୀଲୋକର ନାମ କହିବାକୁ ଆପତ୍ତି କଲେ ତାହା ଲେଖି ନେବାକୁ କିମ୍ବା ଇଚ୍ଛା ପୂର୍ବକ କୌଣସି ସ୍ତ୍ରୀଲୋକକୁ କେହି ନ ଦେଖାଇଲେ ସେ ସ୍ତ୍ରୀକୁ ଦେଖିବାକୁ ହଠ କରିବେ ନାହିଁ । ପୁଣି ଲୋକସଂଖ୍ୟା କାଗଜ ପୂର୍ଣ୍ଣ କରିବା ସକାଶେ ଯେ ସମସ୍ତ ବିବରଣ ବୁଝିବା ଅବଶ୍ୟକ ନୁହଇ ଯଥା କୌଣସି ଲୋକର ଆୟୁ କେତେ କିମ୍ବା କୌଣସି ସ୍ତ୍ରୀର ସ୍ୱାମୀର ନାମ କିସ ଇତ୍ୟାଦି ବିଷୟ ପଚାରିବେ ନାହିଁ ।

---

ଦକ୍ଷିଣ ଆଫ୍ରିକାର ଅସଭ୍ୟ ଜାତିମାନେ ପୁନର୍ବାର ଇଂରେଜ ସେନାଙ୍କୁ ପରାସ୍ତ କରିବାର ଶୁଣି ଅମ୍ଭେମାନେ ଦୁଃଖିତ ଓ ଆଶ୍ଚର୍ଯ୍ୟ ହୋଇଅଛୁଁ । ବିଳାତରୁ ଆସିଥିବା ଗତମାସ ତା ୨୭ ରିଖର ସମ୍ବାଦରୁ ଜଣାଯାଏ କି ଯେତେବେଳେ ନ ୯୪ ମ୍ବର ପଲ୍‌ଟନ ପ୍ରିଟୋରିୟା ନାମକ ସ୍ଥାନକୁ ଯାତ୍ରା କରୁଥିଲେ ସେତେବେଳେ ବୋର ନାମକ ଅସଭ୍ୟ ଜାତିଙ୍କର ବିସ୍ତର ସେନା ଏମାନଙ୍କୁ ଆକ୍ରମଣ କରି ଜ ୧୨୦ ଣ ହତ ଓ ଆହତ କଲେ ଏବଂ ଅବଶିଷ୍ଟ ସୈନ୍ୟଙ୍କୁ ବନ୍ଦୀ କରି ଘେନି ଗଲେ । ମାତ୍ର ତା ୨୮ ରିଖର ତାରସମ୍ବାଦରୁ ପ୍ରକାଶ ଯେ ଉପର ଲିଖିତ ବର୍ଣ୍ଣନା ବାହୁଲ୍ୟ ଅଟଇ । କେବଳ ଜ ୩୦ ଣ ହତ ଓ ଆହତ ହୋଇଥିଲେ ଓ ଆଉ ଲୋକଙ୍କର ଅସ୍ତ୍ର କାଢ଼ିନେଇ ଛାଡ଼ିଦେଲେ । ଗୋଲନ୍ଦାଜ ସେନା ସେଠାକୁ ପ୍ରେରିତ ହେଉଅଛନ୍ତି ଏବଂ ସେଠାରେ ଉତ୍ପାତ ବୃଦ୍ଧି ହେବାରୁ ଭାରତବର୍ଷରୁ କେତେ ସେନା ପ୍ରେରିତ ହେବାର ଆଜ୍ଞା ହୋଇଅଛି ।

---

ଅମ୍ଭେମାନେ ଗତସପ୍ତାହରେ ସନ ୧୮୮୧ ସାଲକୁ ଆନନ୍ଦସହିତ ଆହ୍ୱାନ କଲୁଁ ମାତ୍ର ସନ ୧୮୮୦ ସାଲକୁ ଯଥାବିଧାନରେ ବିଦାୟ ଦେବାକୁ ତ୍ରୁଟି କରିଥିବାରୁ ବର୍ତ୍ତମାନ ତାହା କରୁଅଛୁଁ । ଉକ୍ତ ବର୍ଷର ଫଳାଫଳ ଲେଖିବା ଅମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ ଓ ତହିଁନିମିତ୍ତ ସ୍ଥାନ ମଧ୍ୟ ନାହିଁ । ଅମ୍ଭେମାନେ ଏତିକି କହିବାକୁ ଇଚ୍ଛା କରୁଁ ଯେ ସନ ୧୮୮୦ ସାଲ ଗୋଟିଏ ଚିରସ୍ମରଣୀୟ ବର୍ଷ ଅଟଇ ଏପରି ଶୁଭକର ବର୍ଷ ଅନେକକାଳ ଦେଖାଯାଇ ନାହିଁ ଏ ବର୍ଷ ଯେ ସମସ୍ତ ପରିବର୍ତ୍ତନ ଓ ଶୁଭକାର୍ଯ୍ୟମାନ ଅନୁଷ୍ଠିତ ହୋଇଅଛି ତହିଁର ଫଳ ଅତ୍ୟନ୍ତ ପ୍ରୀତିକର ଅଟଇ । ଭାରତବାସିମାନଙ୍କ ସୁଖସ୍ୱଚ୍ଛନ୍ଦତାର ଲକ୍ଷଣ ଆୟୋଜନ ଏ ବର୍ଷ କରିଦେଇ ଯାଇଅଛି । ଆଫଗାନଯୁଦ୍ଧ ଶେଷ ହୋଇଅଛି । ଜଣେ ପରମଅହିତକ ଶ୍ରୀ ସରଜନ ଷ୍ଟ୍ରାଚିସାହେବ ବିଦାୟ ହୋଇଅଛନ୍ତି । ଅତ୍ୟନ୍ତ ଧାର୍ମିକ ସୁବିବେକ ଏବଂ ଦୟାଳୁ ଲର୍ଡ ରିପନସାହେବ ଭାରତବର୍ଷର ସିଂହାସନରେ ଆସୀନ ହୋଇ ଅଛନ୍ତି ଏବଂ ବିଳାତରେ ଭାରତବନ୍ଧୁଙ୍କର ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ହୋଇଅଛି । ଏତତ୍ତାରୁ ଭାରତବର୍ଷର ସର୍ବତ୍ରରେ ପ୍ରଚୁର ଶସ୍ୟ ଜାତ ହେବାରେ ସମସ୍ତେ ସୁଖରେ କାଳ ଯାପନ କରୁଅଛନ୍ତି ଅତଏବ ସନ ୧୮୮୦ ସାଲକୁ ଆନ୍ତରିକ ଧନ୍ୟବାଦ ସହିତ ଅମ୍ଭେମାନେ ବିଦାୟ ଦେଲୁଁ ।

---

ବିଳାତର ମହିମାରେ କେତେ ଆଶ୍ଚର୍ଯ୍ୟ ବ୍ୟାପାର ପ୍ରତ୍ୟକ୍ଷ ହେଉଅଛି ! ଶତ ବା ସହସ୍ର କୋଶ ଅନ୍ତରରେ ଥିବା ଲୋକଠାରୁ ମୁହୂର୍ତ୍ତ ମଧ୍ୟରେ ସମ୍ବାଦ ଆସିବ ଏହା କିଏ ଜାଣିଥିଲା କିନ୍ତୁ ଖଣ୍ଡେ ତାର ସାହାଯ୍ୟରେ ତାହା ସମ୍ପା-

Digitized by srujanika@gmail.com

ଦତ ହେଲା ଏବଂ ବର୍ତ୍ତମାନ ସେହି କୌଶଳରେ ଲୋକେ ପାଖେ ବସିଲା ପ୍ରାୟ କଥାବାର୍ତ୍ତା କରିବାକୁ ସମର୍ଥ ହେଲେଣି । ପୁଣି ତାରଡାକ ଯୋଗେ ଚିଠିପତ୍ର ଯିବା ଆସିବାର ଦେଖି କେହି ତାହାରକୁ ଥଟ୍ଟାକରି କହନ୍ତି ଯେ ତୁମ୍ଭଙ୍କୁ ତାରଡାକ ଯୋଗେ ପଠାଇ ଦେବ ଅର୍ଥାତ୍ ଏ କଥାଟା ବଡ଼ ଅସମ୍ଭବ କିନ୍ତୁ ବିଜ୍ଞାନଯୋଗେ ଏତେବେଳେ ତାହା ସୁଦ୍ଧା ପ୍ରତ୍ୟକ୍ଷ ଦେଖାଗଲା ଅର୍ଥାତ୍ ଯେଉଁ ତଡ଼ିତଯୋଗେ ତାରଦ୍ୱାରା ସମ୍ବାଦ ଆସୁଅଛି ସେହି ତଡ଼ିତଦ୍ୱାରା ଏତେବେଳେ ରେଲଗାଡ଼ି ଚଳାଇବାର ଆରମ୍ଭ ହୋଇଅଛି । ଅଳ୍ପଦିନ ହେଲା ବରଲିନ ନଗରରେ ପ୍ରଥମେ ଏହାର ଅବିଷ୍କାର ହେଲା ଏବଂ ସେଠାରୁ ଜଣେ ସାହେବ କଲ ଇତ୍ୟାଦି ନେଇ କଲିକତାରେ ପ୍ରାୟ ଏକମାସ ହେବ ପହୁଞ୍ଚିଲେ ବଡ଼ଦିନ ସକାଳବେଳେ କଲିକତାର ଜୁଅଲଜିକଲ ଉଦ୍ୟାନରେ ପରୀକ୍ଷା ସ୍ୱରୂପ ରେଲଗାଡ଼ି ଚାଲିଥିଲା । ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ଏବଂ ନେପାଳର ପ୍ରଧାନ ମନ୍ତ୍ରୀ ମହାରାଜା ରଣୋଦୀପ ସିଂହ ଏବଂ ଅନ୍ୟାନ୍ୟ ସମ୍ଭ୍ରାନ୍ତ ଲୋକମାନେ ରେଲ ଗାଡ଼ିରେ ବସିଥିଲେ । ରେଲଗାଡ଼ି ଅତି ସୁନ୍ଦରରୂପେ ଘଣ୍ଟାକେ ମା ୫ ମାଇଲ ବେଗରେ ଚାଲିଥିଲା । ସମସ୍ତେ ଏ ନୂତନ ବ୍ୟାପାର ଦେଖି ଆଶ୍ଚର୍ଯ୍ୟ ହେଲେ ଏବଂ ଯେଉଁମାନେ ରେଲଗାଡ଼ିରେ ବସିଥିଲେ ସେମାନେ ବଡ଼ ସୁଖ ଅନୁଭବ କରିଥିଲେ ଯାହା କି ସାଧାରଣ ରେଲଗାଡ଼ିରେ ପ୍ରାପ୍ତ ହୁଅଇ ନାହିଁ । ଏ ରେଲବାଟ ସାଧାରଣ ରେଲବାଟପରି ଅଟଇ ଅର୍ଥାତ୍ କାଠର ସିଲପର ଉପରେ ରେଲ ବସିଥିଅଇ ମାତ୍ର ଗାଡ଼ିଗୁଡ଼ିକ ବଡ଼ ହାଲୁକା ଅଥଚ ବସିବାକୁ ସୁଖକର ଅଟଇ । କଲ ରେଲଗାଡ଼ି ସଙ୍ଗରେ ନ ଥାଇ ଅନ୍ୟ ଏକସ୍ଥାନରେ ଥାଏ କେବଳ ରେଲଯୋଗେ ତାଡ଼ିତବଳ କଲଠାରୁ ଗାଡ଼ି ପର୍ଯ୍ୟନ୍ତ ଚାଳିତ ହୋଇ ତାହାର ଚକକୁ ବୁଲାଇଦେଲେ ଗାଡ଼ିମାନଙ୍କର ଗତି ହୁଅଇ । ଏ ଆଶ୍ଚର୍ଯ୍ୟ କୌଶଳ ଦେଖିବାକୁ ଅନେକ ଲୋକ ଯାଉଅଛନ୍ତି ଏବଂ ଅନୁମାନ ହୁଅଇ ଯେ ଅବିଳମ୍ବେ ଏପ୍ରକାର ରେଲଗାଡ଼ି ଚଳାଇବାର ନିୟମ ଭାରତବର୍ଷରେ କାର୍ଯ୍ୟକର ହେବ ।

— * —

ଆମ୍ଭମାନଙ୍କର ଶ୍ରୀଯୁକ୍ତ କମିଶ୍ନର ସାହେବ ଗଡ଼ଜାତ ଗସ୍ତରୁ ଗତ ଡିସେମ୍ବର ମାସ ତା୨୮ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ଗଡ଼ଜାତ ପୁଲିସର ଏକଟିଂ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଟେମ୍ପଲ ସାହେବଙ୍କ ସଙ୍ଗେ ହସ୍ତ୍ୟାରୋହଣରେ ବାହାର ଗ୍ରାମରେ ଗୋବିନ୍ଦପୁରଠାରେ ବିଶ୍ରାମ କରି ତହିଁ ଆରଦିନ ଡମପଡ଼ା ଇଲାକା ପାଡ଼ପୁରଠାରେ କଚେରୀ କଲେ । ସେହି ମାସ ତା ୩୦ ରିଖ ପ୍ରାତଃକାଳ ଘ ୯ ଣ୍ଟା ସମୟରେ ବାଙ୍କି ଚର୍ଚ୍ଚିକାଠାରେ ପହୁଞ୍ଚି ସେଠାରେ ଚାରିଦିନ କଚେରୀ ହେଲା । ଏଥର ବାଙ୍କିବାସିଙ୍କର ସୁଖସ୍ୱଚ୍ଛନ୍ଦତାର ଆଉ ସୀମା ନାହିଁ କେବଳ ଓଲାଉଠା ପାଖ ସାତଖଣ୍ଡ ଗ୍ରାମରେ ଲାଗି ଯାହା ଲୋକଙ୍କୁ ଦୁଃଖ ଦେଉଅଛି ଏତିକ ନୋହିଲେ ସଡ଼କର ଦୁଇ ପାର୍ଶ୍ୱରେ ସ୍ଥାନେ ସ୍ଥାନେ ଖଳାମାନଙ୍କରେ ୧୦।୧୨।୧୫ ରଣ ଧାନର ଗଦାମାନ ଦେଖି ମନରେ ପ୍ରଭୁତ ଆନନ୍ଦ ଜନ୍ମେ । ନଦୀକୂଳ ଓ ଅନ୍ୟାନ୍ୟ ସ୍ଥାନରେ ବର୍ତ୍ତମାନ ରବିଶସ୍ୟ ସୁନ୍ଦର ଶୋଭା ଦେଖାଇ ଅଛି । ଅପର୍ଯ୍ୟାପ୍ତ ଆଖୁଫସଲ ମଧ୍ୟ ଦେଖିବାକୁ ସୁନ୍ଦର ହୋଇଅଛି । ଏକେ ମହାନଦୀକୂଳ ତହିଁରେ ପୁଣି ଇନ୍ଦ୍ରଙ୍କର ସୁପାଳକ ଏଥିରେ ଏଠାର ଶୋଭା ଅତ୍ୟନ୍ତ ବୃଦ୍ଧି ହୋଇଅଛି । ସମସ୍ତେ କହୁଅଛନ୍ତି ଏପରି ସୁଧାଳକ ଗତ ବ ୫୦ ର୍ଷ ମଧ୍ୟରେ ଦେଖାଯାଇ ନ ଥିଲା । ଓଲାଉଠା ଏପର୍ଯ୍ୟନ୍ତ ମଧ୍ୟ ଲୋକଙ୍କୁ ଗ୍ରସ୍ତ କରୁଅଛି । ଜଣେ ଦେଶୀୟ ଡାକ୍ତର କି ଯେ ଗତ ବର୍ଷ ମେଡିକଲ ସ୍କୁଲରୁ ପାସ କରିଅଛି ଏ ରୋଗିମାନଙ୍କର ଶୁଶ୍ରୂଷା କରିବାକୁ ଆସିଅଛନ୍ତି ମଧ୍ୟ ତହସିଲଦାର ଏଠାରେ କିଛି ଔଷଧ ବିତରଣ କରିଥିଲେ କିନ୍ତୁ ଯେତେବେଳେ ମୋଗଲବନ୍ଦୀର ଲୋକମାନେ ଅଦ୍ୟାବଧି କୁସଂସ୍କାର ଜାଲରୁ ମୁକ୍ତ ହୋଇ ନାହାନ୍ତି ତେତେବେଳେ ଏମାନେ ଯେ ସହଜରେ ଡାକ୍ତରଙ୍କ କଥା ମାନି ଚିକିତ୍ସା କରିବେ ତାହା କେବେହେଁ ଅନୁମାନ କରାଯାଇ ନ ପାରେ । ବଡ଼ ଦୁଃଖର ବିଷୟ ଯେ ଅନେକ ଲୋକ ଡାକ୍ତରଙ୍କ ଔଷଧ ଡାକ୍ତର ବାହାରି ଆଇଲେକ୍ଷଣି ବାଉଳ ପକାଇ ଦେଇ ରୋଗୀକୁ ତୃଷା କଲେ ଭାତମଣ୍ଡରେ ଢୋବଣୀ ମିଶାଇ ଦେଉଅଛନ୍ତି । ବାଙ୍କି କଚେରୀ ଓ ସ୍କୁଲମାନ ସାହେବ ମହୋଦୟ ଶେଷ ଦିନ ଅର୍ଥାତ୍ ଏହି ମାସ ତା ୬ ରିଖରେ ପରିଦର୍ଶନ କରି ଯଥେଷ୍ଟ ସନ୍ତୋଷ ଲାଭ କରିଅଛନ୍ତି । ସୁଖର ବିଷୟ ! ଏଥର ବାଙ୍କିବାସିମାନେ ବାଙ୍କି ନିକଟରେ ଖୋରଧାର ସାମିଲ ହେବାର ଜନରବରେ ଅତ୍ୟନ୍ତ କାତର ଅଛନ୍ତି ମଧ୍ୟ କେତେକ ଲୋକେ ବାଙ୍କି ଖୋରଧାର ସାମିଲ ନ ହୋଇ କଟକର ସାମିଲ ହେବାର ଦରଖାସ୍ତ କରିଥିଲେ କିନ୍ତୁ କି ହେବ ସରକାରଙ୍କର ଯହିଁରେ ଭଲ ଛର୍ଚ୍ଚି ତହିଁକି ଆଉ କଥା ନାହିଁ । ଚଳିତ ମାସ ତା ୩ ରିଖରେ ବାଙ୍କି ଛଡ଼ି ବୈଦେଶ୍ୱରଠାରେ ମୁକାମ ହେଲା, ଏଠାରେ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ସଙ୍ଗେ ସାକ୍ଷାତ କଲେ ।

---

## ଖୋରଧାର ଜଙ୍ଗଲମହାଲ ।

ଆମ୍ଭେମାନେ ଏ ସମ୍ପର୍କରେ ଏକଖଣ୍ଡ ପତ୍ର ପ୍ରେରିତପତ୍ର ଖୋରଧାରୁ ପାଇଅଛୁଁ । ଯଦ୍ୟପି କି ଏଥିରେ ଅନେକ ଲୋକଙ୍କର ସମ୍ବନ୍ଧ କଥା ହୋଇଥିବାରୁ ପତ୍ରପ୍ରେରକଙ୍କର ଠିକ ଚିଠି ଆମ୍ଭେମାନେ ପାଇନାହୁଁ ଓ ତାହି ମଧ୍ୟ ଏଥିରେ ଲିଖିତ ସବୁ ବିଷୟ ପ୍ରକୃତ ବୋଲି କହି ନ ପାରୁଁ ତଥାପି ଆମ୍ଭେମାନେ ଅନ୍ୟାନ୍ୟ ମୂଳରୁ ଯାହା ଶୁଣିଅଛୁଁ ତହିଁ ସଙ୍ଗେ ଏଥିଲିଖିତ ବିଷୟ ଅଧିକାଂଶ ମେଳ ହେଉଥିବାରୁ ଶ୍ରୀଯୁକ୍ତ କମିଶ୍ନର ଓ ଗବର୍ଣ୍ଣମେଣ୍ଟଙ୍କ ଜାଣିବାକାରଣ ଉକ୍ତ ପତ୍ରର କିୟଦଂଶ ଏଠାରେ ଉଦ୍ଧୃତ କଲୁଁ । ଗବର୍ଣ୍ଣମେଣ୍ଟ ଯେବେ ପ୍ରଜାଙ୍କର ମଙ୍ଗଳଉଦ୍ଦେଶ୍ୟରେ ଅନୁସନ୍ଧାନ କରିବାକୁ ପ୍ରବୃତ୍ତ ହେବେ ତେବେ ଏଥିଲିଖିତ ଅଧିକାଂଶ ବିଷୟ ସପ୍ରମାଣ ହେବ ।

ଉଦ୍ଧୃତାଂଶ ଯଥା;—

“ପୂର୍ବରୁ ପ୍ରବାଦ ଅଛି ଯେ ଖୋରଧାରେ ସର୍ବଦା ଖୋରଧା ଆଇନ ପ୍ରଚଳିତ ବର୍ତ୍ତମାନ ଇଂରାଜମାନଙ୍କର ସୁଶାସନ ପ୍ରଭାବରେ ସର୍ବତ୍ର ସୁନିୟମରେ କାର୍ଯ୍ୟ ଚଳୁଅଛି କିନ୍ତୁ ଖୋରଧାରେ ଏପର୍ଯ୍ୟନ୍ତ ସେହି ଖୋରଧା ଆଇନ ଚଳିବାର ଦେଖାଗଲା କାରଣ କି ବର୍ତ୍ତମାନ ଖୋରଧାର ସବକଲେକ୍ଟରୀ କାର୍ଯ୍ୟକାରୀ ହାକିମମାନେ ଜଙ୍ଗଲ ବିଷୟରେ ବୋର୍ଡ ଓ ଗବର୍ଣ୍ଣମେଣ୍ଟ ଯେ ନିୟମ ସ୍ଥିର କରିଅଛନ୍ତି ତଦ୍‌ବିପରୀତ କାର୍ଯ୍ୟ କରୁଅଛନ୍ତି ଅର୍ଥାତ୍ ପ୍ରଜାମାନଙ୍କର ଘରଖରଚ ନିମନ୍ତେ ବୋଡ ଯେଉଁ କାଠର ଯେତେ ଫୀସ ନିରୂପଣ କରି ଅଛନ୍ତି ତହିଁର ଦ୍ୱିଗୁଣ କମା କେଉଁ ସ୍ଥଳରେ ଦୁଇଗୁଣରୁ ଅଧିକ ବନାବୋର୍ଡ ଓ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରିରେ ନେଉଅଛନ୍ତି ଏହାର ପ୍ରମାଣ ତାହାଙ୍କ ଚେକର ଅବଶିଷ୍ଟାଂଶ ଏବଂ ବୋର୍ଡର ନିୟମାବଳୀ ସହିତ ମିଳନା କରିଲେ ପ୍ରକାଶ ପାଇବ । ବର୍ତ୍ତମାନ ଜଙ୍ଗଲବାସି-

Split by PDF Splitter
Digitized by srujanika@gmail.com

ଲମ୍ବ ସାହେବ ଯେ ହୁକୁମ ଜାରୀ କରିଅଛନ୍ତି ତାହା ଆମ୍ଭେ ଦୁଃଖିପ୍ରଜାମାନଙ୍କପ୍ରତି ଏତେଦୂର କଷ୍ଟକାରକ ହୋଇଅଛି ଯେ ଘର ଛାଇବାକୁ ବତି କାଠ ଓ ପିନ୍ଧିବାକୁ ଧୋବଲୁଗା ମିଳୁ ନାହିଁ ଏପରି ଖଣ୍ଡେ ଦାନ୍ତକାଠି ଭାଙ୍ଗିବାକୁ ଲୋକଙ୍କ ମନରେ ଏତେଦୂର ଭୟ ହୋଇଅଛି ଯେ ତାହା ଅଭାବରେ ମାଙ୍କଡ଼ାପଥରରେ ଦାନ୍ତ ଘଷିଲେଣି ପୂର୍ବେ ବୋର୍ଡ ନିୟମ କରିଥିଲେ ଯେ କୁମ୍ଭାର ପାଣ୍ଡି ଓ ଧୋବା ଖାରନିମନ୍ତେ ଜଙ୍ଗଲପାଶରେ ଟ୍ୟାକ୍ସ ନେବେ ତାହା ମଧ୍ୟ କେତେକବରଷ ପ୍ରଚଳିତ ଥିଲା ବର୍ତ୍ତମାନ ଜଙ୍ଗଲବାସିନ୍ଦଅ ସାହେବ ବନାପାଶରେ କାହାରିକୁ ଖଣ୍ଡେ ମାତ୍ର ଡାଙ୍ଗ ଦେଉ ନାହାନ୍ତି ।

ପୂର୍ବେ ଶୁଖିଲକାଠ ଓ ବାଉଁଶ ଓ କଣ୍ଟା ଗାଡ଼ିରେ, ଅନ୍ଧରମଧ୍ୟ କେତେକ କାଠ ମୁଣ୍ଡରେ ଲମ୍ବା କାନ୍ଧରେ ଆଣିବାନିମନ୍ତେ ଛାଡ ଥିଲା ବର୍ତ୍ତମାନ କେଉଁ ହୁକୁମ ଅନୁସାରେ ତାହା ନିଷେଧ ହୋଇଅଛି ଆମ୍ଭେମାନେ ଜାଣିପାରୁ ନାହୁଁ । ଜଙ୍ଗଲ ଇଲାକା ଚଉଦ୍ଦିଗସୀମାନଙ୍କୁ ଏଥିପ୍ରେ ପାଶ ଆଣିବାକୁ ହେଲେ ଖୋସାମଦ ନ କଲେ ଓ ପାଶ ଲେଖିଦେବାପାଇଁ କିଛି ନ ଦେଲେ ପାଶ ମିଳିବାର କଷ୍ଟ ପୂର୍ବେ ପାଶ ଯେଉଁବ୍ୟକ୍ତି ନେଉଥିଲେ ଫୀସ ଦାଖଲ କଲାମାତ୍ରେ ପାଶ ତାହା ହାତରେ ଦିଆଯାଉଥିଲା ଏବେ ଜଙ୍ଗଲବାସିନ୍ଦଅ ସାହେବ ନିୟମ ଜାରୀ କରିଅଛନ୍ତି କି ଲଫାଫା ମଧ୍ୟରେ ପାଶ ବନ୍ଦକରି ତହିଁର ମୂଲ୍ୟ ଏକପଇସା ଓ ସମସ୍ତେ ଦୁଇପଇସା ତାଙ୍କ ଚପରାସୀଙ୍କ ହାତରେ ନେଇ ଯେଉଁ ସରକାରୀ ଇଲାକା ଜଙ୍ଗଲରୁ କାଠ ନେବାପାଇଁ ପାଶ ହୋଇଥିବ ତାହା ସେ ପାଶ ନେବାବ୍ୟକ୍ତି ହାତରେ ଡାକ ଟିକଟ ପଠାନ୍ତି ସରକାର ପାଶ ପାଇଲେ ପାଶ ପିଠିରେ ଛିଡା ଲେଖିବାସକାଶ ଫିଗ ଉପରେ ଦୁଇପଇସା ଲେଖାଏ ନ ନେଲେ ଛାଡ ଦିଅନ୍ତି ନାହିଁ ଏତେଦୂର ଏ ଗରିବପ୍ରଜାମାନଙ୍କ ପ୍ରତି ଅନ୍ୟାୟ ହେଲେ କିପରି ନିର୍ବାହ ହେବେ । ପୂର୍ବେ ଉତ୍କଳଇଲାକାରୁ ପାଶ ମିଳୁଥିବା ସମୟରେ ଏତେଦୂର ଅତ୍ୟାଚାର ହେଉ ନ ଥିଲା ବର୍ତ୍ତମାନ ସେଠାରୁ ପାଶ ଉଠିଯିବାହେତୁ ଏତେଦୂର କଷ୍ଟ ଭୋଗ କରୁଅଛୁଁ ଆହୁରି ମଧ୍ୟ ଅନ୍ୟାନ୍ୟ ଇଲାକାରୁ ପାଶ ଜାରୀ ହେଉଥିବା ସମ୍ପ୍ରତି ଗାଡିର ଚଳନ ଓ ଦୂରତା ଏବଂ ଲୋକଙ୍କ ଅବସ୍ଥା ବୁଝି ବିବେଚନାପୂର୍ବକ ମିଆଦ ଦେଉଥିଲେ କେହି ମିଆଦମଧ୍ୟରେ ଆଣି ନ ପାରି ତହିଁର କାରଣ ଦର୍ଶାଇଲେ ସାନ ମିଆଦ ମିଳୁଥିଲା ବର୍ତ୍ତମାନ ଜଙ୍ଗଲବାସିନ୍ଦଅ ସାହେବଙ୍କ ଇଲାକାରେ ପାଶ ହେଲାଦିନୁ ଯେ ଯେତେ ଗାଡି ନେଉ କମ୍ବା ଯେତେଦୂର ପଥ ହେଉ ତାହା କିଛି ବିବେଚନା ନ କରି ଏକଦିନରୁ ଅଧିକ ମିଆଦ ଦିଅନ୍ତି ନାହିଁ ସମସ୍ତେ ଯେ ଏହି ମିଆଦ ମଧ୍ୟରେ ଆଣିପାରିବେ ଏମନ୍ତ ସମ୍ଭବ ନୁହେ କାରଣ କାହାର ବେମାର ବା ଆପଦ ବିପଦ ଅଛି ସେ କିପରି ଅତି ଅଳ୍ପ ମିଆଦମଧ୍ୟରେ ଆଣିପାରିବ ସେ ସମସ୍ତଙ୍କର ମଧ୍ୟ ସଗଡ଼ ବଳଦ ନାହିଁ ଓ ପାଶ ନେଲାଉତ୍ତାରୁ ମାଗି ଯାଚି ଆଣିବାନିମନ୍ତେ ଚେଷ୍ଟା କରୁ କରୁ ଦୁଇଦିନରୁ କମ ଲାଗେ ନାହିଁ ଯଦି କୌଣସିକ୍ରମେ ସଞ୍ଜଳ କରି ଜଙ୍ଗଲରୁ କାଠ ଆଣିବାସକାଶ ଗଲା ତେବେ ସଇବଗ୍ରାକାର ନ ଥିଲେ ମଧ୍ୟ ତାହା ଅପେକ୍ଷାରେ ଜଙ୍ଗଲରେ ଦିନେ ଦୁଇଦିନ ପଡ଼ିରହି ଫେରି ଆସିବାକୁ ହୁଏ ଏଯୋଗୁଁ ସହଜରେ ମିଆଦ ଗତ ହେଲା ପରି ଖର୍ଚ୍ଚାନ୍ତ ହୋଇ ବୃଥାରେ କଷ୍ଟ ଭୋଗ କରନ୍ତି ।

ଖୋରଧାକୁ ବାଙ୍କପୁର ଦକ୍ଷିଣସୀମା ଛତଗଡ଼ ଦୁଇଦିନ ଓ ପଶ୍ଚିମସୀମା ବୋଲଗଡ଼ ଓ ମାଣିକାଗୋଡ଼ା ଏକଦିନ ଉତ୍ତରସୀମା ବାରଙ୍ଗପୋଲ ଏକଦିଲ ଓ ପୂର୍ବସୀମା ଦୟାନଦୀ ଛକୋଶ ପଥ ଦୂର ଅଟେ ଉପରୋକ୍ତ ସ୍ଥାନମାନଙ୍କରୁ ଯେ ବ୍ୟକ୍ତି କାଠ ପାଶ ନେବାକୁ ଖୋରଧା ଆସେ ଯେବେ ଜଙ୍ଗଲବାସିନ୍ଦଅ ସାହେବ ନ ଥାନ୍ତି ତେବେ ସେମାନେ ଖର୍ଚ୍ଚାନ୍ତ ହୋଇ ଦେଖା ନ ପାଇଲେ କଷ୍ଟ ପାଇ ଫେରିଯାନ୍ତି ତେବେ ଉତ୍କଳଇଲାକାରେ ପାଶ ଥିଲେ ଏପରି କଷ୍ଟ ହୁଅନ୍ତା ନାହିଁ ଏପରି ଯେଉଁବ୍ୟକ୍ତିର ଘରନିକଟରେ ଜଙ୍ଗଲ ଅଛି ସେ ଯଦି ଉକ୍ତ ଜଙ୍ଗଲରୁ ବେଦରକାରୀ କାଠ ନେବାସକାଶେ ପାଶ ଗ୍ରହେ ତେବେ ତାକୁ ସେଠାରୁ ନ ଦେଇ ତାହା ଘରଠାରୁ ଅନେକଦୂର ଅନ୍ତର ଜଙ୍ଗଲକୁ ପାଶ ଦିଅନ୍ତି ଏକରଣ ସେବ୍ୟକ୍ତି ନିତାନ୍ତ ନାଚାରଅବସ୍ଥାରେ ତାହା ସ୍ୱୀକାର କରେ ।”

---

# ସାପ୍ତାହିକ ସଂବାଦ ।

ଅସ୍ମମାନଙ୍କର କଲେକ୍ଟର ସାହେବ ଯାଜପୁର ଅଞ୍ଚଳ ଭ୍ରମଣ କରିବା କାରଣ ଗତ ବୁଧବାର ଏଠାରୁ ପ୍ରସ୍ଥାନ କରିଅଛନ୍ତି ।

ଗତ ସପ୍ତାହରେ ପାଣ୍ଡିଚେରୀର ଜାହାଜ ଷ୍ଟୀମରେ ଉଠାରେ ଲଗି ରହି ଏ ନଗରକୁ ଅସିପାରି ନାହିଁ କେବଳ ଷ୍ଟଣା ବୋଟବ୍ୱାରା ପଥିକ ଓ ଦ୍ରବ୍ୟାଦି ଯାତାୟାତ ହେଲା । ହାଟ ଅକବୁରଉଦମାନ ମୁଖ୍ୟ ଶ୍ରେଣି ଏ ଷ୍ଟୋଟଜାହାଜ କଳିକତାରୁ ଆଣି ଅଛନ୍ତି । ତହିଁରେ ଯାତ୍ରୀ ବଣିକ ଗ୍ରହିବାଲର ଆଣୁଥିଲେ ସେ ଜାହାଜ ମଧ୍ୟ ଉକ୍ତ ଉଠାରେ ପଡିଥିବାରୁ ଯାତ୍ରିମାନେ ବିରକ୍ତ ହୋଇ ନୌକା ଯୋଗେ ଏଠାକୁ ଅସିଲେ ହସୁଆ ପର୍ଯ୍ୟନ୍ତ କାଲ ଖୋଳା ନ ଗଲେ ପଞ୍ଚାନ୍ ଶ୍ରେଇଠାରେ ସର୍ବଦା ଜାହାଜର ବିଲମ୍ବ ହେବ । ଉଠିଅଛିଆର ଏବ ଶୀତକାଳରେ ଏପରି ହେଲ ଖର୍ଦ୍ଦନ ଓ ପଡ଼ୁଆକୁଅର କଥାତ ଅଛ

ଅମ୍ଭେମାନେ ଶୁଣିଲୁଁ ଯେ ଅମ୍ଭମାନଙ୍କର ଲେଫଟେନାଣ୍ଟ ଗବର୍ଣ୍ଣର ମାନ୍ୟବର ଇଲିଅଟ ସାହେବ ଏ ନଗରକୁ ଅଗାମୀ ଅପ୍ରେଲ ମାସରେ ଶୁଭାଗମନ କରିବେ । ସାହେବ ମହୋଦୟ ତିନିବର୍ଷ ପୂର୍ବେ ଏଠାରେ କମିଶନର ହୋଇ କଲିକତାରୁ କଟକ ପର୍ଯ୍ୟନ୍ତ ସମୁଦ୍ର କୂଳେ କାଲ ଖୋଳାଇବାର ବିଚାରରେ କହିଥିଲେ ମାତ୍ର କେତେ କାରଣବଶତଃ ତାହା ଘଟନା ହୋଇ ପାରିଲା ନାହିଁ । କମ୍ଭ କାଲ ତାଙ୍କ ଅଞ୍ଚଳରେ ଖୋଳା ହେଉଅଛି ଓ ତାହା ନିକଟରେ ସମାପ୍ତ ହେବ ସେ କାଲଯୋଗେ ମଧ୍ୟ ଅନେକ ଉପକାର ଓ ସୁବିଧା ହେବାର ସମ୍ଭାବନା । ଇଲିଅଟ ସାହେବ କମିଶନର ହୋଇ ସ୍ୱୟଂ ସେ କାଲ ବିଶେଷ ଦେଖାଇବେ । କେଉଁ ତାରିଖରେ ସାହେବ ମହୋଦୟ ଅସିବେ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ ଅମ୍ଭେମାନେ ଏ ସମ୍ବାଦ ଶୁଣି ଆନନ୍ଦିତ ଅଛୁଁ ଓ ସାହେବ ମହୋଦୟଙ୍କର ଆଗମନରେ ସାକ୍ଷାତ ଲଭି ସମସ୍ତେ ଆନନ୍ଦିତ ହେବେ ସନ୍ଦେହ ନାହିଁ ।

ବାବାଜୀ ନାମରେ ଜଣେ ଫକୀର ସନ୍ତାଳମାନଙ୍କୁ ଅନେକ ମିଥ୍ୟା କଥା କହି ଗୋଳମାଳ ଉପସ୍ଥିତ କରିବାକୁ ଉତ୍ତେଜିତ କରିଥିଲା ସେ ବ୍ୟକ୍ତିକୁ ପୁଲିସ ହଜାରିବାଗଠାରେ ଗିରଫ୍ତାର କରିଅଛନ୍ତି ରାଜବିଦ୍ରୋହଦାର ଅଭିଯୋଗ ତାହା ଉପରେ ହୋଇଅଛି । ଜଣେ ବାବାଜୀ ବଡ଼ ଦୁଷ୍ଟ ହୁଅନ୍ତି ।

ସାନ୍ତାଳସେବକମାନେ ବର୍ତ୍ତମାନ ନିବର୍ତ୍ତି ଅଛନ୍ତି କିନ୍ତୁ କଥିତ ହୁଅଇ ଯେ ଫେବ୍ରୁଆରିମାସ ତା ୨ ଦିନ ପର୍ଯ୍ୟନ୍ତ ତାହାଙ୍କର ପର୍ବ ଅଛି ଏଥିମଧ୍ୟରେ ସେମାନେ ଗୋଳଯୋଗ ଉପସ୍ଥିତ କରିବାର ସମ୍ଭାବନା । ଗବର୍ଣ୍ଣମେଣ୍ଟ ପୂର୍ବରୁ ଏଥିପାଇଁ ସତର୍କ ଅଛନ୍ତି ।

ଗତ ବର୍ଷ ଭାରତବର୍ଷକୁ ଦୁଇଲକ୍ଷ ଟଙ୍କାର କାଗଜ ଆମଦାନୀ ହୋଇଥିଲା । ଏଥିର ଅର୍ଦ୍ଧାଂଶ କେବଳ ଷ୍ଟାମ୍ପକାର୍ଯ୍ୟରେ ଖର୍ଚ୍ଚ ହୋଇଥିଲା ।

ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କ ଶରୀର ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଅଛି । ମାତ୍ର କଲିକତାକୁ ଶୁଭାଗମନ କରିବାର ଦିନ ଅବଧି ଧାର୍ଯ୍ୟ ହୋଇ ନାହିଁ । ବୋଧ ହୁଅଇ ଅଗାମୀ ସପ୍ତାହରେ ସେ ଏଲହାବାଦରୁ ଯାତ୍ରା କରିବେ ।

କଥିତ ହୁଅଇ ଯେ ଷ୍ଟାମ୍ପ ସମ୍ପର୍କୀୟ ଚଳିତକାର୍ଯ୍ୟମାନ ନିବାରଣ ଉଦ୍ଦେଶ୍ୟରେ ହାଇକୋର୍ଟ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିଅଛନ୍ତି କି କୋର୍ଟଫିସ ଷ୍ଟାମ୍ପ ଉଠାଇ ଦିଆ ଯାଇ ପୂର୍ବପ୍ରାୟ ଷ୍ଟାମ୍ପ କାଗଜ ପ୍ରଚଳିତ ହେଉ । ସମସ୍ତଙ୍କର ମତ ଏହିପ୍ରାୟ ଅଟଇ । କିନ୍ତୁ ଯଦ୍ୟପି ଶ୍ରେୟ ନ ହୁଅନ୍ତା ତେବେ କୋର୍ଟଫିସ ଷ୍ଟାମ୍ପର ବ୍ୟବସ୍ଥା ବଡ଼ ସୁବିଧାଜନକ ଥିଲା ।

ଡାକଘର ଯୋଗେ ମନିଅର୍ଡର ଚଳାଇବାର କାର୍ଯ୍ୟ ବଡ଼ ସନ୍ତୋଷଜନକ ଏବ ଲାଭକର ହୋଇଅଛି । କଥିତ ହୁଅଇ ଯେ ପ୍ରଥମ ବର୍ଷରେ ସମସ୍ତ ଖର୍ଚ୍ଚା ଛାଡି ନିଟ ଲାଭ ଦୁଇ ଲକ୍ଷଟଙ୍କା ହୋଇଅଛି । ବାସ୍ତବରେ ମନିଅର୍ଡରଦ୍ୱାରା ସର୍ବସାଧାରଣଙ୍କରି ଲାଭ ସୁବିଧା ହୋଇଅଛି ।

Split by PDF Splitter

10



ଶ୍ରୀଯୁକ୍ତ ହାଗ୍ରଲ ସାହେବ କି ଯେ ଏଠାରେ କଏଣ୍ଟମା· ଜଷ୍ଟେଟ ଥିଲେ ରେଜଷ୍ଟ୍ରାର, ଏବକାର ଇନ୍‌ସ୍ପେକ୍ଟର ଜେନରଲ ପଦରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

କଲିକତାରେ ଜଣେ ସ୍ତ୍ରୀ ଆପଣାକୁ ବ୍ରାହ୍ମଣୀ ବୋଲି ପରି· ଚୟ ଦେଇ ଜଣେ ଭଦ୍ରଲୋକର ଘରେ ପାଚକୀ ସ୍ୱରୂପ କାର୍ଯ୍ୟ କରୁଥିଲା । ଏକଦିନ ଅନ୍ୟ କେହି ସ୍ତ୍ରୀଲୋକର ତାଙ୍କୁ କାର୍ଯ୍ୟବଶତଃ ଏହି ଭଦ୍ରଲୋକ ଘରକୁ ଆସି ଉକ୍ତ ସ୍ତ୍ରୀକୁ ଧୋବଣୀ ବୋଲି ଚିହ୍ନାଇ ଦେଲା । ସ୍ତ୍ରୀଟି ତତ୍କ୍ଷଣାତ୍ ବେଗରେ ପଳାୟନ କଲା । ଭଦ୍ରଲୋକଙ୍କ ସ୍ତ୍ରୀମାନେ ଉକ୍ତ ପ୍ରକାର କାର୍ଯ୍ୟ ଯାହା ଜାଣି ବ୍ରାହ୍ମଣୀ ହୋଇ ଗୃହେ ରହିବାରୁ ଏପ୍ରକାର ଜାତି ହରାଇବାର ଗୋଟିଏ ନୂତନ ଉପାୟ ବାହାର ଅଛି ।

୧ । ମୁଲତାନମାଗ୍ୱରରୁ ଅବଗତ ହେଲୁଁ ଲର୍ଡ ବେଡ଼୍· ନସ୍ ଫୀଲ୍ଡ ଜଣେ ଭଲ ଲେଖକ । ସେ ଏରୂପ ଉତ୍ତମ ଉପନ୍ୟାସ ଲେଖି ପାରନ୍ତି ଯେ ତାହା ସାଧାରଣ ପାଠକଙ୍କ ନିକଟରେ ଅତ୍ୟନ୍ତ ଆଦରଣୀୟ ହୁଏ । ଶୁଣିଏ ପୁସ୍ତକର ସତ୍ତ୍ୱାଧିକାରକୁ ବିକ୍ରୟ କରି ତାଙ୍କର ଲକ୍ଷ ଟଙ୍କା ଆୟ ହୋଇଅଛି । ଯାହାଙ୍କର ଲେଖାର ଏଡେ ଆଦର ତାହାଙ୍କର ପ୍ରଧାନମନ୍ତ୍ରୀତ୍ୱରେ ବା କି କାର୍ଯ୍ୟ । ସେ ଦେଶର ଲୋକମାନଙ୍କର ଏଡେ ଦାମ ଯେ କଥାଏକଥାଏ ଟଙ୍କା ।

୨ । ଫରାସୀ ଦେଶରେ ବାରିଷ୍ଟରମାନଙ୍କର ବଡ଼ ବିପଦ । ସେମାନେ ଜଣ ଉଚ୍ଚ ବିଚାରପତିଙ୍କ ନିକଟକୁ ମାତ୍ର ପାରନ୍ତି ନାହିଁ । ଗ୍ୟାମ୍ବେଟା ଯେତେବେଳେ ପ୍ରଥମ ବାରିଷ୍ଟର ଥିଲେ ସେତେବେଳେ ସେ କୌଣସି ମକଦମାରେ ଥରେ ଉଚ୍ଚ ସହିତ ବିଚାରପତିଙ୍କ ନିକଟକୁ ଯିବାରୁ ହାକିମଙ୍କର ଆଦେଶ ହେଲା ଯେ ଏହା ଘୋର ବେଆଇନି କର୍ମ । ସେତେବେଳେ ଗ୍ୟାମ୍ବେଟା ୧୫ ମିନିଟ ମୋକଦ୍ଦମା ସ୍ଥଗିତ ରଖି ଉଚ୍ଚ ବାହାର ଆସିଲେ । ନିଜ ଜାତର ଏକ ଜଣ ବାରିଷ୍ଟର ଜଣା ପେନ୍‌ସିଲ ଓ ପିନ ଚାହିଁ ପେନ୍‌ସିଲ ପିନ୍ଧିବାରୁ ବିଚାରପତି ତାହାକୁ ଗ୍ରାହ୍ୟ ଉଚ୍ଚାରଣ କଲେ ।

---

## ପ୍ରେରିତ ପତ୍ର ।

ଶ୍ରୀଜ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟେଷୁ ।

ସବିନୟ ନିବେଦନ ଏହି କି ଜ୍ୟୋତିଃ-ଶାସ୍ତ୍ରୀୟ ଗଣନାଦ୍ୱାରା ସାମାଜିକ ଉପଦ୍ରବର ନିୟମ ଯାହା୨ ପୂର୍ବାଚାର୍ଯ୍ୟମାନେ ଲେଖିଅଛନ୍ତି ତହିଁର ଫଳ କିପରି ପ୍ରତ୍ୟକ୍ଷ ହେଉଅଛି ତାହା ନିମ୍ନେ ପ୍ରକାଶ କରଗଲା ଆପଣ ଏହାକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ପାଠକ-ବର୍ଗଙ୍କୁ ଜାଣାଇ ଚରିତାର୍ଥ କରିବା ହେବେ ।

ସମସ୍ତ ପୃଥିବୀସ୍ଥ କୂର୍ମଚକ୍ରର ଉତ୍ତର କୁକ୍ଷିସ୍ଥ ଶତଭିଷାଦି ନକ୍ଷତ୍ରତ୍ରୟରେ ଶନି ଅଧିଷ୍ଠାନ ହେଲେ ଯାହା ଯାହା ଫଳ ହୁଅଇ । ଯଥା; ଜ୍ୟୋତିଃଶାସ୍ତ୍ର ସ୍ୱରୋଦୟେ ।

ଶତଭାଦି ତ୍ରୟେ ଚୈବ ଉତ୍ତରସ୍ୟାଂ କୁକ୍ଷିମାଶ୍ରିତଂ ।
ନେପାଲଂ ଚୀନ କାଶ୍ମୀରଂ ଗଜ୍ଜଣଂ ଖୁରମାଣକଂ ।
ମଥୁରା ମ୍ଳେଚ୍ଛଦେଶାଶ୍ଚ ଖଶ କେଦାର ମଣ୍ଡଳାଃ ।
ହିମାଦ୍ରେର୍ଶ୍ଚୈବ ନଶ୍ୟନ୍ତି ଦେଶାଯେ ଚୋତ୍ତରସଂଶ୍ରୟାଃ ।
ରେବତୀ ଗୃଷ୍ଣିନୀ ଯାମ୍ୟଂ ପାଦେ ତ୍ୱିଶାନ ଗୋଚରେ । ଖଡ୍ଗଦ୍ୱାରଂ କୁରୁକ୍ଷେତ୍ରଂ ଶ୍ରୀକଣ୍ଠଂ ହସ୍ତିନାପୁରଂ । ଅଶ୍ୱବକ୍ତ୍ରୈକପାଦାଶ୍ଚ ଗଜକର୍ଣ୍ଣା ସ୍ତଥୈବ ଚ । ହିମଶୃଙ୍ଗ ଚ ଯେ ସର୍ବେ ଦେଶା ଈଶାନ ଗୋଚରାଃ । ଯତ୍ରସ୍ଥଃ ପୀଡ଼ୟେତ୍ତତ୍ର ବେଧସ୍ଥାନେ ତଥୈବ ଚ । ଦେଶନାମର୍କ୍ଷଗଃ ସୌରି ର୍ଭଙ୍ଗଦେ ନାତ୍ର ସଂଶୟଃ ।

ଅର୍ଥଃ । ଶତଭିଷାଦି ତିନିନକ୍ଷତ୍ରରେ କୂର୍ମ ଚକ୍ରର ଉତ୍ତରକୁକ୍ଷିରେ ଶନି ରହିଲେ, ନେପାଳ, ଚୀନ, କାଶ୍ମୀର, ଗଜ୍ଜଣ, ଖୁରମାଣକ, ମଥୁରା, ମ୍ଳେଚ୍ଛ, ଖଶ, କେଦାର ଇତ୍ୟାଦି ଦେଶମାନଙ୍କର ଏବଂ ହିମାଳୟର ଉତ୍ତରପାର୍ଶ୍ୱରେ ଇତ୍ୟାଦି ସ୍ଥାନମାନଙ୍କ ମଧ୍ୟରୁ କୌଣସି୨ ସ୍ଥାନରେ ଉପଦ୍ରବ ଅର୍ଥାତ୍ ଯୁଦ୍ଧାଦି ବିଗ୍ରହ, ଜନମରକ ଏବଂ ସ୍ୱଚକ୍ରୋପଦ୍ରବାଦି ଅନିଷ୍ଟ ଅବଶ୍ୟ ଜନ୍ମଇ । ଏଥିକୁ ଶନି ପ୍ରାୟ ତିନିବର୍ଷ ହେଲା ଉକ୍ତ ନକ୍ଷତ୍ର ଓ ସ୍ଥାନରେ ଅବସ୍ଥିତ ହୋଇଅଛି । ଏଁ ପର ରେବତୀ, ଅଶ୍ୱିନୀ, ଭରଣୀ ଏହି ତିନିନକ୍ଷତ୍ରରେ ସେହି ଶନି ରହିଲେ ଖଡ୍ଗଦ୍ୱାର, କୁରୁକ୍ଷେତ୍ର, ଶ୍ରୀକଣ୍ଠ, ହସ୍ତିନା, ଅଶ୍ୱବକ୍ତ୍ର, ଏକପାଦ, ଗଜକର୍ଣ୍ଣ ଇତ୍ୟାଦି ଦେଶମାନଙ୍କ ମଧ୍ୟରେ ଏବଂ ହିମାଳୟର ଈଶାନ୍ୟକୋଣସ୍ଥ ଦେଶମାନଙ୍କ ମଧ୍ୟରେ ଉକ୍ତରୂପ ନାନାବିଧ ଅନିଷ୍ଟ ଜନ୍ମଇ । ଏଥିକୁ ବର୍ତ୍ତମାନରେ ଅଶ୍ୱିନୀନକ୍ଷତ୍ରକୁ ଶନି ଯିବାର ଉନ୍ମୁଖ ହୋଇଅଛି । ଆଉ ମଧ୍ୟ ଶନି ଯେଉଁ ନକ୍ଷତ୍ରରେ ଥାଏ ସେହି ନକ୍ଷତ୍ରଗତ ଦେଶମାନଙ୍କରେ ଏବଂ ବେଧନକ୍ଷତ୍ରଗତ ଦେଶମାନଙ୍କରେ ନାନାବିଧ ଅନିଷ୍ଟ ଜନ୍ମଇ ସମସ୍ତ ବିଷୟରେ ଉତ୍ପାଦନ କରାଏ ।

ଆଉ ମାର୍ଗଶିରମାସରେ ଚନ୍ଦ୍ରଗ୍ରହଣ ହେଲେ ଯେଉଁ୨ ଫଳ ହୁଅଇ ତାହା ତଳେ ପ୍ରକାଶ କରାଯାଉଅଛି ଯଥା;—

କାଶ୍ମୀର କୌଶୀର ନରାନ୍ ସପୌଣ୍ଡ୍ରାନ୍ ନୃପାନ୍ ନିହନ୍ତ୍ୟପି କୌଶଲାଂଶ୍ଚ । ଯେ ସୋମପାସ୍ତାଂଶ୍ଚ ମୃଗାନ୍ ସପୌଷ୍ଣାନ୍ କ୍ଷେମଂ ଚ ଶସ୍ୟଂ ସହସି ଗ୍ରହସ୍ଥ ।

ସହ ଯେ ମାର୍ଗଶିରମାସ ତହିଁରେ ଚନ୍ଦ୍ରଗ୍ରହଣ କି ସୂର୍ଯ୍ୟୋପରାଗ ହେଲେ କାଶ୍ମୀର କୌଶୀର ପୁଣ୍ଡ୍ର, ଇତ୍ୟାଦି ଦେଶସ୍ଥ ରାଜା ଓ ପ୍ରଜାମାନଙ୍କର ଅମଙ୍ଗଳ ହୁଅଇ ଏବଂ ଯାଜ୍ଞିକବ୍ରାହ୍ମଣ, ମୃଗପଶୁ ଓ ପୌରଜନ ଏମାନଙ୍କର ଅମଙ୍ଗଳ ହୁଅଇ କେବଳ ଶସ୍ୟର ଉତ୍ତମ ହୁଅଇ । ଇତ୍ୟାଦି ଉତ୍ପାତଦ୍ୱାରା ପୃଥିବୀର କି କି ଅବସ୍ଥା ଘଟିଅଛି ବା ଘଟିବ ତାହା ଜଗଦୀଶ୍ୱରଙ୍କର ଇଚ୍ଛାଧୀନ । କିନ୍ତୁ ହିନ୍ଦୁଶାସ୍ତ୍ରପ୍ରତିପାଦକ ପୂର୍ବାଚାର୍ଯ୍ୟମାନେ ଯେ ଉକ୍ତ ଅନିଷ୍ଟାଦିର ଶଙ୍କା କରି ଅଛନ୍ତି ଅବଶ୍ୟ ତହିଁର କିଛି ନିଗୂଢ଼ତତ୍ତ୍ୱ ଥିବ ଏପରି ଅନୁମାନ ହୁଅଇ ଅତଏବ ହିନ୍ଦୁଧର୍ମାବଲମ୍ବୀ ଧନୀ ଓ ରାଜା ଏମାନଙ୍କର ଉକ୍ତ ଉତ୍ପାତ ଶାନ୍ତି ନିମିତ୍ତ ଇଷ୍ଟାର୍ଚ୍ଚନ ଓ ଦାନ ଇତ୍ୟାଦି ଶୁଭକର କ୍ରିୟାସବୁ କରିବାର ବିଧେୟ ଅଟଇ । ଆଉ ମଧ୍ୟ ଏହି କଟକସହର ନିବାସୀ ବିଖ୍ୟାତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ମହାଶୟ ଗତମାସ ତା ୨୫ ଋଖ (ଗତ ବଡ଼ଦିନ) ଦିନ ଉକ୍ତ ଉତ୍ପାତଶାନ୍ତି ଓ ବର୍ତ୍ତମାନରେ ଆମ୍ଭମାନଙ୍କ ପ୍ରତିପାଳକ ଗବ-ର୍ଣ୍ଣରଜେନରଲ ଶ୍ରୀଯୁକ୍ତ ଲର୍ଡ ଡଫ଼ିନ ସାହେବ ମହୋଦୟଙ୍କ ଆଧୁନିକ ଶାରୀରିକ ପୀଡ଼ା ଉପ· ଶମ ନିମିତ୍ତ ଏକଲକ୍ଷ ଦୂର୍ଗାର୍ଚ୍ଚନ ଓ ନାନା-ବିଧ ଉପାଦେୟ ଫଳମୂଳାଦି ନୈବେଦ୍ୟରେ ସର୍ବଧିରେ ଶ୍ରୀମଲ୍ଲାରାୟଣଙ୍କର ଷୋଡ଼ଶୋପଚାର ପୂଜା ଏବଂ ବ୍ରାହ୍ମଣାଦି କେତେକ ବ୍ୟକ୍ତିଙ୍କି ମିଷ୍ଟାନ୍ନଭୋଜନ ଇତ୍ୟାଦିରୂପ ବୈଧ ବିତରଣ କରି ରାଜଭକ୍ତି ଓ ଦେଶୋପକାରକତାର ପରି-ଚୟ ଦେଇ ଅଛନ୍ତି କିନ୍ତୁ ଅନ୍ୟାନ୍ୟ ହିନ୍ଦୁ-ଧର୍ମାବଲମ୍ବିମାନେ ଉକ୍ତ ବାବୁଙ୍କ କାର୍ଯ୍ୟର ଅନୁ-ଗାମୀ ହୋଇ ସର୍ବସାଧାରଣଙ୍କ ମଧ୍ୟରେ ହିତୈ-ଷିତାର ପରିଚୟ ଦେଇ ହିନ୍ଦୁଶାସ୍ତ୍ରର ଗୌରବ ବୃଦ୍ଧି ବିଷୟରେ ଯତ୍ନଶୀଳ ହେଉନ୍ତୁ ଇତି ।

୨୮।୧୨।୮୮ । ଜ । ଶ୍ରୀ ଦ——

ବଡ଼ ସୁଖର ବିଷୟ ଯେ ଲର୍ଡ ଡଫିନ ସାହେବ ଭଲ ହୋଇଅଛନ୍ତି ଏବଂ ଯଦ୍ୟପି କାଳୀବାବୁ ଯଜ୍ଞ କରିବାରୁ ଏ ଶୁଭଫଳ ଲାଭ ହୋଇଅଛି ତେବେ ସେ ଅବଶ୍ୟ ଗବର୍ଣ୍ଣମେ· ଣ୍ଟରୁ ଧନ୍ୟବାଦ ପାଇବେ ଏବଂ ଏହି ଗୋଟିଏ ପ୍ରଥାର ସୁଫଳ ଦେଖି ଆଶା ହେଉଅଛି ଯେ ପୃଥିବୀର ଅନ୍ୟାନ୍ୟ ଉତ୍ପାତ ମଧ୍ୟ ଶାନ୍ତ ହୋଇଯିବ ଅବା ହେବ । ଉକ୍ତ ଯଜ୍ଞ ନିମନ୍ତେ ଭୋଜନ ପାଇଥିବା ବ୍ରାହ୍ମଣଙ୍କ ମଧ୍ୟରେ ପତ୍ରପ୍ରେରକ ଜଣେ ଥିଲେ କିନ୍ତୁ ବର୍ତ୍ତମାନ ସମୟରେ ଯେଉଁମାନେ ନାରାୟଣଙ୍କ ପୂଜା କରିବା କିମ୍ବା କେତେକ ବ୍ରାହ୍ମଣଙ୍କୁ ମିଷ୍ଟାନ୍ନ ଭୋଜନ ଦେବାଦ୍ୱାରା ରାଜଭକ୍ତ ବା ଦେଶହିତୈଷୀ ବୋଲି ପରିଚିତ ହେବାକୁ ଚେଷ୍ଟା କରନ୍ତି ତାହାଙ୍କୁ ପ୍ରଶଂସା କରିବା ଅଭିପ୍ରାୟ ନାହିଁ । ଉ. ସ. ସମ୍ପାଦକ ।

---

## ମୂଲ୍ୟପ୍ରାପ୍ତି ।

ଶ୍ରୀ ରାମଚନ୍ଦ୍ର ବଡ଼ପଣ୍ଡା ଢେଙ୍କାନାଳ ଅଗ୍ରିମ ୫ ୬ ୧୪
ଶ୍ରୀ ଶ୍ରୀ ନାରାୟଣ ବଡ଼ସେନା ସାମନ୍ତ
ହେଡ ପେଣ୍ଡାନ ମଞ୍ଜୁଷା । ୫ ୭ ୧୪

---

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ଉତ୍କଳଦୀପିକା ତା ୮ ରିଖ ମାହେ ଜାନୁଏରୀ ସନ ୧୮୮୧ ମସିହା ।

## NOTIFICATION.

The 2nd December 1880. Under the powers conferred on him by sec : 7 of the Census act (Act XIV. of 1880 ) the Lieutenant Governor directs the issue of the following instructions for the guidance of census officers in all districts within the Jurisdiction of the Lieutenant Governor of Bengal, except such tracts as may hereafter be specially exempted by notification in the Calcutta Gazette.

Every census officer may ask of all persons within the limits of the local area for which he is appointed, such questions as may be necessary to enable him to fill, in respect of each of such persons, the particulars required by the following form of schedule ; but no census officer shall insist upon recording the name of any woman if there is any objection to giving it, or ask to see any female who is not voluntarily produced before him or ask for any information not required for the purposes of the census, such as the amount of any person's income or the name of any woman's husband.

## FORM OF ENUMERATORS SCHEDULE.

DISTRICT__________ SUB-DIVISION__________ THANNAH________ CIRCLE No

( Circle officer ) Village__________

( No.________ ) Enumerator of Block No.________

House No.

| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12. |
|---|---|---|---|---|---|---|---|---|---|---|---|
| | | | | | Religion. | | | | | Education | Infermities. |
| Serial number of each inmate | Name | Condition *i. e.* whether married, unmarried, widow or widower. | Sex | Age last birth day | Religion | Caste if Hindu sect if of other religion. | Mother tongue | * † § Place of birth. | ¶ Occupation of men ; also of boys & females who may do work. | 1 Under instruction<br>2 Not under instruction but able to read & write<br>3 Not under instruction, & not able to read & write | 1 Unsound mind<br>2 Deaf mutes from birth<br>3 Blind<br>4 Lepers. |
| | | | | | | | | | | | |

* If a European British subject add British subject.

† If a mixed European & Asiatic parentage add Eurasian.

§ If a foreigner, state of what country.

¶ Boys at school, girls, small children, and women who perform no regular work should not be shewn at all under Col : 10.

(Sd.) Colman Macaulay

*Offg Secretary to the Government of Bengal.*

Digitized by srujanika@gmail.com

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକଦ୍ୱୟ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ଗଥବା ଅମ୍ଭ ନିକଟରେ ଚନ୍ଦ୍ର କଲେ ପ୍ରାପ୍ତ ହେବେ ।

| | | |
|---|---|---|
| ଅଙ୍କମାଳା | ଖ ୧ | ଟ ୦ /୩ |
| ରାସକ୍ରୀଡା | ଖ ୧ | ଟ ୦ ୵୩ |

ଅଲମଚନ୍ଦବଜାର }
କଟକ } ଶ୍ରୀ ଭଗୀରଥୀ ସାଠିଆ

ଏତଦ୍ୱାରା ସର୍ବସାଧାରଣଙ୍କୁ ବିଜ୍ଞାପନ ଦିଆ ଯାଉଅଛି କି ଅନ୍ୟ ବିଜ୍ଞାପନ ବାହାରିବା ପର୍ଯ୍ୟନ୍ତ କଟକ ଓ ଚାନ୍ଦବାଲି ମଧ୍ୟରେ ଏକ କମ୍ପା ଅଥିକ ସରକାରୀ ଅଗ୍ନି ବୋଟ ଟଣାବୋଟମାନଙ୍କ ସହିତ ପଥିକ ଓ ଦ୍ରବ୍ୟାଦି ନେଇ ଯାତାୟାତ କରିବ ଏବଂ ପଥ ମଧ୍ୟରେ ନାନାସ୍ଥାନରେ ପଥିକ ଓ ଦ୍ରବ୍ୟ ବୋଝାଇ ନେବ ଏବଂ ଓହ୍ଲାଇ ଦେବ ।

କଟକ ଓ ଚାନ୍ଦବାଲିରୁ ଯାତ୍ରା କରିବାର ସମୟ ଓ ଭଡ଼ାର ନିର୍ଣ୍ଣୟ ନିମ୍ନେ ଲେଖାଗଲା । ଯଥା ;—

ଅଗ୍ନି ବୋଟ ଟଣାବୋଟ ସହିତ ପ୍ରତି ମଙ୍ଗଳବାର ସକାଳ ୬ଘଣ୍ଟା ସମୟରେ ଜୋବ୍ରା ଲକ୍‌ଠାରେ ଥିବା ସରକାରୀ ଘାଟରୁ ଯାତ୍ରା କରିବ ଏବଂ ପ୍ରତି ଶୁକ୍ରବାର ଅପରାହ୍ଣ ୨ଘଣ୍ଟା ସମୟରେ ଚାନ୍ଦବାଲିରୁ ଯାତ୍ରା କରିବ ମାତ୍ର କଲିକତାରୁ ଜାହାଜ ପହଞ୍ଚିବା ଦୃଷ୍ଟିରେ ଚାନ୍ଦବାଲିରୁ ବାହାରିବାର ସମୟ ପରିବର୍ତ୍ତନ ହେବ ।

### ଭଡ଼ା କଟକଠାରୁ ଚାନ୍ଦବାଲିକୁ

| | | | |
|---|---|---|---|
| ପ୍ରଥମ ଶ୍ରେଣୀର ପଥିକ | ଟ ୧୭ | ବୁଇମହଣ ଖଣ୍ଡିଏ ଛାଡ଼ | |
| ଦ୍ୱିତୀୟ „ „ | ଟ ୮ | ଏକମହଣ | „ „ |
| ତୃତୀୟ „ „ | ଟ ୨ | ଅଧମହଣ | „ „ |

ବାର୍ଷିକରୁ ଊଣା ବୟସର ପିଲା ଛଡ଼ା
ବାର୍ଷିକ ଉପରେ ବାର୍ଷିକରେ ଊଣା
ଏକତୃତୀୟ ଭଡ଼ା
ବାର୍ଷିକ ଉପର ବାର୍ଷିକରୁ ଊଣା
ଅର୍ଦ୍ଧ ଭଡ଼ା } ଯେତେବେଳେ ଆପଣା ପିତାମାତା ବା ବନ୍ଧୁ ସଙ୍ଗରେ ଥିବେ ।

ବାକ୍ସ ପ୍ରଭୃତିର ଭଡ଼ା ପ୍ରତ୍ୟେକର ଆକୃତି ଅନୁସାରେ ଟ ।୦ ଠାରୁ ଏକଟଙ୍କା ପର୍ଯ୍ୟନ୍ତ ହେବ । ମାଟି ବସ୍ତା ଏବଂ ଚଉଦ ଚାଲୁଥିବା ବାକ୍ସର ଭଡ଼ା ମାପ ଅନୁସାରେ ୫୦ଘନଫୁଟକୁ ଟ ୪୫ ଦରରେ ନିଆଯିବ । ସୁନା ରୂପାର ଭଡ଼ା ଶତକରା ୧/୪ ଅଂଶ । ଘଣ୍ଟା ବାକ୍ସମାନ ୨୮ ମହଣର ଏକଟିନକୁ ଟ ୪୫ ।

ବୋଟ ଉପରେ ରଖି ପ୍ରତ୍ୟେକ ଗାଡ଼ି ପାଲିକି ଅଣିବାର ଭଡ଼ା ଟ ୭ ବରି ଟ ୧୫ ପାଲିକି ଗାଡ଼ି ଏବଂ ଅନ୍ୟପ୍ରକାର ଗାଡ଼ି ଟ ୨୦ ।

### ମଧ୍ୟସ୍ଥିତ ସ୍ଥାନମାନଙ୍କର ଭଡ଼ା ନିର୍ଣ୍ଣୟ ।

| | ଶ୍ରେଣୀ ୧ମ | ୨ୟ | ୩ୟ |
|---|---|---|---|
| କଟକଠାରୁ ଜଗତପୁର | ଟ ୦୫୵୩ | ଟ ୦।/ | ଟ ୦/ |
| „ ବାରବୁଡ଼ିଆ | ଟ ୧।୭ | ଟ ୦୫୵୩ | ଟ ୦୵ |
| „ କେନ୍ଦ୍ରପଟଣା | ଟ ୩/୩ | ଟ ୧୫/୭ | ଟ ୦।/ |
| „ ଲୋକନାଥପୁର | ଟ ୪୫ | ଟ ୨। | ଟ ୦।/ |
| „ କେନ୍ଦ୍ରାପଡ଼ା | ଟ ୪/୭ | ଟ ୨୫୯ | ଟ ୦୫ |
| „ ପଟ୍ଟାମୁଣ୍ଡେଇ | ଟ ୭୫/ | ଟ ୩୫/୭ | ଟ ୧। |
| ତାମରପୁର | ଟ ୧୦। | ଟ ୪୵ | ଟ ୧୫ |
| ଚାନ୍ଦବାଲି | ଟ ୧୭ | ଟ ୮ | ଟ ୨ |

ଏଥିଭିତରେ ଯେ ସମସ୍ତ ସ୍ଥାନ ପଡ଼ିବ ତହିଁ ନିମିତ୍ତ ଅତିରିକ୍ତ ଭଡ଼ା ଲାଗିବ ନାହିଁ ।

ଉପରଲିଖିତ ଭଡ଼ା କେବଳ ପଥିକ ସକାଶେ ଅଟଇ ମାତ୍ର ଜାହାଜରେ ଜଣେ ଖାନସମା ହାର୍ଣ୍ଣି ବାସନ ଇତ୍ୟାଦି ସହିତ ରହିବ ଏବଂ ସେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପଥିକମାନଙ୍କଠାରୁ ଦାମ ନେଇ ତାହାଙ୍କୁ ଖୁଆଇବ । କିନ୍ତୁ ଦିନକ ପ୍ରଥମ ଶ୍ରେଣୀର ଖର୍ଚ୍ଚା ଟ ୩ କା ଓ ଦ୍ୱିତୀୟ ଶ୍ରେଣୀର ଟ ୨ରୁ ଅଧିକ ହେବ ନାହିଁ । ଏଥିନିମିତ୍ତ ଆପଣା ୨ ଖାଇବାର ବନ୍ଦୋବସ୍ତ କରିବା ପକ୍ଷରେ ପ୍ରଥମଶ୍ରେଣୀର ପଥିକଙ୍କ ପ୍ରତି ନିଷେଧ ଥରହିଲା ।

ସମ୍ପ୍ରତି କେବଳ କଟକ କେନ୍ଦ୍ରପଟଣା କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡେଇ ତମ୍ବୁଅ ଏବଂ ଚାନ୍ଦବାଲି ସକାଶେ ତଳଲିଖିତ ଦରରେ ଦ୍ରବ୍ୟର ଭଡ଼ା ହୋଇପାରେ । ଯଥା ;—

କଟକଠାରୁ କେନ୍ଦ୍ରପଟଣା ଅବଧି ଅନୁସାରେ

| | | | | | |
|---|---|---|---|---|---|
| | ଟ ୦/ | ଠାରୁ | ଟ ୦। | ଟନପ୍ରତି | ଟ ୦୫ |
| „ କେନ୍ଦ୍ରାପଡ଼ା ଅବଧି | ଟ ୦୵ | „ | ଟ ୦। | „ | ଟ ୧୫ |
| „ ପଟ୍ଟାମୁଣ୍ଡେଇ | „ ଟ ୦/ | „ | ଟ ୦୫ | „ | ଟ ୨ |
| „ ତାମରପୁର | „ ଟ ୦। | „ | ଟ ୦୫ | „ | ଟ ୪୫ |
| „ ଚାନ୍ଦବାଲି | „ ଟ ୦। | „ | ଟ ୧ | „ | ଟ ୪୫ |

କଟକଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ମନୁଷ୍ୟ ଓ ଦ୍ରବ୍ୟର ଭଡ଼ା ଯେମନ୍ତ ଉପରେ ଲେଖାଗଲା ଚାନ୍ଦବାଲିଠାରୁ କଟକ ପର୍ଯ୍ୟନ୍ତ ସେହିପରି ହେବ

### ମଧ୍ୟବର୍ତ୍ତୀ ସ୍ଥାନମାନଙ୍କର ଭଡ଼ାର ନିର୍ଣ୍ଣୟ ।

| | ପ୍ରତି ବାକ୍ସ ପ୍ରଭୃତି | ପ୍ରତି ଟନ | ୧ମ ଶ୍ରେଣୀ | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|---|---|---|
| ଚାନ୍ଦବାଲିଠାରୁ ତାମରପୁର | ଟ ୦/ ରୁ ଟ ୦। | ଟ ୧ | ଟ ୪୫ | ଟ ୨୫୵ | ଟ ୦୫ |
| ପଟ୍ଟାମୁଣ୍ଡେଇ | ଟ ୦୵ ରୁ ଟ ୦।୵ | ଟ ୨ | ଟ ୮।/ | ଟ ୪୵୭ | ଟ ୦୫ |
| କେନ୍ଦ୍ରାପଡ଼ା | ଟ ୦/ ରୁ ଟ ୦୫ | ଟ ୨। | ଟ ୧୦୫୵୭ | ଟ ୪।/୩ | ଟ ୧। |
| ଦାଳପୁର | ଟ ୦/ | | ଟ ୨୫ | ଟ ୧୧୫ | ଟ ୪୫ | ଟ ୧।୵ |
| ଲୋକନାଥପୁର | ଟ ୦/୭ ରୁ ଟ ୦୫୵ | ଟ ୩୫୵ | ଟ ୧୨। | ଟ ୭। | ଟ ୧।/ |
| କେନ୍ଦ୍ରପଟଣା | ଟ ୦। ରୁ ଟ ୦୫ | ଟ ୩। | ଟ ୧୨୫୯ | ଟ ୭।୵୭ | ଟ ୧୫ |
| କଟକ | ଟ ୦। ରୁ ଟ ୧ | ଟ ୪୫ | ଟ ୧୭ | ଟ ୮ | ଟ ୨ |

ଅଗ୍ନି ବୋଟ ଓ ଟଣାବୋଟରେ ଜ ୭ ଣ ପ୍ରଥମଶ୍ରେଣୀ ଜ ୭ ଣ ଦ୍ୱିତୀୟଶ୍ରେଣୀ ଏବଂ ୨୭୦ ତୃତୀୟଶ୍ରେଣୀର ପଥିକ ବସି ପାରନ୍ତି ।

ବିଲମ୍ବ ଅଟକ କିମ୍ବା ଅଦୃଷ୍ଟ ଦୁର୍ଘଟଣାର ଦାୟିତ୍ୱ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ ନାହିଁ ମାତ୍ର ଉଚିତ ସମୟ ରକ୍ଷା ଓ ନିରାପଦ ନିଶ୍ଚୟ କରିବା ଏବଂ ଅଟକ ନିବାରଣ କରିବା ପକ୍ଷରେ ସମ୍ପୂର୍ଣ୍ଣ ଚେଷ୍ଟିତ ହେବେ ।

ପଥିକଙ୍କ ସୁବିଧା ନିମିତ୍ତ ଏସବୁ ସ୍ଥାନରେ ବଜାର ସ୍ଥଳରେ ଖାଦ୍ୟଦ୍ରବ୍ୟ ଯୋଗାଇବାର ଦୋକାନମାନ ଅଛି । ଅନ୍ୟାନ୍ୟ ଲକ୍ ଏବଂ ସ୍ଥାନରେ ପାଏଘଣ୍ଟା ଲେଖାଏଁ ଅଟକ ରହିବ ।

କେନ୍ଦ୍ରାପଡ଼ା ଓ କେନ୍ଦ୍ରପଟଣାରେ ଅଧଘଣ୍ଟା ଲେଖାଏଁ ଏବଂ ଲଣ୍ଡାକେସୁ ଓ ପଟ୍ଟାମୁଣ୍ଡେଇରେ ଏକଘଣ୍ଟା ଲେଖାଏଁ ବୋଟମାନ ଅଟକିବ ।

ସନ ୧୮୭୮ ସାଲ ତା୧୧ରିଖ ବିଷୟର କଲିକତା ଗେଜେଟର ୨ଯୁକ୍ତର ୧୪୧୨ ପୃଷ୍ଠାରେ ଯେଉଁ ବିଜ୍ଞାପନ ଦିଆଯାଇଥିଲା ଏତଦ୍ୱାରା ତାହା ରହିତ ହେଲା ।

ଅଗ୍ନି ବୋଟ ଇତ୍ୟାଦି ବିଷୟରେ ସମସ୍ତ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଯିବ ।

ବିସ୍ତୁଏଟ ଜନ୍ ମାକ୍‌ମିଲନ
ଏକଜିକ୍ୟୁଟିବ ଇଞ୍ଜିନିୟର
ମହାନଦୀ ଡିଭିଜନ ଉତ୍କଳ

☞ ମଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ ୧୬ ଶ

୫ ୩ ସଂଖ୍ୟା

ତା ୧୫ ଇଙ୍ଗ ମାହେ ଜାନୁଏରୀ ସନ ୧୮୮୧ ମସିହା । ମୁ । ମାଘ ଦି ୪ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୫/


ଆମ୍ଭମାନେ ଆନନ୍ଦ ସହିତ ସମ୍ବାଦପତ୍ରରେ ପାଠ କଲୁଁ ଯେ ମହାମାନ୍ୟ ଗବର୍ଣ୍ଣରଜେନରଲ ଲର୍ଡ ରିପନ ବାହାଦୁର ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଚଳିତ ମାସ ତା ୧୦ ରିଖରେ ଏଲାହାବାଦରୁ କଲିକତାକୁ ଯାତ୍ରା କରି ରାସ୍ତାରେ ମୋକାମାଠାରେ ବିଶ୍ରାମ କଲେ ଏବଂ ତହିଁ ଆରଦିନ ଅପରାହ୍ନ ଘ ୪½ ଟା ସମୟରେ କଲିକତାରେ ପ୍ରବେଶ ହେଲେ । ଏହାଙ୍କୁ ଶୃଙ୍ଖଳ ଆଣିବା ସକାଶେ ରେଲଷ୍ଟେସନଠାରେ ଅନେକ ଇଉରୋପୀୟ ଏବଂ ଦେଶୀୟ ରାଜକର୍ମଚାରୀ ଓ ଭଦ୍ରଲୋକମାନେ ସମବେତ ହୋଇଥିଲେ । ଏଥର କେତେ ଦିନ ସକାଶେ କଲିକତା ଦିବ୍ୟ ଶ୍ରୀ ଧାରଣ କଲା ।

---

ଆମ୍ଭେମାନେ ଶୁଣିଲୁଁ ଯେ ରଣପୁରର ଦେୱାନ ବ୍ରଜବଲ୍ଲଭ ପଟ୍ଟନାୟକଙ୍କୁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଉକ୍ତ ମୁକାମରେ ଫଉଜଦାରୀର ବିଚାରାଧୀନରେ ଆଣିଅଛନ୍ତି । ବ୍ରଜବଲ୍ଲଭବାବୁ ଦୋଷୀ ହେଉନ୍ତୁ ବା ନ ହେଉନ୍ତୁ ତାହାଙ୍କ ନାମରେ ଯେ ସମସ୍ତ ଅଭିଯୋଗ ହୋଇଅଛି ସେ ସମସ୍ତ ଗୁରୁତର ଅଟଇ ଏବଂ ସମ୍ପ୍ରତି ଅନେକ ଗଡଜାତକୁ ମାନେଜର ପଠାଇବାର ଯେ ନିୟମ ହୋଇଅଛି ତଦୃଷ୍ଟିରେ ଏମାନଙ୍କ ଉପରେ ପ୍ରତି କଠିନ ଦୃଷ୍ଟି ରଖିବାର ଆବଶ୍ୟକ ଅତଏବ ଶ୍ରୀଯୁକ୍ତ ହ୍ୱିଅସାହେବ ଫଉଜଦାରୀ ବିଚାରଆରମ୍ଭ କରିବାରେ ଯଥାର୍ଥ ପଦ୍ଧତି ଅବଲମ୍ବନ କରିଅଛନ୍ତି ।

---

ତାରଯୋଗେ ସଂବାଦ ଆସିଅଛି କି ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣର ମାନ୍ୟବର ଇଡନ ସାହେବ ଚଳିତମାସ ତା ୧୭ ରିଖରେ ବଗିଧରକୁ ବିଜେ କରିବେ ଏବଂ ଏଠା କଲେକ୍ଟରଙ୍କୁ ତାହାଙ୍କ ସଙ୍ଗେ ଭେଟିବା ସକାଶେ ଆଦେଶ ଆସିଅଛି । ଗତସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ କି ଛୋଟ ଲାଟସାହେବ ଆଗାମୀ ଅପ୍ରେଲ ମାସରେ ଏ ନଗରକୁ କମୁନାଲ ଫିଟାଇବା ସକାଶେ ଆସିବେ ଅନୁମାନ ହୁଏ ସେ ଶୁଭ କଥାଟି ଘଟିବ ନାହିଁ କାରଣ ସେ ଏହି ସୁଯୋଗରେ କମୁନାଲ ଫିଟାଇଦେଇ ଯିବେ । ଇତି ମଧ୍ୟରେ ବୁଲିଯାଇଥିଲେ ବଡ ସୁଖର କଥା ହୋଇଥାନ୍ତା ନଚାନ୍ତ ପର ପର ଦାଣ୍ଡେଦାଣ୍ଡେ ବୁଲିଯିବା ଭଲ ହେଲା ନାହିଁ ।

---

କଟକ ଖାସମହାଲର ଜମା ବୃଦ୍ଧି ବିରୁଦ୍ଧରେ ବର୍ଦ୍ଧମାନର ମହାରାଣୀ ଏଠା ମୁନସଫି-ଅଦାଲତରେ ସରକାରଙ୍କ ନାମରେ ଯେଉଁ ମୋକଦ୍ଦମା କରିଥିଲେ ସେ ମୋକଦ୍ଦମା ଗତ ସୋମବାର ଡିସମିସ ହେଲା । ସରକାର ବାହାଦୁର ଜୟ ଲାଭ କଲେ ସୁତରାଂ ଦୁଃଖୀ ପ୍ରଜାଙ୍କର ଯେ କିଛି ଆଶା ଭରସା ଥିଲା ତାହା ଏହାଦ୍ୱାରା ଚୂର୍ଣ୍ଣ ହେଲା । ସରକାରଙ୍କର କପାଳ ଠେକ ତାହାଙ୍କର ଜୟ ନ ହୋଇ କାହାର ହେବ । ଆମ୍ଭେମାନେ ମୁନସଫଙ୍କ ରାୟ ବୁଝିଅଛୁଁ । ସେ ଅନେକ ଯୁକ୍ତିଦ୍ୱାରା ମହାରାଣୀଙ୍କର କେତେଗୁଡ଼ିଏ ଅଯଥା ଆପତ୍ତି କାଟିଦେଇ ଅଛନ୍ତି ଓ ସରକାର ପକ୍ଷରୁ ସେପରି ଆପତ୍ତି ହେବା ଦୁଃଖର ବିଷୟ ମାତ୍ର ଯେଉଁ ଆଇନ ( ସନ ୧୮୬୭ ସାଲର ୧୦ ଆଇନ ) ଦ୍ୱାରା ଓଡ଼ିଶାର ବନ୍ଦୋବସ୍ତ ଆହୁରି ବ ୩୦ ବର୍ଷ ସ୍ଥିର ରହିଅଛି ସେହି ଆଇନରୁ ଖାସମହାଲ ବର୍ଜିତ ଥିବା ନ୍ୟାୟରେ ମୋକଦ୍ଦମା ନିଷ୍ପତ୍ତି ହୋଇଅଛି । ଯାହା ହେଉ ମୋକଦ୍ଦମା ହାଇ କୋର୍ଟ ପର୍ଯ୍ୟନ୍ତ ନ ଯାଇ ଶେଷ ହେବ ନାହିଁ ଅତଏବ ଆମ୍ଭମାନଙ୍କର ମତାମତ ପ୍ରକାଶ କରିବାର ଆବଶ୍ୟକ ନ ରଖେ ।

---

ଲଣ୍ଡନରୁ ତାରଡାକଯୋଗେ ସମ୍ବାଦ ଆସିଅଛି କି ଚଳିତମାସ ତା ୬ ରିଖରେ ପାର୍ଲିମେଣ୍ଟ ସଭାର ଅଧିବେଶନ ହେଲା । ଲର୍ଡ ଚାନ୍ସଲର ସାହେବ ଶ୍ରୀମତୀ ମହାରାଣୀଙ୍କ ବକ୍ତୃତା ପାଠ କଲେ । ତହିଁର ମର୍ମ୍ମ ଏହି କି ବିଦେଶୀୟ ରାଜାଙ୍କ ସହିତ ପୂର୍ବପ୍ରାୟ ସଦ୍ଭାବ ରହିଅଛି ଏବଂ ଗ୍ରୀସର ସୀମା ଘଟିତ ବିଷୟରେ ଚିଠିପତ୍ର ଯିବା ଆସିବା ହେଉଅଛି । ବର୍ଲିନ ସନ୍ଧିର କେତେକ ନିୟମ ଅବଧି ପ୍ରତିପାଳିତ ହୋଇ ନାହିଁ ଏବଂ ସେ ସମସ୍ତ ପୂର୍ଣ୍ଣ କରିବାକାରଣ ଯଥାର୍ଥଚେଷ୍ଟା ହେଉଅଛି । କେପ ଉପନିବେଶରେ ବୁଅରମାନଙ୍କର ଉପଦ୍ରବ ହେବୁ ସେଠାରେ

Digitized by srujanika@gmail.com

Split by PDF Splitter



ଯୁଦ୍ଧସଜ୍ଜା ଆବଶ୍ୟକ ହୋଇଅଛି । ଶୀଘ୍ର ସେଠାରେ ଅଧିକାର ସ୍ଥାପିତ ହେବ । ବସୁତୋ ରାଜ୍ୟରେ ଯୁଦ୍ଧ ଲାଗିଥିବାର ଦେଖି ଆମ୍ଭେ ଦୁଃଖିତ ହେଲୁଁ ତନ୍ନ ଏହା ଶୀଘ୍ର ନିବାରଣ କରିବାର ଚେଷ୍ଟା ହେବ । କେବଳ କନ୍ଦାହାର ଛଡା ଆଫଗାନସ୍ଥାନର ଆଉ ସମସ୍ତ ଅଂଶରୁ ଇଂରାଜ ସେନା ବାହାର ଆସିଅଛନ୍ତି କାନ୍ଦାହାରକୁ ଚିରକାଳ ସକାଶେ ଅଧିକାର କରିବାର ବାଞ୍ଛା ନାହିଁ କେବଳ ଦେଶର ଅବସ୍ଥା ଅସ୍ଥିର ଥିବା ଏବଂ ସେଠାରେ ଦେଶୀୟ ଗବର୍ଣ୍ଣମେଣ୍ଟ ସ୍ଥାପନ କରିବା କଷ୍ଟକର ହୋଇଥିବାରୁ ସେଠାରୁ ସୈନ୍ୟ ବାହାର ଆସିବାରେ ବିଳମ୍ବ ହେଉଅଛି । ଆୟର୍ଲଣ୍ଡର ସାମାଜିକ ଅବସ୍ଥା ବଡ ଭୟାନକ ହୋଇଅଛି ଏବଂ ସାଧାରଣ କ୍ଷମତାଦ୍ୱାରା ତାହା ନିବାରଣ ହେବା ଦୁଷ୍କର ଜଣାଯିବାରୁ ଆଇନର ମହତ୍ତ୍ୱ ଏବଂ ଲୋକଙ୍କ ଧନ ପ୍ରାଣ ରକ୍ଷା ସକାଶେ ଓ ଅଧିକା କ୍ଷମତା ସକାଶେ ଅବିଳମ୍ବେ ଏହି ସଭାରେ ପ୍ରାର୍ଥନା ହେବ । ସନ ୧୮୭୦ ସାଲର ଭୂମିସମ୍ପର୍କୀୟ ଆଇନ ଅପ୍ରଚୁର ହେବାରୁ ଆମ୍ଭେ ଅନୁରୋଧ କରୁଁ କି ଆୟର୍ଲଣ୍ଡର ଅଭାବ ଦୃଷ୍ଟିରେ ତହିଁର ଉନ୍ନତି ସକାଶେ ଆଉ ଯାହା ପ୍ରୟୋଜନ ହେବ ତାହା ବିଧାନ କରିବେ ।

ଶ୍ରୀମତୀ ମହାରାଣୀଙ୍କ ବକ୍ତୃତାରୁ ଏଥର ସ୍ପଷ୍ଟ ଜଣାଗଲା ଯେ ଗବର୍ଣ୍ଣମେଣ୍ଟ କାନ୍ଦାହାରକୁ ଛାଡି ଆସିବେ କେବଳ ଯାହା ହାତରେ ଦେଇ ଆସିବେ ସେ ଠିକ୍ ପଡୁନାହିଁ । କାବୁଲଙ୍କଥାଟା ଛେଟେ ପୁନର୍ମୂଷିକୋଭବ ହେଲା ।

---

## ଲୋକସଂଖ୍ୟା ।

ଅଳ୍ପକାଳ ସଙ୍ଗତିରେ ଲୋକସଂଖ୍ୟାର ଧୂମ ଲାଗିଅଛି । ଯେଉଁଅଡ଼େ ଦେଖ ସଂଖ୍ୟାକାରମାନେ ବନ୍ଧୁବର୍ଗଙ୍କ ପୋଥିପ୍ରାୟ ଖଣ୍ଡିଏ ୨ ଖାତା ଘେନି ବୁଲୁଅଛନ୍ତି ଏବଂ ଲୋକଙ୍କ ନାମ ଗୋତ୍ର ଇତ୍ୟାଦ ନାନାକଥା ପତ୍ରରେ ଲେଖୁଅଛନ୍ତି । ଅଧିକାଂଶ ଲୋକଙ୍କୁ ଲୋକସଂଖ୍ୟାର ପ୍ରକୃତ ତାତ୍ପର୍ଯ୍ୟ ଜଣା ନାହିଁ ପ୍ରକାଶ୍ୟ ବା ଗୋପନରେ ସେମାନେ ଟାକ୍ସର ଭୟ କରୁଅଛନ୍ତି ଏଥିପାଇ ଭୁଲ ଗୃହଠା ସମ୍ବାଦ ଗୋପନ ରଖିବାକୁ ଚେଷ୍ଟା କରୁଅଛନ୍ତି । ଏ ଅବସ୍ଥାରେ ସଂଖ୍ୟାକାରଙ୍କୁ ଯଥେଷ୍ଟ ସାବଧାନ ହୋଇ କାର୍ଯ୍ୟ କରିବାର ଆବଶ୍ୟକ ଏବଂ ତହିଁପାଇ ଗବର୍ଣ୍ଣମେଣ୍ଟ ଉପଯୁକ୍ତ ଘୋଷଣା ଗଜେଟରେ ପ୍ରକାଶ କରି ଅଛନ୍ତି । ତନ୍ନ ଲୋକଙ୍କୁ ସେନ୍ସସର ପ୍ରକୃତ ଉଦ୍ଦେଶ୍ୟ ଏବଂ ତଦ୍‌ବିଷୟରେ ଯାହା କର୍ତ୍ତବ୍ୟ ସେଥିର ସଦୁପଦେଶ ସେମାନଙ୍କୁ ଦେବାର ସୁବ୍ୟବସ୍ଥା ହୋଇ ନାହିଁ ସୁତରାଂ ଲୋକଙ୍କର କୁସଂସ୍କାର ଭାଙ୍ଗୁ ନାହିଁ । ଏହିହେତୁ କେହି୨ ଆପଣା ଦ୍ୱାରରୁ ଟିକଟ ବାହାରକରି ପକାଇ ଦେଉଅଛନ୍ତି ଏବଂ କେହି୨ ସଂଖ୍ୟାକାରଙ୍କୁ ଘରେ ପଶିବାକୁ ଦେଉ ନାହାନ୍ତି କିମ୍ବା ଯଥାର୍ଥ ସମ୍ବାଦ ଦେବାକୁ ତ୍ରୁଟି କରୁଅଛନ୍ତି । ଲୋକସଂଖ୍ୟା ବିଷୟରେ ଯେଉଁ ନୂତନ ଆଇନ ହୋଇଅଛି ତହିଁରେ ଏ ସମସ୍ତ ଦଣ୍ଡନୀୟ ଅଟଇ ମାତ୍ର କେତେଲୋକ ଏହା ଜାଣନ୍ତି । ଆମ୍ଭେମାନେ ଅନୁମାନ କରୁଁ କି ପ୍ରଧାନ ସେନ୍ସସ କର୍ମଚାରମାନେ ଆପଣା୨ ଇଲାକାର ପ୍ରତ୍ୟେକ ବଜାର ବା ଗ୍ରାମର ମୁଖ୍ୟ ଲୋକଙ୍କୁ ଡାକ ଲୋକସଂଖ୍ୟାର ପ୍ରଧାନ ଉଦ୍ଦେଶ୍ୟ ସେମାନଙ୍କୁ ବୁଝାଇଦେଇ ଆପଣା୨ ବଜାର ବା ଗ୍ରାମବାସିଙ୍କୁ ତାହା କହିଦେବାର ଆଦେଶ କଲେ ଭଲ ହେବ ଏବଂ ତହିଁ ସଙ୍ଗେ ସେନ୍ସସ ଆଇନର ବିଧାନ ମଧ୍ୟ ସେମାନଙ୍କୁ ବୁଝାଇଦେବାର ଉଚିତ । ଆଉ ଧେଣ୍ଡରାଦ୍ୱାରା ଲୋକଙ୍କ କର୍ତ୍ତବ୍ୟତା ସେମାନଙ୍କୁ ଜଣାଇଦେବାର ଉଚିତ ତାହା ହେଲେ କାର୍ଯ୍ୟର ବିଶେଷ ସୁବିଧା ହେବ ସମସ୍ତଙ୍କ ମନରେ ଏହି କଥା ଦୃଢ଼ରୂପେ ଲଗାଇଦେବାର ଆବଶ୍ୟକ ଯେ ଟାକ୍ସ ନେବାନିମିତ୍ତ ଲୋକସଂଖ୍ୟା ହେଉ ନାହିଁ ତାହା କେବଳ ଲୋକଙ୍କ ହିତସକାଶେ ଅଟଇ । ଏପରି ଲୋକସଂଖ୍ୟା ଏକା ଭାରତବର୍ଷରେ ହେଉ ନାହିଁ ମାତ୍ର ପୃଥିବୀର ସମସ୍ତ ସଭ୍ୟରାଜ୍ୟରେ ଏହା ହୁଅଇ । ଲୋକସଂଖ୍ୟା ବିନା ଲୋକଙ୍କ ପ୍ରାଣ ରକ୍ଷା ଏବଂ ଉନ୍ନତି ସାଧନର ଯଥାର୍ଥ ଉପାୟ ହୋଇ ନ ପାରେ ।

ଉପସଂହାରରେ ବୋଲିବାର ଆବଶ୍ୟକ ଯେ ଲୋକସଂଖ୍ୟା ଫାରମ ସଙ୍ଗେ ଯେଉଁ ଉପଦେଶମାନ ଛପା ହୋଇଅଛି ସେ ସମସ୍ତ ପଢିବାକୁ ବଡ କଷ୍ଟ ହେଉଅଛି । ଏ ନିୟମାବଳୀ ଅତି ପରିଷ୍କାରରୂପେ ଛପା ହେବାର ଉଚିତ ଥିଲା । ମୋଫସଲୀ ଏବଂ ଶତକାଢଲୋକେ ଯେ ଏହାକୁ ପଢି ସମସ୍ତ ବୁଝିପାରିବେ ଏଥିରେ ଆମ୍ଭମାନଙ୍କର ଭାରି ସନ୍ଦେହ ରହିଅଛି । ଗବର୍ଣ୍ଣମେଣ୍ଟ ସାମାନ୍ୟ ବ୍ୟୟ ଲାଘବ କରିବାକୁ ଯାଇ କାର୍ଯ୍ୟର ଭାରି ଅସୁବିଧା କରିଅଛନ୍ତି ।

---

## ଫାଷ୍ଟଆର୍ଟସ୍ ଓ ପ୍ରବେଶିକା ପରୀକ୍ଷାର ଫଳ ।

ଓଡିଶାରେ ତଳ ଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା;—

### ଫାଷ୍ଟଆର୍ଟସ୍—କଟକ କଲେଜ ।

୧ମ ଶ୍ରେଣୀ ।

ଶ୍ରୀ ମନମୋହନ ଚକ୍ରବର୍ତ୍ତୀ

୨ୟ ଶ୍ରେଣୀ ।

ଶ୍ରୀଗୋକୁଳାନନ୍ଦ ଚୌଧୁରୀ ଶ୍ରୀବ୍ରହ୍ମାନନ୍ଦ ଦାସ
ଚନ୍ଦ୍ରଶେଖର ଘୋଷ

୩ୟ ଶ୍ରେଣୀ ।

ଶ୍ରୀନାରାୟଣ ଦାସ ବାନର୍ଜ୍ଜୀ ଶ୍ରୀଗୋପାଳବଲ୍ଲଭ ଦାସ
ଶ୍ରୀଅଶ୍ୱିନୀକୁମାର ଘୋଷ ଶ୍ରୀଜଗଦାନନ୍ଦ ପଟ୍ଟନାୟକ

### ପ୍ରବେଶିକା ପରୀକ୍ଷା ।

କଟକ ଏକାଡେମୀ ।

ପ୍ରଥମ ଶ୍ରେଣୀ ।

ଶ୍ରୀ ଅକ୍ଷୟଚନ୍ଦ୍ର ରାୟ

୨ୟ ଶ୍ରେଣୀ ।

ଶ୍ରୀ ଗୁରୁପ୍ରସାଦ ଦାସ

ରେଭେନ୍‌ସା କଲେଜ ।

୨ୟ ଶ୍ରେଣୀ ।

ଶ୍ରୀ ଶରତଚନ୍ଦ୍ର ବକ୍ସୀ ଶ୍ରୀ ନଗେନ୍ଦ୍ରନାଥ ମୁର୍ଦ୍ଧା
ଶ୍ରୀ ସଦାଶିବ ଦାସ ଶ୍ରୀ ମହମ୍ମଦ କମିରୁଦ୍ଦୀନ
ଶ୍ରୀ ରଜନୀକାନ୍ତ ମୁର୍ଦ୍ଧା ଶ୍ରୀ ହରିହର ପାଇକ
ଶ୍ରୀ ଦାମୋଦର ପଟ୍ଟନାୟକ ଶ୍ରୀ ଗୋପାଳବନ୍ଧୁ ପଟ୍ଟନାୟକ

୩ୟ ଶ୍ରେଣୀ ।

ଶ୍ରୀ ଉମାଚରଣ ଦାସ ଶ୍ରୀ ବ୍ରଜବଲ୍ଲଭ ଘୋଷ

ବାଲେଶ୍ୱର ।

୨ୟ ଶ୍ରେଣୀ ।

ଶ୍ରୀ ଗଗନବିହାରୀ ଚୌଧୁରୀ ଶ୍ରୀ ଉଦୟନାରାୟଣ ଦାସ
ଶ୍ରୀ ଶାରଦାପ୍ରସାଦ ଦତ୍ତ ଶ୍ରୀ ବୃନ୍ଦାବନ ଘୋଷ
ଶ୍ରୀ ଶ୍ରୀଧର ଗିରି ଶ୍ରୀ ରାମପ୍ରସାଦ ନନ୍ଦୀ
ଶ୍ରୀ ଯଦୁ ନାୟକ

୩ୟ ଶ୍ରେଣୀ ।

ଶ୍ରୀ ବୈକୁଣ୍ଠନାଥ ଦାସ

ପୁରୀ ।

୨ୟ ଶ୍ରେଣୀ ।

ଶ୍ରୀ ଜଗନ୍ନାଥ ଦାସ ଶ୍ରୀ ମଧୁସୂଦନ ରାୟ

୩ୟ ଶ୍ରେଣୀ ।

ଶ୍ରୀ ଧାରଣୀପ୍ରସାଦ ଦେ ଶ୍ରୀ ହରିସିଂହ ମିଶ୍ର

ଲକ୍ଷ୍ମଣନାଥ ।

୨ୟ ଶ୍ରେଣୀ ।

ଶ୍ରୀ ଗୋବିନ୍ଦଚନ୍ଦ୍ର ସରକାର

ଏ ବର୍ଷ ବଙ୍ଗ ପ୍ରଦେଶରେ ଫାଷ୍ଟଆର୍ଟସରେ ପ୍ରଥମ ଶ୍ରେଣୀରେ ଜ ୩୨ ଣ ୨ୟ ଶ୍ରେଣୀରେ ଜ ୧୩୨ ଣ ଏବଂ ୩ୟ ଶ୍ରେଣୀରେ ଜ ୨୨୪ ଣ ସର୍ବସୁଦ୍ଧା ଜ ୩୯୮ ଣ ପାସ କରିଅଛନ୍ତି । ପ୍ରାର୍ଥୀଙ୍କ ସଂଖ୍ୟା ଜ ୯୮୩୧ ଣ ଥିଲା ।

ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଜ ୪୧୬ ଣ ୨ୟ ଶ୍ରେଣୀରେ ଜ ୯୫୨ ଣ ଏବଂ

Digitized by srujanika@gmail.com

ତୀୟ ଶ୍ରେଣୀରେ ତ ୨୯୭ଣ ସର୍ବସୁଦ୍ଧା ୧୭୭୪ ଜଣ ପାସ କରଅଛନ୍ତି ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ତ ୨୨୯୨ ଣ ଥିଲା । ଏ ବର୍ଷ ଉଭୟ ପରୀକ୍ଷାର ଫଳ ପ୍ରୀତିକର ଅଟଇ । ଗତ ବର୍ଷଠାରୁ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁତର ଅଧିକ ହୋଇ ନ ଥିଲେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କ ସଂଖ୍ୟା ଅନେକ ଅଧିକ ହୋଇଅଛି ।

ଏହି ମୋଟଫଳ ତୁଳନାରେ ଓଡ଼ିଶାର ଫଳ ମଧ୍ୟ ଉତ୍ତମ ହୋଇଅଛି କାରଣ ଗତ ବର୍ଷ କେବଳ ତ ୪ ଣ ଫାଷ୍ଟ ଆର୍ଟସ ଏବଂ ତ ୧୭ ଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଯଥାକ୍ରମେ ତ ୮ ଣ ଏବଂ ତ ୨୫ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଫାଷ୍ଟ ଆର୍ଟସ ପରୀକ୍ଷାର ଫଳାଫଳରେ ଏକା ରେଭନ୍‌ଶାକଲେଜର ସମ୍ପର୍କ ଅଛି କାରଣ ଅନ୍ୟ କୌଣସିଠାରେ ଏ ପରୀକ୍ଷା ସକାଶେ ଛାତ୍ର ପ୍ରସ୍ତୁତ ହୁଅନ୍ତି ନାହିଁ । ଗତବର୍ଷ କେବଳ ତ ୪ ଣ ପାସ କରିଥିଲେ ଏଥର ତ ୧୧ ଣ ପ୍ରାର୍ଥୀଙ୍କ ମଧ୍ୟରୁ ତ ୮ ଣ ପାସ କରଅଛନ୍ତି ଏବଂ ତହିଁ ମଧ୍ୟରୁ ଏକ ଜଣ ପ୍ରଥମ ଶ୍ରେଣୀରେ ସ୍ଥାନ ପାଇଅଛି । ଏହା ଅବଶ୍ୟ କଲେଜ ପ୍ରତି ସୁଖ୍ୟାତିର ବିଷୟ ଅଟଇ ମାତ୍ର ସନ ୧୮୭୮ ସାଲରେ ଠିକ ଏହିପରି ଫଳ ଲାଭ ହୋଇଥିଲା ଏବଂ କଟକ କଲେଜ ହାଇସ୍କୁଲ ଥିବା ସମୟରେ ମଧ୍ୟ ଏହିପରି ଥରେ ହୋଇଥିଲା ସୁତରାଂ ଯେତେଟଙ୍କା ବ୍ୟୟରେ କଲେଜ ବସିଲା ତାଦୃଶ ଲାଭ ଅବଧି ମିଳ ନାହିଁ ଏବଂ ଏହି ବତ୍ସରରେ ଏବର୍ଷର ଫଳ ଉତ୍ତମ ହୋଇଥିଲେହେଁ ତାହା ଭାରି ପ୍ରଶଂସନୀୟ ବୋଲି କହି ନ ପାରୁଁ । କେବଳ ଏତକ ବୋଲଯାଇ ପାରେ କଲେଜର ଶିକ୍ଷକମାନେ ଉପଯୁକ୍ତ ଶିକ୍ଷା ଦେବାରେ ତ୍ରୁଟି କରି ନାହାନ୍ତି । ଏଠାରେ ଆମ୍ଭେମାନେ ମନମୋହନ ଚକ୍ରବର୍ତ୍ତିଙ୍କ ପ୍ରଶଂସା ନ କରି ଏ ପ୍ରସଙ୍ଗ ଶେଷ କରି ନ ପାରୁଁ । ସନ ୧୮୭୮ ର ପ୍ରବେଶିକା ପରୀକ୍ଷାରେ ସେହି ଏକା ଓଡ଼ିଶାରେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ ଏଥର ଫାଷ୍ଟଆର୍ଟସ ପରୀକ୍ଷାରେ ମଧ୍ୟ ପ୍ରଥମ ସ୍ଥାନ ପାଇଅଛନ୍ତି ।

ପ୍ରବେଶିକା ପରୀକ୍ଷା—କେବଳ ପ୍ୟାରୀବାବୁଙ୍କ ସ୍ଥାପିତ କଟକ ଏକାଡେମି ଓଡ଼ିଶାର ମର୍ଯ୍ୟାଦା ରକ୍ଷା କରଅଛି ଏହି ସ୍କୁଲରୁ ଯେଉଁ ଦୁଇଜଣ ଛାତ୍ର ପରୀକ୍ଷା ଦେଇଥିଲେ ତହିଁମଧ୍ୟରୁ ଏକଜଣ ପ୍ରଥମ ଏବଂ ଅପରଟି ଦ୍ୱିତୀୟ ଶ୍ରେଣୀରେ ପାସ କରଅଛି । ଓଡ଼ିଶାର ଆଉ କୌଣସି ସ୍କୁଲର ଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ନାହିଁ । ଏପରି ସୁଫଳ ସକାଶେ ଆମ୍ଭେମାନେ ପ୍ୟାରୀବାବୁଙ୍କ ମଙ୍ଗଳବାଦ କରୁଅଛୁଁ ତାହାଙ୍କର ଅର୍ଥବ୍ୟୟ ଓ ଅଧ୍ୟବସାୟ କ୍ରମଶଃ ଏପରି ସୁଫଳରେ ମଣ୍ଡିତ ହେବା ବଡ଼ ପ୍ରଶଂସାର ବିଷୟ ଅଟଇ । ଏ ଫଳ ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ କଲେଜ ଏବଂ ସ୍କୁଲମାନ ଭାରି ଲଜ୍ଜିତ ହେବେ ସନ୍ଦେହ ନାହିଁ । ଏତେ ଅର୍ଥବ୍ୟୟ ଏବଂ ତନଖିତଦାରକ ଏବଂ ଫଳ ଏପରି ସାମାନ୍ୟ । କେବଳ ଏହିବର୍ଷ ନୁହେ ଗତ ବର୍ଷ ମଧ୍ୟ ଏହିପରି ପ୍ରଥମ ଶ୍ରେଣୀରେ ଶୂନ୍ୟ ପଡ଼ିଥିଲା ।

କଟକ କଲେଜରୁ ତ ୧୦ ଣ ଛାତ୍ର ପ୍ରେରିତ ହୋଇଥିଲେ ସମସ୍ତେ ପାସ କରିବା ଯଦ୍ୟପି କି ସୁଖର ବିଷୟ ଅଟଇ ମାତ୍ର ଏଥିରେ କଲେଜର ସୁଖ୍ୟାତି ଆଦୌ ନାହିଁ । ପ୍ରଥମତଃ ଗୋଟାଏ କଲେଜରୁ ତ ୧୦ ଣ ମାତ୍ର ପରୀକ୍ଷାର୍ଥୀ ହେବା ମନ୍ଦ ଦ୍ୱିତୀୟତଃ ଜଣେ ହେବା ପ୍ରଥମ ଶ୍ରେଣୀରେ ସ୍ଥାନ ନ ପାଇବା ଆହୁରି ମନ୍ଦ ଅଟଇ । ସମସ୍ତ ପରୀକ୍ଷାର୍ଥୀଙ୍କର ପାସ ହେବାରୁ ଜଣାଯାଏ ଯେ ଶିକ୍ଷକମାନେ ଅତି କଠିନ ନିୟମରେ ଛାତ୍ର ବାଛି ପଠାଇଥିଲେ ଯେବେ ତାହା ନ କରି ଆଉ ୪।୫ ଜଣ ବା ଅଧିକ ପଠାଇଥାନ୍ତେ ତେବେ ସେମାନେ ମଧ୍ୟ ପାସ କରିଥାନ୍ତେ । ସେପରି ନ ହେବାରୁ କେହି କେହି ଛାତ୍ର ପ୍ରତି ଅନ୍ୟାୟ ବ୍ୟବହାର ହୋଇଅଛି ବୋଲିବାକୁ ହେବ । ଯେତେକାଳ ବିଦ୍ୟାଳୟର ପ୍ରଥମ ଶ୍ରେଣୀର ଅଧିକାଂଶ ଛାତ୍ର ପରୀକ୍ଷାର୍ଥୀ ନ ହେବେ ତେତେକାଳ ପରୀକ୍ଷାର ଫଳଦ୍ୱାରା ବିଦ୍ୟାଳୟର ଯଥାର୍ଥ ସୁଖ୍ୟାତି ହୋଇ ପାରିବ ନାହିଁ ।

ବାଲେଶ୍ୱର ସ୍କୁଲର ଫଳ ବଡ଼ ପ୍ରୀତିକର ଅଟଇ । ଗତ ବର୍ଷ ତ ୫ ଣ ପାସ କରିଥିଲେ ଏ ବର୍ଷ ତ ୧୦ ଣ ପରୀକ୍ଷାର୍ଥୀ ମଧ୍ୟରୁ ତ ୮ ଣ ପାସ କରଅଛନ୍ତି କେହି ଜଣେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ ଭାରି ପ୍ରଶଂସାର କଥା ହୋଇଥାନ୍ତା ତଥାପି ଏଠାର ଫଳକୁ ଆମ୍ଭେମାନେ କଟକଠାରୁ ଉତ୍କୃଷ୍ଟ ଜ୍ଞାନ କରୁଁ ।

ପୁରୀ ସ୍କୁଲରୁ ଗତ ବର୍ଷ କେବଳ ୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ୨ୟ ଓ ୩ୟ ପ୍ରତ୍ୟେକ ଶ୍ରେଣୀରେ ୨ଜଣ ଲେଖାଏ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସୁତରାଂ ଏ ଫଳ ଉତ୍ତମ ଅଟଇ ଏବଂ ଏଠାର ଅବସ୍ଥା ଦୃଷ୍ଟିରେ ଏଥିରୁ ଭଲ ଫଳ ଆଶା କରିବା ଅଧିକ ଅଟଇ ।

---

ଆମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖି ଅଛନ୍ତି କି —

ଏ ଯାଜପୁର ନଗର ନିବାସୀ ସମସ୍ତ ଭଦ୍ରଲୋକ ଓ ଜମିଦାର ଓ ଅମଲା ପ୍ରଭୃତି ବାରୁଣୀଠାରେ ସରସ୍ୱତୀ ପୂଜା କରିବାର ମାନସ କରି ଚାନ୍ଦା ସଂଗ୍ରହ କରୁ ଅଛନ୍ତି ଓ କଲିକତାରୁ କାରିଗର ଆସି ପ୍ରତିମାମାନ ଗଠନ କରିବାରେ ନିଯୁକ୍ତ ହୋଇ ଅଛନ୍ତି । ଏନଗରକୁ କାବୁଲଦେଶ ନିବାସୀ ଏକ ମହାଜନ ଆସି ଏଠା ନିବାସୀ ନିତାନ୍ତ ଗରିବ ଲୋକଙ୍କୁ କପଡ଼ାମାନ ଉଠାଣ ଦେଇ ସେମାନଙ୍କ ନାମ ଆପଣା ଖାତା ବହିରେ ଲେଖି ଅଛନ୍ତି କେହି କେହି ମଧ୍ୟ ଦଶ ପାଞ୍ଚଟଙ୍କାର କପଡ଼ା ଉଠାଣ ନେଇ କୃତ୍ରିମନାମ ଖାତାରେ ଲେଖାଇ ଦେଇ ଅଛନ୍ତି । ଉକ୍ତ ମହାଜନ କାହାରିଠାରୁ ନଗଦ ମୂଲ୍ୟ ନେଇ କପଡ଼ା ବିକ୍ରୀ କରିବାକୁ ଅସ୍ୱୀକାର ହେଉ ଅଛନ୍ତି ଏହେତୁ ଲୋକମାନଙ୍କ ମନରେ ନାନାବିଧପ୍ରକାର ସନ୍ଦେହ ଜାତ ହୋଇଅଛି । ବର୍ତ୍ତମାନ ଏ ନଗରରେ କୌଣସି ରୋଗର ପ୍ରାଦୁର୍ଭାବ ନାହିଁ ଧାନ ଚାଉଳ ଶସ୍ତା ହୋଇଥିବା ଯୋଗୁଁ ଲୋକମାନେ ଏକପ୍ରକାର ଆନନ୍ଦରେ ଅଛନ୍ତି । ବର୍ତ୍ତମାନ ଟ ୧ ଙ୍କାକୁ ମୋଟ ଚାଉଳ ସେ ୨୮ ର ଓ ସରୁ ସେ ୨୪ ର ହିସାବ ପ୍ରାପ୍ତ ହେଉଅଛି । ମଫସଲର କୌଣସି କୌଣସି ସ୍ଥାନରେ ଓଲାଉଠା ଓ ବସନ୍ତରୋଗ ପ୍ରବଳ ହୋଇ ଥିବାର ଶୁଣାଯାଏ ଆଜରେ ଶ୍ରୀଯୁତ କଲେକ୍ଟର ସାହେବ ଏ ମୁକାମରେ ଦର୍ଶନ ହୋଇ ଅଛନ୍ତି ଏକହପ୍ତା ପର୍ଯ୍ୟନ୍ତ ଏ ମୁକାମରେ ରହିବେ ।

---

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ପର୍ମି ସାହେବ ଗତ ଶୁକ୍ରବାର ମୋଫସଲ ଗସ୍ତରୁ ଫେରି ଆସି ଲେଫ୍‌ଟନେଣ୍ଟ ଗବର୍ଣ୍ଣରଙ୍କୁ ଭେଟିବା କାରଣ କଟକ ଘରକୁ ଗଲେ । ଶୁଣାଯାଏ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସେଠାରେ ଏକ ସପ୍ତାହ ରହିବେ ।

ଆମ୍ଭେମାନେ ଶୁଣୁଅଛୁଁ ଯେ ବାବୁ ଦୀନନାଥ ବାନର୍ଜ୍ଜୀ ପୁଣି ଗଞ୍ଜାମବର ପୁଷ୍କରିଣୀ ବିଷୟରେ ଷ୍ଟେଟ ଲାଟ ସାହେବଙ୍କ ନିକଟକୁ ଏକ ଦରଖାସ୍ତ ପଠାଇଥିଲେ ଏବଂ ତହିଁର ରିପୋର୍ଟ ଷ୍ଟାଣ୍ଡାର୍ଡ ହାକିମଙ୍କଠାରୁ ତଲବ ହୋଇଅଛି । ଥରକୁଥର ରିପୋର୍ଟ ତଲବ କରିବାରେ ଲାଭ କଣ ଆମ୍ଭେମାନେ ବୁଝି ପାରୁନାହୁଁ । ଏ ପୁଷ୍କରିଣୀର ଦୁରବସ୍ଥା କହିଲେ ସରିବ ନାହିଁ ସମୟ ସମୟରେ ଦୁର୍ଗନ୍ଧରେ ବାଟ ଚାଲିବା କଷ୍ଟ ହୁଅଇ ମାତ୍ର ଷ୍ଟାଣ୍ଡାର୍ଡ ହାକିମଙ୍କର ତହିଁ ପ୍ରତି ଆସ୍ଥା ନାହିଁ । ଏଣିକି କିପରି ଭଲ ହେବ ।

ହାଜି ଅବଦୁର ରହମାନ ମୁସା ଯେଉଁ କ୍ଷୁଦ୍ର ଜାହାଜ କଲିକତାରୁ ଅଣାଉଅଛନ୍ତି ତାହାକୁ ଚାନ୍ଦବାଲି ଏବଂ କଟକ ମଧ୍ୟରେ ପଥିକ ଓ ଦ୍ରବ୍ୟାଦି ବହିବାରେ ନିଯୁକ୍ତ କରିବାରୁ ସରକାରୀ ଜାହାଜ ସଙ୍ଗେ ଏଥିମଧ୍ୟରେ ଟଣାଟଣି ଲାଗିଲାଣି । ଦୁଇଖଣ୍ଡ ଜାହାଜ ଏହି କାର୍ଯ୍ୟରେ ଚାଲିପାରେ କି ନା ଶୀଘ୍ର ଦେଖାଯିବ । ଅସ୍ମାନଙ୍କ ବିବେଚନାରେ ଏକାଦିନରେ ପାଠ ନ କରି ପୃଥକ କରିବାର ଭଲ ।

ପୁରୀରେ ଏବର୍ଷ ବସନ୍ତ ରୋଗ ବଡ଼ ପ୍ରବଳ ହୋଇଅଛି ଓ କେତେ ଲୋକ ଏଥିରେ ମରି ପଡୁଅଛନ୍ତି ।

Split by PDF Splitter
Digitized by srujanika@gmail.com

ନେପାଳର ପ୍ରଧାନ ମନ୍ତ୍ରୀ ପରବାହାରେ କଲିକତାରୁ ସମୁଦ୍ର ବାଟେ ପୁରୀକୁ ଆସି ଶ୍ରୀଜୀଉଙ୍କ ଦର୍ଶନ ଲାଭକରି ଗତମାସ ତା ୭ ରିଖ ମଧ୍ୟାହ୍ନ ସମୟରେ ବାହୁଡି ଗଲେ । ତାହାଙ୍କର ଦର୍ଶନାର୍ଥ ବିଷୟରେ କୌଣସିକଷ୍ଟ ହୋଇ ନାହିଁ ।

ଏଠା ଏକ୍‌ଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁକ୍ତ କୁକ ସାହେବଙ୍କର ଦୟାର କଥା ଶୁଣି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଶୁଣିଲୁଁ ଉଦରଶଙ୍ଖ ଜଣେ ପ୍ରଜା ଉପଯୁକ୍ତ ଷ୍ଟାମ୍ପ ଖଣ୍ଡେ ଦଲିଲରେ ନ ଲଗାଇ ଥିବାରୁ ତାହା କୁକ ସାହେବଙ୍କର ଦଣ୍ଡାଧୀନରେ ଥିଲା । କୁକସାହେବ ଉକ୍ତ ଦୁଃଖୀ ପ୍ରଜା ଉପରେ ଟ ୫୬ ଙ୍କା ଜରିମାନା କଲେ । କିନ୍ତୁ ସେହି ଦୁଃଖୀ ପ୍ରଜା ଜରିମାନା ଟଙ୍କା ଦେଇ ନ ପାରିବାର କହି ଅନେକ ଦୁଃଖ ପ୍ରକାଶ କରିବାରୁ ସାହେବ ପ୍ରଶଂସିତ ଜରିମାନାରୁ ଟ ୪୬ ଙ୍କା ଛାଡ଼ି ଦେଇ କେବଳ ଟ ୧୦ ଙ୍କା ଜରିମାନା ବାହାଲ ରଖିଲେ । ଅବଶ୍ୟ ଏଥିନିମନ୍ତେ କୁକ ସାହେବ ଅମ୍ଭମାନଙ୍କର ପ୍ରଶଂସାର ପାତ୍ର ଅଟନ୍ତି । ଉ, ଦ,

ଗତମାସ ତା ୨୮ ରିଖ କଲିକତା ପାଟନା ଢାକା ଓ କଟକରେ ମୁକ୍ତାର ପରୀକ୍ଷା ଗୃହୀତ ହେବାର ଦିନ ଧାର୍ଯ୍ୟ ହୋଇଅଛି ।

ଡେଇଲିନ୍ୟୁସ ଶୁଣି ଅଛନ୍ତି କି କଟକ ଡାକ ଘରର ସୁପରିଣ୍ଟେଣ୍ଡେଣ୍ଟ ବାବୁ ଶ୍ରୀନାଥମୁଖର୍ଜ୍ଜୀ ପେନ୍‌ସନ ନେବାରୁ ତାହାଙ୍କ କର୍ମରେ ବାବୁ ଅକ୍ଷୟକୁମାର ସାନ୍ୟାଲ ନିଯୁକ୍ତ ହେବେ । ଏ ବାବୁ ବର୍ତ୍ତମାନ କଲିକତା ଡାକଘରେ ଜଣେ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ସ୍ୱରୂପ କାର୍ଯ୍ୟ କରୁ ଅଛନ୍ତି ।

ବର୍ଦ୍ଧମାନର ମହାରାଜାଙ୍କ ଅସ୍ତବଲରେ ଏକପ୍ରକାର ମଡ଼କ ପଶି ଅନେକ ଗୁଡିଏ ଘୋଡ଼ା ନଷ୍ଟ କଲା । ସମ୍ପ୍ରତି ଘୋଡାଙ୍କ ଡାକ୍ତର ବେମ୍ସ ସାହେବଙ୍କ ଉପାୟରେ ରୋଗ ନିବାରଣ ହୋଇଅଛି । ଯେତେବେଳେ ମହାରାଜାଙ୍କର କାଳ ହୋଇ ଗଲା ସେତେବେଳେ ଏପ୍ରକାର ଅମଙ୍ଗଳମାନ ଘଟିବା ବିଚିତ୍ର ନୁହଇ ।

କଥିତ ହୁଅଇ ଯେ ସନ୍ତାଳ ସ୍ଥାନରେ ଯେଉଁ ଗୋଳମାଳ ଉପସ୍ଥିତ ହୋଇଥିଲା ତହିଁ ନିମିତ୍ତ କେତେକ ପରିମାଣରେ ସେଠାର ପୁଲିସ ଦାୟୀ ଅଟନ୍ତି । ପୁଲିସ କର୍ମଚାରୀଙ୍କ ମଧ୍ୟରୁ କେହି୨ ସେନ୍‌ସସ୍ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ ସେମାନେ ସେମାନଙ୍କଠାରୁ ପଇସାଏ ଲେଖାଏ ଦସ୍ତୁର ନେବାର ଉପକ୍ରମ କଲେ ଏବଂ ବୟସ ବୁଝିବା ଛଳରେ କେହି୨ ସ୍ତ୍ରୀର ଦେହରୁ ଲୁଗା ବାହାର କରିବାର ଚେଷ୍ଟା କଲେ । ପୁଲିସର ଅସାଧ୍ୟ କିଛି ନାହିଁ ।

ବଙ୍ଗ ପ୍ରଦେଶରେ ଏବର୍ଷ ଉତ୍ତମ ଶସ୍ୟ ଜନ୍ମିଅଛି । ସମସ୍ତ ସ୍ଥଳରେ ଚାଉଳର ଦର ଶସ୍ତା ହୋଇଅଛି । ବର୍ତ୍ତମାନରେ ସୁଦ୍ଧା ଟଙ୍କାକୁ ସେ ୨୨ ର ଠାରୁ ସେ ୨୮ ର ପର୍ଯ୍ୟନ୍ତ କଟୁଥିଲେ ସେ ୩୦ ର କାଲେଶ୍ୱରରେ ସେ ୪୭ ର ଏବଂ ପୁରରେ ସେ ୩୫ ର ହୋଇଅଛି ।

ସିଂହଳ ଦ୍ୱୀପରେ ସୁବର୍ଣ୍ଣ ପ୍ରାପ୍ତି ହୋଇଅଛି । ଗୋଟାଏ ନଦୀ ମଧ୍ୟରୁ ଖଣ୍ଡେ ପଥର ଏବଂ ଉତ୍ତମ ସୁନା ମିଳିଥିଲା । ସୁବର୍ଣ୍ଣମୟୀ ଲଙ୍କା ବୋଲି ପୂର୍ବରୁ ଖ୍ୟାତ ଅଛି । ଏଠାରେ ଯେ ଏତେଦିନ ସୁନା ମିଳି ନ ଥିଲା ଏହାର ଆଶ୍ଚର୍ଯ୍ୟ । ଶ୍ୟାମ ଦେଶରେ ମଧ୍ୟ ପାୟା ଯାଉଅଛି ।

[illegible] ପଣ୍ଡିତା ରମାବାଈ ନାମରେ ଜଣେ ସ୍ତ୍ରୀ ଦ୍ୱାରିକା ତୀର୍ଥ ପର୍ଯ୍ୟଟନ କରି କମେ ଏଥର ନାସିକ ନଗରରେ ସମ୍ପ୍ରତି ଉପସ୍ଥିତ ହୋଇଅଛନ୍ତି ଏବଂ ସେଠାରେ ସ୍ତ୍ରୀ ଶିକ୍ଷା ବିଷୟରେ କେତେଥର ବକ୍ତୃତା କରିଅଛନ୍ତି ତାହାଙ୍କ ବକ୍ତୃତା ଶୁଣିବାକୁ ଅନେକ ଲୋକ ଅସହ ସହିତ ଏକତ୍ର ହେଉଅଛନ୍ତି । [illegible]

ବଙ୍ଗଳାର ପୋଷ୍ଟମାଷ୍ଟର ଜେନରଲ ଶ୍ରୀଯୁକ୍ତ ଏଚ୍ ଯେମସ ସାହେବ ଏଥିମଧ୍ୟରେ ମେଦିନୀପୁର ଏବଂ କଟକକୁ ଗସ୍ତ କରି ଆସିବାର ମନସ୍ଥ କରିଅଛନ୍ତି ।

ମାଞ୍ଚେଷ୍ଟରରେ ଭାରତବର୍ଷୀୟ ଅଫିମ କମିଟିରେ ଗୋଟିଏ ସଭା ହୋଇଥିଲା । ସଭା ଧାର୍ଯ୍ୟ କଲେ ଯେ ଭାରତବର୍ଷୀୟ ଅଫିମ ବଳପୂର୍ବକ ଚୀନ ରାଜ୍ୟରେ ପ୍ରବେଶ କରାଇବା ଅତ୍ୟନ୍ତ ଅନ୍ୟାୟ ଅଟଇ । ଗବର୍ଣ୍ଣମେଣ୍ଟଙ୍କୁ ଉଚିତ କି ଏ ବ୍ୟବସାୟ ଶୀଘ୍ର ଛାଡ ଦେବାର ଚେଷ୍ଟା କରିବେ । ଅମ୍ଭେମାନେ ଭରସା କରୁଁ କି ଯେଉଁମାନେ ଅଫିମ ବ୍ୟବସାୟ ବିରୋଧୀ ସେମାନେ ଏହାଦ୍ୱାରା ଭାରତବର୍ଷର ଯାହା କ୍ଷତି ହେବ ତାହା କେଉଁଠାରୁ ଟାକ୍ସଦ୍ୱାରା ପୂର୍ଣ୍ଣ କରିବାକୁ ଚେଷ୍ଟା କରିବେ । ଏଥିରେ ଅନ୍ତତଃ ବାର୍ଷିକ ୭ କୋଟି ଟଙ୍କା ଅମ୍ଭମାନଙ୍କର କ୍ଷତି ହେବ ।

ରଙ୍ଗପୁର ଜିଲ୍ଲା ଅନ୍ତର୍ଗତ କାକନାର ଜମିଦାର ବାବୁ ମହିମାରଞ୍ଜନ ରାୟ ଚୌଧୁରୀ ରଙ୍ଗପୁର ନଗର ପରିଷ୍କାର ରଖିବାର ନାଳ କାର୍ଯ୍ୟ ସକାଶେ ଟ ୭୫୦୦୧ ଙ୍କା ଦାନ କରିଅଛନ୍ତି । ଏଥିନିମିତ୍ତ ଲେଫ୍‌ଟନାଣ୍ଟ ଗବର୍ଣ୍ଣର ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ନୀଳାମ୍ବର ପଟ୍ଟନାୟକ— ଆପଣ ଜମଜ ଠିକାମୋହରର ବନ୍ଦୋବସ୍ତ ବିଷୟରେ ଯାହା ଲେଖିଅଛନ୍ତି ତାହା ପ୍ରକାଶ କରିବାର ପ୍ରୟୋଜନ ନାହିଁ । ଶ୍ରୀଯୁକ୍ତ କଡନସାହେବ ବର୍ତ୍ତମାନ ବାଲେଶ୍ୱରରୁ ଶୁଭାଗମନ କରିଅଛନ୍ତି ତାହାଙ୍କଠାରେ ଦୁଃଖ ଜଣାଇଲେ ଅବଶ୍ୟ ସୁବିଚାର ହେବ ଏଥିରେ ସନ୍ଦେହ ନାହିଁ । ଆପଣ ଛପାଖର୍ଚ୍ଚା ଟଂ୦/ ପଠାଇ ଅଛନ୍ତି ତାହା ଆବଶ୍ୟକ ନ ଥିଲା ଇଚ୍ଛା ହେଲେ ଫେରି ନେଇ ପାରନ୍ତି ।

ଶ୍ରୀ——ନ—— ପ୍ରଜାମାନେ କଲେକ୍ଟର ସାହେବଙ୍କ ନିକଟରେ ଦରଖାସ୍ତ କରନ୍ତୁ ଅବଶ୍ୟ ତାହାଙ୍କର ମନୋରଥ ପୂର୍ଣ୍ଣ ହେବ । ପ୍ରୟୋଜନାନୁସାରେ ସଡକ ପାଇବେବୋଲି ପ୍ରଜାମାନେ ପଥକର ଦେଉଅଛନ୍ତି ଏବଂ ସେହି ଟଙ୍କାରୁ ସେମାନେ ସଡକ ପାଇପାରିବେ ଅନ୍ୟ କେହି ନିଜଖର୍ଚ୍ଚରେ କରି ନ ଦେଲେବୋଲି ସେଥିରେ ଅଭିମାନର କାରଣ କି ?

## ପ୍ରେରିତ ପତ୍ର ।

ଶ୍ରୀମଦୁତ୍କଳଦୀପିକା ମୁଦ୍ରାକ୍ଷରଶାଳାଧିକାରୀ ମହାଶୟେଷୁ ।

ମହାଶୟ !

ଆପଣଙ୍କ ପତ୍ରିକାରତ୍ନର ଏକପାର୍ଶ୍ୱରେ ଏତନ୍ନିମ୍ନଲିଖିତ ବଚନ ସ୍ଥାନଦାନ ଦେବେ ଆମ୍ଭ ନିକଟବର୍ତ୍ତୀ ବରଂପୁର ସହରରେ ୬୦ବର୍ଷ ବୟସର ଏକ ବାଳକ ଟ୧୦୦୦ ଙ୍କା କନ୍ୟାଶୁଳ୍କ କନ୍ୟାର ପିତା ମାତାଙ୍କୁ ଦେଇଁ ବ ୭।୮ ମାସିୟା ବାଳିକାଗୋଟିକୁ ବିବାହ ହୋଇଯାଇଛି, ହାୟର ବୃଥବାଳକତ ଦୁଃଖକୁ ଟଙ୍କା ଛଡଦେବ ପରା ? ଧନାଶା କ ନ କରେ ? ୫।୧।୮୧

ବଶଂବଦ

ଶ୍ରୀ ନାରାୟଣ ବଡଯେନା ସାନ୍ତ ।

## NOTICE.

The Cuttack Academy will reopen on the 17th instant candidates for admission into the Entrance class should register their names before 31st of this month.

CUTTACK
12th January
1881

BULARAM DASS
*for Secretary,*

## ବିଜ୍ଞାପନ ।

କଟକ ଜିଲ୍ଲା ଅନ୍ତର୍ଗତ । ଗ୍ରା । କରୁଅ ଭଦେପୁର ଗାଁର ... ଲର ସ୍କୁଲ ନିମିତ୍ତ ଏକଜଣ ପ୍ରଧାନ ଶିକ୍ଷକ ବେତନ ଟ ୧୫ ଏବଂ ଦ୍ୱିତୀୟ ଶିକ୍ଷକ ବେତନ ଟ ୫୧ ଙ୍କାରେ ଆବଶ୍ୟକ ଯେଉଁମାନେ କଚ୍ଛ-ଇଂରାଜୀ ଜାଣିଥିବେ ସେମାନଙ୍କ ଦରଖାସ୍ତ ବିଶେଷ ଆଦରଣୀୟ ହେବ । ଶ୍ରୀଯୁକ୍ତ ଡେପୁଟି ଇନ୍‌ସ୍ପେକ୍ଟର-ଙ୍କଠାରେ ଏହିମାସ ତା ୨୫ ରିଖ ମଧ୍ୟରେ ଦରଖାସ୍ତ କରିବାକୁ ହେବ ଓ ଦରଖାସ୍ତର ଏକଖଣ୍ଡ ନକଲ ସେକ୍ରେଟରୀ ଇନ୍‌ସ୍ପେକ୍ଟରଙ୍କ ନିକଟକୁ ପଠାଇବାକୁ ହେବ ।

। ଗ୍ରା । କରୁଅ
। ମୌ । ଭଦେପୁର
୧୨।୧।୮୧

ସ୍ୱାକ୍ଷର ଶ୍ରୀ ରଘୁନାଥ ଦାସ
ସମ୍ପାଦକ

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ [illegible] ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ତଳଲିଖିତ ଦରରେ ମିଳିପାରେ ଯଥା,

ଡାକମାସୁଲ ସହିତ ୪ଆଉନ୍‌ସକୁ ଟ୬ଙ୍କା । ୮ଆଉନ୍‌ସକୁ ଟ୧୧ଙ୍କା । ୧୬ ଆଉନ୍‌ସକୁ ଟ ୨୦୩ ଙ୍କା । ମୂଲ୍ୟ ନଗଦ ।

ମଧୁସୂଦନ ରାଓ କୃତ ପ୍ରବନ୍ଧମାଳା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଅଫିସରେ ବିକ୍ରୀ ହେଉଅଛି ମୂଲ୍ୟ ଟ ୦ ୧୦

କଟକ
୧୨-୧-୮୧

BULRAM DASS

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଭଗବାନ ଘୋଷ | କଟକ | କଲ୍ୟାଣ | ଟ ୩୧ |
| ମୁନସି ସୁଲତାନ ମହମ୍ମଦ | ,, | ,, | ଟ ୩୧ |
| ବାବୁ ସଦାନନ୍ଦକେହେରୀ | ,, | ,, | ଟ ୩୧ |
| ,, ଚନ୍ଦ୍ରଶେଖର ମୁଖର୍ଜ୍ୟା | ,, | ,, | ଟ ୩୧ |
| ଡାକ୍ତର ସ୍ମିତ ସାହେବ | ,, | ,, | ଟ ୩୧ |
| ଡବ୍‌ଲିଉ ବୁକ୍ ସାହେବ | ,, | ଅସ୍ପୀମ | ଟ ୩୧ |

ଏହି ଉତ୍କଳଦୀପିକା ସହର କଟକ ଚାନ୍ଦିନୀଚୌକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୧୫ରିଖ ମାହେ ଜାନୁଏରୀ ସନ ୧୮୮୧ ମସିହା ।

## NOTIFICATION.

The 2nd December 1880. Under the powers conferred on him by sec : 7 of the Census act (Act XIV. of 1880) the Lieutenant Governor directs the issue of the following instructions for the guidance of census officers in all districts within the Jurisdiction of the Lieutenant Governor of Bengal, except such tracts as may hereafter be specially exempted by notification in the Calcutta Gazette.

Every census officer may ask of all persons within the limits of the local area for which he is appointed, such questions as may be necessary to enable him to fill, in respect of each of such persons, the particulars required by the following form of schedule ; but no census officer shall insist upon recording the name of any woman if there is any objection to giving it, or ask to see any female who is not voluntarily produced before him or ask for any information not required for the purposes of the census, such as the amount of any person's income or the name of any woman's husband.

### FORM OF ENUMERATORS SCHEDULE.

DISTRICT__________ SUB-DIVISION__________ THANNAH________ CIRCLE No

( Circle officer ) Village__________

( No.________ ) Enumerator of Block No.________

House No.

| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12. |
|---|---|---|---|---|---|---|---|---|---|---|---|
| | | | | | Religion. | | | | | Education. | Infermities. |
| Serial number of each inmate | Name | Condition i. e. whether married, unmarried, widow or widower. | Sex | Age last birth day | Religion | Caste if Hindu sect if of other religion. | Mother tongue | * † § Place of birth. | ¶ Occupation of men ; also of boys & females who may do work. | 1 Under instruction 2 Not under instruction but able to read & write 3 Not under instruction, & not able to read & write | 1 Unsound mind 2 Deaf mutes from birth 3 Blind 4 Lepers |
| | | | | | | | | | | | |

* If a European British subject add British subject.
† If a mixed European & Asiatic parentage add Eurasian.
§ If a foreigner, state of what country.
¶ Boys at school, girls, small children, and women who perform no regular work should not be shewn at all under Col : 10.

(Sd.) COLMAN MACAULAY
*Offg Secretary to the Government of Bengal.*

Digitized by srujanika@gmail.com

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକ ସବୁ କଟକପ୍ରିଣ୍ଟିଂ କମ୍ପାନିର ଯନ୍ତ୍ରାଳୟରେ ଅଥବା ଅମ ନିକଟରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ ।

| | | |
|---|---|---|
| ଉତ୍କଳମଣି । | ଖ ୧ | ଟ ॰ ।୵ |
| ଭାଗବତ ଗୀତା | ଖ ୧ | ଟ ॰ ।୵ |
| ଅଲମଚନ୍ଦ୍ରବଜାର କଟକ | ଶ୍ରୀ ଦଶୀରଥି ଖାଟିଆ | |

ଏତଦ୍ୱାରା ସର୍ବସାଧାରଣଙ୍କୁ ବିଜ୍ଞାପନ ଦିଆଯାଉଅଛି କି ଅନ୍ୟ ବିଜ୍ଞାପନ ବାହାରିବା ପର୍ଯ୍ୟନ୍ତ କଟକ ଓ ଚାନ୍ଦବାଲି ମଧ୍ୟରେ ଏକ କିମ୍ବା ଅଧିକ ସରକାରୀ ଅଗ୍ନିବୋଟ ଟଣାବୋଟମାନଙ୍କ ସହିତ ପଥିକ ଓ ଦ୍ରବ୍ୟାଦି ନେଇ ଯାତାୟାତ କରିବ ଏବଂ ପଥ ମଧ୍ୟରେ ନାନାସ୍ଥାନରେ ପଥିକ ଓ ଦ୍ରବ୍ୟ ବୋଝାଇ ନେବ ଏବଂ ଓହ୍ଲାଇ ଦେବ ।

କଟକ ଓ ଚାନ୍ଦବାଲିରୁ ଯାତ୍ରା କରିବାର ସମୟ ଓ ଭଡ଼ାର ନିର୍ଣ୍ଣୟ ନିମ୍ନେ ଲେଖାଗଲା । ଯଥା ;—

ଅଗ୍ନିବୋଟ ଟଣାବୋଟ ସହିତ ପ୍ରତି ମଙ୍ଗଳବାର ସକାଳ ୬ଘଣ୍ଟା ସମୟରେ ଜୋବ୍ରା ଲକ୍‌ଠାରେ ଥିବା ସରକାରୀ ଘାଟରୁ ଯାତ୍ରା କରିବ ଏବଂ ପ୍ରତି ଶୁକ୍ରବାର ଅପରାହ୍ନ ୨ଘଣ୍ଟା ସମୟରେ ଚାନ୍ଦବାଲିରୁ ଯାତ୍ରା କରିବ ମାତ୍ର କଲ୍‌କତାରୁ ଜାହାଜ ପହଞ୍ଚିବା ଦୃଷ୍ଟିରେ ଚାନ୍ଦବାଲିରୁ ବାହାରିବାର ସମୟ ପରିବର୍ତ୍ତନ ହେବ ।

ଭଡ଼ା କଟକଠାରୁ ଚାନ୍ଦବାଲିକୁ

| | | | |
|---|---|---|---|
| ପ୍ରଥମ ଶ୍ରେଣୀର ପଥିକ | ଟ ୧୭ | ପୂର୍ଣ୍ଣ ହେଣ ସଣ୍ଡର ଛାଡ଼ | |
| ଦ୍ୱିତୀୟ " " | ଟ ୮ | ଏକ ନତ୍ତେଣ | " " |
| ତୃତୀୟ " " | ଟ ୨ | ଅର୍ଦ୍ଧ ନତ୍ତେଣ | " " |

ବାର୍ଷ ବର୍ଷରୁ ଉଣା ବୟସର ପିଲା ଭଡ଼ା ନାହିଁ
ବାର୍ଷ ବର୍ଷ ଉପର ବାର୍ଷ ବର୍ଷରୁ ଉଣା ଏକଚୌଥ ଭଡ଼ା
ବାର୍ଷ ବର୍ଷ ଉପର ବାର୍ଷ ବର୍ଷରୁ ଉଣା ଅର୍ଦ୍ଧ ଭଡ଼ା
} ସେମାନେ ଆପଣା ପିତାମାତା ଓ ସ୍ୱାମୀ ସଙ୍ଗରେ ଯିବେ ।

ବାକ୍ସ ପ୍ରଭୃତିର ଭଡ଼ା ପ୍ରତ୍ୟେକର ଆକୃତି ଅନୁସାରେ ଟ ॰। ଠାରୁ ଏକଟଙ୍କା ପର୍ଯ୍ୟନ୍ତ ହେବ । ମାଛ ବସ୍ତା ଏବଂ କଲ୍ ଚାଲୁଥିବା ବାଜସର ଭଡ଼ା ମାପ ଅନୁସାରେ ୪୦ସରମାଣ୍ଟୁ ଟ ॥ ଦରରେ ହେବ । ସୁନା ରୂପାର ଭଡ଼ା ଶତକରା ½ ଅଂଶ । ଲଗ ବାକ୍ସମାନ ୨୮ ମହଣର ଏକଟଙ୍କାରୁ ଟ ॥ ।

ବୋଟ ଉପରେ ରନ୍ଧି ଖାଇବା ପାଇଁ ଅଗିବାଦିର ଭଡ଼ା ଟ ୫ ବସି ଟ ୧୪ ପାଇବ ଖାଇ ଏବଂ ଗାଡ଼ି ଏ ବ ର ଖାର ଟ ୨୦ ।

### ମଧ୍ୟସ୍ଥିତ ସ୍ଥାନମାନଙ୍କର ଭଡ଼ା ନିର୍ଣ୍ଣୟ ।

ଶ୍ରେଣୀ

| | ୧ମ | ୨ୟ | ୩ୟ |
|---|---|---|---|
| କଟକଠାରୁ ଜଗତପୁର | ଟ ୦।୵ | ଟ ॰।୵ | ଟ ॰୵ |
| " କାଉଜଡ଼ିଆ | ଟ ୧।୦ | ଟ ॰॥୵ | ଟ ॰୵ |
| " କେନ୍ଦ୍ରପଟଣା | ଟ ୩।୵ | ଟ ୧୵୦ | ଟ ॰।୵ |
| " ଶ୍ୟାମଜନାଥପୁର | ଟ ୪୷ | ଟ ୨। | ଟ ॰।୵ |
| " କେନ୍ଦ୍ରାପଡ଼ା | ଟ ୫୵୦ | ଟ ୨୷ | ଟ ॰॥ |
| " ପତ୍ତାମୁଣ୍ଡେଇ | ଟ ୭୷ | ଟ ୩୷୦ | ଟ ୧। |
| ଭାମରପୁର | ଟ ୧୦ | ଟ ୪୵ | ଟ ୧୷ |
| ଚାନ୍ଦବାଲି | ଟ ୧୭ | ଟ ୮ | ଟ ୨ |

ଏଥିରେଉକ୍ତ ଯେ ସମସ୍ତ ସ୍ଥାନ ପରିଚ ତହିଁ ନିମିତ୍ତ ଅତିରିକ୍ତ ଭଡ଼ା ଲାଗିବ ନାହିଁ ।

ଉପରଲିଖିତ ଭଡ଼ା କେବଳ ପଥିକ ସକାଶେ ଅଟଇ ମାତ୍ର ଜାହାଜରେ ଜଣେ ଖାନସମା ହାର୍ଦ୍ଦି ବାସନ ଇତ୍ୟାଦି ସହିତ ରହିବ ଏବଂ ସେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପଥିକମାନଙ୍କଠାରୁ ଦାମ ନେଇ ଖାଦ୍ୟ ଯୋଗାଇବ । କିନ୍ତୁ ତାହାର ପ୍ରଥମ ଶ୍ରେଣୀର ଖର୍ଚ୍ଚା ଟ ୩ ଦ୍ୱିତୀୟ ଶ୍ରେଣୀର ଟ ୨ରୁ ଅଧିକ ହେବ ନାହିଁ । ଏଥିନିମନ୍ତେ ଅପଣାର ଖାଇବାର ବନ୍ଦୋବସ୍ତ କରିବା ପକ୍ଷରେ ପ୍ରଥମଶ୍ରେଣୀର ପଥିକଙ୍କ ପ୍ରତି ନିଷେଧ ଅଛି ।

ସେହିପରି କେବଳ କଟକ କେନ୍ଦ୍ରପଟଣା କେନ୍ଦ୍ରାପଡ଼ା ପତ୍ତାମୁଣ୍ଡେଇ ଭାମରପୁର ଏବଂ ଚାନ୍ଦବାଲି ସକାଶେ ନିମ୍ନଲିଖିତ ସ୍ଥଳରେ ଦ୍ରବ୍ୟର ଭଡ଼ା ହୋଇପାରେ । ଯଥା ;—

କଟକଠାରୁ କେନ୍ଦ୍ରପଟଣା ଆକୃତି ଅନୁସାରେ

ଟ ॰୵ ଠାରୁ ଟ ॰। ଟଙ୍କାପ୍ରତି ଟ ॰॥

| | | | | | | |
|---|---|---|---|---|---|---|
| " କେନ୍ଦ୍ରାପଡ଼ା ଅନୁତ | ଟ ॰୵ | " | ଟ ॰। | " | ଟ ୧॥ |
| " ପତ୍ତାମୁଣ୍ଡେଇ | " | ଟ ॰।୵ | " | ଟ ॰॥ | " | ଟ ୨ |
| " ଭାମରପୁର | " | ଟ ॰। | " | ଟ ॰॥ | " | ଟ ॥ |
| " ଚାନ୍ଦବାଲି | " | ଟ ॰। | " | ଟ ୧ | " | ଟ ॥ |

କଟକଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ମନୁଷ୍ୟ ଓ ଦ୍ରବ୍ୟର ଭଡ଼ା ଯେମନ୍ତ ଉପରେ ଲେଖାଗଲା ଚାନ୍ଦବାଲିଠାରୁ କଟକ ପର୍ଯ୍ୟନ୍ତ ସେହିପରି ହେବ

### ମଧ୍ୟବର୍ତ୍ତୀ ସ୍ଥାନମାନଙ୍କର ଭଡ଼ାର ନିର୍ଣ୍ଣୟ ।

| | ପ୍ରତି ବାକ୍ସ ପ୍ରଭୃତି | ପ୍ରତି ଟଙ୍କା | ୧ମ ଶ୍ରେଣୀ | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|---|---|---|
| ଚାନ୍ଦବାଲିଠାରୁ ଭାମରପୁର | ଟ ॰୵ ରୁ ଟ ॰। | ଟ ୧ | ଟ ୪॥ | ଟ ୨॥୵ | ଟ ॰। |
| ପତ୍ତାମୁଣ୍ଡେଇ | ଟ ॰୵ ରୁ ଟ ॰।୵ | ଟ ୨ | ଟ ୮।୵ | ଟ ୪୵୦ | ଟ ॰॥ |
| କେନ୍ଦ୍ରାପଡ଼ା | ଟ ॰୵ ରୁ ଟ ॰। | ଟ ୨। | ଟ ୧୦॥୵୦ | ଟ ୫।୵ | ଟ ୧। |
| ତାଳପୁର | ଟ ॰୵ | ଟ ୨॥ | ଟ ୧୧୷ | ଟ ୫॥ | ଟ ୧।୵ |
| ଶ୍ୟାମଜନାଥପୁର | ଟ ॰।୵୦ ରୁ ଟ ॰॥୵ | ଟ ୩୷ | ଟ ୧୨। | ଟ ୬। | ଟ ୧।୵ |
| କେନ୍ଦ୍ରପଟଣା | ଟ ॰। ରୁ ଟ ॰॥ | ଟ ୩। | ଟ ୧୩॥୵ | ଟ ୭।୵୦ | ଟ ୧॥ |
| କଟକ | ଟ ॰। ରୁ ଟ ୧ | ଟ ୪॥ | ଟ ୧୭ | ଟ ୮ | ଟ ୨ |

ଅଗ୍ନିବୋଟ ଓ ଟଣାବୋଟରେ କ ୭ ଜଣ ପ୍ରଥମଶ୍ରେଣୀ କ ୭ ଜଣ ଦ୍ୱିତୀୟଶ୍ରେଣୀ ଏବଂ ୨୭୦ ତୃତୀୟଶ୍ରେଣୀର ପଥିକ ବସି ପାରନ୍ତି ।

ନଦୀର ଅଟକ କିମ୍ବା ଅନ୍ୟ ଦୁର୍ଘଟନାର ପାଇଁ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ ନାହିଁ ମାତ୍ର ଉଚିତ ସମୟ ରକ୍ଷା ଓ ନିରାପଦ ନିଶ୍ଚୟ କରିବା ଏବଂ ଅଟକ ନିବାରଣ କରିବା ପକ୍ଷରେ ସମ୍ପୂର୍ଣ୍ଣ ଚେଷ୍ଟିତ ହେବେ ।

ପଥିକଙ୍କ ସୁବିଧା ନିମିତ୍ତ ଏସବୁ ସ୍ଥାନରେ କିଛାର ସ୍ଥଳରେ ଆବଶ୍ୟକ ସୋପାନମାନ ଅଛି । ଅନ୍ୟାନ୍ୟ ଲକ୍ ଏବଂ ସ୍ଥାନରେ ପାଏସଞ୍ଜେ ଲେଖାଏଁ ଅଟକ ରହିବ ।

କେନ୍ଦ୍ରାପଡ଼ା ଓ କେନ୍ଦ୍ରପଟ୍ଟଣା ସାଲେ ଅଧିସଞ୍ଜା ଲେଖାଏଁ ଏବଂ ସନ୍ଧ୍ୟାକାଳୀ ଓ ପତ୍ତାମୁଣ୍ଡେଇରେ ଏକସଞ୍ଜା ଲେଖାଏଁ ବୋଝମାନ ଅଟକିବ ।

ସନ ୧୮୬୮ ସାଲ ତା୧୧ଉଣ ଦସମ୍ବର କଲିକତା ଗେଜେଟର ୨ମ୍ବର ୧୪୯୨ ପୃଷ୍ଠାରେ ଯେଉଁ ବିଜ୍ଞାପନ ଛପା ଯାଇଅଛି ଏତଦ୍ୱାରା ତାହା ରହିତ ହେଲା ।

ଅଗ୍ନିବୋଟ ଇତ୍ୟାଦି ବିଷୟରେ ସମସ୍ତ ଦରଖାସ୍ତ ନିମ୍ନ ସ୍ୱାକ୍ଷରକର୍ତ୍ତାଙ୍କ ନିକଟକୁ ପଠାଯିବ ।

ଦସ୍ତଖତ ଜନ୍ ମାକ୍‌ମିଲନ
ଏକ୍‌ଜିକ୍ୟୁଟିବ ଇଞ୍ଜିନିୟର
ମହାନଦୀ ଇରିଗେସନ ଡିଭିଜନ

କଟକ ମଲପାଟ ଟେସ ।

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସଂ ୪ ଖ୍ୟା

ତା ୨୨ ଦିନ ମାହେ ଜାନୁଏରୀ ସନ ୧୮୮୧ ମସିହା । ମୁ । ମାଘ ଦ ୧୧ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୫୵


ପ୍ରେମବର୍ଣ୍ଣରଙ୍କ ପ୍ରେରିତ ସମ୍ବାଦରୁ ଜଣାଯାଏ ଯେ ଭିଯାଗପଟ୍ଟନ ଜିଲ୍ଲାକୁ ଲାଗିଥିବା ଜୟପୁର ଜମିଦାରୀରେ କେତେକ ବୁଲମେଣ୍ଟରଙ୍କ ସଙ୍ଗେ ସଂସର୍ଗ ରଖୁଥିବା ଅପରାଧରେ କେତେକ ଗ୍ରାମର ପଧାନମାନଙ୍କୁ ଗିରଫ୍ତାର କରିବାରେ ସେଠା ଲୋକଙ୍କ ମନରେ ଅସନ୍ତୋଷ ଜାତ ହୋଇ ଗୋଳମାଳର ଭୟ ହୋଇଅଛି । ଭିଯାଗପଟ୍ଟନର ଏଜେଣ୍ଟ ସାହେବ ଅଧିକା ପୁଲିସ ଧରି ଜୟପୁରକୁ ଯାଇଅଛନ୍ତି ଏବଂ ଭବିଷ୍ୟତକୁ ସାବଧାନ ଥିବା କାରଣ ଭିଜିଆନଗ୍ରାମ ମାନ୍ଦ୍ରାଜୀ ସିପାହୀ ମଧ୍ୟ ସେହି ଦଳକୁ ପ୍ରେରିତ ହୋଇଅଛନ୍ତି । ରମ୍ପା ବିଦ୍ରୋହ ସମୟଠାରୁ ଏ ଅଞ୍ଚଳର ଲୋକଙ୍କ ମନ ଅସ୍ଥିର ଥିବାର ଜଣାଯାଏ ।

—*—

ଆମ୍ଭେମାନେ ପ୍ରଥମଥର ଗଜେଟ ଦେଖି ଗତସପ୍ତାହରେ ଲେଖିଥିଲୁ କି ଓଡିଶାର କୌଣସି ଗବର୍ଣ୍ଣମେଣ୍ଟ ସ୍କୁଲର କେହି ଛାତ୍ର ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି କିନ୍ତୁ ଦ୍ୱିତୀୟଥରର ଗଜେଟରେ ଅତ୍ୟନ୍ତ ଆନନ୍ଦସହିତ ଦେଖିଲୁଁ ଯେ ପୁରୀସ୍କୁଲର ଜଣେ ଛାତ୍ର ମାଧବଧର ଦାସ ପ୍ରଥମ ଶ୍ରେଣୀରେ ପାସ କରିଅଛି ଏହାର ନାମ ଛ ପର ଭ୍ରମରେ ପ୍ରଥମ ଗଜେଟରେ ଉଠି ନ ଥିଲା ଏହାକୁ ମିଶାଇ ପୁରୀ ସ୍କୁଲର ପାଞ୍ଚଜଣ ଛାତ୍ର ଉତ୍ତୀର୍ଣ୍ଣ ହେଲେ ସୁତରାଂ ଏହି ସ୍କୁଲଟି ଓଡିଶା ମଧ୍ୟରେ ଏ ବର୍ଷ ପ୍ରଧାନ ହେଲା ଏବଂ ଏହାଦ୍ୱାରା ଗବର୍ଣ୍ଣମେଣ୍ଟ ସ୍କୁଲମାନଙ୍କର ମର୍ଯ୍ୟାଦା ରକ୍ଷା ପାଇଲା ପୁରୀ ସ୍କୁଲର ଏପ୍ରକାର ଉତ୍କୃଷ୍ଟ ଫଳ ଆଶାତୀତ ଅଟଇ ଏବଂ ଏଥିସକାଶେ ସେଠାର ପ୍ରଧାନ ଶିକ୍ଷକ ଭୂରି ପ୍ରଶଂସାର ପାତ୍ର ଅଟନ୍ତି

———

ସାନ୍ତାଳମାନଙ୍କର ଗୋଲଯୋଗ ଏକାବେଳକେ ନିବର୍ତ୍ତ ହୋଇ ନାହିଁ । ଡେଲିନ୍ୟୁସ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛନ୍ତି କି ଦୁମକା ନିକଟସ୍ଥ ଏକଗ୍ରାମର ସ୍ତ୍ରୀମାନେ ଠେଙ୍ଗା ବାଡି ଘେନି ସରକାରୀ ଲୋକଙ୍କୁ ଗ୍ରାମ ମଧ୍ୟରୁ ତଡି ଦେଲେ । ସେ କାଳରେ କେହି ପୁରୁଷ ସେଠାରେ ନ ଥିଲେ ଏକଜଣ ବାଳକା ଖଣ୍ଡେ ଟାଙ୍ଗିଆ ଘେନି ଜଣେ ଚୌକିଦାରର ମୁଣ୍ଡକୁ ଲକ୍ଷ କରିଥିଲା ଓ ତାହା ସମ୍ଭାଳିବାରେ ସେ ଚୌକିଦାରର ହାତ କାଟି ଗଲା । କେବଳ ସ୍ତ୍ରୀମାନଙ୍କର ଏ ପ୍ରକାଶ୍ୟ କାର୍ଯ୍ୟ ପ୍ରତ୍ୟକ୍ଷ ହୋଇ ଅଛି ଏବଂ ଯଦ୍ୟପି ଏ ପୁରୁଷମାନେ ଏପରି କିଛି କରି ନାହାନ୍ତି କିନ୍ତୁ ସେମାନଙ୍କର ହଠ ଛାଡି ନାହିଁ । ସେମାନେ ଅବଧି ସୁଯୋଗ ଖୋଜୁ ଅଛନ୍ତି ଏବଂ ଘୋର ଲୁଟର ପରାମର୍ଶ ମଧ୍ୟ ହେଉ ଅଛି । ବଣୁଆ ଲୋକେ ଏତେ ସହଜରେ ବୁଝିବାର ପାତ୍ର ନୁହନ୍ତି । ସେମାନଙ୍କୁ ବୁଝାଇବାକୁ ଦୀର୍ଘକାଳ ଲାଗିବ ।

———

ଲର୍ଡ ଲିଟନ ଚଳିତ ମାସ ତା ୧୦ ରିଖରେ ପାର୍ଲିମେଣ୍ଟ ସଭାରେ ଆଫଗାନ ଯୁଦ୍ଧ ବିଷୟରେ ଏକ ବକ୍ତୃତା କରିଥିଲେ । ସେ କହିଲେ କି ଯୁଦ୍ଧ କରିବା ଉଚିତ ହୋଇଅଛି ଏବଂ ତହିଁରେ ଯେଉଁ ଲାଭ ହୋଇଅଛି ତାହା ପରିତ୍ୟାଗ କରିବା ଉଚିତ ନୁହଇ । କାନ୍ଦାହାର ହାତରେ ଥିଲେ ରୁଷିୟର କୌଣସି ବଳ ହିରାତ କମ୍ପା ମର୍ଭରେ ପ୍ରକାଶ ହୋଇ ପାରିବ ନାହିଁ ମାତ୍ର ତାହାକୁ ଛାଡି ଦେଲେ ଘାଟମାନ ଦୃଢ଼ କରିବାକୁ ହେବ । ଲର୍ଡନର୍ଥବୃକ ଏବଂ ଡିଉକ ଅବ ଆର୍ଗିଲ ତାହାଙ୍କର ପ୍ରତିବାଦ କରି କହିଲେ କି ଗବର୍ଣ୍ଣମେଣ୍ଟ ଯେଉଁ ନୀତି ଅବଲମ୍ବନ କରି ଅଛନ୍ତି ତାହା ସମସ୍ତ ବିବେଚନାରେ ଉତ୍ତମ ଅଟଇ ଏବଂ ଯେପର୍ଯ୍ୟନ୍ତ ଭାରତବର୍ଷ ଆପଣାର ପ୍ରତିବାସିଙ୍କ ସହିତ ନିଷ୍କପଟ ବ୍ୟବହାର କରୁଥିବ ସେପର୍ଯ୍ୟନ୍ତ ତାହା ଉପରେ କୌଣସି ବିପଦ ପଡିବ ନାହିଁ । ଲର୍ଡ ଲିଟନ ଆପଣା କାର୍ଯ୍ୟ କୌଶଳକୁ ଯୁକ୍ତିଯୁକ୍ତ ଦେଖାଇବାର ବହୁତ ଚେଷ୍ଟା କରିଥିଲେ ମାତ୍ର ତହିଁରେ କେହି ଐକ୍ୟ ହେଲେ ନାହିଁ । ସର୍ବସାଧାରଣଙ୍କ ମତରେ ଏହାଙ୍କ ବକ୍ତୃତା ସର୍ବାଂଶରେ ନିଷ୍ଫଳ ହୋଇଅଛି ।

———

ଏଠାରେ ଲାଇସେନ୍ସ ଟାକ୍ସ ସଂକ୍ରାନ୍ତ ତଞ୍ଚକତା ଓ ଅପହରଣର ଗୋଟିଏ ଦୃଷ୍ଟାନ୍ତ ଧରା ପଡିଅଛି । ଲାଇସେନ୍ସ ଟାକ୍ସ ଡେପୁଟୀ କଲେକ୍ଟର ବାବୁ ସୀତାକାନ୍ତ ମୁଖର୍ଯ୍ୟାଙ୍କ ମହକୁମାର ଜଣେ ତାଇଦନବିସ୍ଦ୍ୱାରା ଏ ଘଟନା ହୋଇଅଛି । ତାହାର ନାମ ଦାମୋଦର ନନ୍ଦ ଓ

Digitized by srujanika@gmail.com

Split by PDF Splitter



ନିବାସ କୋଦଣ୍ଡା ପ୍ରଗନା । ସେ ଆପଣା ଗ୍ରାମର ଓ ତହିଁ ନିକଟବର୍ତ୍ତୀ କେତେକ ବ୍ୟକ୍ତିଙ୍କ ନାମରେ ଜାଲ ଟାକ୍ସ ନୋଟିସ ପ୍ରସ୍ତୁତ କରି କେତେବେଳେ ଆପଣା ଲୋକଦ୍ୱାରା ଓ କେତେବେଳେ ଚୌକିଆଦ୍ୱାରା ପଠାଇ ଦିଏ ଓ ମଧ୍ୟ ସେମାନଙ୍କଠାରୁ ସମ୍ବାଦ ଦିଏ ଯେ ଅମଲାଙ୍କ ପାଇଁ କିଛି କିଛି ଦେଲେ ମୁଁ ଉଦ୍‌ଯୋଗ କରି ତୁମ୍ଭମାନଙ୍କୁ ଟାକ୍ସଦାୟରୁ ମୁକ୍ତ କରି ଦେବି । ତହୁଁ ସେମାନେ ତାହାରଠାରୁ ଆସି କେହି ଟ ୨୮ ଙ୍କା କେହି ଟ ୧୫ ଏପରି ଦିଅନ୍ତି ଓ ସେମାନଙ୍କର ନୋଟିସ ଫେରି ନେଇ ଟାକ୍ସ ଖାରଜ ହେଲା ବୋଲି କହି ବିଦାୟ କରି ଦିଏ । ଏହି ପ୍ରକାର କେତେକଥର ହୋଇ ଗଲା ଓ ନନ୍ଦ ଏହି ଉପାୟରେ ପଇସା ଉପାର୍ଜ୍ଜନ କରି ଆନନ୍ଦରେ ଥିଲେ କିନ୍ତୁ ଶେଷ ପରେ ନିତ ଆଲୁଅ ଜଣକର ସେ ନୋଟିସରେ ସନ୍ଦେହ ହେବାରୁ ସେ ନନ୍ଦଠାରୁ ନ ଆସି ଡେପୁଟୀଙ୍କଠାରେ ନୋଟିସ ଦାଖଲ କରି ଆପଣାର ଦୁଃଖ ଜଣାଇଲା । ନୋଟିସରେ ଡେପୁଟୀ ଓ ଅମଲାଙ୍କର ଜାଲ ସ୍ୱାକ୍ଷର ଓ ବାଇଗଣର ମୋହର ହୋଇଥିବାର ଦେଖା ଯିବାରୁ ଡେପୁଟୀ ତାହାର ଇଜହାର ନେଇ ମେଜିଷ୍ଟ୍ରେଟ ସାହେବଙ୍କଠାରୁ ପଠାଇଲେ ଓ ତାଙ୍କ ଆଜ୍ଞାମତେ ପୁଲିସ ତଦନ୍ତ କରିବାରେ ଉପର ଉକ୍ତ ବୃତ୍ତାନ୍ତ ଜଣାଗଲା ଓ ନନ୍ଦ ଧରା ପଡିଲେ । ନନ୍ଦ ପୁଲିସରେ ଅପରାଧ ସ୍ୱୀକାର କରି ଡେପୋଟୀଙ୍କ ହେଡ଼ମୋହରର ମୁନସି ଫଏଜ ଅଲି ଓ ଅନ୍ୟ ଜଣେ ମୋହରରଙ୍କୁ ଅପହୃତ ଟଙ୍କାର ଭାଗ ଦେଉଥିବାର କହିଲା ମାତ୍ର ତହିଁର କିଛି ପ୍ରମାଣ ନ ଦେବାରୁ ପୁଲିସ କେବଳ ନନ୍ଦକୁ ଏ ମାମଲାରେ ଚଲାନ ଦେଇ ଅମଲାଙ୍କୁ ନିର୍ଦ୍ଦୋଷରେ ଉଦ୍ଧାର ଦେଲେ । ଏ ବିଷୟରେ ଆହୁରି ଅନୁସନ୍ଧାନ କରିବାର ଉଚିତଥିଲା । ଯାହା ହେଉ ନନ୍ଦ ବର୍ତ୍ତମାନ ହାଜତରେ ବନ୍ଦ ରହିଅଛନ୍ତି ଓ ମକଦ୍ଦମା ଜଏଣ୍ଟମେଜିଷ୍ଟ୍ରେଟଙ୍କ ବିଚାରାଧୀନ ଅଛି । ପ୍ରତ୍ୟକ୍ଷ ଟିକ୍ସର ଏହିପ୍ରକାର ମନ୍ଦ ଫଳ । କେବେ ଗବର୍ଣ୍ଣମେଣ୍ଟ ଏ କଥା ବୁଝିବେ !

---

ବେହାର ପ୍ରଦେଶର ଲୋକମାନେ ଅନେକ ଦିନରୁ ଗୁହାରି କରୁଥିଲେ କି ସେ ପ୍ରଦେଶର ସରକାରୀ କର୍ମମାନ ସେମାନେ ନ ପାଇ ବଙ୍ଗାଳିମାନେ ପାଉଥିଲେ ଓ ଏଥି ସମ୍ପର୍କରେ ବଙ୍ଗାଳି ଓ ବେହାରିଙ୍କ ମଧ୍ୟରେ କେତେଦିନ ଭାରି ବାଦ ବିସମ୍ବାଦ ଲାଗିଥିଲା । ସମ୍ପ୍ରତି ଗବର୍ଣ୍ଣମେଣ୍ଟ ବଙ୍ଗାଳିଙ୍କର ଅଜ୍ଞାକ୍ରମେ ବେହାରିମାନଙ୍କର ସମସ୍ତ ଦୁଃଖ ବିଗତ ହେଉଅଛି । ଗବର୍ଣ୍ଣମେଣ୍ଟ ଜେଲ ପୁଲିସ ରେଜିଷ୍ଟ୍ରି ମିଉନିସିପାଲିଟୀ ପ୍ରଭୃତି ସମସ୍ତ ବିଭାଗର ପ୍ରଧାନ କର୍ମଚାରୀଙ୍କ ପ୍ରତି ଆଦେଶ ଦେଇଅଛନ୍ତି କି ପ୍ରତିବର୍ଷ ସେମାନେ କମିଶ୍ନରଙ୍କ ନିକଟକୁ ଏହି ମର୍ମରେ ଏକ ତାଲିକାପଠାଇବେ କି ଉକ୍ତବର୍ଷ ତାହାଙ୍କ ଅଧୀନରେ କେତେ କର୍ମ ଖାଲି ହୋଇଥିଲା ଓ କିଏ ସେଥିରେ ନିଯୁକ୍ତ ହେଲା । ଯଦ୍ୟପି ବେହାରର ଲୋକ ନିଯୁକ୍ତ ନ ହୋଇ ବଙ୍ଗାଳି ନିଯୁକ୍ତ ହୋଇଥାଏ ତେବେ କି କାରଣରୁ ଏପରି ହେଲା ତାହାସବୁ ଲେଖି ପଠାଇବେ । ହିନ୍ଦୁପେଟ୍ରିଅଟ ମାନ୍ୟବର ଇଡେନସାହେବଙ୍କର ଏପରି ଆଜ୍ଞାରେ ଦୁଃଖିତ ହୋଇ ଅଛନ୍ତି ମାତ୍ର ଆମ୍ଭେମାନେ ଓଡିଶାର କଥା ମନେ କରି ଏ ଆଜ୍ଞାକୁ ଯୁକ୍ତିଯୁକ୍ତ ଜ୍ଞାନ କରୁଁ । ଏକ ସମୟରେ ଓଡ଼ିଆମାନେ ଏହି ଦୁଃଖ ପାଉଥିଲେ ଏବଂ ସେ ସମୟରେ ହାକିମମାନେ ଓଡିଆର ପକ୍ଷପାତୀ ହୋଇ ନ ଥିଲେ ଅଦ୍ୟାବଧି ଓଡ଼ିଆଙ୍କର ଯାହା କିଞ୍ଚିତ ଉନ୍ନତି ହୋଇଅଛି ତାହାସବୁ ହୋଇ ନ ଥାନ୍ତା । ଯେବେ ଉଚ୍ଚଶିକ୍ଷା ଲାଭ କରିବାର ସମାନ ସୁଯୋଗ ଓଡିଶା ବଙ୍ଗଳା ଓ ବେହାରରେ ଏକ କାଳରେ ଦିଆ ଯାଉଥାନ୍ତା ତେବେ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରଖିବାର ଉଚିତ ହୁଅନ୍ତା ନାହିଁ କିନ୍ତୁ ଯେ ସ୍ଥଳେ ତାହା ନ ହେଲା ସେ ସ୍ଥଳେ ଯେଉଁଠାର ଲୋକଙ୍କୁ ଅଧିକ ସୁଯୋଗ ଦିଆଗଲା ସେମାନଙ୍କ ସଙ୍ଗେ ଅନ୍ୟ ସ୍ଥାନର ଲୋକମାନେ ଯେ ସମକକ୍ଷ ହେବେ ଏହା କି ପ୍ରକାରରେ ଆଶା କରାଯାଇ ପାରେ ସୁତରାଂ ଫଳ ଏହି ହେବ ଯେ ସେମାନେ ସକଳ ସ୍ଥାନର ସରକାରୀ କର୍ମମାନ ଅଧିକାର କରିବେ ଓ ସେଠା ଲୋକମାନେ ଭୋକ ମରିବେ । ଅତଏବ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ବିନା ସ୍ଥାନୀୟ ଲୋକଙ୍କର କର୍ମ ପାଇବାର ଉପାୟ ନାହିଁ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏପରି କିଛି ନିୟମ କରି ନ ଥିବାରୁ ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ କର୍ମ ଏକା ତମା ବ୍ରାହ୍ମଣମାନେ ଅଧିକାର କରି ଅଛନ୍ତି ଓ ସେଠା ଲୋକମାନେ କୌଣସି ପ୍ରକାରରେ ମୁଣ୍ଡ ଟେକି ପାରୁ ନାହାନ୍ତି । ଯେ ସ୍ଥଳେ ଏ ପ୍ରକାର ପ୍ରତ୍ୟକ୍ଷ ମନ୍ଦଫଳ ଦେଖା ଯାଉଅଛି ସେ ସ୍ଥଳେ ହିନ୍ଦୁପେଟ୍ରିଅଟଙ୍କ ସହିତ ଆମ୍ଭେମାନେ କଦାଚ ଐକ୍ୟ ହୋଇ ନ ପାରୁଁ ।

—*—

ଶ୍ରୀଯୁକ୍ତ କମିଶ୍ନର ସାହେବ ଗତମାସ ତା ୧୧ ରଖ ପର୍ଯ୍ୟନ୍ତ ରଣପୁରଠାରେ ଥିଲେ । ସେଠାରେ ଦେୱାନ ବାବୁ ବ୍ରଜବନ୍ଧୁ ପଟ୍ଟନାୟକଙ୍କ ନାମରେ ଏବଂ ବନ୍ଦୋବସ୍ତ ବିରୁଦ୍ଧରେ ଅନେକ ମାମଲା ଉପସ୍ଥିତ ହୋଇଥିଲା । ବନ୍ଦୋବସ୍ତ କଠିଣ ହୋଇଥିବା ବିବେଚନା କରି ସାହେବ ମହୋଦୟ ଟଙ୍କାପ୍ରତି ତିନିଅଣା ଜମା କମି କରି ଦେଇଅଛନ୍ତି । ଏଥିରେ ମଧ୍ୟ ପ୍ରଜାମାନେ ସନ୍ତୁଷ୍ଟ ନ ହୋଇ କହୁଅଛନ୍ତି କି ପୋରଧାର ଜମାଠାରୁ ସେମାନଙ୍କର ଅତିରିକ୍ତ ଜମା ଧାର୍ଯ୍ୟ ହୋଇଅଛି । ଆମ୍ଭେମାନେ ବୋଧ କରୁଁ ଶ୍ରୀଯୁକ୍ତ ସ୍ମିଥ ସାହେବ ପୁର୍ବ୍ୱରର ପୂର୍ବାଙ୍କ ଜମା ଖସାଇ ଦେଇଅଛନ୍ତି ସେଥିରେ ପ୍ରଜାଙ୍କର ଅସନ୍ତୋଷ ହେବାର କାରଣ ନାହିଁ । ଦେବାନଙ୍କ ନାମରେ ଉତ୍କୋଚ ଗ୍ରହଣ ଓ ନାନାଦି ମନ୍ଦ ଚରିତ୍ରର ଗୁହାରି ହୋଇ କେତେ ନମ୍ବର ମୋକଦ୍ଦମା ମଧ୍ୟ ହୋଇଥିଲା ମାତ୍ର ଗଡ଼ଠାରେ ବିଚାର ଶେଷ ହୋଇ ପାରିଲା ନାହିଁ । ଶୁଣାଯାଏ ଯେ ଉପ୍ପର ରାଜାଙ୍କର ସିରସ୍ତା ତଦାରଖରେ ମଧ୍ୟ ସାହେବ ସନ୍ତୋଷ ହୋଇ ନାହାନ୍ତି । ଗତ ମାସ ତା ୧୨ ରଖରେ ସାହେବ ରଣପୁରଠାରୁ ନୟାଗଡ଼କୁ ଗଲେ ଏବଂ ସେଠାରେ ତାହାଙ୍କର ଶରୀର ହଠାତ ନ ପର୍ଯ୍ୟନ୍ତ ପୀଡିତ ରହିବାରୁ କିଛି କାର୍ଯ୍ୟ ହୋଇ ପାରିଲା ନାହିଁ । ସୁଖର କଥା ଯେ ଶୀଘ୍ର ଆରୋଗ୍ୟଲାଭ କରି ଗତ ମାସ ତା ୧୬ ରଖରେ ଖଣ୍ଡପଡ଼ା ଗଡଠାରେ ପହଞ୍ଚିଲେ ଏବଂ ତହିଁ ଆରଦିନ ଡମ୍ପଡା ମୁକାମକୁ ଯାଇଥିଲେ । ଏହି କଥିତ ମୁକାମକୁ ବଡମ୍ବାର ରାଜା ନୃସିଂହ ଦେବାନଙ୍କୁ ସଙ୍ଗେ ଘେନି ସାହେବଙ୍କ ସାକ୍ଷାତ କରିବାକୁ ଆସିଥିଲେ କାରଣ ସାହେବ ବଡମ୍ବାକୁ ଯିବେ ନାହିଁ ବୋଲି ସ୍ଥିର କରି ଅଛନ୍ତି । କଣ୍ଟିଲୋଠାରେ କଛୁଦିନ ରହିବାର କଥାଅଛି । ରଘୁନାଥପୁରର ଦେବାନର ମୋକଦ୍ଦମା ଏବଂ ଶ୍ରୀନାଥ ବାବୁଙ୍କ ମୋକଦ୍ଦମାର ବିଚାର ଏହିଠାରେ ହେବ । ଗତ ଗୁରୁବାର ପର୍ଯ୍ୟନ୍ତ ରଣପୁର ମୋକଦ୍ଦମା ହେଉଥିଲା । ଶ୍ରୀନାଥ ବାବୁଙ୍କ ମୋକଦ୍ଦମା ଏଥିଉତ୍ତାରୁ ପଡିଥିବ ଅବା ପଡିବ । ଏହି ସମସ୍ତ ମୋକଦ୍ଦମା ହେବରୁ କଣ୍ଟିଲୋ ମୁକାମରେ ଅନେକ ଲୋକ ଭିଡ଼ ହୋଇଅଛନ୍ତି

Digitized by srujanika@gmail.com

Split by PDF Splitter



ଏବଂ ବାଙ୍କିର ଇଞ୍ଚାର୍ଜ ତହସିଲଦାର ମଧ୍ୟ ସେଠାକୁ ଯାଇଅଛନ୍ତି ।

ଏଥର ଗଡଜାତ ରାଜାମାନେ ସାହେବଙ୍କ ଅଭ୍ୟର୍ଥନା ନିମିତ୍ତ ଷ୍ଟେସନାର ଇତ୍ୟାଦିରେ ମତ ନାହାନ୍ତି । ରଣପୁର ଠାରେ କେବଲ ସମ୍ମାନସୂଚକ ତୋପ ଧ୍ୱନିତ ହୋଇଥିଲା ଆଉ କୌଣସିଠାରେ କିଛି ହୋଇ ନାହିଁ । ବାସ୍ତବରେ ଷ୍ଟେସନାର କଥାଟା ପୁରୁଣା ପଡିଗଲାଣି ଆଉ ତହିଁରେ ସୁଖ ନାହିଁ ।

—※—

### ଖୋରଧାର ଖାସମହାଲ ବନ୍ଦୋବସ୍ତ ।

ଅମ୍ଭେମାନେ ଶୁଣୁ ଅଛୁଁ ଯେ ଖୋରଧାର ଖାସମହାଲ ବନ୍ଦୋବସ୍ତ ସମ୍ପର୍କରେ ଯେଉଁ ପ୍ରଜାମାନେ ଆପଣାଂ ଜମି ଜମା ବିଷୟରେ କିଛି ଆପତ୍ତି ଥିବାର ଅନୁମାନ କରୁଅଛନ୍ତି ସେମାନେ ବନ୍ଦୋବସ୍ତ କର୍ତ୍ତାଙ୍କଠାରେ ତାହା ଜଣାଉଅଛନ୍ତି ଏବଂ ବନ୍ଦୋବସ୍ତ କର୍ତ୍ତା ଯାହା ନିଷ୍ପତ୍ତି କରୁଅଛନ୍ତି ତାହାକୁ ଅକାଟ୍ୟ ଆଜ୍ଞା ବୋଲି ଜ୍ଞାନ କରୁଅଛନ୍ତି । ଅନେକ ପ୍ରଜା ଯେ ବନ୍ଦୋବସ୍ତକୁ କଷ୍ଟକର ଜ୍ଞାନ କରୁଅଛନ୍ତି ଏବଂ ସେମାନଙ୍କ ଖଜଣା ଅନ୍ୟାୟରୂପେ ବୃଦ୍ଧି ହୋଇଥିବାର ବିବେଚନା କରୁଅଛନ୍ତି ଏ କଥା ଅମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ ବାସ୍ତବରେ ଅମ୍ଭମାନଙ୍କର ବିଶ୍ୱାସ ଏହି କି ପ୍ରଜାଙ୍କୁ ବୁଝାଇ ଦେଇ କାଏମ କରିବାର ପ୍ରକୃତ ରୀତି ଅବଲମ୍ବିତ ହୋଇ ନାହିଁ ଏବଂ କେତେକ ସ୍ଥଳରେ ଅନ୍ୟାୟ ରୂପେ କର ବୃଦ୍ଧି ହୋଇଅଛି । ଯେଉଁସ୍ଥଳେ ଅନ୍ୟାୟ କର ବୃଦ୍ଧି ହୋଇଅଛି ତହିଁର ପ୍ରତୀକାର ବନ୍ଦୋବସ୍ତ କର୍ତ୍ତାଙ୍କଠାରୁ ପ୍ରଜାମାନେ ଲେଇବାରୁ ଅମ୍ଭେମାନେ ଅନୁମାନ କରୁଁ କି ବନ୍ଦୋବସ୍ତ ସମ୍ପର୍କୀୟ ନୂତନ ଆଇନର ମର୍ମରୁ ପ୍ରଜାମାନେ ଅବଗତ ନାହାନ୍ତି ଅତଏବ ସେମାନଙ୍କ ଜାଣିବା କାରଣ ଅମ୍ଭେମାନେ ଲେଖୁଅଛୁ କି ବଙ୍ଗଳା ବ୍ୟବସ୍ଥାପକ ସଭାରୁ ବନ୍ଦୋବସ୍ତ ସମ୍ପର୍କରେ ସନ ୧୮୭୯ ସାଲର ଅଠ ଆଇନ ଜାରି ହୋଇଅଛି । ଉକ୍ତ ଆଇନର ଧା ୧୦ ଧାରେ ନିୟମ ହୋଇଅଛି କି ଜମାବନ୍ଦି ପ୍ରସ୍ତୁତ ହେଲାଠାରୁ କୌଣସି ପ୍ରକାର ତହିଁରେ ଆପତ୍ତି ଥିଲେ ସେ ଛଅମାସ ମଧ୍ୟରେ ଅଦାଲତରେ ନାଲିଶ କରିପାରେ ଓ ସେ ପ୍ରକାର ନାଲିଶ ହେଲେ ଅଦାଲତ ଉଚିତ ବିଚାର କରିବେ । ଗବର୍ଣ୍ଣମେଣ୍ଟ ଜାଣିଶୁଣି ଆପଣା ବନ୍ଦୋବସ୍ତ ଶୀଘ୍ର ପକ୍କା କରି ନେବା ସକାଶେ ଛଅମାସ ମାତ୍ର ମିଆଦ ଦେଇଅଛନ୍ତି ଏଥିମଧ୍ୟରେ ନାଲିଶ ହେଲେ ଭଲ ନୋହିଲେ ଆଉ କିଛି ଆପତ୍ତି ଶୁଣା ଯିବ ନାହିଁ ଓ ବନ୍ଦୋବସ୍ତ ପକ୍କା ହୋଇଯିବ । ପ୍ରଜାମାନେ ବନ୍ଦୋବସ୍ତ କର୍ତ୍ତାଙ୍କ ପାଖରେ ଆପତ୍ତି କରନ୍ତୁ ତହିଁରେ କ୍ଷତି ନାହିଁ ଓ ବନ୍ଦୋବସ୍ତ କର୍ତ୍ତା ଯେଉଁଠାରେ ଅନ୍ୟାୟ ବା ଭ୍ରମ କରିଥିବେ ତାହା ଯେ ସଂଶୋଧନ କରିବେ ନାହିଁ କି ପ୍ରଜାଙ୍କୁ ତହିଁର ସୁଫଳ ଦେବେ ନାହିଁ ଏ କଥା ଅମ୍ଭେମାନେ କହୁ ନାହୁଁ । ଅମ୍ଭମାନଙ୍କର ବୋଲିବାର ଏହି କି ବନ୍ଦୋବସ୍ତ ସମ୍ପର୍କରେ ଗୋଟିଏ ସ୍ୱତନ୍ତ୍ର ଆଇନ ହୋଇଅଛି ଏବଂ ତହିଁରେ ଆବଶ୍ୟକ ସ୍ଥଳରେ ଅଦାଲତଙ୍କ ସାହାଯ୍ୟ ନେବାର ବିଧି ହୋଇ ଅଛି । ଉପଯୁକ୍ତ ସମୟରେ ତହିଁର ଆଶ୍ରୟ ନ ନେଲେ ପଛକୁ ଅନ୍ୟାୟ ବନ୍ଦୋବସ୍ତରୁ ରକ୍ଷା ପାଇବାର ଆଉ କିଛି ଉପାୟ ନାହିଁ ଏ କଥା ପ୍ରଜାମାନେ ଉତ୍ତମରୂପେ ବୁଝି କାର୍ଯ୍ୟ କରନ୍ତୁ ଯେମନ୍ତ କି ନ ଜାଣିବା ଦୋଷରୁ ପଶ୍ଚାତ୍ତାପ କରିବାକୁ ହେବ ନାହିଁ ।

---

## ସାପ୍ତାହିକ ସଂବାଦ ।

ଅସ୍ମାମାନଙ୍କର ଲେପ୍ଟନେଣ୍ଟ ଗବର୍ଣ୍ଣର ମାନ୍ୟବର ଇଡେନ ସାହେବଙ୍କ ଜାହାଜ ଗତ ସୋମବାର ଦିବା ୯ ଘଣ୍ଟିକା ସମୟରେ କଟକର ବନ୍ଦରଠାରେ ଲାଗିଲା, ସାହେବ ମହୋଦୟ ସେହିଦିନ କୁଜଙ୍ଗକୁ ଆସି ଆବଶ୍ୟକୀୟ ବିଷୟମାନ ବୁଝି ସୁଝି କରି ଆପଣା ଜାହାଜକୁ ଫେରି ଗଲେ । ତତ୍ପରେ କି କି କାର୍ଯ୍ୟ କରି ଅଛନ୍ତି କିଛି ଜଣା ଯାଇ ନାହିଁ । ସାହେବ ମହୋଦୟ ଗତ କାଲି ପ୍ରାତଃକାଳେ ପୁରୀଠାରେ ପ୍ରବେଶ ହୋଇ ଥିବେ କି ନିମିତ୍ତ ସେଠାକୁ ଯାତ୍ରା କରି ଅଛନ୍ତି ତାହା ମଧ୍ୟ ପ୍ରକାଶ ପାଇ ନାହିଁ ବଟପରଠରୁ ଅସ୍ମାମାନଙ୍କର କଲେକ୍ଟର ସାହେବ ପ୍ରତ୍ୟାଗମନ କରି ଅଛନ୍ତି ।

ପୁରୀରେ ଜଣେ ଲେଖିଅଛନ୍ତି ଯେ ଶ୍ରୀଯୁକ୍ତ ବାବୁ ଡେପୁଟୀ କଲେକ୍ଟର ଜଗନ୍ମୋହନ ରାୟ ମହୋଦୟ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରଧାମକୁ ଶୁଭାଗମନ କରିବାରେ ଅତ୍ରତ୍ୟ ପ୍ରଧାନ ସ୍ଥାନୀୟ ପଣ୍ଡିତମାନେ ଉକ୍ତ ମହୋଦୟଙ୍କ ସଙ୍ଗେ ଦେଖାକରି, ସେମାନଙ୍କ ମନରେ ଏହି ବୋଧହେଲା ଯେ, ମହାଶୟଙ୍କର ହୃଦୟ କ୍ଷେତ୍ରରେ, ସମସ୍ତ ଗୁଣଗ୍ରାମମାନ, ପରସ୍ପର ନିର୍ବିବାଦରେ ବାସ କରିଅଛନ୍ତି ।

ନେପାଳର ପ୍ରଧାନ ମନ୍ତ୍ରୀ ମହୋଦୟ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଏହି ସ୍ଥାନର ପ୍ରଧାନ ପଣ୍ଡିତ ହରିହର ଦାସ ଲୋକନାଥ ବାହିନୀପତି ପ୍ରଭୃତି କେତେକ ପଣ୍ଡିତମାନଙ୍କୁ ଅଧ୍ୟକ୍ଷ କରିଲ ପ୍ରାୟ ତିନିହଜାର ଗରିବ ବ୍ରାହ୍ମଣମାନଙ୍କୁ କେତେକ ଦିନ ସକାଶେ ଅନ୍ନଦାନ କରିଅଛନ୍ତି ଉକ୍ତ ମହାଶୟ ଅତିଶୟ ପଣ୍ଡିତପ୍ରିୟ, ଏହି ବିଷୟରେ ସଂକ୍ଷେପରେ ବର୍ଣ୍ଣିତ ହେଲା, ପରେ ବିଶେଷରେ ସମସ୍ତ ବିଷୟ ବର୍ଣ୍ଣନା କରାଯିବ ।

ବାବୁ ହରିହର ଦାସ ବରଖାସ୍ତ ସିରସ୍ତାଦାରଙ୍କ ଅପିଲ ବୋର୍ଡରେ ଡିସମିସ୍ ହେଲା ଅର୍ଥାତ୍ ଫଳ ଏହି ଘଟିଲା ଯେ ତାଙ୍କର ପୁତ୍ର ଭକ୍ତଚରଣ ଦାସ ମୋହରର କର୍ମଚ୍ୟୁତ ହେଲା । ଏହି ସରକାରଠାରେ ଜଣର ଗୁପ୍ତପତ୍ର ପ୍ରାପ୍ତ ହୋଇଥିଲା ଓ ତହିଁ ସମ୍ବନ୍ଧରେ ସେ ଆପଣା ସାକ୍ଷରେ ଅନେକ ଗୁଡ଼ିଏ ମିଥ୍ୟାକଥା କହିଥିଲା । ବୋଧହୁଏ ପୂର୍ଣ୍ଣାନନ୍ଦ ପଟ୍ଟନାୟକ ହେଡ ମୋହରର ଯେପରି ସତକଥା କହି ଆପଣାର ଦୋଷ ସ୍ୱୀକାର କରି ଉଦ୍ଧାର ଲଭିଲେ ସେପରି ଉଦ୍ଧାର କରିଥିଲେ ଏ ଦଣ୍ଡକୁ ଲଭି ନ ଥାନ୍ତା । ଅମ୍ଭେମାନେ ବୋର୍ଡଙ୍କ ରାୟ ଦେଖି ନାହୁଁ ମାତ୍ର ତାଙ୍କର ବିଚାର ଠିକ ବୋଧ ହେଉଅଛି ।

କଥିତ ହୁଅଇ ଯେ ବର୍ତ୍ତମାନର ଏକଟିଂ କମିଶନର ଶ୍ରୀଯୁକ୍ତ ବମ୍ସ୍ ସାହେବ ବାବୁ ରଙ୍ଗଲାଲ ବାନର୍ଜିଙ୍କ ଚରିତ୍ର ବିଷୟରେ ହାବଡ଼ା ମାଜିଷ୍ଟ୍ରେଟଙ୍କର ରିପୋର୍ଟ ସହିତ ଏକ ଚିଠା ଗବର୍ଣ୍ଣମେଣ୍ଟ ବଙ୍ଗଳାକୁ ଲେଖି ପଠାଇଅଛନ୍ତି ଏବଂ ତହିଁରେ ରଙ୍ଗଲାଲ ବାବୁଙ୍କୁ ସ୍ଥାନାନ୍ତରକୁ ବଦଳି କରିବା କାରଣ ଅନୁରୋଧ କରିଅଛନ୍ତି ସେ ଲେଖିଅଛନ୍ତି କି ରଙ୍ଗଲାଲ ବାବୁ ତାହାଙ୍କ ନିକଟରେ କଟକରେ ଥିଲାବେଳେ ଉତ୍ତମ କାର୍ଯ୍ୟ କରିଥିଲେ ।

ସର ଡୋନାଲ୍ଡ ଷ୍ଟିବାର୍ଟ ଭାରତବର୍ଷର ସୈନ୍ୟାଧ୍ୟକ୍ଷ ନିଯୁକ୍ତ ହୋଇଅଛନ୍ତି ।

ନୂତନ ଓକାଲତୀ ପରୀକ୍ଷାର ନିୟମ ଏମନ୍ତ କଠିନ ହୋଇଅଛି କି ଗତ ବର୍ଷରେ ଏଲାହାବାଦରେ ପରୀକ୍ଷୋତ୍ତୀର୍ଣ୍ଣ ସଂଖ୍ୟା ପୂର୍ବର ଏକ ଦଶମାଂଶ ଥିଲା । ଓକିଲଙ୍କ ସଂଖ୍ୟା ଯେତେ ବୃଦ୍ଧି ହେଉଅଛି ପରୀକ୍ଷାର ନିୟମ ସେତେ କଠିନ ହେଉଅଛି ।

କଥିତ ହୁଅଇ ଯେ ବୌଦ୍ଧ ଧର୍ମ ଚୀନ ଦେଶରେ ସମ୍ପ୍ରତି ସଂଶୋଧିତ ହେଉଅଛି । ଏଥିନିମିତ୍ତ ଯେଉଁ ନୂତନ ସମ୍ପ୍ରଦାୟ ବାହାରିଅଛନ୍ତି ସେମାନେ ସିନସିନ ନାମରେ ଅଭିହିତ ହୋଇଅଛନ୍ତି । ସେମାନଙ୍କ ମତ ଏହି ଯେ ଆଉ ସମସ୍ତଙ୍କୁ ଛାଡି କେବଳ ଏକ ବୁଦ୍ଧଙ୍କୁ ପୂଜା କରିବ । ଏହି ଏକ ବୁଦ୍ଧର ନାମ ଅମିତ ଅର୍ଥାତ୍ ଅସୀମ ଉପାସକ ସମସ୍ତ ଦୈହିକ ଗୁଣ ଛାଡି କେବଳ ସେ ଅମିତଙ୍କର କ୍ଷମା ଉପରେ ବିଶ୍ୱାସ କରିବ ଏବଂ ଏହି ବିଶ୍ୱାସର କାର୍ଯ୍ୟରେ ଅନ୍ତରେ ମୁକ୍ତି ହେବ ।

ବ୍ରିଟିସ୍ ଗବର୍ଣ୍ଣମେଣ୍ଟ ଲବଣକର ଉଠାଇ ଦେଇଅଛନ୍ତି । ଏଥିରେ ଯେ କ୍ଷତି ହୋଇଅଛି ତାହା ବିଦେଶୀୟ ଶିଳ୍ପଜାତ ଦ୍ରବ୍ୟ ଉପରେ ମାସୁଲ ବୃଦ୍ଧି କରିବାଦ୍ୱାରା ପୂର୍ଣ୍ଣ ହେବ । ଅସ୍ମାନଙ୍କ ଗବର୍ଣ୍ଣମେଣ୍ଟ ଠିକ ଏଥିର ବିପରୀତ କାର୍ଯ୍ୟ କରୁଅଛନ୍ତି ଅର୍ଥାତ୍ ବିଦେଶୀୟ ଦ୍ରବ୍ୟର ମାସୁଲ ଉଠାଇ ଦେଇ ଦେଶୀୟ ଲୋକଙ୍କଠାରୁ ନାନା ପ୍ରକାରରେ ଟାକ୍ସ ଆଦାୟ କରୁଅଛନ୍ତି ।

ହିନ୍ଦୁ ପେଟ୍ରିଅଟର ବିଶ୍ୱସ୍ତ ସଂବାଦଦାତା ଲେଖିଅଛନ୍ତି କି ଚୁମ୍ବିଆ ନାଗପୁରରେ ଚା କ୍ଷେତ ବଡ଼ ଫଳପ୍ରଦ ହୋଇଅଛି । ବାବୁ କ୍ଷେତ୍ରନାଥ ଘୋଷ ପ୍ରଥମେ ଏ କାର୍ଯ୍ୟରେ ପ୍ରବୃତ୍ତ ହେଲେ ଓ ତାହାଙ୍କର ଶ୍ରମ ଉପଯୁକ୍ତ ଫଳରେ ମଣ୍ଡିତ ହୋଇଅଛି । ଚୁମ୍ବିଆ ନାଗପୁରର ଉଚ୍ଚ ଭୂମିମାନ ଚା କ୍ଷେତ ସକାଶେ ଉତ୍ତମ ଉପଯୋଗୀ ଅଟଇ । କାଫି କ୍ଷେତ ମଧ୍ୟ ସେଠାରେ ସଫଳ ହୋଇଅଛି । ଓଡିଶା ଗଡ଼ଜାତରେ ଚା ଓ କାଫି ଜନ୍ମିପାରେ ଏପରି ଅମ୍ଭମାନଙ୍କର ବିଶ୍ୱାସ ହୁଅଇ ମାତ୍ର ଓଡିଶାରେ ଚେଷ୍ଟା କରିବାର ଲୋକ କାହିଁ ?

ବିଲାତରେ ତାରଡାକ ସଙ୍ଗେ ଟେଲିଫୋନ ଯନ୍ତ୍ର ବ୍ୟବହାର ହେବାର ସ୍ଥିର ହୋଇ ସେଠାର ଡାକଘରର କର୍ତ୍ତାମାନେ ୨୦୦୦୦ ଯନ୍ତ୍ର ସକାଶେ ଫରମାସ ଦେଇ ଅଛନ୍ତି ଭାରତବର୍ଷର ତାରଡାକ ବିଭାଗକୁ ପରୀକ୍ଷା ସ୍ୱରୂପ ପାଞ୍ଚ ଗୋଟା ଯନ୍ତ୍ର ସକାଶେ ମଧ୍ୟ ଫରମାସ ଯାଇଅଛି ।

Digitized by srujanika@gmail.com

Split by PDF Splitter



ମାନ୍ଦ୍ରାଜ ଅବଜରବେଟରୀର ରେଜଷ୍ଟର ଅନୁସାରେ ସନ ୧୮୮୦ ସାଲରେ ୭୧.୮ ଇଞ୍ଚ ବୃଷ୍ଟି ହୋଇଥିଲା । ବାର୍ଷିକ ହାରହାରି ବୃଷ୍ଟିର ପରିମାଣ ଠାରୁ ୧୨.୮ ଇଞ୍ଚ ଅଧିକ ଅଟଇ ।

ମାନ୍ଦ୍ରାଜ ପ୍ରଦେଶର ଅନେକ ସ୍ଥଳରେ ହିନ୍ଦୁ ପିତା ମାତା ଆପଣା କନ୍ୟାଙ୍କୁ କୌଣସି ପ୍ରତିଷ୍ଠିତ ଦେବତା ସଙ୍ଗେ ବିବାହ ଦିଅନ୍ତି ଓ ସେ କନ୍ୟାଟି ଯାବଜ୍ଜୀବନ ଉକ୍ତ ଦେବମନ୍ଦିରର କର୍ମଚାରୀ ହୋଇ ରହେ । ଏପରି କନ୍ୟାମାନେ ଉପଯୁକ୍ତ କାଳରେ ବେଶ୍ୟାବୃତ୍ତି ଅବଲମ୍ବନ କରନ୍ତି । ଏଥିପାଇଁ ମାଜିଷ୍ଟ୍ରେଟମାନେ ସର୍ବସାଧାରଣଙ୍କୁ ସାବଧାନ କରିଦେଇ ଅଛନ୍ତି କି ୧୬ ବର୍ଷ ବୟସର ନ୍ୟୂନ କନ୍ୟାକୁ ଏପ୍ରକାର ନିଯୁକ୍ତ କରିବା ଦଣ୍ଡାର୍ହ ଅଟଇ ଓ ଯେଉଁ ଲୋକମାନେ ଏପରି କରିବେ ସେମାନଙ୍କୁ କଠିନତର ଦଣ୍ଡ ଦିଆଯିବ ।

ବଳରାମପୁରର ମହାରାଜା ଇଣ୍ଡିଆନ ଗଲେ ଏଲାହାବାଦରେ ଥାଇ ସେଠାର ସଦାବର୍ତ୍ତ ଓ ଦାତବ୍ୟାଳୟମାନଙ୍କୁ ଟ ୫୦୦୦୦ ଙ୍କା ଦାନ କରିଥିଲେ । କଥିତ ହୁଅଇ ସେ ଗବର୍ଣ୍ଣରଜେନେରାଲଙ୍କ ଆରୋଗ୍ୟ ଲାଭ ଉପଲକ୍ଷରେ ଏ ଦାନ ହୋଇଥିଲା ।

ହାବଡ଼ା ମେଜିଷ୍ଟ୍ରେଟ ଅମର ବାବୁ ହରିଚରଣ ସିଂହଙ୍କୁ ମାନୁଲ କରିବା କାରଣ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କୁ କମିଶନର ସାହେବ ଅନୁରୋଧ କରିଅଛନ୍ତି ଏ ବ୍ୟକ୍ତି ଦୁଇଥର କଥିର କାଗଜ ହରାଇବାର ଦୋଷୀ ହୋଇଅଛି । ଇଙ୍ଗଲିସ ବାବୁଙ୍କର କାଗଜ ଏହି ବ୍ୟକ୍ତି ହଜାଇଥିବାର କଥିତ ହୁଅଇ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ସାନୁନୟ ନିବେଦନ

ମହାଶୟ କେତେକ ଦିନ ହେଲା ଆପଣଙ୍କ ସହିତ ସାକ୍ଷାତ କରି ନାହିଁ ବୋଲି ଦୋଷ ଗ୍ରହଣ କରିବେ ନାହିଁ ଅଳ୍ପ କେତେ ଖୁଡ଼ିଏ ଖବର ଯେଉଁ ଆପଣଙ୍କଠାରେ ଉପସ୍ଥିତ ଅନୁଗ୍ରହ କରି ସେ ଗୁଡ଼ିକ ଅପଣଙ୍କ ବିଖ୍ୟାତ ସମ୍ବାଦ ପତ୍ରର ପାର୍ଶ୍ୱେ କ ଦେଶରେ ସ୍ଥାନଦାନ କରି ବାଧିତ କରିବା ହେବେ ।

୧ ଆଜ କେନ୍ଦ୍ରାପଡ଼ା କଚେରୀରେ ଲାବୁଲ ଯୁଦ୍ଧରେ ଆହତ ବ୍ୟକ୍ତିମାନଙ୍କର ସାହାର୍ଯ୍ୟାର୍ଥେ କିଛି ଚାନ୍ଦା ଅଦାୟ କରିବା ନିମନ୍ତେ ଗୋଟିଏ ସଭା ହୋଇଥିଲା ସେଥିରେ ୫୨ ଶତ ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ସଂଗ୍ରହ ହେବାର କଥା ହୋଇଅଛି ।

୨ କେତେଦିନ ହେଲା ପଟ୍ଟାମୁଣ୍ଡାଇରେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ଦେବୀ ୨୪ ଟି ବଳୀ ଗ୍ରହଣ କରି ବର୍ତ୍ତମାନ ଫେରି ଗଲେ ।

୩ ଆଜ ଏ ଟାଉନରେ ଘୋଷଣା ଦିଆ ହୋଇଅଛି ଯେ ଏଠା ବଳଦେବଜୀଙ୍କଠାରୁ କର୍ତ୍ତାଦି ସମୟରେ ଯିବାର ବଡ଼ କଷ୍ଟ କାରଣ କି ସଡ଼କ କଲି ସେ ସଡ଼କ ପକ୍କା ହେବ ସେଥି ସକାଶେ ବଳଦେବଜୀଙ୍କ ସିଂହଦ୍ୱାରଠାରେ ଗୋଟିଏ ବାକସ ରହିଲା ଯେଉଁ ଯାତ୍ରିମାନଙ୍କର ଇଚ୍ଛା ହେବ ସେମାନେ ପଇସାଏ ଅଧଲାଏ କରି ସେଥିରେ ପକାଇ ପାରିବେ ସେହି ଟଙ୍କାରେ ସେ କାର୍ଯ୍ୟ ସମ୍ପନ୍ନ ହେବ ଆମ୍ଭମାନଙ୍କ ଗୁପ୍ତ ସାହେବଙ୍କର ଏ ଗୋଟିଏ ଉଦାର ସ୍ୱଭାବର ଉତ୍ତମ ପରିଚୟ ଅଟେ ।

୪ ଶ୍ରୀ ସାମନ୍ତ ଜଗନ୍ନାଥ ଭ୍ରମରବର ରାୟଙ୍କ ପୁତ୍ର ଶ୍ରୀବାବୁ ବଳରାମକୁମାର ଭ୍ରମରବର ଟ ୧୫ ମୂଲ୍ୟରେ ଗୋଟିଏ ( କ୍ଲକ୍ ) ଘଣ୍ଟାଯନ୍ତ୍ର ଅନୁଗୁଳ ସ୍କୁଲରେ ଦାନ କରି ଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଅନ୍ୟ୨ ବଡ଼୨ ଲୋକର ସନ୍ତାନମାନେ ଏହିପରି କଲେ ଅସହାୟ ସ୍କୁଲମାନଙ୍କର ଅନେକ ଅଭାବ ମୋଚନ ହେବ ।

୫ ଆମ୍ଭମାନଙ୍କ ପରମ ଭକ୍ତିଭାଜନ ଜେ ଜି ଗୁପ୍ତ ସାହେବ ଗୃହୋଲ ସ୍କୁଲରେ ଘଣ୍ଟେ ମାନଚିତ୍ର ଦେବା ନିମନ୍ତେ ପ୍ରତିଶ୍ରୁତ ହୋଇ ଅଛନ୍ତି

୬ କେନ୍ଦ୍ରାପଡ଼ା ସ୍କୁଲର ସେକେଣ୍ଡ ମାଷ୍ଟର ବାବୁ ଲକ୍ଷ୍ମୀନାରାୟଣ ଦାସ ଏଠା ମେନେଜିଂ କମେଟୀରେ ତାଙ୍କ ବେତନ ବୃଦ୍ଧି ବିଷୟରେ ଆବେଦନ କରିଥିଲେ ମାତ୍ର କମିଟୀ ସେଥିରେ ବର୍ତ୍ତମାନ ସ୍ତ୍ରୀଗିତ ରଖି ଭବିଷ୍ୟତ ଅଧିବେଶନରେ ବିଚାର କରିବେ ବୋଲି କହି ଅଛନ୍ତି ସମ୍ପାଦକ ମହାଶୟ ସବୁ ଶିକ୍ଷକମାନଙ୍କର ବେତନ ବୃଦ୍ଧି କରିବାର ଇଚ୍ଛା କରନ୍ତି ଏହା ବଡ଼ ସୁଖର ବିଷୟ ମାତ୍ର ସେକେଣ୍ଡ ମାଷ୍ଟର ବର୍ତ୍ତମାନ ଟ ୨୦ ବେତନ ପାନ୍ତି ସେ ଗତବର୍ଷ ମା ୪ ସ ମଧ୍ୟରେ ୪ର୍ଥ ଓ ତୃତୀୟ ଶ୍ରେଣୀରୁ ଯୋଡିଏ ଶିକ୍ଷକଙ୍କୁ ପରିଶ୍ରମ ପୂର୍ବକ ଦ୍ୱିତୀୟ ଶ୍ରେଣୀରେ ପରୀକ୍ଷା ଦିଆଇ ଅଛନ୍ତି ସେମାନେ ବର୍ତ୍ତମାନ ପ୍ରଥମ ଶ୍ରେଣୀରେ ପଢନ୍ତି ମଧ୍ୟ ବର୍ଷାରେ ସମସ୍ତ ବାଳକଙ୍କୁ ଯାଚଣା ଭାଇ ପରି ବିନା ବେତନରେ ପଢା ପ୍ରସ୍ତୁତ କରାଇ ଦିଅନ୍ତି ସେକେଣ୍ଡ ମାଷ୍ଟରଙ୍କ କରୁଣା ହେବା ଉଚିତ ନୁହେ କାରଣ କେନ୍ଦ୍ରାପଡ଼ା ସ୍କୁଲ ସମ୍ପାଦକ ଜଣେ କୃତବିଦ୍ୟ ଓ ବିଚକ୍ଷଣ ବିଦ୍ୟୋତ୍ସାହୀ ଲୋକ ଅବଶ୍ୟ ଅଳ୍ପଦିନ ମଧ୍ୟରେ ତାଙ୍କ ଆଶା ଫଳବତୀ ହେବ ପୂର୍ବରେ ମଧ୍ୟ ଏହି ସ୍କୁଲର ସେକେଣ୍ଡ ମାଷ୍ଟରଙ୍କର ଟ୨୪ଙ୍କା ବେତନ ଥିଲା ଅମ୍ଭେମାନେ ଭରସା କରୁଁ କମେଟୀ ତାଙ୍କ ପ୍ରାର୍ଥନାରେ ଅବଶ୍ୟ କର୍ଣ୍ଣପାତ କରି ପାରନ୍ତି ଅନ୍ତର ଗୋଟିଏ ସୁଖର ବିଷୟ ଆପଣଙ୍କୁ ନ ଜଣାଇ ରହି ପାରିଲୁ ନାହିଁ ଗୁପ୍ତ ସାହେବ ଗତବର୍ଷ କେନ୍ଦ୍ରାପଡ଼ା ସ୍କୁଲର ଫଳ ଉତ୍ତମ ଦେଖି ନିମ୍ନଲିଖିତରୂପେ ଶିକ୍ଷକମାନଙ୍କୁ ପୁରସ୍କାର ଦେଇ ଅଛନ୍ତି ଅନ୍ୟ୨ ସମ୍ପାଦକମାନେ ଏପରି କରିବେକି

| | |
|---|---|
| ବାବୁ ରାଜକୁମାର ସେନ୍ ହେଃ ମାଷ୍ଟର | ଟ ୧୫ |
| „ ଲକ୍ଷ୍ମୀନାରାୟଣ ଦାସ ୨ୟ ମାଷ୍ଟର | ଟ ୧୦ |
| „ କେଶବର ମାହାନ୍ତି ଥାର୍ଡ଼ ମାଷ୍ଟର | ଟ ୫ |
| ହେଡ୍ ପଣ୍ଡିତ ଗିରଧାରୀ ବିଦ୍ୟାଭୂଷଣ | ଟ ୫ |
| ୨ୟ ପଣ୍ଡିତ ବାବୁ ଗଣେଶ୍ୱର ନାୟକ | ଟ ୩ |
| | ଟ ୩୮ |

ଆପଣଙ୍କ ବଶମ୍ବଦ
ଶ୍ରୀ ଭଗବତୀ ଚରଣ ଦାସ

## NOTICE.

The undersigned begs to inform the public in general that he has arrived from Moulmain as Electroplater and Guilder executes all orders promptly according to the materials & workmanship. Terms moderate.

CUTTACK 21st January 1881 } J. Mc. PHERSON, Electroplater & Guilder

ବ୍ରାହ୍ମସମାଜର ଏକପଞ୍ଚାଶତ୍ତମ ସାମ୍ବତ୍ସରିକ ଉତ୍ସବ ଉପଲକ୍ଷରେ ରବିବାର ନିକଟରେ ଥିବା ଉପାସନା ଗୃହରେ ଆସନ୍ତା ରବିବାରଦିନ ପ୍ରାତଃକାଳ ୭ଟା ଏବଂ ସନ୍ଧ୍ୟା ୬ ଘଣ୍ଟା ସମୟରେ ବ୍ରହ୍ମୋପାସନା ହେବ ।

କଟକ, ଗୁରୁବାର ୨୦।୧।୮୧ } ଶ୍ରୀ ମଧୁସୂଦନ ରାଓ, ଉତ୍କଳ ବ୍ରାହ୍ମସମାଜର ସମ୍ପାଦକ

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଦରଖାସ୍ତ କଲେ ମିଳିପାରେ ଯଥା;

ଡାକମାସୁଲ ସହିତ ୪ଅଉନ୍ସକୁ ଟ୭ଙ୍କା । ୮ଅଉନ୍ସକୁ ଟ୧୧ଙ୍କା । ୧୬ ଅଉନ୍ସକୁ ଟ ୨୦॥ ଙ୍କା । ମୂଲ୍ୟ ନଗଦ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଏଚ୍ ପି ଓଃ ଇ ସାହେବ କଟକ ବାଲେଶ୍ୱର | | ଟ ୭ |
| ବାବୁ ଦ୍ୱାରିକାନାଥ ମିତ୍ର ଭଦ୍ରକ ଅଥିଗ୍ରାମ କଟକ ବାଲେଶ୍ୱର | | ଟ ୨ |
| „ ଅଚ୍ୟୁତାନନ୍ଦ ପଟ୍ଟନାୟକ | | ଟ ୭ |
| „ ଦୁର୍ଯ୍ୟୋଧନ ଘୋଷ | | ଟ ୧୨ |
| „ ଜଗନ୍ନାଥ ଭଞ୍ଜ ଘୋଷାଳ | | ଟ ୭ |
| ଶ୍ରୀ ଶ୍ରୀପତି ବର୍ଣ୍ଣେ ପାଇକପଡ଼ା | | ଟ୨।୯ |
| ଶ୍ରୀଯୁକ୍ତ କଲେକ୍ଟର କଟକ | ଅଗ୍ରିମ | ଟ ୫ |

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୨୨ ରଖ ମାହେ ଜାନୁଏରୀ ସନ ୧୮୮୧ ମସିହା ।

## NOTIFICATION.

The 2nd December 1880. Under the powers conferred on him by sec : 7 of the Census act (Act XIV. of 1880) the Lieutenant Governor directs the issue of the following instructions for the guidance of census officers in all districts within the Jurisdiction of the Lieutenant Governor of Bengal, except such tracts as may hereafter be specially exempted by notification in the Calcutta Gazette.

Every census officer may ask of all persons within the limits of the local area for which he is appointed, such questions as may be necessary to enable him to fill, in respect of each of such persons, the particulars required by the following form of schedule; but no census officer shall insist upon recording the name of any woman if there is any objection to giving it, or ask to see any female who is not voluntarily produced before him or ask for any information not required for the purposes of the census, such as the amount of any person's income or the name of any woman's husband.

### FORM OF ENUMERATORS SCHEDULE.

DISTRICT__________ SUB-DIVISION__________ THANNAH ________ CIRCLE No

( Circle officer ) Village__________

( No.______ ) Enumerator of Block No.________

House No.

| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12. |
|---|---|---|---|---|---|---|---|---|---|---|---|
| | | | | | Religion. | | | | | Education | Infermities. |
| Serial number of each inmate | Name | Condition *i. e.* whether married, unmarried, widow or widower. | Sex | Age last birth day | Religion | Caste if Hindu sect if of other religion. | Mother tongue | * † § Place of birth. | ¶ Occupation of men; also of boys & females who may do work. | 1 Under instruction<br>2 Not under instruction but able to read & write<br>3 Not under instruction, & not able to read & write | 1 Unsound mind<br>2 Deaf mutes from birth<br>3 Blind<br>4 Lepers |
| | | | | | | | | | | | |

* If a European British subject add British subject.
† If a mixed European & Asiatic parentage add Eurasian.
§ If a foreigner, state of what country.
¶ Boys at school, girls, small children, and women who perform no regular work should not be shewn at all under Col : 10.

(Sd.) Colman Macaulay

*Offg Secretary to the Government of Bengal.*

[illegible]

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 7



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସଂ ୫ ଖ୍ୟା

ତା ୨୧ ରଖ ମାହେ ଜାନୁଏରୀ ସନ ୧୮୮୧ ମସିହା । ମୂ । ମାଘ ଦ ୮ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲

ଓଡ଼ିଶାର ଉଲ୍ଲିଖିତ ଛାତ୍ରମାନେ ଉଚ୍ଚ ଶ୍ରେଣୀର ବୃତ୍ତି ପାଇଅଛନ୍ତି । ଯଥା;—

ମନମୋହନ ଚକ୍ରବର୍ତ୍ତୀ — କଟକ ରେଭେନ୍ସାକଲେଜ
ଗୋ. ବ୍ରଜାନନ୍ଦ ଚୌଧୁରୀ — ”
ବ୍ରହ୍ମାନନ୍ଦ ଦାସ — ”

———

ଗଙ୍ଗାମଣ୍ଡର ପୁଷ୍କରଣୀ ପୁଣି କେତେକ ଦିନ ହେଲା ମାତି ଉଠିଅଛି । ଜଳ ପଚିଯାଇ ଦୁର୍ଗନ୍ଧରେ ବାଟ ଚାଲିବା ହେଉ ନାହିଁ । ଉକ୍ତ ଗ୍ରୀଷ୍ମଦିନ ହେଲା ମିଉନିସିପାଲିଟିରୁ କୁଲି ଲାଗି ଜାଳ ଗୁଡ଼ିକ ମଝିରେ ପୋତି ପକାଉ ଅଛନ୍ତି । ଯେବେ ଏ ପୁଷ୍କରଣୀକୁ ପରିଷ୍କାର କରିବାର ଅନ୍ୟ କିଛି ଭଲ ଉପାୟ ହୋଇ ନ ପାରେ ତେବେ ଆମ୍ଭମାନଙ୍କ ବିବେଚନାରେ ଜଳ [illegible] କାରଣ ବର୍ଷାକାଳ ପର୍ଯ୍ୟନ୍ତ କେତେକ ଜଣ କୁଲି ସର୍ବଦା ନିଯୁକ୍ତ ରହିବାର ଉଚିତ ତାହା ହେଲେ ଦୁର୍ଗନ୍ଧମୟ ପଦାର୍ଥ ଏଥିରେ ଜମା ହୋଇ ଲୋକଙ୍କୁ ବିରକ୍ତ କରି ପାରିବ ନାହିଁ ।

—*—

ଏହି ମାସ ହେଲା ପ୍ରାୟ ପ୍ରତ୍ୟହ ଜଙ୍ଗଲର ମହାଲରେ ଦରଖାସ୍ତମାନ ଏଠା କଲେକ୍ଟରୀରେ ପଡୁଅଛି । କଲେକ୍ଟର ସାହେବ ଉଚିତ ହୁକୁମ ନିମନ୍ତେ ଓ୍ୱାଲ ସାହେବଙ୍କ ନିକଟକୁ କେତେ ଦରଖାସ୍ତ ପଠାଇ ଦେଉଅଛନ୍ତି ଓ କେତେ ଦରଖାସ୍ତ ଅଗ୍ରାହ୍ୟ କରୁଅଛନ୍ତି । ଦିନକରେ ପ୍ରାୟ ତିନିଶହ ପ୍ରଜା କଚେରିରେ ରୁଣ୍ଡ ହୋଇ ସାହେବ ବଗିରେ ବସିଲା ବେଳକୁ ହରିବୋଲ ଦେଇ ଏପରି ଗୋଳ କଲେ ଯେ ଘୋଡ଼ା ଚମକିଲା ଓ ସାହେବଙ୍କୁ ବଗିରୁ ଓହ୍ଲାଇବାକୁ ପଡ଼ିଲା । ପ୍ରଜାଙ୍କ ଗୁହାରି ଅନେକ ଓ ସେ ସବୁ କେତେଦୂର ସତ୍ୟ ଆମ୍ଭେମାନେ କହି ନ ପାରୁଁ । ନାଳଜଳ ଓ ବର୍ଷାଜଳ ଯୋଗେ ଫସଲ ନଷ୍ଟ ହୋଇଥିବାରୁ ସେମାନେ ଜଳକର ଛାଡ଼ ଗୁହାନ୍ତି । ସେମାନେ ଆହୁରି କହନ୍ତି ଯେ ନାଳ ହେତୁ ଖାଲ ଜମି ସବୁରେ ସର୍ବଦା ଓଦା ରହୁଥିବାରୁ ତହିଁର ଉତ୍ପାଦନ ଶକ୍ତି ଊଣା ହୋଇଅଛି । ଯେଉଁ ଜମିରେ ପୂର୍ବେ ଦୁଇତରଣ ଫଳୁଥିଲା ସେଥିରେ ବର୍ତ୍ତମାନ ତରଣେ ହେବାର କଷ୍ଟ । ଏହା ଗୋଟିଏ ନୂତନ ଓ ଗୁରୁତର କଥା ଏ ବିଷୟର ତଦନ୍ତ କରିବାର ଉଚିତ ।

———

ଖଜଣା ସମ୍ପର୍କୀୟ ଆଇନର ନୂତନ ପାଣ୍ଡୁଲିପି ଯେନ ବଙ୍ଗଳାର ସବୁଆଡ଼େ ଜମିଦାରମାନଙ୍କର ସଭା ହେବା ଓ ପାଣ୍ଡୁଲିପିର ପ୍ରତିବାଦ କରିବାର ସମ୍ବାଦ ଆମ୍ଭେମାନେ ପାଠକମାନଙ୍କୁ ଜଣାଇ ଆସୁଅଛୁଁ କିନ୍ତୁ ଗତ ଏଡୁକେଶନ ଗେଜେଟରେ ଖଣ୍ଡିଏ ପ୍ରେରିତପତ୍ର ପଢି ଅବଗତ ହେଲୁଁ ଯେ ନଦିଆର ଅନ୍ତଃପାତୀ କୃଷ୍ଣଗଞ୍ଜରେ ପ୍ରାୟ ଦଶହଜାର ପ୍ରଜା ଏକ ବିସ୍ତୀର୍ଣ୍ଣ ପଡିଆରେ ସମବେତ ହୋଇ ଏହି ଆଇନ ସମ୍ପର୍କରେ ଏକ ସଭା କରିଥିଲେ । କଲିକତାରୁ କେତେକ ଜଣ ଭଦ୍ର ଲୋକ ଏ ସଭାରେ ଉପସ୍ଥିତ ହୋଇ ବକ୍ତୃତା କରିଥିଲେ ଏବଂ ଜମିଦାରର ଉଚିତ ପାଉଣା ସେମାନଙ୍କୁ ଯଥା ସମୟରେ ଦେବା ନିମନ୍ତେ ପ୍ରଜାମାନଙ୍କୁ ଅନୁରୋଧ କରିଥିଲେ । ଏ ସଭା କର ସମ୍ପର୍କୀୟ ନୂତନ ଆଇନର ବିଧାନମାନ ମନୋନୀତ କରି ତାହା ଗବର୍ଣ୍ଣମେଣ୍ଟଙ୍କୁ ଏକ ଆବେଦନପତ୍ରଦ୍ୱାରା ଜଣାଇବାର ସ୍ଥିର କଲେ ଏବଂ ତହିଁ ନିମନ୍ତେ ଗୋଟିଏ କମିଟୀ ମନୋନୀତ ହେଲା । ନୂତନ ଆଇନକୁ ଯେ ପ୍ରଜାମାନେ ଅତ୍ୟନ୍ତ ଅନୁମୋଦନ କରିବେ ଏଥିରେ ସନ୍ଦେହ ନାହିଁ କାରଣ ସେମାନଙ୍କୁ ଆଶାତୀତ ଲାଭ ଦେବାର ପ୍ରସ୍ତାବମାନ ହୋଇଅଛି କିନ୍ତୁ ପ୍ରଜାମାନେ ଆଇନ ସମ୍ପର୍କରେ ମତାମତ ଦେବା କାରଣ ଏକତ୍ର ବସି ସଭା କରିବାର ଏଥି ପୂର୍ବେ ଭାରତବର୍ଷରେ ଶୁଣା ନ ଥିଲା ସମ୍ପ୍ରତି ଏହା ଦେଖା ଗଲା । ପ୍ରଜାମାନେ ବର୍ତ୍ତମାନ କେତେ ଉନ୍ନତିକୁ ଲଭିଅଛନ୍ତି ଏଥିରୁ ତହିଁର ବିଲକ୍ଷଣ ପ୍ରମାଣ ମିଳୁଅଛି ।

———

ବାଙ୍କୀର ତହସିଲଦାର ଓ ରଣପୁରର ଦେଓ୍ୱାନ ମୋକଦ୍ଦମାମାନ କଣ୍ଟିଲୋ ମୁକାମଠାରେ ଚଳିତମାସ ତା ୨୬ ରିଖରେ ନିଷ୍ପତ୍ତି ହେଲା । ରାମଚନ୍ଦ୍ରସିଂହ ଉଦେଭାନ ଦଲବେହେରାର ମାମଲାରେ ଶ୍ରୀନାଥ ବାବୁଙ୍କୁ ବ ୩ ବର୍ଷ କଠିନ ପରିଶ୍ରମ ସହିତ କାରାବାସ ଓ ଟ ୫୦୦୲ ଙ୍କା ଜରିମାନା ଏବଂ ନ ଦେଲେ ଆଉ ମା ୯ ସ

Digitized by srujanika@gmail.com

Split by PDF Splitter
26



ସେହି ପର କଏଦଦଣ୍ଡ ଭୋଗ କରିବାର ଆଜ୍ଞା ହେଲା । ଏହି ମୋକଦ୍ଦମାରେ ମେଟକାଫ ସାହେବ ତାହାଙ୍କୁ ବରଖାସ୍ତ କରିବା ସକାଶ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ କରିଥିଲେ କିନ୍ତୁ ଶ୍ରୀନାଥ ବାବୁ ଅପୀଲ କରିବାରୁ ଶେଷରେ ଏହି ଫଳ ଫଳିଲା । ଏପର ସ୍ଥଳ ରଙ୍ଗୀଳା କମିଶନର ଖର୍ଚ୍ଚା ଅସ୍ୱୀକାର କରିଥିବାରୁ ମୋକଦ୍ଦମାଥିବଧି ନିକାଶ ହୋଇ ନାହିଁ । କିନ୍ତୁ ଏଥିର ହୁକୁମ ତାହାଙ୍କୁ ଶୁଣିବାକୁ ହେବ ନାହିଁ । ପ୍ରଥମ ହୁକୁମ ଶୁଣିବା ସଙ୍ଗରେ ତାହାଙ୍କଠାରୁ ବେହବନି ହୋଇ ପ୍ରାଣବାୟୁ ବାହାର ଗଲା ଏବଂ ଏପ୍ରକାର ମୃତ୍ୟୁ ସନ୍ଦେହପୂର୍ଣ୍ଣ ଥିବାରୁ ଡାକ୍ତରଙ୍କଦ୍ୱାରା ପରୀକ୍ଷା ନିମିତ୍ତ ଏଠାକୁ ଶବ ଆସିଥିଲା । ସଂସାରର ଲୀଳାକୁ କଏ କଳି ପାରିବ ।

ବାବୁ ବ୍ରଜବଲ୍ଲଭ ପଟ୍ଟନାୟକଙ୍କ ନାମରେ ଅନେକ ମୋକଦ୍ଦମା ଉଠି ଥିଲା । ତହିଁରୁ ଏକ ମୋକଦ୍ଦମାରେ ରାଜାଙ୍କ ଭାଇ ବଳଦେବଙ୍କଠାରୁ ସେମାନଙ୍କର ଖଞ୍ଜବନ୍ଦ କରିବାର ଭୟ ଦେଖାଇ ଟ ୯୦୦୦ ଙ୍କା ଉତ୍କୋଚ ନେଇଥିବାର ଅପରାଧ ପ୍ରମାଣ ହେବାରୁ ତାହାଙ୍କୁ ବ ୩ ବର୍ଷ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ଓ ହଜାରେ ଟଙ୍କା ଜରିମାନା ଓ ନ ଦେଲେ ଆଉ ମା ୯ ସ ସେହି ପର ଦଣ୍ଡ ଭୋଗ କରିବାର ଆଜ୍ଞା ହେଲା ଓ ଏ ମୋକଦ୍ଦମାରେ ତାଙ୍କର ଜଣେ ସାହାଯ୍ୟକାରୀକୁ ବ ୨ ବର୍ଷ ମିଆଦ ହେଲା । ଅନ୍ୟ ଗୋଟିଏ ମୋକଦ୍ଦମାରେ ଏକ ରେଣ୍ଟ ମାମଲାରେ ଜଣେ ଲୋକକୁ ଅନ୍ୟାୟ ପୂର୍ବକ ଅଟକ କରି ତାହାଠାରୁ ଟ ୧୦୦୦ ଙ୍କା ଉତ୍କୋଚ ନେଇ ଥିବାର ପ୍ରମାଣ ହେବାରୁ ତହିଁରେ ଦେଓ୍ୱାନଙ୍କୁ ବ ୩ ବର୍ଷ ମିଆଦ ଓ ଟ ୫୦୦ ଙ୍କା ଜରିମାନା ଓ ନ ଦେଲେ ଆଉ ମା ୯ ସ ସେହି ପର ଦଣ୍ଡ ଭୋଗ କରିବାର ଆଜ୍ଞା ହେଲା ଏବଂ ଏହି ମୋକଦ୍ଦମାରେ ତାଙ୍କର ଜଣେ ସାହାଯ୍ୟକାରୀକୁ ଏକବର୍ଷ ମିଆଦ ହେଲା । ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କ ଉପସ୍ଥିତ କଠିନ ଆଜ୍ଞାମାନ ଦେଖି ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ହେଉଅଛି ଯେ ଅସାମିଙ୍କ ବିରୁଦ୍ଧରେ ସେ ଯଥେଷ୍ଟ ପ୍ରମାଣ ପାଇଅଛନ୍ତି । ସେ କ୍ଷୀଣ ପ୍ରମାଣରେ କାହାରିକୁ ଦଣ୍ଡ ଦେବାର କିମ୍ବା ଉପଯୁକ୍ତ ପ୍ରମାଣ ପାଇଲେ ଅଳ୍ପରେ ଛାଡିବାର ଲୋକ ନୁହନ୍ତି । ସାହେବ ମହୋଦୟ କଟକଠାରୁ ଏହି ମାସ ତା ୨୬ ରିଖରେ କନମାଲ ଆଡକୁ ଯାତ୍ରା କଲେ ।

## କଟକ ଖାସମହାଲ ବନ୍ଦୋବସ୍ତ ।

ଏ ସମ୍ବନ୍ଧରେ ଆମ୍ଭେମାନେ ଲେଖିଥିବା କୈଫିୟତଏ ପ୍ରସ୍ତାବ ଦେଖି ରେଭିନ୍ୟୁ ବୋର୍ଡ ବର୍ଣ୍ଣନା କରିଅଛନ୍ତି କି ଦୁଃଖି ପ୍ରଜାମାନଙ୍କ ନୂତନ ବନ୍ଦୋବସ୍ତର କଠିନ ଜମାରୁ ଆଂଶିକ କଷ୍ଟ ହେବା କାରଣ ବୋର୍ଡ ଯେଉଁ ଟ ୧୫୦୦୦ ବାର୍ଷିକ ଛାଡ ଦେଇ ଅଛନ୍ତି ଆମ୍ଭମାନଙ୍କୁ ତାହା ଜଣା ନାହିଁ ଅତଏବ ଉକ୍ତ ଛାଡ ମଞ୍ଜୁରୀ ଚିଠି ଓ ଶ୍ରୀଯୁକ୍ତ ଡାମ୍ପିୟର ସାହେବଙ୍କର ଯେଉଁ ପତ୍ରରୁ ତହିଁର ସୂତ୍ରପାତ ହେଲା ଏହି ଦୁଇ ପତ୍ରର ପ୍ରତିଲିପି ଆମ୍ଭମାନଙ୍କ ଜାଣିବା ନିମିତ୍ତ ବୋର୍ଡ ରେଭିନ୍ୟୁ ଅନୁଗ୍ରହ ପୂର୍ବକ ପଠାଇ ଦେଇଅଛନ୍ତି । ଆମ୍ଭେମାନେ ଏଥି ନିମିତ୍ତ ବୋର୍ଡଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କରୁଅଛୁଁ ମାତ୍ର ପାଠକମାନେ ଜାଣନ୍ତୁ ଯେ ଏ କଥା ଆମ୍ଭମାନଙ୍କୁ ଅବଗତ ନାହିଁ । ଯେଉଁ ସମୟରେ ଛାଡର ଆଜ୍ଞା ପ୍ରବେଶ ହେଲା ସେ ସମୟରେ ତାହା ସର୍ବସାଧାରଣଙ୍କୁ ଜଣାଇ ଉକ୍ତ ଛାଡ ଯଥେଷ୍ଟ ନୁହଇ ବୋଲି ମତ ପ୍ରକାଶ କରିଥିଲୁଁ । ଅବଶ୍ୟ ଆମ୍ଭେମାନେ ସ୍ୱୀକାର କରୁଁ ଯେ ଟ ୧୫୦୦୦ ଙ୍କା ଛାଡ ଊଣା ହେଲେ ବୋର୍ଡ ତହିଁ ସକାଶେ ଦୋଷୀ ନୁହନ୍ତି ସେ ଦୋଷ ସ୍ଥାନୀୟ ହାକିମଙ୍କର ଅଟଇ କାରଣ ବୋର୍ଡଙ୍କ ପତ୍ରରୁ ଜଣାଯାଏ ଯେ ସ୍ଥାନୀୟ ହାକିମମାନେ ଉପଯୁକ୍ତ ହେତୁ ଦେଖାଇ ଅନୁରୋଧ କରିଥିଲେ ବୋର୍ଡ ତହିଁରୁ ଅଧିକ କ୍ଷମା ଦେବାକୁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ସ୍ଥାନୀୟ ହାକିମମାନେ ଅଧିକ କ୍ଷମା ପ୍ରାର୍ଥନା କରିବାର ଦୂରେ ଥାଉ ଯେଉଁ ଟ ୧୫୦୦୦ ଙ୍କା ଛାଡ ମଞ୍ଜୁର ହୋଇଅଛି ତାହା ସବୁ ପ୍ରଜାଙ୍କୁ ଦେଇ ନାହାନ୍ତି । ଆମ୍ଭେମାନେ ଶୁଣିଅଛୁଁ କି ଖଜଣା ଉସୁଲ କରିବାର ଯାବନ୍ତ କଠିନ ଉପାୟ ଅବଲମ୍ବିତ ହେଲା ତଥାପି ଯାହା ବାକି ପଡିଅଛି ତହିଁ ମଧ୍ୟରୁ ଗତ ଫସଲବର୍ଷରେ କେବଳ ଟ ୧୩୦୦ ଛାଡ ହୋଇଅଛି । ଏ ସମ୍ବନ୍ଧରେ ବୋର୍ଡଙ୍କ ନିୟମାନୁସାରେ ଅନ୍ୟୁନ ଟ ୪୫୦୦ ଙ୍କା ଛାଡ ଦିଆଯାଆନ୍ତା । ଏକପକ୍ଷରେ ଖଜଣା ଉସୁଲ କରିପାରିଲେ ହାକିମଙ୍କ ଯଶ ହୁଏ ନ ପାରିଲେ ନିନ୍ଦା ତହିଁରେ ପୁଣି ସାର୍ଟିଫିକେଟ ଆଇନଦ୍ୱାରା ସର୍ବସ୍ୱ ବିକ୍ରୟ କରି ଓ କଏଦ ଦେଇ ଖଜଣା ଆଦାୟର ସମ୍ପୂର୍ଣ୍ଣ କ୍ଷମତା ହାକିମଙ୍କ ହାତରେ ରହିଅଛି ପକ୍ଷାନ୍ତରେ କଏ ଛାଡ ପାଇବାର ପ୍ରକୃତ ପାତ୍ର ଓ କଏ ନୁହେ ଏହା ସ୍ଥିର କରିବା ଅଳ୍ପ ପରିଶ୍ରମର କାର୍ଯ୍ୟ ନୁହଇ ଏବଂ ତହିଁ ସଙ୍ଗେ ଅନେକ କଥା ବିଚାରର ଆବଶ୍ୟକ ଏସ୍ଥଳେ ହାକିମମାନେ ଯେ ଛାଡ ଦେବାକୁ ଅଧିକ ନ ଯାଇ ଉସୁଲର କଠିନ ନିୟମ ସମସ୍ତର ଅନୁସରଣ କରିବେ ଏଥିରେ ବିଚିତ୍ର କି ଅଛି ସୁତରାଂ ଯତ୍କିଞ୍ଚିତ ଛାଡଦ୍ୱାରା ବନ୍ଦୋବସ୍ତର କଠିନତା ଯେ ପରିମାଣରେ ଊଣା ହେବାର ଆଶା କରାଯାଇ ପାରେ ତାହା ସୁଦ୍ଧା ସଫଳ ହୋଇ ନାହିଁ । ଫଳତଃ ବନ୍ଦୋବସ୍ତ ପ୍ରତି ଆମ୍ଭେମାନେ ଯେ ସମସ୍ତ ଆପତ୍ତି କରି ଆସିଅଛୁଁ ଏହି ଛାଡଦ୍ୱାରା ତାହା ସବୁ ଖଣ୍ଡିତ ହୋଇ ନାହିଁ । ଆମ୍ଭମାନଙ୍କର ଆପତ୍ତିର ଉଦ୍ଦେଶ୍ୟ ହେଉ ଅଟଇ । ଅର୍ଥାତ ପ୍ରଥମ ଅତ୍ୟନ୍ତ ଅଧିକ ଜମା ବୃଦ୍ଧି ଦ୍ୱିତୀୟ ବନ୍ଦୋବସ୍ତ ପ୍ରଣାଳୀ ।

ଜମାବୃଦ୍ଧି ବିଷୟରେ ବକ୍ତବ୍ୟ ଏହି କି ଯଦ୍ୟପି କେତେକରେ ଜମା ଚାରିଗୁଣ ବୃଦ୍ଧି ହୋଇ ଅଛି କିନ୍ତୁ ବ୍ୟକ୍ତି ବିଶେଷରେ ଦଶ ବାର ଗୁଣ ଓ ଷୋଳଗୁଣ ବୃଦ୍ଧି ସାଧାରଣ କଥା ଅଟଇ । ଏକାବେଳକେ ଏତେ ଅଧିକ ଜମା ଦେବାକୁ ଅତବଡ଼ ଲୋକ ସୁଦ୍ଧା କଷ୍ଟକର ଜ୍ଞାନ କରିବେ ଏହା ସାଧାରଣ କଥା ମାତ୍ର କଟକର ଅଧିକାଂଶ ପ୍ରଜା ଦୁଃଖୀ ସୁତରାଂ ସେମାନେ ଯେ କି କଷ୍ଟ ପାଉଅଛନ୍ତି ତାହା ସେହିମାନେ ଜାଣନ୍ତି ଓ ଆମ୍ଭେମାନେ ଅନ୍ୟାନ୍ୟ ଲୋକଙ୍କ ପ୍ରାୟ ପ୍ରତ୍ୟକ୍ଷ ଦେଖୁଅଛୁ ହାକିମମାନେ ମିସଲଘରେ ବସି ତାହା କାହୁଁ ଜାଣି ପାରିବେ? ଆମ୍ଭେମାନେ ବୋଧକରୁଁ ଆଉ କୌଣସି ସ୍ଥଳରେ ଗବର୍ଣ୍ଣମେଣ୍ଟ ଏକାବେଳକେ ଏତେ କର ବୃଦ୍ଧି କରି ନ ଥିବେ ଓ କୌଣସି କଠିନହୃଦୟ ଜମିଦାର ମଧ୍ୟ ଏପରି କରିବାକୁ ପ୍ରବୃତ୍ତ ହେବ ନାହିଁ । ଅବଶ୍ୟ ଗତ ବନ୍ଦୋବସ୍ତ ଯେଉଁ ସମୟରେ ହୋଇଥିଲା ତଦପେକ୍ଷା ଦେଶର ଅବସ୍ଥା ଅନେକ ବୃଦ୍ଧି ହୋଇଅଛି ଏବଂ ପ୍ରଜାମାନେ ମଧ୍ୟ ଅଧିକ ସୁଖସ୍ୱଚ୍ଛନ୍ଦରେ ଅଛନ୍ତି ଅତଏବ ଖଜଣା ବୃଦ୍ଧି କରିବାର କାରଣ ଅଛି କିନ୍ତୁ ଏହି ବୋଲି କଏ ସ୍ୱୀକାର କରିବ ଯେ ଏକାବେଳକେ ଅଠ ଦଶ ଗୁଣ ଜମା ବଢାଇ ନେବା ଉଚିତ । ଆମ୍ଭମାନଙ୍କ ମତରେ ଦ୍ୱିଗୁଣରୁ ଅଧିକ ଜମା ବଢାଇବା ଉଚିତ ନୁହଇ ଓ ଗବର୍ଣ୍ଣମେଣ୍ଟ ଯେବେ ଅଧିକ କାଳ ଲୋଭ ସମ୍ଭାଳି ରହି ନ ପାରନ୍ତି ତେବେ ବନ୍ଦୋବସ୍ତର ମିଆଦ ଅଳ୍ପ କରି ଦେଉନ୍ତୁ । ଦଶ କି ବାରବର୍ଷ ଉତ୍ତାରୁ ଥରେ ଲେଖାଏ ଅନୁସନ୍ଧାନ କରି କ୍ରମଶଃ ଜମା ବଢାଇଲେ ପ୍ରଜାମାନଙ୍କୁ ତେତେ ବାଧିବ ନାହିଁ

Digitized by srujanika@gmail.com

Split by PDF Splitter



ଏବଂ ସେମାନେ ଆଜଠାରୁ ତାହା ଜାଣିପାରି ଆପଣା୨ ସୁବିଧାମତେ କାର୍ଯ୍ୟ ଚାଳକ ହେବେ। ଏପରି ନ କଲେ କଷ୍ଟର ଖଡ଼ୁଆର ପ୍ରକୃତ ପ୍ରତୀକାର ହୋଇ ନ ପାରେ। ବୋର୍ଡଙ୍କ ଆଦେଶନାମାରେ କେବଳ ଦୁଃଖିମାନେ ଉକ୍ତ ଖଡ଼ୁଆ ପାଇବାର ଉପଯୁକ୍ତ କିନ୍ତୁ ଧନବନ୍ତ ଲୋକଙ୍କର ଧନ ଅଛି ବୋଲି ସେ ତାହାଙ୍କ କର ଏକାବେଳକେ ଯଥେଚ୍ଛା ବୃଦ୍ଧି କରିବାକୁ ହେବ ଏ ନ୍ୟାୟ ଆମ୍ଭେମାନେ ବୁଝିବାକୁ ଅସମର୍ଥ ହେଲୁଁ। ଆମ୍ଭମାନଙ୍କ ବିବେଚନାରେ ଏକା "ମାରପିଟ ନେବୁ ଘେରେ" ନ୍ୟାୟରେ ଏତେ ଅଧିକ କର ବୃଦ୍ଧି ସୁସଙ୍ଗତ ହୋଇ ପାରେ। ଏହାଦ୍ୱାରା ଆମ୍ଭମାନଙ୍କ ଦୃଢ ବିଶ୍ୱାସ ଯେ ପ୍ରତ୍ୟେକ ପ୍ରଜାର ଅବସ୍ଥା ତଦାରଖ ହେଲେ ଅଧିକାଂଶ ଲୋକଙ୍କ ପ୍ରତି ବୃଦ୍ଧି ଜମା ନ୍ୟାୟକର ବୋଲି ପ୍ରକାଶ ପାଇବ ଓ ୨ ୧୬୦୦୦ ଙ୍କା ବାର୍ଷିକ ଖଡ଼ୁଆ ସମସ୍ତେ ଉପକାର ପାଇ ପାରିବେ ନାହିଁ। ଅନ୍ତତଃ ବାର୍ଷିକ ୩୪ ହଜାର ଟଙ୍କା ଛାଡ଼ ଦେବାକୁ ପଡ଼ିବ। ଆଉ ଯେବେ ଏତେ ଟଙ୍କା ଛାଡ଼ ଦେବାରୁ ହେଲା ତେବେ ଦୁଃଖି ପ୍ରଜାମାନଙ୍କୁ ପ୍ରତିବର୍ଷ ନିବେଦନ ନ କରି ଏକାବେଳକେ ଦଶ ବାରବର୍ଷ ନିମନ୍ତେ ତାହାଙ୍କର ଜମା ଊଣା କରିଦେବା ଭଲ ଅଟଇ। କାରଣ ତାହା ହେଲେ ପ୍ରଜାମାନେ ଏକ ନିଶ୍ଚିତ କାଳ ନିମନ୍ତେ ନିଶ୍ଚିନ୍ତ ହୋଇ ରହିବେ ଓ ପ୍ରତିବର୍ଷ ହାକିମ ବିଶେଷର ମିଜାଜ ଓ ବିବେଚନା ଉପରେ ବ୍ୟସ୍ତ ହେବେ ନାହିଁ।

ବନ୍ଦୋବସ୍ତ ପ୍ରଣାଳୀ ବିଷୟରେ ଯାହା ବକ୍ତବ୍ୟ ତାହା ଆଗାମି ସପ୍ତାହରେ ପ୍ରକାଶ କରିବାର ମାନସ ରହିଲା।

———

### ବାର୍ଷିକ ବିଜ୍ଞାପନା

(ପୂର୍ବ ପ୍ରକାଶିତ ପରାରୁ)

ଜନସାଧାରଣଙ୍କ ଭାବ।

ଓଡ଼ିଶାର ଲୋକେ ଶାନ୍ତ ଓ ଆଇନାନୁଗାମୀ ଅଟନ୍ତି ଓ କୌଣସି ପରିବର୍ତ୍ତନ ଇଚ୍ଛା କରନ୍ତି ନାହିଁ। ସୁତରାଂ ସେମାନେ କୌଣସି ବିଷୟରେ ଉତ୍ତେଜିତ ହୁଅନ୍ତି ନାହିଁ। ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଲାଇସେନସ ଟିକସ ଛାଡ଼ ଦେବାରୁ ଜନସାଧାରଣଙ୍କର ସନ୍ତୋଷ ଜନ୍ମିଅଛି ତଥାଚ ପ୍ରତ୍ୟକ୍ଷ ଟିକସ ପ୍ରଜାଙ୍କର ନୂତନ। ଅସ୍ତ୍ରଶସ୍ତ୍ର ଆଇନ ହେତୁ ଅସନ୍ତୋଷ ଜନ୍ମାଇ ନାହିଁ। କଟକନଗର ମଧ୍ୟସ୍ଥ ମୁସଲମାନଙ୍କ କବର ସ୍ଥାନମାନ ମ୍ୟୁନିସିପାଲିଟି ବନ୍ଦ କରିବାରୁ ସେମାନଙ୍କ ଅସନ୍ତୋଷ ହୋଇଥିଲା ମାତ୍ର କମିସନରଙ୍କ ଉତରପରସ୍ତ ଖତ ହେବାରୁ ସେ ଅସନ୍ତୋଷ ମେଣ୍ଟିଗଲା। ଦୁର୍ଗାପୂଜା କଚେରି ବନ୍ଦ କରିବା ଅମଲାଙ୍କ ମଧ୍ୟରେ ଅସନ୍ତୋଷ ଜନ୍ମାଇଥିଲା ମାତ୍ର ସେ ଆଜ୍ଞା ରହିତ ହେବାରୁ ସେମାନେ ଆନନ୍ଦିତ ହୋଇଅଛନ୍ତି। କଟକରେ ଦାଖଲ ଖାରଜ ସମ୍ବନ୍ଧରେ ଦୁଃଖୀ ଲାଖରାଜଦାରଙ୍କର କଷ୍ଟ ହରକତି ଓ କ୍ଲେଶ ହୋଇଅଛି।

ଜେନ୍ନାପଡ଼ାର ଗୁପ୍ତ ସାହେବ ବୋଲନ୍ତି ଯେ ସଦାବର୍ତ୍ତ ମଠର ଅପବ୍ୟୟ ବିଷୟରେ ଶୁଣାଯାଏ ଓ ଏପରି ଶୁଣିବାର କାରଣ ଅଛି। ହିନ୍ଦୁ ଦାତାମାନେ ଯେଉଁ ଅଭିପ୍ରାୟରେ ଦାନ କରି ଯାଇଅଛନ୍ତି ତାହା ବିଫଳ ହେବାର ଉଚିତ ନୁହେ। ବଙ୍ଗଳା ବ୍ୟବସ୍ଥାପକ ସଭାରେ ଯେଉଁ ଆଇନର ପାଣ୍ଡୁଲିପି ଆଗତ ଅଛି ତାହା ପ୍ରଚଳ ହେଲେ ସଦାବର୍ତ୍ତ ମଠର ଅବସ୍ଥା ସୁଧୁରି ପାରେ। ଏଥିକୁ କମିଶନର ସାହେବ ବୋଲନ୍ତି ଯେ ଏ କଠିନ ବିଷୟରେ ଭାରତବର୍ଷ ବ୍ୟବସ୍ଥାପକ ସଭାରେ ଆଇନ ହେବାର ଅଛି ଓ ତାହା ହେଲେ ଉତ୍ତମ ହେବ ମତ। ଏ ବିଷୟରେ ଜନସାଧାରଣଙ୍କର ବିଶେଷ ଭାବ ପ୍ରକାଶ ନାହିଁ କେବଳ କେତେକ ଶିକ୍ଷିତ ବ୍ୟକ୍ତିମାନେ ଏ ବିଷୟର ଆନ୍ଦୋଳନ କରନ୍ତି ଅନ୍ୟମାନଙ୍କର କିଛି ଆସ୍ଥା ନାହିଁ; ସତ୍ୟ, ସେ ହେତୁ କଣ ଗବର୍ଣ୍ଣମେଣ୍ଟ ମଧ୍ୟ ଆସ୍ଥା କରୁନାହାନ୍ତି? ତାହା ନୋହିଥିଲେ କି ପନ୍ଦର ବର୍ଷରେ ଏଥିର ଆଇନ ହୋଇ ନ ପାରନ୍ତା। ଏ ବିଷୟରେ ଆମ୍ଭେମାନେ ଅନେକ ଲେଖିଅଛୁଁ ଆଉ କଣ ଲେଖିବୁଁ।

ପୁରୀର କଲେକ୍ଟର ବୋଲନ୍ତି ସଦାବର୍ତ୍ତ ମଠମାନଙ୍କର ଅବସ୍ଥା ତଦନ୍ତ ହେବାର ଯେ ଆଶଙ୍କା ଜାତ ହୋଇଥିଲା ତାହା କ୍ରମେ ବିଦୂରିତ ହୋଇଅଛି। ଅନ୍ୟ କୌଣସି ବିଷୟରେ ଜନସାଧାରଣଙ୍କ ମନ ଉତ୍ତେଜିତ ହୋଇ ନାହିଁ। ସେମାନେ ବିନା ଅସନ୍ତୋଷରେ ଲାଇସେନ୍ସ ଟିକସ ଦେଇଅଛନ୍ତି।

ଉତ୍କଳ ସମ୍ବାଦପତ୍ରମାନଙ୍କ ପକ୍ଷରେ କମିଶ୍ନର ସାହେବ ଯାହା ଲେଖିଅଛନ୍ତି ତାହା ଗୋଟିଏ ପୃଥକ ପ୍ରବନ୍ଧରେ ଲେଖିବାର ମାନସ ରହିଲା। ଏ ସମ୍ବନ୍ଧରେ ଆର୍ମଷ୍ଟ୍ରଙ୍ଗ ସାହେବ ବୋଲନ୍ତି ଯେ ପୁରୀରେ କୌଣସି ସମ୍ବାଦପତ୍ର ନାହିଁ ଓ ନ ରହିପାରେ। କାହିଁକି? ତାଙ୍କର ପ୍ରତାପରୁ ନା କଣ?

—※—

ଆମ୍ଭମାନଙ୍କ ପୁରୀସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

ମହାମାନ୍ୟାସ୍ପଦ ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ଗତ ମାସ ତା ୨୧ ରିଖ ଶୁକ୍ରବାର ଦିନ ଆଠ ବାଜିବା ସମୟରେ ଏ ମୁକାମ ସମୁଦ୍ର କୂଳରେ ଅଗ୍ନିବୋଟଦ୍ୱାରା ପ୍ରବେଶ ହୋଇ ନଅ ବାଜିବା ସମୟରେ ବୋଟରୁ ଓହ୍ଲାଇବାର ହୁକୁମ ଦେବାରୁ ଶ୍ରୀଯୁକ୍ତ କଲେକ୍ଟର ସାହେବ ଉକ୍ତ ସମୟରେ ପଢ଼ାଇ ନେଇ ବୋଟକୁ ଯାଇ ଗବର୍ଣ୍ଣର ସାହେବ ମହୋଦୟ ଏବଂ ତାଙ୍କ ଗହଣରେ ଥିବା ଅନ୍ୟାନ୍ୟ ସାହେବମାନଙ୍କୁ ବୋଟରୁ ସରକଟ ହାଉସକୁ ବଗିମାନ କରାଇଲେ ସେଠାରେ ସମସ୍ତ ହାକିମ ଓ ପ୍ରଧାନ ଅମଲା ଓଗେରହ ହାଜର ଥିଲେ କଲେକ୍ଟର ସାହେବ ଡେପୋଟି କଲେକ୍ଟର ଓ ମୁନସଫ ଓ ଜାଙ୍କ ମାନେଜରଙ୍କୁ ଡକାଇ ଗବର୍ଣ୍ଣର ସାହେବଙ୍କ ହଜୁରରେ ସାକ୍ଷାତ କରାଇ ପରିଚୟ ଦିଆଇଲେ ତହିଁ ଗବର୍ଣ୍ଣର ମହୋଦୟ ଯଥା ବହୁମତରେ ବାକ୍ୟାଳାପ କଲେ ତତପର ଗବର୍ଣ୍ଣର ମହୋଦୟ ସମସ୍ତ ସାହେବାନ ସହିତ ସହରକୁ ଅସି ସିଂହଦ୍ୱାରଠାରେ କିଛିକ୍ଷଣ ଛିଡ଼ା ହୋଇ ଗରୁଡ଼ସ୍ତମ୍ଭ ଓ ମନ୍ଦିର ଆଦି ଦେଖି ଟ ୨୫୯ ଙ୍କା ଖାଜଣାକୁ ଦେଲେ ତତପରେ ଯାତ୍ରିମାନେ କିରୂପ ଗୃହରେ ରହନ୍ତି ତାହା ଦେଖି ମହାରାଜାଙ୍କ ନଅର ଦ୍ୱାରଠାରେ ପ୍ରବେଶ ହେଲେ। ମାନେଜରଙ୍କ ପ୍ରାର୍ଥନାମତେ ସମସ୍ତ ସାହେବ ଶ୍ରୀଦରବାର ଗୃହରେ ଯାଇ ଦ୍ୱିଜମାନ ହେଲେ ଓ ପ୍ରାୟ ଅର୍ଦ୍ଧଘଣ୍ଟା ହେବ ସେଠାରେ ବସି ସମସ୍ତ ସମାଗତ ପଣ୍ଡିତଙ୍କୁ ଓ ରାଜକୁମାରଙ୍କୁ ଦେଖି ଉତ୍ତମରୂପେ ଲେଖାପଢ଼ା ଶିକ୍ଷା କରିବାର ଉପଦେଶ ଦେଲେ ଓ ତତପର ଗୁଣ୍ଡିଚା ମନ୍ଦିରଠାକୁ ଯାଇ ବାହାରେ ସମସ୍ତ ଦେଖି କଲେକ୍ଟର ସାହେବଙ୍କ କୋଠିରେ ପ୍ରବେଶ ହେଲେ ସେଠାରେ କିଛିକ୍ଷଣ ଥାଇ ତହିଁଉତ୍ତାରୁ ବୋଟ ଉପରେ ଆରୋହଣ ହୋଇ ସେହି ଶୁକ୍ରବାର ଦିନ ଛଅ ବାଜିବା ସମୟରେ ବନ୍ଦରଠାରୁ ଗମନ କଲେ। ସାହେବଙ୍କ ପ୍ରଦତ୍ତ ଟ ୨୫୯ ଙ୍କାର ଭୋଗ ଖଟଣି ହୋଇ ବ୍ରାହ୍ମଣ ବୈଷ୍ଣବ ଓ ସେବକ ଓଗେରହଙ୍କୁ ମହାପ୍ରସାଦ ସେବା କରାଇ ଦିଆଗଲା।

କଲେକ୍ଟର ସାହେବ ଅଦ୍ୟ ଦେଢ଼ ସପ୍ତାହ ମୁକାମକୁ ଗଲେ ସେଠାରୁ ପିପିଲି ହୋଇ ଗସ୍ତର ମୁକାମ ଅନୁରୂପ ଖୋରଧାକୁ ଯିବେ।

କଲେକ୍ଟର ସାହେବ ଗବର୍ଣ୍ଣର ମହୋଦୟଙ୍କର ବିଦ୍ୟମାନ ହେବାର ସମାଚାର ପ୍ରାପ୍ତ ହେବାର ଅଳ୍ପ ସମୟ ମଧ୍ୟରେ ଗବର୍ଣ୍ଣର ମହୋଦୟ ଏ ମୁକାମରେ ପ୍ରବେଶ ହେବା ପ୍ରତ୍ୟୟରେ କଲେକ୍ଟର ସାହେବ ଅତି ଅଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ ହୋଇ ଗବର୍ଣ୍ଣର ମହୋଦୟଙ୍କୁ କଚେରୀ ଓ ସ୍କୁଲ ଓ ସହର ଓ ମନ୍ଦିର ଓ ଥାନା ଓ ହାସପାତାଲ ଓଗେରହ ନାନାଦି ଜାଗା ବାଟେ୨ ଦେଖାଇ ତାଙ୍କୁ ସନ୍ତୋଷ କଲେ ଏହା କଲେକ୍ଟର ସାହେବଙ୍କର ବାହାଦୁରି ଅଟେ।

———

## ସାପ୍ତାହିକ ସଂବାଦ।

ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ପୁରୀଠାରୁ ପରବାହାରେ କଲିକତାକୁ ଫେରି ଯାଇ ରବିବାର ଦିନ ସକାଳ ବେଳେ ସେଠାରେ ପହଞ୍ଚିଲେ। ଦିନ ଅଣ୍ଟ ହେବାରୁ ସେ କଟକ କିମ୍ବା ବୃନ୍ଦାବାଲ ଦେଖି ପାରିଲେ ନାହିଁ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୭ ଖ୍ୟା

ତା ୪ ରିଖ ମାହେ ଫିବ୍ରୁଏରି ସନ ୧୮୮୨ ମସିହା । ମୁ । ମାଘ ଦି ୨୪ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୯୫


ଓଡିଶାର ଉଲ୍ଲିଖିତ ଛାତ୍ରମାନେ ଯୁକ୍ତଅର୍ଥାତ୍ ନିମ୍ନଶ୍ରେଣୀର ବୃତ୍ତି ପାଇଅଛନ୍ତି ଯଥା;—

୨ୟ ଶ୍ରେଣୀ ।

ଅକ୍ଷୟଚନ୍ଦ୍ର ରାୟ କଟକ ଏକାଡେମୀ
ସତୀଶଚନ୍ଦ୍ର ବକ୍ସି କଟକ କଲେଜ
ଜନକହାସ ପାଲିତ "
ଗଗନବିହାରୀ ଭଉମିକ ବାଲେଶ୍ୱର ଜିଲାସ୍କୁଲ

୩ୟ ଶ୍ରେଣୀ ।

ହରପ୍ରସାଦ ଦାସ ବାଲେଶ୍ୱର ଜିଲାସ୍କୁଲ
ଜୀନଲଉଦ୍ଦୀନ ମହମ୍ମଦ କଟକ କଲେଜ
ମଧୁସୂଦନ ରାୟ ପୁରୀ ଜିଲାସ୍କୁଲ
ଲକ୍ଷ୍ମୀକାନ୍ତ ମୁଖୋପାଧ୍ୟାୟ କଟକ କଲେଜ
ମାଣ୍ଡୁଧର ଦାସ ପୁରୀ ଜିଲାସ୍କୁଲ
ଗୋବିନ୍ଦଚନ୍ଦ୍ର ସରକାର ଲେକନାଥସ୍କୁଲ ବାଲେଶ୍ୱର
ଚକ୍ରଧିକ ମିଶ୍ର ପୁରୀ ଜିଲାସ୍କୁଲ

ଏଥିରୁ ଦେଖାଯାଏ ଯେ ପରିଶେଷରେ ପୁରୀର ମାଣ୍ଡୁଧର ଦାସ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ନ ହୋଇ ଦ୍ୱିତୀୟ ଶ୍ରେଣୀରେ ହୋଇଥିଲା । ଏ ଛାତ୍ରଟି ସମ୍ବନ୍ଧରେ ଏତେ ଗୋଳମାଳ କି ସକାଶେ ହେଲା ।

---

ବାଣପୁର ଅଞ୍ଚଳରେ ଲୋକସଂଖ୍ୟା ସମ୍ପର୍କରେ ବିଦ୍ରୋହର ଆଶଙ୍କା କରି ପୁରୀର କଲେକ୍ଟର ଓ ଖୋରଧାର ହାକିମମାନେ ଦୌଡ଼ାଦୌଡ଼ି ସେଠାକୁ ଯାଇଅଛନ୍ତି । ପୁଲିସ ସୈନ୍ୟ ମଧ୍ୟ ପ୍ରେରିତ ହୋଇଅଛନ୍ତି ଏବଂ କମିଶନର ସାହେବ ବନମାଳୀକୁ ଯିବା ସ୍ଥଗିତ କରି ଏହି ସ୍ଥାନକୁ ଆସୁଅଛନ୍ତି । ଏ ବ୍ୟାପାରର ବିସ୍ତାରିତ ବିବରଣ ଆମ୍ଭେମାନେ ଅବଧି କିଛି ଶୁଣି ନାହୁଁ କିନ୍ତୁ ବାସ୍ତବରେ ବାଣପୁରର ଲୋକମାନେ ବିଦ୍ରୋହୀ ହୋଇଅଛନ୍ତି ଆମ୍ଭେମାନେ ଏ ପ୍ରକାର ବିଶ୍ୱାସ କରି ପାରୁ ନାହୁଁ । ଯେମନ୍ତ ସାନ୍ତାଳମାନେ ପୁଲିସଙ୍କ ଅତ୍ୟାଚାରରେ ବିଗିଡ଼ି ଉଠିଥିଲେ ସେହିପରି ଏଠାରେ କିଛି ଘଟିଥିବା ବିଚିତ୍ର ନାହିଁ କାରଣ ବନ୍ଦୋବସ୍ତ ସମ୍ପର୍କରେ ଅମୀନ ପ୍ରଭୃତି ଯେମନ୍ତ ଅତ୍ୟାଚାର କରିବାର ଶୁଣାଯାଏ ଲୋକସଂଖ୍ୟାକୁ ଯେବେ ସେହିପରି ଗୋଟାଏ ଅର୍ଜନର ଉପାୟ କରିଥିବେ ତେବେ ତହିଁରେ ବିଚିତ୍ର କିଛି ନାହିଁ । ଆମ୍ଭେମାନେ ଆଶା କରୁଁ ଯେ ସ୍ଥାନୀୟ ହାକିମମାନେ କେବଳ ବିଦ୍ରୋହ ନାମରେ ଚମକି ନ ଉଠି ପ୍ରଜାଙ୍କର କୌଣସି ଦୁଃଖ କି ଭ୍ରମ ଥିଲେ ତହିଁର ପ୍ରକୃତ ପ୍ରତୀକାର ବିଧାନ କରିବେ ।

ଏ ଉତ୍ତାରୁ ଶୁଣିଲୁଁ ଯେ ମାଜିଷ୍ଟ୍ରେଟ ସାହେବ କୌଣସି ବିଦ୍ରୋହର ଚିହ୍ନ ନ ପାଇ ସସୈନ୍ୟେ ବାହୁଡ଼ି ଆସିଅଛନ୍ତି ।

---

କଲିକତା ବିଶ୍ୱବିଦ୍ୟାଳୟର ବି,ଏ, ପରୀକ୍ଷାର ଫଳ ବାହାରିଅଛି । ଜ ୩୫୪ ଣ ମଧ୍ୟରୁ ୧ମ ଶ୍ରେଣୀ ଜ ୨୦ ଣ ଦ୍ୱିତୀୟ ଶ୍ରେଣୀରେ ଜ ୪୦ ଣ ଏବଂ ୩ୟ ଶ୍ରେଣୀରେ ଜ ୯୪ ଣ ସର୍ବସୁଦ୍ଧା ଜ ୧୫୪ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପ୍ରେସିଡେନ୍ସୀ କଲେଜ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ଆପଣାର ସ୍ୱାଭାବିକ ଟେକ ରକ୍ଷା କରିଅଛି । କଟକ କଲେଜରୁ ଦୁଇଜଣ ପରୀକ୍ଷା ଦେବା ନିମିତ୍ତ ଯାଇଥିଲେ ତହିଁ ମଧ୍ୟରୁ କେବଳ ଏକଜଣ ଅର୍ଥାତ୍ ଜାନକୀବଲ୍ଲଭ ଘୋଷ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି । ଗତ ବର୍ଷ ମଧ୍ୟ ଠିକ ଏହିପରି ଫଳ ହୋଇଥିଲା ଏବଂ ଏହା ଯେ ଏଠା କଲେଜ ପ୍ରତି ନିତାନ୍ତ ଅସନ୍ତୋଷଜନକ ଏ କଥା ବୋଲିବା ବାହୁଲ୍ୟ ଅଟଇ । ଆଗଠାରୁ ସମସ୍ତେ କହୁଥିଲେ ଯେ ଏଠା କଲେଜର ଫଳ ଭଲ ହେବ ନାହିଁ ଏବଂ ପ୍ରତ୍ୟକ୍ଷରେ ତାହାଇ ଦେଖାଗଲା । ବହୁତ କଷ୍ଟରେ ଓଡିଶାର ଭାଗ୍ୟକୁ ଗୋଟିଏ କଲେଜ ମିଳିଅଛି କିନ୍ତୁ ଯେପରି ତହିଁରୁ ସୁଫଳ ଫଳିବ ଗବର୍ଣ୍ଣମେଣ୍ଟ କିମ୍ବା ସ୍ଥାନୀୟ ପ୍ରଧାନ କର୍ମଚାରୀମାନେ ଅରେମାତ୍ର ତାହା ଭାବୁ ନାହାନ୍ତି । ଆଉ ପିଲାଙ୍କ ମୁଣ୍ଡରେ ଦୋଷ ଛଡ଼ାଇଲେ ଚଳିବ ନାହିଁ ଏଥିର ସାଧାରଣ ମତ ଏହି ଯେ କଲେଜର ଶିକ୍ଷାକାର୍ଯ୍ୟ ଯେଉଁ ପ୍ରଣାଳୀରେ ଚାଲିବାର ଉଚିତ ତାହା ହେଉ ନାହିଁ ଓ ତହିଁ ସକାଶେ ପ୍ରିନ୍‌ସିପଲ ଦାୟୀ ଅଟନ୍ତି । ଆମ୍ଭେମାନେ ବିବେଚନା କରୁଁ କି ଶ୍ରୀଯୁକ୍ତ ଏଜର ସାହେବଙ୍କୁ ବଦଳ କରି ଦେଇ ଜଣେ ବିଜ୍ଞଦର୍ଶୀ ପ୍ରିନ୍ସପଲ ଗବର୍ଣ୍ଣମେଣ୍ଟ ଏଠାକୁ ପ୍ରେରଣ କରନ୍ତୁ ତହିଁରେ କଲେଜର ଦୁର୍ଦ୍ଦଶା ଅବଶ୍ୟ ଘୁଞ୍ଚି ଯାଇ ପାରେ । ଏହା ଛଡ଼ା ଆଉ କିଛି ଉପାୟ ଦିଶୁ ନାହିଁ ।

---

ମୃତ ଶ୍ରୀନାଥ ବୋଷଙ୍କ ଲାସ ଉଦ୍ଧାରଣରେ ସେ ଶଙ୍ଖିଆ ବିଷ ଖାଇ ପ୍ରାଣ ତ୍ୟାଗ କରିଥିବାର ନିଶ୍ଚୟ ଜଣା ଗଲା । ସେ ଏତେ ଶଙ୍ଖିଆ ଖାଇଥିଲେ ଯେ ଯଥା ସମୟରେ ଚିକିତ୍ସା ହୋଇ-

Digitized by srujanika@gmail.com

ଥିଲେ ମଧ୍ୟ ବଞ୍ଚିବାର ସମ୍ଭାବନା ନ ଥିଲା ଏବଂ ମୃତ୍ୟୁ ଉତ୍ତାରୁ ପେଟରୁ ଯେତେ ଶଙ୍ଖୁଆ ଡାକ୍ତର ବାହାର କଲେ ତହିଁରେ ଆଉ ଦୁଇ ଏକ ଲୋକ ମର ପାରନ୍ତେ । କଥିତ ହୁଅଇ ଯେ ଦଣ୍ଡାଜ୍ଞା ଶୁଣିଲା ଉତ୍ତାରୁ ସେ ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କ ଅନୁମତି ନେଇ ଆପଣା ଦ୍ରବ୍ୟାଦି ଘରକୁ ପଠାଇବା କାରଣ ବସାକୁ ଗଲେ ଓ ଯଦ୍ୟପି କ ହେଡ କନଷ୍ଟବଲ ସଙ୍ଗରେ ଥିଲା ମାତ୍ର ସେ ବସା ଦ୍ୱାରରେ ବସି ରହିଲା ବାବୁ ଘରେ ପଶି ଦ୍ରବ୍ୟାଦିର ବନ୍ଦୋବସ୍ତ ସହିତ ନିଜର ଅନ୍ତଃକାଳର ବନ୍ଦୋବସ୍ତ କରିଦେଲେ । ଏଥିରୁ ଅନୁମାନ ହୁଅଇ ଯେ ସେ ପୂର୍ବଠାରୁ ଆତ୍ମହତ୍ୟା ସ୍ଥିର କରି ଆପଣା ପାଖରେ ବିଷ ସଂଗ୍ରହ କରି ରଖିଥିଲେ ଯେମନ୍ତ ମହାଜ୍ଞା ଶୁଣିଲେ ତେମନ୍ତ ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କ ଆଖିରେ ଧୂଳି ପକାଇ ଆପଣା ସଂକଳ୍ପ ପୂର୍ଣ୍ଣ କଲେ । ଅବଶ୍ୟ ସାହେବ ପ୍ରଶଂସିତ ଅତ୍ୟନ୍ତ ଦୟାର ବଶବର୍ତ୍ତୀ ହୋଇ ତାହାଙ୍କୁ ବସାକୁ ଯିବାର ଅନୁମତି ଦେଇଥିଲେ ମାତ୍ର ସେପ୍ରକାର ଦୟା ଯେ ଅନ୍ୟାୟ୍ୟ ଥିଲା ଏବଂ ବାବୁ ତହିଁର ଉପଯୁକ୍ତ ନ ଥିଲେ ସମ୍ପ୍ରତି ସାହେବ ତାହା ଜାଣି ପାରିଅଛନ୍ତି । ଆତ୍ମହତ୍ୟା ଅତ୍ୟନ୍ତ ଘୃଣିତ ଓ କାପୁରୁଷର କାର୍ଯ୍ୟ ଅଟଇ ତଥାଚ ବାବୁଙ୍କର ମନକୁ ସେତେ ଯାହା ଦେଖାଗଲା ତେବେ ମୋକଦ୍ଦମା ନିଷ୍ପତ୍ତିର ପୂର୍ବେ ତାହା କରିଥିଲେ ଆଉ ତାହାଙ୍କ ନାମରେ କଳଙ୍କ ହୁଅନ୍ତା ନାହିଁ ଏବଂ ଯେବେ ସେ ଅନ୍ୟାୟ୍ୟ ଦଣ୍ଡ ପାଇ ଥାନ୍ତେ ତେବେ ଅପିଲ କରି ସେ ଆଜ୍ଞାକୁ ରଦ କରାଇବାର ଉପାୟ ନାହିଁ । ଫଳତଃ ବାଙ୍କୀ ମାମଲା ବଡ ଦୁଃଖରେ ଶେଷ ହେଲା ।

---

## କଟକ ଖାସମାହାଲ ବନ୍ଦୋବସ୍ତ ।

ନୂତନ ଜମା ଯେ ଅତ୍ୟନ୍ତ ଟାଣ ହୋଇଅଛି ତାହା ଆମ୍ଭେମାନେ ଗତ ସପ୍ତାହରେ ଦର୍ଶାଇ ଅଛୁଁ । ଯେଉଁ କାରଣରୁ ନୂତନ ବନ୍ଦୋବସ୍ତ ପ୍ରଣାଳୀକୁ ଆମ୍ଭେମାନେ ଦୋଷଯୁକ୍ତ ଜ୍ଞାନ କରୁଁ ତାହା ବର୍ତ୍ତମାନ ସଂକ୍ଷେପରେ ଲେଖୁଅଛୁଁ ।

ପ୍ରତ୍ୟେକ ଦଖଲକାର ଏବଂ ମଧ୍ୟବର୍ତ୍ତୀ ପ୍ରଜାର ସ୍ୱତ୍ୱ ଓ ଖଜଣା ପରସ୍ପରରୂପେ ନିର୍ଣ୍ଣୟ କରିବା ବନ୍ଦୋବସ୍ତର ମୂଳ ନିୟମ ଅଟଇ । ସନ ୧୮୨୨ ସାଲର ୭ ଆଇନର ମର୍ମ ଏହି ପ୍ରାୟ ଅଟଇ । ଏବଂ ବଙ୍ଗଳା ବ୍ୟବସ୍ଥାପକ ସଭାରୁ ଜାରି ହୋଇଥିବା ବନ୍ଦୋବସ୍ତ ସମ୍ପର୍କୀୟ ସନ ୧୮୭୯ ସାଲର ଆଠ ଆଇନରେ ମଧ୍ୟ ଏହି ବିଧାନ ଅଛି । ଶେଷ ଲିଖିତ ଆଇନରେ ଉକ୍ତ ଆଇନର ଧାରାରେ ପ୍ରକୃତ ଦଖଲକାର ବ୍ୟକ୍ତି ସଙ୍ଗେ ଖଜଣା ବନ୍ଦୋବସ୍ତ କରି ମଧ୍ୟବର୍ତ୍ତୀ ପ୍ରଜାକୁ ଆବଶ୍ୟକ ସ୍ଥଳେ ମାଲିକାନା ସ୍ୱରୂପ କିଛି କାଟି ଦେବାର ନିୟମ ହୋଇଅଛି । କଟକ ଖାସମାହାଲ ବନ୍ଦୋବସ୍ତ ଆରମ୍ଭରେ ଜବାବ କାର୍ଯ୍ୟଟି ପ୍ରୟୋଜନ ମତେ ବାହୁଲ୍ୟରୂପେ ହୋଇଥିଲା ପ୍ରତ୍ୟେକ ପ୍ରଜାର ଅଧିକାରରେ ଯେପ୍ରକାରର ଯେତେ ଜମି ଅଛି ତାହା ବିସ୍ତାରିତରୂପେ ଲେଖା ହୋଇଅଛି ମାତ୍ର ବନ୍ଦୋବସ୍ତ ବେଳେ ପ୍ରତ୍ୟେକ ପ୍ରଜାକୁ କେତେ ଖଜଣା ଦେବାକୁ ହେବ ତାହା ସକଳ ସ୍ଥଳରେ ନିର୍ଣ୍ଣୟ ନ ହୋଇ କୌଣସିଠାରେ ପ୍ରକୃତ ଦଖଲକାର ପ୍ରଜା ସହିତ ଏବଂ ଅଧିକାଂଶ ସ୍ଥଳରେ ମଧ୍ୟବର୍ତ୍ତୀ ପ୍ରଜାଙ୍କ ସହିତ ବନ୍ଦୋବସ୍ତ ହୋଇଅଛି । ଏହି ମଧ୍ୟବର୍ତ୍ତୀ ପ୍ରଜା ଦୁଇପ୍ରକାରର ଅଟନ୍ତି ଯଥା ପ୍ରଥମ ଯେ ତ ଅନେକ କବୁଲିୟତି ଜମିର ଏକାଂଶରେ ଆପେ ଘରବାରି କରି ଅବଶିଷ୍ଟ ଜମି ଅଧିକା ଜମାରେ ଅନ୍ୟ ପ୍ରଜାଙ୍କୁ ଦେଇ ଅଛନ୍ତି ଏବଂ ଦ୍ୱିତୀୟ ଯେଉଁମାନେ ଆପଣା କବୁଲିୟତି ସମସ୍ତ ଜମି କେବଳ ପ୍ରଜାଙ୍କୁ ଲଗାଇ ଦେଇଅଛନ୍ତି । ଦୁଇପ୍ରକାର ମଧ୍ୟବର୍ତ୍ତୀ ପ୍ରଜାଙ୍କ ଅଧୀନରେ ଯେତେ ପ୍ରଜା ଅଛନ୍ତି ସେମାନେ ପ୍ରତ୍ୟେକ ବ୍ୟକ୍ତି କେତେ ଖଜଣା ଦେବେ ତାହା ବନ୍ଦୋବସ୍ତକର୍ତ୍ତା କିଛିମାତ୍ର ସ୍ଥିର ନ କରି ଏକା ମଧ୍ୟବର୍ତ୍ତୀ ପ୍ରଜାର ମୋଟ ଜମି ଉପରେ ଖଜଣା ଧାର୍ଯ୍ୟ କରିଅଛନ୍ତି । ଏଥିରେ ଯେପରିମାଣରେ ଅଧୀନ ପ୍ରଜାଙ୍କର ଅନିଷ୍ଟ ହୋଇଅଛି ତାହା ବର୍ଣ୍ଣନାତୀତ । ଏପ୍ରକାର ସମସ୍ତ ସ୍ଥଳରେ ମଧ୍ୟବର୍ତ୍ତୀ ପ୍ରଜାମାନେ ଆପଣା ଇଚ୍ଛାମତେ ଅଧୀନ ପ୍ରଜାଙ୍କ ଉପରେ କର ବଢାଉଅଛନ୍ତି ଓ ତହିଁରେ ସମ୍ମତ ନ ହେଲେ ଅଦାଲତରେ ନାଲିଶ କରି ସେମାନଙ୍କ ଘର ଭଙ୍ଗାଇ ଜମିରୁ ଉଠାଇ ଦେଉଅଛନ୍ତି ଖାସମାହାଲ ଜମି ଘରବାରି ଜମି ଅଟଇ ଏଥିରେ ବଙ୍ଗଆଇନାନୁସାରେ ଜୋତସ୍ୱତ୍ୱ ହୋଇ ନ ପାରେ ଏବଂ ପଟ୍ଟା କବୁଲିୟତ ବିଧିମତ କରିବା କର୍ତ୍ତବ୍ୟ ବୋଲି ପୂର୍ବେ କେହି ଅନୁଭବ କରି ନ ଥିଲେ ସୁତରାଂ ଅଧୀନ ପ୍ରଜାଙ୍କର ରକ୍ଷାର ବାଟ ନାହିଁ । ମଧ୍ୟବର୍ତ୍ତୀ ପ୍ରଜା ଯେତେ ଅଧିକ ଖଜଣା ଚାହିଁବେ ତାହା ଦେବେ ନୋହିଲେ ଉଠିଯିବେ । ଏହିପରି ଅନେକ ମୋକଦ୍ଦମା ଏଠା ଦେୱାନୀ ଅଦାଲତରେ ହୋଇ ପ୍ରଜାର ସର୍ବନାଶ ହେଉଅଛି । ଯେବେ ବନ୍ଦୋବସ୍ତ ପ୍ରଜାଙ୍କ ସହିତ ହୋଇଥାନ୍ତା ଏବଂ ମଧ୍ୟବର୍ତ୍ତୀ ପ୍ରଜାମାନେ ଆପଣା ସ୍ୱତ୍ୱ ଅନୁସାରେ ମାଲିକାନା ପାଇବାର ବିଧାନ ହୋଇଥାନ୍ତା ତାହା ହେଲେ ଏତେ ଅନ୍ୟାୟ ହୁଅନ୍ତା ନାହିଁ । ଗବର୍ଣ୍ଣମେଣ୍ଟ ଦୁଃଖୀ ପ୍ରଜାଙ୍କୁ କ୍ଷମା ଦେବାର ନିୟମ କରିଅଛନ୍ତି । କିନ୍ତୁ ଯେ ସ୍ଥଳେ ମଧ୍ୟବର୍ତ୍ତୀ ପ୍ରଜା ସଙ୍ଗତିପନ୍ନ ଓ ତାହାର ଅଧୀନ ପ୍ରଜା ଦୁଃଖୀ ସେ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର ଦୟା ନିଷ୍ଫଳ ହେଉଅଛି ଏବଂ ସେ ପ୍ରଜାର ଦୁଃଖ ଗବର୍ଣ୍ଣମେଣ୍ଟ ଆଦୌ ଜାଣି ପାରୁନାହାନ୍ତି । ଆଉ କେତେ ସ୍ଥଳରେ ଦୁଃଖୀ ପ୍ରଜା ଅଧିକାରରେ ଅନର୍ଥକ ତାହାର ପ୍ରୟୋଜନର ଅଧିକ ଜମି ଦିଆଯାଇ ତଦନୁସାରେ ତାହା ଉପରେ ଜମା ଅଧିକ ବସିଅଛି । ଅଧିକା ଜମି ତାହାଠାରୁ କାଢି ନେଇଥିଲେ କ୍ଷତି ନ ଥିଲା କିମ୍ବା ସେ ଜମିକୁ ଅଲଗା ନମ୍ବରରେ ବନ୍ଦୋବସ୍ତ କରିଥିଲେ ସେ ଇଚ୍ଛାମତେ ତାହା ଛାଡି ଦେଇ ପାରନ୍ତା । ବନ୍ଦୋବସ୍ତର ଉପରଲିଖିତ ମୂଳ ନିୟମକୁ ବନ୍ଦୋବସ୍ତକର୍ତ୍ତା ପରିତ୍ୟାଗ କରି କୌଣସିରୂପେ କାର୍ଯ୍ୟ ଶେଷ କରିଥିବାରୁ ଏପ୍ରକାର ମନ୍ଦବନ୍ଦୋବସ୍ତ ହୋଇଅଛି । ପ୍ରତ୍ୟେକ ପ୍ରଜାର ସ୍ୱତ୍ୱ ଓ ଖଜଣା ବିଧିମତ ନିର୍ଦ୍ଦିଷ୍ଟ ହୋଇଥିଲେ ଏପ୍ରକାର କୌଣସି ଅନିଷ୍ଟ ଘଟନ୍ତା ନାହିଁ । ଗବର୍ମେଣ୍ଟଙ୍କୁ ସେପ୍ରକାର ସ୍ୱତ୍ୱ ନିର୍ଣ୍ଣୟ କରିବା ନିତାନ୍ତ ଆବଶ୍ୟକ ଅଟଇ କାରଣ ଯେ ସ୍ଥଳେ ହାଇକୋର୍ଟର ନଜୀର ଅନୁସାରେ ଘରବାରି ଜମି ପ୍ରତି ଜୋତସ୍ୱତ୍ୱ ଲବ୍ଧ ହୋଇ ନ ପାରେ ଏବଂ କଟକ ଖାସମାହାଲର ସମସ୍ତ ପ୍ରଜା କେବଳ ଘରବାରି ଜମି ଦଖଲ କରନ୍ତି ସେ ସ୍ଥଳେ କି ଦଖଲ କି ମଧ୍ୟବର୍ତ୍ତୀ ପ୍ରଜା କାହାର କିଛି ସ୍ୱତ୍ୱ ନାହିଁ ଏ ଅବସ୍ଥାରେ ଗବର୍ଣ୍ଣମେଣ୍ଟ ଯେବେ କେତେ ପ୍ରଜାର ସ୍ୱତ୍ୱ ନିର୍ଣ୍ଣୟ କଲେ ଏବଂ ଅବଶିଷ୍ଟଙ୍କୁ ଏକାବେଳକେ ଛାଡିଦେଲେ ତେବେ ତାହା କି ଅତ୍ୟନ୍ତ ଅନ୍ୟାୟ ହୋଇ ନାହିଁ ଆମ୍ଭେମାନେ ଏକାନ୍ତ ଭରସା କରୁଁ ଯେ ମାନ୍ୟବର ଲେପ୍ଟନାଣ୍ଟ ଗବର୍ଣ୍ଣର ଏ ସମସ୍ତ ବିଷୟ ଉତ୍ତମରୂପେ ବିବେଚନା କରି ବିହିତ ଆଜ୍ଞା ପ୍ରଦାନ କରିବେ ।

---

## ବାର୍ଷିକ କାର୍ଯ୍ୟପତ୍ରୀ ।

( ଗତପ୍ରକାଶିତ ଉତ୍ତାରୁ )

### ପୁଲିସ ଓ ଅପରାଧ ।

ସନ ୧୮୭୭ ସାଲରେ ୭୬୬୦ ସନ ୧୮୭୮ ରେ ୭୩୧୮ ଓ ସନ ୧୮୭୯ ରେ ୭୧୧୮

Split by PDF Splitter



ପୁଲିସ ହସ୍ତକ୍ଷେପ୍ୟ ମୋକଦ୍ଦମା ଘଟିଥିଲା । ଏଥିରୁ ପ୍ରକାଶ ଯେ ବାଲେଶ୍ୱରରେ ଅପରାଧ ପୂର୍ବାପେକ୍ଷା ଊଣା ଥିଲା ଓ ତହିଁର କାରଣ ଲୋକଙ୍କ ସୁସ୍ଥାବସ୍ଥା ଅଟଇ । ବାଲେଶ୍ୱରରେ ପୂର୍ବାପେକ୍ଷା ଅପରାଧ ଅନେକ ଊଣା ହୋଇଅଛି ଓ ସେଠାର ମେଜିଷ୍ଟ୍ରେଟ ବୋଲନ୍ତି ଯେ "ଏ ଜିଲ୍ଲାର ଫଉଜଦାରୀ କର୍ମ ଲଘୁ ଅଟଇ ଓ ଗୁରୁତର ଅପରାଧରୁ କୌଣସି ଜିଲ୍ଲା ଏପରି ମୁକ୍ତ ହେବାର ଆମ୍ଭେ ଦେଖି ନାହୁଁ । ଏଠାର ଲୋକେ ସରଳ ଅଟନ୍ତି ଓ ବଙ୍ଗାଳିଙ୍କ ସମାନ ମିଥ୍ୟାଭାଷୀ ବା ମିଥ୍ୟା ପ୍ରମାଣର ରଚନାକାରୀ ନୁହନ୍ତି । ଏମାନଙ୍କ ମିଥ୍ୟା ମୋକଦ୍ଦମାର ମଧ୍ୟ କିଛି ଯଥାର୍ଥ କାରଣ ଥାଏ ଏପରି ବଙ୍ଗଳାରେ ଦେଖା ନ ଯାଏ । ଏଦେଶୀୟ ଲୋକଙ୍କ ମଧ୍ୟରେ ଲାଖରାଜଦାର ବ୍ରାହ୍ମଣମାନେ ଅଧିକ ଅନିଷ୍ଟକାରୀ ଓ ମାମଲାବାଜ ଅଟନ୍ତି । ଅଧିକାଂଶ ସାମାନ୍ୟ ଅପରାଧର ମୂଳ କାରଣ ଅଫୀମ ସେବନ ଅଟଇ" ଏଥକୁ କଟକ କମିଶ୍ନର ସାହେବ ବୋଲନ୍ତି ଯେ ଓଡ଼ିଶାରେ ଗୁରୁତର ଅପରାଧ ଅଧିକ ହୁଅଇ ନାହିଁ । ଫସଲର ନ୍ୟୂନାଧିକ୍ୟ ଅନୁସାରେ ସାମାନ୍ୟ ଚୋରୀ ଇତ୍ୟାଦିର ହ୍ରାସ ବୃଦ୍ଧି ହୋଇ ଥାଏ ଓ ଏହା ଭାରତବର୍ଷର ସର୍ବତ୍ରରେ ଦେଖା ଯାଏ। ପୁଲିସଙ୍କ କାର୍ଯ୍ୟ ବିଷୟରେ କମିଶ୍ନର ବା ଗବର୍ଣ୍ଣମେଣ୍ଟ କିଛି ମତ ପ୍ରକାଶ କରି ନାହାନ୍ତି ମାତ୍ର ଆମ୍ଭମାନଙ୍କ ବିବେଚନାରେ ପୁଲିସ ଚାଲାଣି ମୋକଦ୍ଦମାରେ ଫଳ ସନ୍ତୋଷଜନକ ନୁହେ । ମୋଟ ୨୧୧୮ ମୋକଦ୍ଦମା ମଧ୍ୟରୁ ମିଥ୍ୟା ମୋକଦ୍ଦମା ବାଦ ଯାଇ ୨୦୨୪ ମୋକଦ୍ଦମା ପୁଲିସ ଚଲାଣ କରିଥିଲେ ଏଥିରୁ ୬୬୪୦ ମୋକଦ୍ଦମାରେ ଦଣ୍ଡ ଘଟି ଥିଲା । ଚାଲାଣି ପ୍ରତି ଦଣ୍ଡର ଶତକଡ଼ା ୪୩ ଅଟଇ ପୂର୍ବ ବର୍ଷର ଶତକଡ଼ା ୪୦ ଥିଲା । ପୁଲିସ ଅହସ୍ତକ୍ଷେପ୍ୟ ମୋକଦ୍ଦମା ଅର୍ଥାତ ଫଉଜଦାରୀରେ ନାଲିଶ ମୋକଦ୍ଦମାର ସଂଖ୍ୟା ୨୦୨୪ ଅଟଇ ପୂର୍ବବର୍ଷ ୫୨୩୯ ଥିଲା । ଏ ମୋକଦ୍ଦମାମାନଙ୍କରେ ଜ ୫୨୧୩ ଣ ବ୍ୟକ୍ତିଙ୍କ ପ୍ରତି ସମନ ହୋଇଥିଲା ସେମାନଙ୍କ ମଧ୍ୟରୁ ଜ ୩୨୪୭ ଣ ଉପସ୍ଥିତ ହେଲେ ଓ ଜ ୧୮୮୯ ଣ ଦଣ୍ଡ ପାଇଲେ ।

ଦେବାନୀ ମୋକଦ୍ଦମାରେ ଅନେକ ବୃଦ୍ଧି ଦେଖା ଯାଏ । କଟକରେ ସନ ୧୮୭୮ ରେ ୭୨୯୯ ମୋକଦ୍ଦମା ହୋଇଥିଲା ସନ ୧୮୭୯ ରେ ମୋକଦ୍ଦମାର ସଂଖ୍ୟା ୮୦୮୩ ଅଟଇ । ଏଥି ମଧ୍ୟରେ ଛୋଟଅଦାଲତର ମୋକଦ୍ଦମା ୩୮୪୧ ଓ ୪୯୨୫ ଯଥାକ୍ରମେ ଅଟଇ । ବାଣିଜ୍ୟ ବ୍ୟବସାୟର ବୃଦ୍ଧି ଓ ଲୋକଙ୍କ ସୁସ୍ଥବସ୍ଥା ଦେବାନୀ ମୋକଦ୍ଦମା ବୃଦ୍ଧିର କାରଣ ସ୍ୱରୂପ ନିର୍ଦ୍ଦିଷ୍ଟ ହୋଇଅଛି ଏହା ଯଥାର୍ଥ ଅଟେ । ପୂର୍ବାପେକ୍ଷା ପୁରୀ ବାଲେଶ୍ୱରରେ ମଧ ଦେବାନୀ ମୋକଦ୍ଦମା କିଛି ବୃଦ୍ଧି ହୋଇଅଛି ।

ଓଡ଼ିଶାରେ ଜମିଦାରୀର ସଂଖ୍ୟା ୫୨୬୪ ଓ ତହିଁର ରାଜସ୍ୱ ଟ ୧୨୮୩୯୦୨୮ ଙ୍କା ଅଟଇ । ଏଥି ମଧ୍ୟରେ ବର୍ଷ ମଧ୍ୟରେ ଟ ୧୬୯୩୦୫୫ ଓସୁଲ ହୋଇଥିଲା ।

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖି ଅଛନ୍ତି ଯଥା;—

୧ । ଅଦ୍ୟ ଅମାବାସ୍ୟାରେ ବାରୁଣୀସ୍ନାନ ଯୋଗ ଜ୍ୟୋତିଷ ଶାସ୍ତ୍ରମତେ ଘଟଣା ହୋଇଥିବାରୁ ବୈତରଣୀ ନଦୀରେ ସ୍ନାନ ଉପଲକ୍ଷରେ କୋଡ଼ିଏ ହଜାର ପର୍ଯ୍ୟନ୍ତ ଯାତ୍ରୀ ହୋଇଥିଲେ ସେମାନେ ନାଭିପଦରେ ସ୍ନାନ ଓ ଦର୍ଶନ ସାରି କରି ଆପଣା ୨ ଗୃହକୁ ଫେରି ଯାଉଅଛନ୍ତି ।

୨ । ଏ ସବ୍ ଡିଭିଜନ ଅନ୍ତର୍ଗତ ମଫସଲ ଗ୍ରାମମାନଙ୍କରେ ଏକଏକ ସ୍ଥାନରେ ଓଲାଉଠା ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି । ଶ୍ରୀଯୁତ ବାବୁ ହରେକୃଷ୍ଣ ଗଙ୍ଗୋପାଧ୍ୟାୟ ତିନମାସ ଅବସର ଗ୍ରହଣ କରି ସ୍ୱଦେଶକୁ ଯାଉଥିବାରୁ ଶ୍ରୀଯୁତ ବାବୁ ଯୋଗେନ୍ଦ୍ରନାଥ ଦେବ ଏକଟିଂ ମୁନସଫ ନିଯୁକ୍ତ ହୋଇ ଆସି ଅଦ୍ୟ ଚାର୍ଜ ଗ୍ରହଣ କରିଅଛନ୍ତି ।

୩ । ନାଳଯୋଗେ କେତେକ ଉତ୍କୃଷ୍ଟ ଜମି ନିକୃଷ୍ଟ ଅବସ୍ଥାକୁ ଲଭି ତହିଁର ଉତ୍ପାଦନ ଶକ୍ତି ଊଣା ହୋଇଥିବା ଯେ ପ୍ରଜାମାନେ ଆପତ୍ତି କରିଅଛନ୍ତି ତାହା ଅମୂଳକ ନୁହେ ଏପରି ଅବସ୍ଥା ଅନେକ ସ୍ଥଳେ ପ୍ରତ୍ୟକ୍ଷ ହୋଇଅଛି ଓ ମଧ୍ୟ କେତେକ ଠେଙ୍ଗ ଜମିର ଉତ୍ପାଦନ ଶକ୍ତି ନାଳଯୋଗେ ବୃଦ୍ଧି ହୋଇଅଛି ଏପ୍ରକାର ଜମିର ପରିମାଣ ଅତି ଅଳ୍ପ ଯାହାହେଉ ତଦନ୍ତ ହେଲେ ସକଳ ପ୍ରକାଶ ପାଇବ ।

# ସାପ୍ତାହିକ ସଂବାଦ ।

ଗତ ମାଘ ତା ୨୮ ଓ ୨୯ ଦିନରେ ଏଠାରେ ମୋକ୍ତିଆରୀ ପରୀକ୍ଷା ହୋଇଥିଲା । ଜ ୧୪ ଣ ପରୀକ୍ଷାର୍ଥୀ ହୋଇ ଥିଲେ ମାତ୍ର ଜ ୧୩ ଣ ପରୀକ୍ଷା ଦେବାକୁ ଉପସ୍ଥିତ ହେଲେ । ଏମାନଙ୍କ ମଧ୍ୟରେ ଦୁଇଜଣ ମେଦିନୀପୁର ଜିଲ୍ଲାର ଅଟନ୍ତି । ବାକୀ ସମସ୍ତେ ଓଡ଼ିଶାର ଏତେ ପରୀକ୍ଷାର୍ଥୀ ଆଉ କେବେ ଏଠାରେ ହୋଇ ନ ଥିଲେ ।

ଏଠାରେ ଜଣେ ମୋଟ ଜାଲ ମୋକଦ୍ଦମା ଧରା ପଡ଼ିଅଛି । ଗୋଟିକର ବୃତ୍ତାନ୍ତ ଏହି ଯେ କିଛିଦିନ ପୂର୍ବେ ରାହାସ୍ୱବହାରୀ ମାହାନ୍ତି ନାମକ ବଣ୍ଟିବାରୀ ଅମିନ ଜଣକ ନାମରେ ଜାଲ କବାଲା ପ୍ରସ୍ତୁତ କରି ଅନ୍ୟ ଏକ ଜଣକୁ ରେଜିଷ୍ଟ୍ରୀ ମହକୁମାରେ ସେହିବ୍ୟକ୍ତି ବୋଲି ପରିଚୟ ଦେଇ କବାଲା ରେଜିଷ୍ଟ୍ରୀ କରାଇ ନେଲା ବର୍ତ୍ତମାନ ସେ ବ୍ୟକ୍ତି ଏହା ଜାଣି ପାରି ରେଜିଷ୍ଟ୍ରୀ ମହକୁମାରେ ଦରଖାସ୍ତ କରିବାରୁ ଏଥିର ତଦନ୍ତ ଲାଗିଅଛି । ଅନ୍ୟ ଏକ ଅମିନ କବାଲାରେ ଦସ୍ତଖତ ଲେଖିଅଛି । ଦ୍ୱିତୀୟଟିର ବୃତ୍ତାନ୍ତ ଏହି ଯେ ଜଣେ ବ୍ୟକ୍ତିର ନାଳରେ ଯାଇଥିବା ଜମିର ସକ୍ରାନ୍ତ କିଛି ନକଲ ନେବାର ଆବଶ୍ୟକ ହେବାରୁ ସେ ଜଣେ ଦରଖାସ୍ତ ନବିସକୁ ଖରଚ୍ ଦେଲା ଦରଖାସ୍ତ ନବିସ ମହାଫିଜ ଖାନାରେ ଅଲପ ଖର୍ଚ୍ଚରେ ତହିଁର ସମ୍ବାଦ ନେଇ ପଇସାକଥା କାଗଜରେ ଲେଖି ଅଣାକଥା କୋର୍ଟଫିସ୍ ଚପାଇ ବାଇଗଣ ମୋହର ଓ ଜାଲ ସ୍ୱାକ୍ଷରମାନ କରି ତାକୁ ଦେଲା । ତାହାର ସେଥିରେ ସନ୍ଦେହ ହେବାରୁ ସେ ଅନ୍ୟ ଏକ ଜଣକୁ କଚେରୀରେ ଦେଖାଇଲା । ସେ ଅନ୍ୟ ଜଣକ କହିଲା ଯେ ଏହା ଜାଲ ଅଟେ ମୋତେ କିଛି ନ ଦେଲେ ମୁଁ ଧରାଇ ଦେବି ଓ କିଛି ନ ପାଇବାରୁ ଧରାଇ ଦେଲା । ସେ ବ୍ୟକ୍ତି ଉପରେ କିଛି ନ କହିବାରୁ ହାକିମ ଗଲା ପଶ୍ଚାତ ସବୁ ବୃତ୍ତାନ୍ତ କହିଲା । ଦରଖାସ୍ତନବିସ କିଛି ମାନିଲା ନାହିଁ ମାତ୍ର ତାହାଠାରୁ ଜାମିନ ନିଆଯାଇ ମୋକଦ୍ଦମାର ତଦନ୍ତ ହଉଅଛି ।

ଜଗତସିଂହପୁର ଅଞ୍ଚଳରେ ଗୋଟିଏ ପ୍ରକୃତ ଡକାଇତି ଘଟିଅଛି । କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଓ ମଶାଲ ଘେନି ଜଣକର ଘରେ ରାତ୍ରରେ ପ୍ରବେଶ ହୋଇ ଗୃହ ସ୍ୱାମିକୁ ଡାକି କହିଲେ ତୋହ ଘରେ ଚୋରିମାଲ ଥିବାରୁ ଆମ୍ଭେମାନେ ଅନୁସନ୍ଧାନ କରିବାକୁ ଆସିଅଛୁଁ ତୁ କବାଟ ଫିଟାଇ ଦେ ତୋର ଘର ଦେଖିବା କିଛି ଚୋରିମାଲ ନ ମିଳିଲେ ଚାଲିଯିବା ତୁ କବାଟ ନ ଫିଟାଇ ଦେଲେ ଆମ୍ଭେମାନେ କବାଟ ଭାଙ୍ଗି ତୋତେ ବାନ୍ଧି ନେଇଯିବା । ଏହା କହି କବାଟ ଭାଙ୍ଗିବାକୁ ଉଦ୍ୟତ ହୁଅନ୍ତେ ଗୃହସ୍ୱାମୀ ମନେ କଲା ଘରେ କିଛି ଚୋରିମାଲ ନାହିଁ ଘର ଦେଖାଇ ଦେଲେ ନଷ୍ଟ ଯିବ ଏହା ଭାବି କବାଟ ଫିଟାଇ ଦେଲା ଓ ଡକାଇତମାନେ ଘରେ ପଶି ବଡ଼ ସିନ୍ଦୁକର ଚାବି ମାଗିଲେ ଓ ନ ଦେଲେ ମାରିବାକୁ ଧମକାଇଲେ । ଗୃହସ୍ୱାମୀ ହତବୁଦ୍ଧି ହୋଇ ଚାବି ମଧ୍ୟ ଦେଲା । ତହୁଁ ଡକାଇତମାନେ ସିନ୍ଦୁକ ଫିଟାଇ ସେଥିରେ ଥିବା ଓ ଘରର ଅନ୍ୟାନ୍ୟ ମାଲମାନ ଗୋଟାଇବାକୁ ଆରମ୍ଭ କଲେ ସେତେବେଳେ ଯାଇ ଗୃହସ୍ୱାମୀ ଜାଣିଲା ଯେ ଏମାନେ ଡକାଇତ ମାତ୍ର ସେମାନଙ୍କର ଅସ୍ତ୍ରଶସ୍ତ୍ର ଦେଖି କାତର ହୋଇ ରହିଲା ସେମାନେ ଘରୁ ବାହାରି ଯିବାବେଳେ ତାକୁ ପକାଇଲା ଜଳ ସେମାନେ ନିର୍ବିଘ୍ନରେ ଚାଲିଗଲେ । ପୁଲିସ ତଦନ୍ତ ସମୟରେ ସମ୍ବାଦ ମିଳିଲା ଯେ ଜଣେ ଦଉଡ଼ ବାଉରି ଏହି ଡକାଇତ ମଧ୍ୟ ଜଣେ ବଡ଼ ଆମୋଦରେ ଅଛି । ତହୁଁ ପୁଲିସ ତାହାର ଘର ତଲାସ କରିବାରେ କେତେକ ଲୁଟ ଦ୍ରବ୍ୟ ପ୍ରାପ୍ତି ହେଲା ଓ ତାକୁ ଧରି ପଚାରିବାରେ ସେ ଡକାଇତମାନଙ୍କ ନାମ ଓ ସମସ୍ତ ବୃତ୍ତାନ୍ତ କହିଦେଲା । ଏଣୁ କରି ପୁଲିସ କେତେକ ଡକାଏତଙ୍କୁ ଧରିବା ଓ କେତେ ମାଲ ବାହାର କରିବାକୁ ପାରଗ ହେଲେ । ଡକାଏତଙ୍କ ମଧ୍ୟରେ କେତେକ ବ୍ୟକ୍ତି ଫୁଲ ଫରାର ଅଟନ୍ତି । ମକଦ୍ଦମା ବିଚାରାଧୀନ ଅଛି ।

ତେଲଙ୍ଗୀସୂତ୍ରରୁ ଅବଗତ ହେଲୁଁ ଯେ ତ୍ରିନିଦାଦ ଟାପୁରୁ ୬୪୦୦ଣ କୁଲି ଯମୁନାନାମକ ଜାହାଜରେ କଲିକତାକୁ ଫେରି ଆସି ଅଛନ୍ତି ସେମାନେ ଆପଣା ୨ କାଟଖର୍ଚ୍ଚ ଟଙ୍କା ଓ ଅଳଙ୍କାର ଛଡ଼ା ଦେଡ଼ଲକ୍ଷ ଟଙ୍କାର ହୁଣ୍ଡି ଆଣି ଅଛନ୍ତି । ଏହାକୁ ଭଗାଇ ଜଣକେ ପ୍ରାୟ ଟ୪୦୦ଙ୍କା ଲେଖାଏଁ ଘରକୁ ଘେନି ଯିବେ । ଏମାନଙ୍କ ଶରୀର ମଧ୍ୟ ସ୍ୱାସ୍ଥ୍ୟ ଏବଂ ମୁଖ ପ୍ରଫୁଲ୍ଲ ଦେଖାଯାଏ । କୁଲି ପାଣିରୁ ଏମନ୍ତ ସୁନ୍ଦର ଅବସ୍ଥାରେ କୁଲିମାନେ ଫେରି ଆସିଲେ ବିଦେଶକୁ ଯିବାକାରଣ ଅବଶ୍ୟ ଲୋକଙ୍କର ପ୍ରବୃତ୍ତି ହେବ ।

ହିନ୍ଦୁମାନଙ୍କ ଉଇଲ କରିବା ବିଷୟରେ ସନ ୧୮୭୦ ସାଲର ଯେଉଁ ଆଇନ ପ୍ରଚଳିତ ଅଛି ତହିଁର କିଛି ପରିବର୍ତ୍ତନ ଆବଶ୍ୟକ କି ନା ଏବିଷୟରେ ଜଷ୍ଟିସ ଜଜଙ୍କର ଅଭିପ୍ରାୟ

Digitized by srujanika@gmail.com

Split by PDF Splitter



ବଙ୍ଗାଳ ଗବର୍ଣ୍ଣମେଣ୍ଟ ଉଲଟ କରି ଥାଉନ୍ତି । ଗବର୍ଣ୍ଣମେଣ୍ଟ ଇଣ୍ଡିଆରୁ ଗୋଟିଏ ନୂତନ ଆଇନ ବାହାରିବାର ପ୍ରସ୍ତାବ ହୋଇଅଛି ।

ମାନ୍ଦ୍ରାଜମାନେ ଅତ୍ୟନ୍ତ କୁସଂସ୍କାରପର ଲୋକ ଅଟନ୍ତି ଡେକାନ ହେରାଲ୍ଡରେ ଲେଖାଅଛି ଯେ ଏକେବେଳ ବଜାରରେ ଜବ ରଟନା କରିଦେଲେ ଯେ ଜଣେ ସ୍ତ୍ରୀ ମାନ୍ଦ୍ରାଜ ହାସପାତାଲରେ ଗୋଟିଏ ଚତୁର୍ମୁଣ୍ଡିଆ ସାପ ପ୍ରସବ କରିଅଛି । ଏହା ଶୁଣି ଶତ ଶତ ଲୋକ ଏହି ଆଶ୍ଚର୍ଯ୍ୟ ବ୍ୟାପାର ଦେଖିବା କାରଣ ହାସପାତାଳଠାରେ ରୁଣ୍ଡ ହେଲେ ଓ ଶେଷରେ ଲଜ୍ଜିତ ହୋଇ ଫେରି ଆସିଲେ ।

ମଧ୍ୟପ୍ରଦେଶରେ ଏବର୍ଷ ଉତ୍ତମ ରବି ଫସଲ ପ୍ରସ୍ତୁତ ହେବାର ଆଶା ହୋଇଅଛି । ଏକ ଏକ ସ୍ଥଳରେ ଏପ୍ରକାର ରବି ହୋଇଅଛି ଯେ ଗତ ୨୦ ବର୍ଷରେ ତାହା ହୋଇ ନ ଥିଲା । ତେବେ ସମ୍ବଲପୁରରୁ ବସ୍ତର ରବି ଏବର୍ଷ ଅମଦାନୀ ହେବ । ଏଠାରେ ମଧ୍ୟ ରବି ବଡ଼ ଶସ୍ତା ହୋଇଅଛି ।

କଲିକତାରେ ଗତ ମାସ ଶେଷ ସପ୍ତାହରେ ଯେମନ୍ତ ଶୀତ ହୋଇଥିଲା ଗତ ବ ୨୪ ର୍ଷର ହରବର ହେସାବରେ ତେମନ୍ତ କେବେ ଘଟି ନ ଥିଲା । ଆଲିପୁରରେ ଥିବା ଶୀତ ଗ୍ଲୀଷ୍ଟର ହେସାବରୁ ଏହା ଜଣା ଯାଇଅଛି । ବାସ୍ତବରେ ଏବର୍ଷ ସର୍ବତ୍ରରେ ବଡ ଟାଣ ଶୀତ ପଡିଅଛି ।

ନେପାଳର ପ୍ରଧାନ ମନ୍ତ୍ରୀ ମହାରାଜା ରଣଦୀପ ସିଂହ ମାନ୍ଦ୍ରାଜରୁ ରମେଶ୍ୱରକୁ ନ ଯାଇ କଲିକତାକୁ ଫେରି ଗଲେ ଗତମାସ ତା ୨୭ ରିଖରେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ସଙ୍ଗେ ତାହାଙ୍କର ସାକ୍ଷାତ ହେଲା ଏବଂ ଯିବା ଆସିବା ବେଳେ ନିୟମିତରୂପେ ସଲାମି ତୋପ ପଡିଲା । କଥିତ ହୁଅଇ କଲୁସି ତାର ଖବର ପାଇ ସେ କଲିକତାକୁ ଫେରି ଆସିଥିଲେ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ନିମ୍ନୋକ୍ତ ସମ୍ବାଦ ଆପଣଙ୍କ ପତ୍ରିକାସ୍ଥ କରିବାକୁ ଅନୁଗ୍ରହ ପ୍ରକାଶ କରିବା ହେବେ ।

ଗତଦିବସ ଅପରାହ୍ନ ୧ ଘଣ୍ଟିକା ସମୟରେ କଣିପଡ଼ାସ୍ଥ ମଧ୍ୟମଶ୍ରେଣୀ ବିଦ୍ୟାଳୟରେ ବାର୍ଷିକ ପାରିତୋଷିକ ସଭାର ଅଧିବେଶନ ହୋଇଥିଲା । ଅନ୍ୟ ସରକାରୀ କର୍ମଚାରୀଗଣ ସରଦାରବୃନ୍ଦ ଓ କେତେକ ସମ୍ଭ୍ରାନ୍ତ ବ୍ୟକ୍ତି ଉପସ୍ଥିତ ଥିଲେ । କନ୍ଧମାଳର ମାନ୍ୟବର ନୂତନ ତହସିଲଦାର ଶ୍ରୀଯୁତ ବାବୁ ହାରାଧନ ଘୋଷ ସଭାପତି ପଦରେ ପ୍ରତିଷ୍ଠିତ ଥିଲେ । ସଭାପତି ଏବଂ ସଭ୍ୟମାନଙ୍କ ମଧ୍ୟରୁ ଡାକ୍ତର ଶ୍ରୀବାବୁ ଧର୍ମ୍ମ ମହାନ୍ତି ଆଉ କେତେକ ଶିକ୍ଷାବିଭାଗୀୟ କର୍ମ୍ମଚାରୀମାନେ ବକ୍ତୃତାଦ୍ୱାରା ସଭାସ୍ଥ ବ୍ୟକ୍ତିଙ୍କୁ ପରିତୋଷ କରିଥିଲେ । ବାଲକମାନଙ୍କ ମଧ୍ୟରୁ ଦୁଇଜଣ ବାଲକ ଜ୍ଞାନଗୀତ ଗାନ କରିଥିଲେ । ସରଦାର ଧନୁସିଂହ ମହାମଲକ ଟ ୨୯ ଙ୍କା ବାଲକମାନଙ୍କୁ ପାରିତୋଷିକ ପ୍ରଦାନ କରିଥିଲେ । ସେଥି ନିମନ୍ତେ ସେ ପ୍ରଶଂସନୀୟ ଅଟନ୍ତି । କନ୍ଧମାନେ ଯେ ଏପରି ପାରିତୋଷିକ ଦେବାର ରୀତି ଶିକ୍ଷା କରୁଅଛନ୍ତି ତାହା ସହଜ ବ୍ୟାପାର ନୁହେ । ପରିଶେଷରେ ବକ୍ତବ୍ୟ ଏହି ଯେ ଏପରି ସଭା ବିଦ୍ୟାଳୟରେ ହେବାର ଏଥି ପୂର୍ବରେ ଆମ୍ଭେମାନେ କନ୍ଧମାଳରେ ଦେଖି ନ ଥିଲୁଁ ଅତଏବ ସ୍ଥାପନକର୍ତ୍ତା ସଭାପତି ଶ୍ରୀଯୁକ୍ତ ବାବୁ ହାରାଧନ ଘୋଷ ମହାଶୟଙ୍କୁ ବିଶେଷ ଧନ୍ୟବାଦ କରୁଅଛୁଁ ।

ବଶମ୍ବଦ
୨୬।୧।୮୧ ଶ୍ରୀ ବିଦ୍ୟାଧର ମହାନ୍ତି
କନ୍ଧମାଳ ସ୍କୁଲ ସମୂହର ସବ ଇନ୍ ।

ଶ୍ରୀଲ ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହୋଦୟ !

ହରଚଣ୍ଡୀସାହି ନିବାସୀ ଖଡିରତ୍ନ ଶ୍ରୀଯୁକ୍ତ ମାଧବ ମହାପାତ୍ରେ କୋଠଦେଶାଧିପତିଙ୍କ ଭିଦାୟୀ ପୌତ୍ରିଦ୍ବୟଙ୍କ ଉତ୍ପତ୍ତି ବିଷୟରେ ଯେଉଁ ୨ ଦିବସ ନିର୍ଣ୍ଣୟ କରି କହିଥିଲେ ଠିକ ସେହି ୨ ଦିବସରେ ସେମାନେ ଅବତୀର୍ଣ୍ଣ ହୋଇ ଅଛନ୍ତି ଆଉ ତିନିବର୍ଷ ପୂର୍ବେ ଉକ୍ତ ମହାଶୟଙ୍କର ଗୋଟିଏ ମୋକଦ୍ଦମାରେ ଯେଉଁ ଦିବସ ଡଗ୍ରୀ ହେବାର କହିଥିଲେ ତାହା ମଧ୍ୟ ତଦନୁରୂପ ଘଟିଥିଲା ।

ବଲଭଦ୍ର ଗୁରୁଙ୍କର ସ୍ୱର୍ଣ୍ଣ ଅନନ୍ତବ୍ରତ ହରଣ ଓ କଟେଶ୍ୱରଗୃହ ଭସ୍ମସାତ ହେବା ବିଷୟରେ ଯେଉଁ ୨ ତାରିଖ ନିଶ୍ଚୟ କରି କହିଥିଲେ ତାହା ମଧ୍ୟ ତଦନୁସାରେ ଘଟିଥିଲା ।

ଦୁଇବର୍ଷ ପୂର୍ବେ ଗ୍ରାମଜଣ ମନୁଷ୍ୟ ଅସାଢରେ ମୃତ ହେବେ ବୋଲି ଉକ୍ତ ଘଟନାର ଦ୍ୱାଦଶ ଦିବସ ପୂର୍ବରୁ ତ୍ରିବଲୀ ମହାନ୍ତି, ଶ୍ରୀରାମଦାସ ମହାନ୍ତି, ନଅରର ମାଧବ ମଲ୍ଲାର, ବଲଭଦ୍ର ସିଂହ ଓ ଗଙ୍ଗାମାତାମଠ ମହାନ୍ତଙ୍କୁ ସେ ବିଷୟ କହିଥିଲେ । ଆଉ ବିଗତ ଶ୍ରୀଗୁଣ୍ଡିଚା ପୂର୍ବରୁ ରଥ ନିର୍ମ୍ମାଣ ସମୟରେ ହରି ପଣ୍ଡାପାଳକ, କୋଠବନ୍ଧୁ ମହାପାତ୍ରେ, ଦଶହର ଗୁରୁ ପ୍ରଭୃତି ଅନେକ ଭଦ୍ରବ୍ୟକ୍ତିମାନଙ୍କୁ କହିଥିଲେ କି ଏ ରଥରୁ ଏ ବର୍ଷ ବିଜନଯୋଗ ଓ ଶତ୍ରୁପକ୍ଷ ଉପସ୍ଥିତ ହେବ ଏ ମହାଶୟଙ୍କ ସଦୃଶରେ ଉତ୍କଳ ଦେଶରେ ଅନ୍ୟ କେହି ଭବିଷ୍ୟଦ୍ବକ୍ତା ଦେଖା ଯାଉ ନାହାନ୍ତି ପ୍ରାୟ ଏକମାସ ହେଲା ଏ ମହାତ୍ମା କୋଠଦେଶକୁ ଆଗମନ କରିବାରୁ ତାହାଙ୍କ ବିଚ୍ଛେଦରେ [illegible] ଭଦ୍ରବ୍ୟକ୍ତିଙ୍କ ଚିତ୍ତମାନ ତାହାଙ୍କ ନିକଟରୁ [illegible] ଆସ୍ତ ଅଛି ଏପରି ଭବିଷ୍ୟଦ୍ବକ୍ତା ଅତି ଚମତ୍କାରୀ ଅଟେ ।

[illegible] ବଶମ୍ବଦ
ଶ୍ରୀ ———

## NOTICE.

Wanted a Head Pandit for the 1st grade normal school at Cuttack salary Rs. 50. The appointment will, at first, be a temporary one with every prospect of permanence. None need apply who has not read up to the B. A. standard in the Ravenshaw College.

The 25th January 1881. } RADHANATH RAI, *Joint Inspector of Schools Orissa.*

## ବିଜ୍ଞାପନ ।

ଆସନ୍ତା ସୋମବାର ସନ୍ଧ୍ୟା ସ ୮ ଘା ସମୟରେ ମାଳି[illegible] ଘୋଷ ବଜାର ନିବାସୀ ବାବୁ ଶ୍ରୀ ଗୋପାଳଚନ୍ଦ୍ର ମିତ୍ର ଉକିଲ ମହାଶୟଙ୍କ ବସାରେ ଓଡ଼ିଆ "[illegible]" ନାଟକର ଅଭିନୟ ହେବ । [illegible] ପାଇବେ ନାହିଁ, ପ୍ରତ୍ୟେକ [illegible] ଅତ୍ରଠାରେ ଓ [illegible] ଗ୍ରାନ୍ତ, [illegible] ମଧ୍ୟ ଅଭିନୟ ଦିନ ସନ୍ଧ୍ୟା ସ ୭ ଘା ଠାରୁ [illegible] ବିକ୍ରୟ ହେବ ।

ଗୃନ୍ଥ ତରଙ୍ଗ } ଟିକଟ
କଟକ } ନିବେଦକ
୪।୨।୮୧ } ଶ୍ରୀ ଗୋପାଳଚନ୍ଦ୍ର [illegible]
ସମ୍ପାଦକ

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତେ [illegible] ଔଷଧ ବୋଲି ବ୍ୟବହୃତ । କଲିକତାର [illegible] ଡାକ୍ତରଖାନା ଓ ଦେଶୀୟ ଔଷଧାଳୟରେ [illegible] । କଲିକତା ବୋଟାନିକାଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟ[illegible] ଟରେ [illegible] ଦରରେ ମିଳିପାରେ [illegible]

ଡାକମାସୁଲ ସହିତ [illegible] ଅଉନ୍ସକୁ [illegible] ଟ୧୧ଙ୍କା । ୧୭ ଅଉନ୍ସକୁ ଟ ୨୦ ଙ୍କା । [illegible]

## ମୂଲ୍ୟ ପ୍ରାପ୍ତି ।

ଶ୍ରୀ ବାବୁ ଫକୀରଚରଣ ମାହାନ୍ତି ପିପିଲି [illegible]
" " ଭଗବାନ୍ ଜେନା "
ବାବୁ ରାଧାନାଥ ରାୟ କଟକ [illegible]
" " ଦୀନବନ୍ଧୁ ମୁଖାର୍ଜୀ "
" " ଜଗନ୍ନାଥ ଘୋଷ "
" " ଶିବଚରଣ ପଟ୍ଟନାୟକ " [illegible]

ଏହି ଉତ୍କଳଦୀପିକା ସହର କଟକ [illegible] କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଶ — ସ ୭ ଶ୍ୟା

ତା ୧୬ ରିଖ ମାହେ ଫିବ୍ରୁଏରୀ ସନ ୧୮୮୧ ମସିହା । ମୁ । ଫାଲ୍‌ଗୁନ ଦି ୩ ର ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲୰

ଆମ୍ଭମାନଙ୍କର ଲେଫ୍‌ଟନାଣ୍ଟ ଗବର୍ଣ୍ଣର କୋଷ୍ଟ କେନାଲ ନିର୍ମାଣ ପକ୍ଷରେ ସମ୍ପୂର୍ଣ୍ଣ ଇଚ୍ଛୁକ ହେବାର ଦେଖାଯାଏ । ଏଥି ମଧ୍ୟରେ ଏହି କାର୍ଯ୍ୟ ସକାଶେ ଉଲୁବାଡିଆଠାରୁ ବାଲେଶ୍ୱର ବୁଢାବଲଙ୍ଗ ନଦୀ ପର୍ଯ୍ୟନ୍ତ ଭୂମି ନେବାର ବିଜ୍ଞାପନ ଗଜେଟରେ ବାହାରିଅଛି ଏବଂ ଭୂମି ନିସ୍ତ କରିବା କାରଣ ଡେପୁଟିମାନେ ନିଯୁକ୍ତ ହୋଇଅଛନ୍ତି । ଏଥିରୁ ଅନୁମାନ ହୁଅଇ ଯେ ମାନ୍ୟବର ଇଡେନ ସାହେବ ଶାସନକାର୍ଯ୍ୟ ପରିତ୍ୟାଗ କରିବା ପୂର୍ବରୁ ଏ କାଲଟି ଫିଟାଇ ଦେଇ ଆପଣା ସଙ୍କଳ୍ପ ପୂର୍ଣ୍ଣ କରିବେ ।

---

ବିଲାତରୁ ତାରଡାକ ଯୋଗେ ସମ୍ବାଦ ଆସିଅଛି କି ଭାରତବର୍ଷର ଦେଶୀୟ ମୁଦ୍ରାଯନ୍ତ୍ର ସମ୍ପର୍କୀୟ ଆଇନକୁ ଶୀଘ୍ର ରହିତ କରିବା କାରଣ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ସେକ୍ରେଟେରୀ ଅବଷ୍ଟେଟ ପତ୍ର ଲେଖିଅଛନ୍ତି ବୋଲି ସେଠାର ସମ୍ବାଦପତ୍ରମାନଙ୍କରେ ବାହାରିଅଛି । ସତେ କି ଏ ଶୁଭସମ୍ବାଦ ଶୀଘ୍ର ପ୍ରତିଫଳିତ ହେବ ? ଗବର୍ଣ୍ଣମେଣ୍ଟ ଏହି ଅନର୍ଥକ ବିରକ୍ତିଜନକ ଆଇନଟି ଉଠାଇ ଦେଲେ ଅତ୍ୟନ୍ତ ପ୍ରଶଂସାର କାର୍ଯ୍ୟ କରିବେ ଏବଂ ସମୁଦାୟ ଭାରତବର୍ଷକୁ ଗୋଟିଏ ଭାରୀ ସୁଖ ପ୍ରଦାନ କରିବେ ।

---

ସାନ୍ତାଳ ଭୂମିର ଗୋଲଯୋଗ ଏକାବେଳକେ ନିବାରଣ ହୋଇ ନାହିଁ । ଏଥି ମଧ୍ୟରେ ପାକୁର ଓ ରାଜମହାଲରେ ସାନ୍ତାଳମାନେ ଏକ ଦିନରେ ମାତ୍ରଉଠି ଗବର୍ଣ୍ଣମେଣ୍ଟଙ୍କପ୍ରତି ବିରୁଦ୍ଧଭାବ ଦେଖାଇଥିଲେ । ତହିଁ ଉତ୍ତାରୁ ଡୁମକାରେ ଥିବା ଡେପୁଟୀ ମାଜିଷ୍ଟ୍ରେଟଙ୍କ ହାତରୁ କେତେଗୁଡିଏ କଏଦୀ ଉଦ୍ଧାର କରି ନେଲେ । ବଙ୍ଗଦେଶ ଗବର୍ଣ୍ଣମେଣ୍ଟ ଏ ସମସ୍ତ ସମ୍ବାଦ ପାଇ ସେଠାକୁ କେତେ କମ୍ପାନି ଦେଶୀୟ ପଦାତିକ ସୈନ୍ୟ ଏବଂ ଅଧିକା ମାଜିଷ୍ଟ୍ରେଟ ପୁଲିସ ପ୍ରଭୃତି ପଠାଇବାର ଆଜ୍ଞା ଦେବାରୁ ସେମାନେ ଏଥି ମଧ୍ୟରେ ସେଠାରେ ଯାଇ ପହୁଞ୍ଚିଅଛନ୍ତି ଏବଂ ଆଉ ଯେତେପ୍ରକାର ସାବଧାନତାର ଆବଶ୍ୟକ ଗବର୍ଣ୍ଣମେଣ୍ଟ ତହିଁର ବନ୍ଦୋବସ୍ତ କରିଅଛନ୍ତି । ସାନ୍ତାଳମାନେ ଅତ୍ୟନ୍ତ ନିର୍ବୋଧ ଏବଂ ମେଳୟା ବୋଲି ଏ ସମସ୍ତ ଉପାୟ ଅବଲମ୍ବିତ ହୋଇଅଛି ନଚେତ୍ ସେମାନଙ୍କ ସହିତ ଅନର୍ଥକ ଯୁଦ୍ଧ କରିବା କାରଣ ନୁହେ । ଏଥି ମଧ୍ୟରେ ଆଉ କିଛି ନୂତନ ଉପଦ୍ରବର ସମ୍ବାଦ ଆସି ନାହିଁ ଏବଂ ଆଶା ଅଛି ଯେ ଏହିପ୍ରକାରରେ ଫେବ୍ରୁଏରୀ ତା ୧୭ ରିଖ ଗତ ହୋଇଗଲେ ସକଳ ଭୟର କାରଣ ନିବୃତ୍ତ ହେବ ।

---

ଶ୍ରୀଯୁକ୍ତ କମିଶନର ସାହେବ ଗତ ବୁଧବାର ଗଡ଼ଜାତ ଗସ୍ତରୁ ଫେରି ଆସିଲେ । ବାଣପୁର ମାଳୟାଙ୍କ ଗଣ୍ଡଗୋଳର କଥା ଶୁଣି ସେହି ଅଞ୍ଚଳକୁ ଫେରି ଆସିବାର ଆବଶ୍ୟକ ହେବାରୁ ଆଉ ଗଡ଼ଜାତମାନ ଦେଖି ପାରିଲେ ନାହିଁ । ବାଣପୁରର ପ୍ରକୃତ ଘଟଣା ଅବଧି ଜଣା ଯାଇ ନାହିଁ ବଜାରରେ ନାନା ପ୍ରକାର ଜନରବ ଉଠିଅଛି । କିନ୍ତୁ ସେ ସମସ୍ତ ମିଥ୍ୟା ବୋଧ ହୁଅଇ । ଆମ୍ଭେମାନେ ଶୁଣିଲୁଁ ଯେ ଜଣେ ବନ୍ଦୋବସ୍ତ ଏଲକା ଅମୀନର ରିପୋର୍ଟ ଉପରେ ନିର୍ଭର କରି ହାକିମମାନେ ଏତେ ଆଡମ୍ବର କରିଥିଲେ ଆମ୍ଭେମାନେ ପ୍ରଥମରୁ ଅନୁମାନ କରିଅଛୁଁ ଯେ ବନ୍ଦୋବସ୍ତ ସଙ୍ଗେ ଏଥିର ସମ୍ପର୍କ ଅଛି । ବାସ୍ତବରେ ଖୋରଧାର ବନ୍ଦୋବସ୍ତ କାର୍ଯ୍ୟ ବଡ଼ କଠିନ ନିୟମରେ ହେଉଅଛି ଏବଂ ଯେମନ୍ତ ସାନ୍ତାଳସ୍ଥାନରେ ତଦ୍ରୂପ ଖୋରଧାରେ ପ୍ରଜାମାନଙ୍କର ପ୍ରକୃତ ଦୁଃଖ ବନ୍ଦୋବସ୍ତର ନିୟମ ଅଟଇ । ଲୋକସଂଖ୍ୟାପ୍ରତି ଆପତ୍ତି କରିବା ଉପଲକ୍ଷ ମାତ୍ର । ଏତେବେଳେ ଆମ୍ଭେମାନେ ହାକିମମାନଙ୍କୁ ଅନୁରୋଧ କରୁଁ କି ସେ ଅମୀନର ରିପୋର୍ଟର ଯଥୋଚିତ ବିଚାର କରନ୍ତୁ ।

---

ଶ୍ରୀଯୁକ୍ତ ରବର୍ଟ ନାଇଟ ସାହେବ ଏକ ବର୍ଷରୁ ଅଧିକ ହେବ ଷ୍ଟେଟସମାନ ନାମକ ଖଣ୍ଡିଏ ସମ୍ବାଦପତ୍ର ପ୍ରକାଶ କରିଅଛନ୍ତି । ଭାରତବର୍ଷର ପ୍ରକୃତ ଅବସ୍ଥା ପାର୍ଲିମେଣ୍ଟ ସଭାର ସଭ୍ୟମାନଙ୍କୁ ଏବଂ ବିଲାତର ସାଧାରଣ ଲୋକଙ୍କୁ ଜଣାଇବା ଏଥିର ତାତ୍ପର୍ଯ୍ୟ ଅଟଇ । କଲିକତାରେ ମଧ୍ୟ ତାହାଙ୍କଦ୍ୱାରା ଏହି ନାମରେ ଖଣ୍ଡିଏ ସମ୍ବାଦପତ୍ର ପ୍ରକାଶ ହୁଅଇ । ସେ ଭାରତବର୍ଷ ସମ୍ପ-

Digitized by srujanika@gmail.com

Split by PDF Splitter



ର୍କରେ ଯେଉଁ ବହୁମୂଲ୍ୟ କାର୍ଯ୍ୟମାନ କରଅଛନ୍ତି ତାହା ବର୍ଣ୍ଣନାତୀତ ଏବଂ ତାହାଙ୍କ ଯୋଗେ ବଙ୍ଗଳାର ଲୋକଙ୍କ ମନ ଭାରତବର୍ଷ ସପକ୍ଷରେ ଅନେକ ପରିମାଣରେ ପ୍ରବର୍ତ୍ତିତ ହୋଇଅଛି । ସମ୍ପ୍ରତି ବରାର ପ୍ରଦେଶ ମହୀସୁର ରାଜ୍ୟକୁ ଫେରଦେବା ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ ସେହି ଷ୍ଟେଟସମାନ ପତ୍ରିକାରେ ପ୍ରକାଶ ହେବାରୁ ହାଇଦ୍ରାବାଦର ଆମିର କବିରଙ୍କଦ୍ୱାରା ଗୋଟିଏ ଅପବାଦ କରିବାର ଅଭିଯୋଗ ହୋଇଅଛି । ସେହି ମୋକଦ୍ଦମାର ସଫାଇ ନିମିତ୍ତ ନାଇଟ ସାହେବ ଅନେକ ଖର୍ଚ୍ଚାନ୍ତ ହେବେ ଓ ତହିଁପାଇଁ ସାହାଯ୍ୟ ନ ପାଇଲେ ଷ୍ଟେଟସମାନ ପତ୍ରିକାଖଣ୍ଡ ଧ୍ୱଂସ ହେବାର ସମ୍ଭାବନା । ଏହି ହେତୁ ସେ ଭାରତବର୍ଷର ସମସ୍ତ ରାଜା ଏବଂ ସମ୍ଭ୍ରାନ୍ତ ଓ ଅପର ଲୋକଙ୍କଠାରୁ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଶ୍ରୀଯୁକ୍ତ ନାଇଟ ସାହେବ ଭାରତବର୍ଷର ଜଣେ ପରମବନ୍ଧୁ ଏବଂ ସମସ୍ତ ବିଷୟରେ ସେ ଅତ୍ୟନ୍ତ ଦକ୍ଷ ଅଟନ୍ତି । ସେ ଯେମନ୍ତ ପ୍ରକୃତ ଦୂତ ଏବଂ ତେଜସ୍ୱୀରୂପେ ଭାରତବର୍ଷର ଦୁଃଖ ସବୁ ସର୍ବ ସାଧାରଣଙ୍କୁ ଜଣାଉଅଛନ୍ତି ଏମନ୍ତ ଆଉ କାହାରିକୁ ଦେଖା ଯାଉ ନାହିଁ ଅତଏବ ତାହାଙ୍କ ସାହାଯ୍ୟ ନିମିତ୍ତ ଯଥାଶକ୍ତି ଦାନ କରିବା ଯେ ଅସ୍ମଦେଶୀୟମାନଙ୍କର କର୍ତ୍ତବ୍ୟ ଏ ବିଷୟରେ ସନ୍ଦେହ ନାହିଁ । ଆମ୍ଭେମାନେ ଏଥି ମଧ୍ୟରେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଢାକା ପ୍ରଭୃତି କେତେକ ସ୍ଥାନରୁ ସାହାଯ୍ୟ ସ୍ୱରୂପ ଅର୍ଥ ପଠାଇବାର ବନ୍ଦୋବସ୍ତ ଲାଗିଅଛି ଓଡ଼ିଶା ଅତ୍ୟନ୍ତ ଦୁଃଖୀ ହେଲେହେଁ ଆପଣା ଅବସ୍ଥା ଅନୁସାରେ ସାହାଯ୍ୟ ପ୍ରଦାନଦ୍ୱାରା କୃତଜ୍ଞତା ଦେଖାଇବାର ଉଚିତ ଅତଏବ ଆମ୍ଭେମାନେ ଓଡ଼ିଶାର ରାଜା ଜମିଦାର ଏବଂ ଅପର ଲୋକଙ୍କୁ ବିନୟ ସହକାରେ ଅନୁରୋଧ କରୁଅଛୁଁ ଯେ ଏ ବିଷୟରେ କିଛି କିଛି ଦାନ କରନ୍ତୁ । ଯାହାର ଯାହା ଦେବାକୁ ହେବ ସେ ତାହା ପରବହାରେ କଲିକତା ଷ୍ଟେଟସମାନ ଅଫିସରେ ଯାଇ ନାଇଟ ସାହେବଙ୍କ ନିକଟକୁ ଅବିଳମ୍ବେ ପ୍ରେରଣ କରନ୍ତୁ ଏବଂ ଆମ୍ଭମାନଙ୍କ ନିକଟକୁ ମଧ୍ୟ କେହି ଟଙ୍କା ପଠାଇ ଦେଲେ ଆମ୍ଭେମାନେ ତାହା ପ୍ରାପ୍ତିସ୍ୱୀକାର କରି ଅବିଳମ୍ବେ କଲିକତାକୁ ପଠାଇ ଦେବୁଁ ।

---

## ✓ କାଞ୍ଚିକାବେରୀ ନାଟକ ।

ଏ ନଗରବାସୀ କେତେକ ଭଦ୍ରବଂଶୀୟ ଯୁବାଙ୍କ ଅସୀମ ଯତ୍ନ ଓ ପରିଶ୍ରମରେ ଏଥି ପୂର୍ବେ ଦୁଇଥର ଶ୍ରୀ ସରସ୍ୱତୀ ପୂଜା ଉପଲକ୍ଷରେ ନାଟକାଭିନୟ ଅର୍ଥାତ୍ ସନ ୧୮୭୮ ସାଲରେ "ରାମାଭିଷେକ ନାଟକ" ଏବଂ ଗତସନରେ "ଏକେଇ କି ବଲେ ସଭ୍ୟତା" ନାମକ ପ୍ରହସନର ଅଭିନୟ ହୋଇଥିଲା ଏବଂ ତହିଁରେ ସର୍ବସାଧାରଣଙ୍କର ଯେ ବିଶେଷ ଆନନ୍ଦ ହୋଇଥିଲା ତାହା ବୋଲିବା ବାହୁଲ୍ୟ । ସେ ସମସ୍ତ ନାଟକର ଭାଷା ବଙ୍ଗଳା ଅଟଇ ଏବଂ ତହିଁ ନିମିତ୍ତ ଓଡ଼ିଆଙ୍କର ଆନନ୍ଦ ଉଣା ହୋଇ ନ ଥିଲେହେଁ ସ୍ୱଦେଶାନୁରାଗର ବଶବର୍ତ୍ତୀ ହୋଇ କେହି କେହି ଓଡ଼ିଆ ଦେଶୀୟଭାଷାରେ ଖଣ୍ଡିଏ ନାଟକର ଅଭିନୟ ଦେଖିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇଥିଲେ । ଓଡ଼ିଆ ଭାଷାରେ ଏତେ ଶୀଘ୍ର ନାଟକ ରଚନା ଏବଂ ତହିଁର ଅଭିନୟ ହେବ ଏ କଥା କାହାର ବିଶ୍ୱାସ ନ ଥିଲା ଏବଂ ଆମ୍ଭେମାନେ ମଧ୍ୟ ସାଧାରଣ ଭାବ ଦେଖି ସେ ସୁଖକର ଘଟନା ବହୁଦୂରରେ ନିହିତ ଥିବାର ମନେ କରୁଥିଲୁଁ । କିନ୍ତୁ ଚେଷ୍ଟାର ଅସାଧ୍ୟ କିଛି ନାହିଁ । ଏଠାର କେତେ ଜଣ ଭଦ୍ରବଂଶ୍ୟ ଯୁବାଙ୍କ ବୁଦ୍ଧି ଯତ୍ନ ଓ ଶ୍ରମରେ ଆମ୍ଭେମାନେ ଓଡ଼ିଆ ଭାଷାରେ ଏଥି ମଧ୍ୟରେ ଖଣ୍ଡିଏ ନାଟକର ଅଭିନୟ ଦେଖିବାକୁ ସମର୍ଥ ହେଲୁଁ । ଏ ଶୁଭକାର୍ଯ୍ୟ ଗତ ସୋମବାର ବାବୁ ଗୋପାଳପ୍ରସାଦ ମିଶ୍ରଙ୍କ ଗୃହଠାରେ ଶ୍ରୀ ସରସ୍ୱତୀ ପୂଜା ଉପଲକ୍ଷରେ ପ୍ରତ୍ୟକ୍ଷ ହେଲା । ଶ୍ରୀ ସରସ୍ୱତୀ ଦେବୀ ଅନ୍ୟ ସ୍ଥାନରେ ବସନ୍ତପଞ୍ଚମୀ ବିସର୍ଜନ ହୋଇଥାନ୍ତି କିନ୍ତୁ ଏଠାରେ ନାଟକାଭିନୟ ଦେଖିବା ତାହାଙ୍କର ଉଦ୍ଦେଶ୍ୟ ସୁତରାଂ ତାହା ଶେଷ ନ ହେଲେ ବିସର୍ଜନ ହୋଇ ନ ପାରେ । ବସନ୍ତପଞ୍ଚମୀ ଦିନ ଏ ଅଭିନୟ ହେବାର ପ୍ରସ୍ତାବ ଥିଲା ମାତ୍ର ନାନା ପ୍ରତିବନ୍ଧକ ହେତୁରୁ ତାହା ହୋଇ ପାରିଲା ନାହିଁ । ନାଟକର ରଙ୍ଗଭୂମି ଓ ଦୃଶ୍ୟମାନ ପ୍ରସ୍ତୁତ କରିବା ବାଦ୍ୟସାଧନ୍ୟାପାର ଏତଡ଼ା ବେଶ ଓ ଅନ୍ୟାନ୍ୟ ଆୟୋଜନ ନିମିତ୍ତ ଧନର ପ୍ରୟୋଜନ । ଏଥିକୁ ଏ ନଗରରେ ଯେଉଁମାନେ ଧନୀ ସେମାନଙ୍କର ଏ ସମସ୍ତ କାର୍ଯ୍ୟରେ ଆଦୌ ସହାନୁଭୂତି ନାହିଁ କିମ୍ବା ଆମୋଦ ପ୍ରମୋଦ ଦିଗକୁ ବଡ ମନ ବଳାନ୍ତି ନାହିଁ । ସୁତରାଂ ଅର୍ଥାଭାବରୁ ଅତି କଷ୍ଟରେ ସମସ୍ତ ଆୟୋଜନ ହେଲା ଏବଂ ଟିକଟ ବିକ୍ରୟ କରିବାଦ୍ୱାରା ଅର୍ଥ ସଂଗ୍ରହ କରିବାକୁ ଅଭିନୟର ଉଦ୍ୟୋଗକାରିମାନେ ବାଧ୍ୟ ହେଲେ । ଯାହାହେଉ କୌଣସିରୂପେ କଥଞ୍ଚିତ୍ ସମୟର ସଂଦ ୧୫ ଟା ବିଳମ୍ବରେ କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମରେ ସୂତ୍ରଧାର ଆସି ପଦ୍ୟରୂପେ ପ୍ରସ୍ତାବନା କରି ଗଲେ ଏବଂ ତହିଁଉତ୍ତାରୁ ନଟନଟୀର ଗାନ ଏବଂ ଅନ୍ୟ ଦୁଇ ଏକ ଦୃଶ୍ୟ କିଛି ଭଲ ନ ହେବାରୁ କେତେକ ଦର୍ଶକ ହତାଶ ହୋଇ ବାହୁଡ଼ିଗଲେ ଏବଂ ଅନ୍ୟାନ୍ୟଙ୍କ ମନ ମଳିନ ପଡ଼ିଗଲା । କିନ୍ତୁ ପଛକୁ ସମସ୍ତଙ୍କର ସେ ଭ୍ରମ ଭାଙ୍ଗିଗଲା ଏବଂ ଦର୍ଶକମାନେ ଘନ ଘନ କରତାଳି ପ୍ରଦାନଦ୍ୱାରା ଆନନ୍ଦିତ ହେବାର ପ୍ରକାଶ କଲେ ଅଭିନୟ ଶେଷ ପର୍ଯ୍ୟନ୍ତ ମଜଲିସ ପୂର୍ଣ୍ଣ ରହିଥିଲା । ଆଦୌ ଓଡ଼ିଆଭାଷାରେ ଏହି ପ୍ରଥମ ନାଟକ ତହିଁରେ ଅଭିନୟକାରୀମାନେ ମଧ୍ୟ ନୂତନ ଏବଂ ପୂର୍ବରୁ ଥିଏଟର ବା ନାଟ୍ୟଶାଳାରେ ଛିଡ଼ା ହୋଇ ଶିକ୍ଷିତ ହୋଇ ନ ଥିଲେ । ଏଥିରେ ଉପରଲିଖିତ ଫଳ ପ୍ରତ୍ୟକ୍ଷ ହେବା ବିଚିତ୍ର ନୁହଇ । ତଥାଚ ପ୍ରଥମ ଉଦ୍ୟମରେ ଯେ ପରିମାଣରେ କୃତକାର୍ଯ୍ୟତା ଲାଭ ହୋଇଅଛି ତାହା ଆଶାତୀତ ଅଟଇ ଏବଂ ତହିଁପାଇଁ ଆମ୍ଭେମାନେ ମୁକ୍ତକଣ୍ଠରେ ନାଟକ ରଚୟିତା ଏବଂ ଅଭିନେତୃବର୍ଗ ଏବଂ ଏଥିର ସମସ୍ତ ଉଦ୍ୟୋଗକାରୀଙ୍କୁ ଧନ୍ୟବାଦ ଦେଉଅଛୁଁ ଏବଂ ଆମ୍ଭମାନଙ୍କର ଦୃଢ଼ ଆଶା ହୋଇଅଛି ଯେ ଏମାନେ ଯେବେ ଏ ମାର୍ଗରେ ଆପଣାର ଯତ୍ନ ଓ ଅଧ୍ୟବସାୟକୁ ଜାଗ୍ରତ ରଖିବେ ତେବେ ଅଚିରେ ଆମ୍ଭେମାନେ ଏହି ଉତ୍କଳ ଦେଶରେ ଉତ୍କୃଷ୍ଟ ପ୍ରକାର ନାଟକର ଅଭିନୟ ଦେଖିବାକୁ ସମର୍ଥ ହେବୁଁ ।

ସମ୍ପ୍ରତି ନଗରବାସୀ କହାଳିମଣ୍ଡଳରେ ଏହି ନାଟକ ସମ୍ବନ୍ଧରେ ନାନା ତର୍କ ବିତର୍କ ଲାଗିଅଛି ଏବଂ ନାନାପ୍ରକାର ଅନୁକୂଳ ଓ ପ୍ରତିକୂଳ ସମାଲୋଚନା ଶୁଣିବାରେ ଆସୁଅଛି ଆମ୍ଭେମାନେ ମଧ୍ୟ ଆପଣା ସମାଲୋଚନା ବ୍ୟକ୍ତ କରିବା ଆବଶ୍ୟକ ଜାଣି ସଂକ୍ଷେପରେ ତାହା ଲେଖୁଅଛୁ । ଆମ୍ଭମାନଙ୍କ ବିବେଚନାରେ ନାଟକଟି ମନ୍ଦ ହୋଇ ନାହିଁ । ଏଥିର ମୂଳ ପତ୍ତନ ଅର୍ଥାତ୍ ଭିତ୍ତି ଉତ୍ତମ ହୋଇଅଛି ଏବଂ ଦେଶକାଳୋଚିତ ଅନେକ ଆନୁସଙ୍ଗିକ ବ୍ୟାପାର ଏଥିରେ ସନ୍ନିବେଶିତ ହୋଇଅଛି । ଦୋଷ ମଧ୍ୟରେ ଏଥିର କେତେକ ଘଟନା ନାଟ୍ୟକୋଚିତ ନିୟମରୁ ବାହାର ଯାଇ ଐତିହାସିକ କିମ୍ବା ଯାତ୍ରା ଦିଗକୁ ଚଳି ଯାଇଅଛି ଏବଂ ଦୃଶ୍ୟସମୂହର ସଂଖ୍ୟା ଅତ୍ୟନ୍ତ ଅଧିକ ଏବଂ ଗୋଟିଏ ଗୋଟିଏ ଦୃଶ୍ୟର ସ୍ଥାୟିତ୍ୱ ଅତି ସ୍ୱଳ୍ପକାଳବ୍ୟାପୀ ହୋଇଅଛି । ନାଟକଟି ଆଦ୍ୟରସାତ୍ମକ ଏବଂ ବିରହା-

Digitized by srujanika@gmail.com

Split by PDF Splitter



ବସ୍ତ୍ରା ତହିଁର ଜୀବନ ଚରିତ୍ର ତାହାକୁ ରଚୟିତା ଅତି ସଂକ୍ଷେପରେ ସାରି ଦେବାରୁ ନାଟକର ସୌନ୍ଦର୍ଯ୍ୟ ଅନେକ ହାନି ହୋଇଅଛି । ଅବଶ୍ୟ ଅଳ୍ପବୟସ୍କ ନବଲେଖକଙ୍କଠାରୁ ଏକାବେଳକେ ସମସ୍ତ ନିପୁଣତା ଆଶା କରି ନ ପାରୁଁ ଏବଂ ଏହି ହେତୁରୁ ଆମ୍ଭେମାନେ ପୂର୍ବରୁ କହିଅଛୁଁ କି ଆଶାତୀତ ସୁଖ ଲାଭ କରଅଛୁଁ । ଭରସା କରୁଁ ଗ୍ରନ୍ଥକାର ବାବୁ ରାମଶଙ୍କର ରାୟ ଏ ସମସ୍ତ ଦୋଷ ପରିହାର ପକ୍ଷରେ ସମର୍ଥ ହେବେ ଏବଂ ତାହା ହେଲେ ନାଟକଖଣ୍ଡି ଓଡ଼ିଶାର ଆଦର୍ଶ ନାଟକସ୍ୱରୂପ ଆଦରଣୀୟ ହେବ ।

ଅଭିନୟକାରୀଙ୍କ ସମ୍ବନ୍ଧରେ ବକ୍ତବ୍ୟ ଏହି କି ଅଭିନୟକାରୀଙ୍କ ସଂଖ୍ୟା ପ୍ରାୟ ଜ ୩୦ ଣ ହେବ । ଏମାନଙ୍କ ମଧ୍ୟରେ ଦୁଇ ତିନିଜଣ ଏ ଦେଶୀୟ ବଙ୍ଗାଳୀ ନତୁବା ସମସ୍ତେ ଓଡ଼ିଆ । ଏମାନେ ଏହି ନଗରଛଡ଼ା ପ୍ରାୟ କୌଣସିଠାରେ ଅଭିନୟ ଦେଖି ନାହାନ୍ତି ତହିଁରେ ପୁଣି ରଙ୍ଗଭୂମି ପୂର୍ବରୁ ନିର୍ମାଣ ହୋଇ ନ ଥିବାରୁ ଯିବା ଆସିବା ବା ଛିଡ଼ା ହେବା ଇତ୍ୟାଦି କ୍ରିୟା ଶିଖିବାକୁ ସୁଯୋଗ ପାଇ ନ ଥିଲେ । ଏ ସମସ୍ତ କାରଣରୁ ପ୍ରଥମ ଅଭିନୟରେ ସେମାନଙ୍କର ଅନେକ ସାମାନ୍ୟ୨ ଦୋଷ ଲକ୍ଷିତ ହେଲା । ତଥାଚ ସୁଖର ବିଷୟ ଯେ ଅଧିକାଂଶ ଅଭିନୟକର୍ତ୍ତା ଉତ୍ତମରୂପେ ଆପଣା୨ କାର୍ଯ୍ୟ କରିଥିଲେ ଏବଂ ଏକ୨ଜଣ ଏପ୍ରକାର ନିପୁଣତା ଦେଖାଇଥିଲେ ଯେ ତହିଁରେ ଦର୍ଶକମାନେ ତଟସ୍ଥ ହୋଇଥିଲେ । ପୁରୁଷବେଶରେ ସୂତ୍ରଧାର, ଦୁଇଜଣ ପଣ୍ଡା, ଓଡ଼ିଶାମନ୍ତ୍ରୀ, ବିଦୂଷକ, ମହାସ୍ଥବିର, ପାଟହେଁଯାତିପ, ଓଡ଼ିଶା ରାଜଦୂତ, କାଞ୍ଚୀରାଜା, ପ୍ରବେହିତ ଆପଣା୨ କାର୍ଯ୍ୟ ଉତ୍ତମରୂପେ ଦେଖାଇଥିଲେ ଏବଂ ଓଡ଼ିଶା ଦୂତ ତହିଁ ମଧ୍ୟରେ ସର୍ବୋତ୍କୃଷ୍ଟ ହୋଇଥିଲା । ସେନାପତିମାନେ ମଧ୍ୟ ମନ୍ଦ ହୋଇ ନ ଥିଲେ । ସ୍ତ୍ରୀବେଶରେ ଶଶିକଳା, ସୂର୍ଯ୍ୟବାଳା, ଭଦ୍ରା, ବିଦ୍ୟୁଲ୍ଲତା, ମାଣିକୀ ଉତ୍ତମ ହୋଇଥିଲେ ତହିଁ ମଧ୍ୟରେ ଭଦ୍ରା ଓ ଶଶିକଳା ସର୍ବୋତ୍କୃଷ୍ଟ ଥିଲେ । ଅପର ଲୋକଙ୍କ ମଧ୍ୟରେ ଗୌଡ଼ ଓ ଗୌଡ଼ୁଣୀମାନେ ମଧ୍ୟ ଭଲ ହୋଇଥିଲେ ଏବଂ ସାମାନ୍ୟ ଅର୍ଥବ୍ୟୟଦ୍ୱାରା ଯେପରି ସୁନ୍ଦରବେଶ ହୋଇ ପାରେ ତହିଁରେ ମଧ୍ୟ ତ୍ରୁଟି ହୋଇ ନ ଥିଲା ବାସ୍ତବରେ ଗୋଟିଏ୨ ବେଶ ଅତ୍ୟନ୍ତ ମନୋହର ହୋଇଥିଲା । ନର୍ତ୍ତକୀର ବେଶ ଆମ୍ଭମାନଙ୍କ ଆଖିରେ ବଡ଼ ପ୍ରୀତିକର ଲାଗିଥିଲା । କେବଳ ନାଟକର ନାୟକ ଏବଂ ନାୟିକା ଯଥା ଓଡ଼ିଶାର ରାଜା ଏବଂ ପଦ୍ମାବତୀଙ୍କ କ୍ରିୟା କିଛି ଅଧିକ ନିସ୍ତେଜ ହୋଇଥିଲା । ଉପର ଲିଖିତ ତାଲିକାରୁ ପାଠକମାନେ ଦେଖିବେ ଯେ ଅଧିକାଂଶ ଅଭିନୟକାରୀ କୃତକାର୍ଯ୍ୟତା ଲାଭ କରିଥିଲେ ସୁତରାଂ ଅଭିନୟ ଉତ୍ତମ ହୋଇଥିଲା ଏବଂ ଯେଉଁମାନଙ୍କର ନାମୋଲ୍ଲେଖ ନ ହେଲା ସେମାନେ ହତାଶ ନ ହୋଇ ଭବିଷ୍ୟତକୁ କୃତକାର୍ଯ୍ୟତା ଲଭିବାର ଚେଷ୍ଟା କରିବେ । ପରିଶେଷରେ ନାଟ୍ୟାଭିନୟ ସମ୍ପ୍ରଦାୟର ସେକ୍ରେଟେରୀ ବାବୁ ଗୋପାଳଚନ୍ଦ୍ର ଦତ୍ତ ଏବଂ ମ୍ୟାନେଜର ବାବୁ ଜଗତବଲ୍ଲଭ ଘୋଷଙ୍କୁ ଏ ଅଭିନବ କାର୍ଯ୍ୟ ଉତ୍ତମରୂପେ ସମ୍ପାଦନ କରିଥିବା କାରଣ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ଯଦ୍ୟପି କି ସମସ୍ତଙ୍କର ଉତ୍ସାହ ଓ ଯତ୍ନ ବିନା ଏ ପ୍ରକାର ଗୁରୁତର ବିଷୟ ସାଧିତ ହେବା ଅସମ୍ଭବ ଏବଂ ସେ ହେତୁ ସମସ୍ତେ ପ୍ରଶଂସାର ପାତ୍ର ତଥାପି ଏହି ଦୁଇ ବ୍ୟକ୍ତିଙ୍କର ସମଧିକ ଦୃଢ଼ପ୍ରତିଜ୍ଞା ଓ ପରିଶ୍ରମ ହେତୁ ଆମ୍ଭେମାନେ ବିଶେଷରୂପେ ଋଣୀ ଅଟୁଁ ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

ବର୍ତ୍ତମାନ ଏ ନଗରରେ ବାରୁଣୀଯାତ୍ରା ଯାତ୍ରାରେ ଲୋକମାନେ ବିଶେଷ ମଗ୍ନ ଥାଇ ସୁଖରେ କାଳ ଯାପନ କରୁଅଛନ୍ତି । ଶ୍ରୀପଞ୍ଚମୀ ଦିନ ଶ୍ରୀସରସ୍ୱତୀଙ୍କ ସହିତ ଅନ୍ୟାନ୍ୟ ଦେବପ୍ରତିମାମାନ ଯଥାବିଧିକ୍ରମେ ପ୍ରାଣପ୍ରତିଷ୍ଠା ଓ ପୂଜା ପାଇ ଅତିଶୟ ଶୋଭା ପାଉଅଛନ୍ତି । ବଙ୍ଗଦେଶୀୟ କାରିଗରଙ୍କଦ୍ୱାରା ଏ ପ୍ରତିମା ସବୁ ପ୍ରକୃତ ମନୁଷ୍ୟ ଅନୁକରଣେ ଗଠିତ ହୋଇଥିବାରୁ ଓ କଳିକତା ଡାକକର୍ମ ଓ ଗହଣା ଇତ୍ୟାଦିରେ ମଣ୍ଡିତ ହୋଇଥିବାରୁ ଦେଖିବାକୁ ବିଶେଷ ମନୋହର ହୋଇଅଛନ୍ତି । ପ୍ରତିଦିନ ମଫସଲ ଗ୍ରାମମାନଙ୍କରୁ ବହୁ ସଂଖ୍ୟକ ଯାତ୍ରୀ ଦର୍ଶନ ଅଭିଳାଷରେ ଆସୁଅଛନ୍ତି । କହୁବତ ଓ ତେଲଙ୍ଗୀ ବାଦ୍ୟକରମାନେ ନିଯୁକ୍ତ ଅଛନ୍ତି । ଠାକୁରାଣୀଙ୍କ ସାମନାରେ ମଜଲିସ ସକାଶେ ବୃହତ ସମ୍ମେଲନରେ ଆବୃତ ହୋଇ ଏକ ସଭାସ୍ଥାନ ରଚନା ହୋଇଅଛି ଉକ୍ତ ସ୍ଥାନ ଓ ପ୍ରତିମାମାନ ଥିବା ଗୃହ ଝାଡ଼ ଲଣ୍ଠନ ଇତ୍ୟାଦିରେ ସୁସଜ୍ଜିତ ହୋଇ ବିଶେଷ ଶୋଭା ପାଉଅଛି । ମାତ୍ର ଉପଯୁକ୍ତ ନର୍ତ୍ତକୀମାନଙ୍କୁ ପ୍ରଧାନ୨ ସ୍ଥାନରୁ ଅଣା ଯାଇ ନ ଥିବାରୁ ଭଦ୍ରଲୋକମାନଙ୍କର ସାମାନ୍ୟ ନର୍ତ୍ତକୀଙ୍କ ନୃତ୍ୟ ଓ ଗାନରେ ବିରକ୍ତ ଜାତ ହେଉଅଛି । ଜମିଦାରମାନଙ୍କ ମଧ୍ୟରେ ଶ୍ରୀ ଚଉଧୁରୀ ସହଦେବ ମହାପାତ୍ର ଏ ଯାତ୍ରା ଉପଲକ୍ଷରେ ଅଧିକ ପରିମାଣ ଅର୍ଥ ସାହାଯ୍ୟ କରିଅଛନ୍ତି । ବାରୁଣୀଯାତ୍ରା ଏ ଦେଶ ପକ୍ଷରେ ନୂତନ ହୋଇଥିବାରୁ ବଙ୍ଗଦେଶୀୟ ମହାଜନ ଶ୍ରୀ ବାବୁ ଗଙ୍ଗାବିଷ୍ଣୁ ଦତ୍ତ ଓ ଶ୍ରୀ ବାବୁ କମଲାଲ ଦତ୍ତ ବିଶେଷ ଯତ୍ନ ଓ ପରିଶ୍ରମ ପୂର୍ବକ ସମସ୍ତ କାର୍ଯ୍ୟ ସାଧନ କରିଅଛନ୍ତି । ମଧ୍ୟ ଏ ଗୁରୁତର କାର୍ଯ୍ୟ ନିର୍ବାହ ସକାଶେ ଗୋଟିଏ କମିଟୀ ନିଯୁକ୍ତ ହୋଇଥିଲା ତହିଁରେ ଅଧିକାଂଶ ମେମ୍ବର ସରକାରୀ କର୍ମଚାରୀ ଥିବାରୁ ସମସ୍ତ କାର୍ଯ୍ୟ ଉତ୍ତମ ବନ୍ଦୋବସ୍ତ ଓ ଶୃଙ୍ଖଳାରେ ଚାଲି ଆସୁଅଛି ।

କି କି ପ୍ରତିମା କେତେ ମୂର୍ତ୍ତି ହୋଇଥିଲେ ସମ୍ବାଦଦାତାଙ୍କୁ ଏଥିର ବିସ୍ତାରିତ ଲେଖିବା ଉଚିତ ଥିଲା । ଅନୁମାନ ହୁଅଇ ଏଥିରେ ବିସ୍ତର ବ୍ୟୟ ହୋଇଥିବ ମାତ୍ର ଯାଜପୁରବାସିମାନେ ଉତ୍କୃଷ୍ଟ ନୃତ୍ୟ ଗାନର ବନ୍ଦୋବସ୍ତ ନ କରି କେବଳ ପ୍ରତିମା ଦେଖି ଭୋଳ ହୋଇ ରହିବାରୁ ସେମାନଙ୍କ ରୁଚି ପ୍ରତି ଆମ୍ଭମାନଙ୍କର ଅନୁକୂଳମତ ହେଉ ନାହିଁ ।

# ସାପ୍ତାହିକ ସଂବାଦ ।

ଆମ୍ଭମାନଙ୍କ କଲେକ୍ଟର ସାହେବ ଗତ ବୁଧବାର ଦିନ ଯାଜପୁରକୁ ଯାଇଅଛନ୍ତି ସେ ଅଞ୍ଚଳରେ ଭ୍ରମଣ କରି ଏ ମାସ ତା ୨୪ ରିଖରେ ପ୍ରତ୍ୟାଗମନ କରିବେ ।

ଆମ୍ଭେମାନେ ଶୁଣି ଅତି ଆନନ୍ଦିତ ହେଲୁଁ ଯେ ଏଠା କଲେକ୍ଟରୀ ହେଡ଼କିରାଣି ବାବୁ ହରିଶ୍ଚନ୍ଦ୍ର ମୁଖର୍ଜୀ ବାଲେଶ୍ୱର ଜିଲ୍ଲାରେ ପ୍ରଥମ ଶ୍ରେଣୀ ସବଡିପୋଟୀ ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି । ସମୁଦ୍ର କୂଳେ୨ ଯେଉଁ ନାଳ ହେବା କଥା ଲେଫ୍ଟେଣ୍ଟ ସାହେବ ଦରବାରରେ କହିଥିଲେ ସେହି ନାଳ ପାଇଁ ଭୂମି ଗ୍ରହଣ କାର୍ଯ୍ୟରେ ହରଣ ବାବୁ ନିଯୁକ୍ତ ହେବେ ଏ ନାଳଟି ହେବାର ବନ୍ଦ ଥିଲା । ବୋଧ ହୁଏ ଇଡେନ ସାହେବ ବିଲାତରୁ ଆସି ସେ ନାଳଟି କରିବାର ସ୍ଥିର କରି ତହିଁର କାର୍ଯ୍ୟ ଆରମ୍ଭର ଆଜ୍ଞା ଦେଲେ ।

ଜଗତସିଂହପୁର ଡକାଇତି ମକଦ୍ଦମାର ବୃତ୍ତାନ୍ତ ଗତ ସପ୍ତାହରେ ଲେଖିଥିଲୁଁ । ପୁଣି ଜିଲ୍ଲାର ଦୁଇଜଣ ଡକାଇତ ଧରା ପଡ଼ି ଅନ୍ୟ କେତେକ ଜଣଙ୍କର ନାମ କହିବାରୁ ସେମାନଙ୍କୁ ଧରିବାର ଯତ୍ନ ହେଉଅଛି । ଯେଉଁମାନେ ଧରା ହୋଇଅଛନ୍ତି ସେମାନେ ହାଜତରେ ଅଛନ୍ତି । ମକଦ୍ଦମାର ବିଚାର ଆରମ୍ଭ ହୋଇ ନାହିଁ ।

କଥିତ ହୁଅଇ ଯେ ରୁଷିଆଠାରୁ କଲିକତା ପର୍ଯ୍ୟନ୍ତ ରେଲବାଟ ଫିଟାଇବା ବିଷୟରେ ରୁଷୀୟ ଏବଂ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ଚିଠିପତ୍ର ଚାଲୁଅଛି । ରୁଷିଆ ଓ ରେନବର୍ଗ ନଗରରୁ ଏ ବାଟ ଆରମ୍ଭ ହୋଇ ମଧ୍ୟ ଆସିଆ ଭେଦ କରି ଆସିବ । ଏ ବାଟ ନିର୍ମାଣ ହେଲେ କାବୁଲ ଯେଣ ଆଉ ଗଣ୍ଡଗୋଳ ହେବ ନାହିଁ ।

ସାଇପ୍ରସରେ ଭୟଙ୍କର ଝୋଲ ହୋଇଥିଲା ଏକା ଲର୍ଣ୍ଣକା ନଗରରେ ଦୁଇଶତ ପରିବାର ପଦାରେ ପଡ଼ିଅଛନ୍ତି ଏବଂ ପ୍ରାୟ ଦୁଇଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି । କଥିତ ହୁଅଇ ଯେ ବୃହତ ଇଞ୍ଜିନିୟରି କାର୍ଯ୍ୟରେ ଏ ଜଳ ନିର୍ଗତ ହେବାର ସାଧାରଣ ବାଟମାନ ବନ୍ଦ ହେବାରୁ ନଗର ମଧ୍ୟରେ ଏତେ ଉଚ୍ଚକୁ ଜଳ ଉଠିଥିଲା ।

ବଙ୍ଗ ପ୍ରଦେଶର ଗତ ବାର୍ଷିକ ରିପୋର୍ଟରୁ ଜଣାଯାଏ ଯେ ଦେଶୀୟ ଭାଷା ପୁସ୍ତକର ସଂଖ୍ୟା ଗତ ପାଞ୍ଚବର୍ଷରୁ ପ୍ରତିବର୍ଷ ଊଣା ହୋଇ ଆସୁଅଛି ସନ ୧୮୮୭ ସାଲରେ ଖ ୧୪୮୭ ଖ୍ର ପୁସ୍ତକ ଛପା ହୋଇଥିଲା କିନ୍ତୁ ସନ ୧୮୮୮ ସାଲରେ ଖ ୧୩୯୧ ଖ୍ର ହେଲା । ଏଥିର ଏହି କାରଣ ନିର୍ଦ୍ଦିଷ୍ଟ ହୋଇଅଛି କି ବଙ୍ଗଳାରେ ପ୍ରୟୋଜନାତିରିକ୍ତ ପୁସ୍ତକ ରଚନାର ପ୍ରବୃତ୍ତି କ୍ରମଶଃ ଊଣା ହୋଇ ଆସୁଅଛି । ଏ କାରଣ ନିତାନ୍ତ ଅସଙ୍ଗତ ନୁହଇ ।

Digitized by srujanika@gmail.com

Split by PDF Splitter



ମୁଙ୍ଗେରର ଲାଇସେନ୍ସ ଟାକ୍ସ ସରପ୍ରାପ୍ତ ଡେପୁଟୀ କଲେକ୍ଟରଙ୍କ ଅନେକ ଅନ୍ୟାୟ କାର୍ଯ୍ୟର ଉଲ୍ଲେଖ କରି ସେଠା ନିବାସିମାନେ ତାହାଙ୍କ ନାମରେ ଗୋଟିଏ ଦରଖାସ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ ନିକଟକୁ ପଠାଇଅଛନ୍ତି । ଲାଇସେନ୍ସ ଟାକ୍ସ ପରି ଅତ୍ୟାଚାର ସ୍ୱଜନ ଟିକ୍ସ ସେବେ ବିଲକ୍ଷଣ-ରୂପେ ସହ୍ୟ କରୁଅଛନ୍ତି ମାତ୍ର ଗବର୍ଣ୍ଣମେଣ୍ଟ ତଥାପି ଏମନ୍ତ ଘୃଣିତ ଟାକ୍ସକୁ ଉଠାଇବେ କାରଣ ପ୍ରସ୍ତୁତ ହେଉ ନାହାନ୍ତି ।

ଶ୍ରୀଯୁକ୍ତ ଲାଇୟଲ ସାହେବ ଆସାମର ପ୍ରଧାନ କମିଶ୍ନର ହୋଇଅଛନ୍ତି । ଏ ମହାଶୟ ସେନ୍‌ସସ୍ ଏଥିକାର କମିଶ୍ନର ଥିଲେ । ସେ କାର୍ଯ୍ୟ ଶେଷ ନ ହେଉଣୁ ଅନ୍ୟ କାର୍ଯ୍ୟରେ ତାହାଙ୍କୁ ନିଯୁକ୍ତ କରିବା ଭଲ ହୋଇ ନାହିଁ ।

ସଙ୍କାମକ ରୋଗ ସମ୍ପର୍କୀୟ ଆଇନର କାର୍ଯ୍ୟକାରିତା ଅନୁସନ୍ଧାନ ନିମିତ୍ତ ଗୋଟିଏ କମିଶ୍ନର ନିଯୁକ୍ତ ହୋଇଅଛି ଏବଂ ସର୍ ଓଲାଲ୍‌ଡ ସ୍ୱାର୍ଟ ତହିଁର ସଭାପତି ହୋଇଅଛନ୍ତି । ଯତ ଏବଂ ସରକାର ଅନୁରୋଧରେ ଏ ଆଇନଟା ଉଠିଯିବା ଉଚିତ !

ସନ ୧୮୭୯।୮୦ ସାଲରେ ସମୁଦାୟ ଭାରତବର୍ଷରେ ୧୨,୭୦,୦୦୦ଖଣ୍ଡ ମନୀଅର୍ଡ଼ର ଡାକଘର ଦ୍ୱାରା ଜାରି ହୋଇଥିବା ତହିଁରେ ଦୁଇଲକ୍ଷରୁ ଅଧିକ ଟଙ୍କା କମିସନ ପ୍ରାପ୍ତି ହୋଇଅଛି । ଡାକଘରର ମନିଅର୍ଡର ପ୍ରଥା ଯେମନ୍ତ ସର୍ବସାଧାରଣର ସୁବିଧା ତେମନ୍ତ ଡାକଘରର ଆୟ ବୃଦ୍ଧିର ହେତୁ ହୋଇଅଛି ।

ପର୍ତ୍ତୁଗାଲର ଅଧିକୃତ ମୋଜାମ୍ବିକ ଦ୍ୱୀପରେ ରପ୍ତାନି ଉଠାଇବାର ଚେଷ୍ଟା ହୋଇଥିଲା । ସମ୍ପ୍ରତି ଏକ ସମ୍ବାଦପତ୍ରରୁ ଜଣାଯାଏ ଯେ ତାହା ସଫଳ ହେଲା ନାହିଁ । ଏଠା ସେଠାରୁ ଯେତେ ଅଫିମ ରପ୍ତାନି ହେଉ ତହିଁର ପରିମାଣ ଏବଂ ଗୁଣ ମାଲବାଠାରୁ ଅନେକ ନିକୃଷ୍ଟ ଅଟେ । ସୁତରାଂ ଭାରତବର୍ଷର ଅଫିମ ପ୍ରତି ଯେ ଭୟ ହୋଇଥିଲା ତାହା ତିରୋହିତ ହେଲା

ସୁରା ଅବକାରୀରେ ଲେଖାଅଛି ଯେ ସୋରପୁର କଲେକ୍ଟରୀ ଅଧୀନ ଏକ ଗ୍ରାମରେ ଗୋଟିଏ ନିମ୍ବଗଛରୁ ... ପଡ଼ୁଅଛି ଏବଂ ତାହା ଦେଖିବା କାରଣ ଅନେକ ଲୋକ ସେଠାକୁ ଯାଉଅଛନ୍ତି । ବୈଜ୍ଞାନିକମାନେ ଏଥିର ସିଦ୍ଧାନ୍ତ କରିବେ ।

---

ପ୍ରେରିତପତ୍ର ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

କଟକ କଲେଜସ୍ଥିତ ସ୍କୁଲର ଏବଂ କଟକ କଲେଜର ଦୁରବସ୍ଥା ଦିନକୁଦିନ ବୃଦ୍ଧି ଦେଖା ଯାଉଅଛି । ଏ ବର୍ଷ ବି, ଏ, ପରୀକ୍ଷାରେ ଜଣେ ମାତ୍ର ବାଳକ ପାସ କରିଅଛି ; କଲେଜର ଫଳ ଦେଖି ପ୍ରୋଫେସର ଏବଂ ପ୍ରିନ୍ସିପଲ୍ ଅବା ଶିକ୍ଷକମାନଙ୍କ ବିଦ୍ୟା ବୁଦ୍ଧିର ପରିଚୟ ଅବଗତ ହେଉ ନାହିଁ । ପ୍ରାୟ ୩।୬ ବର୍ଷ କାଳ କଟକ କଲେଜ ସ୍ଥାପନ ହେଲା ତହିଁର ଫଳ ସ୍ୱରୂପ ଦୁଇବର୍ଷରେ ଦୁଇଜଣ ମାତ୍ର ବି, ଏ, ପାସ କରି ଅଛନ୍ତି ଏପରି କଲେଜ ରଖିବାର ଧାରଣି କଣ ? କେତେଜଣ ଉପାଧିଧାରୀ ଯୁବା ବଙ୍ଗାଳୀଙ୍କ ପ୍ରତିପୋଷଣ ନିମନ୍ତେ କି କଲେଜ ସ୍ଥାପନର କାରଣ ଅବା ମେଃ ଏଜର ସାହେବଙ୍କର ସଂସାର ଭରଣ ପୋଷଣ ନିମନ୍ତେହିଁ କଲେଜ ପ୍ରତିଷ୍ଠାର ମୂଳ କାରଣ ? କଲେଜର ଫଳ ଦେଖି ଏବଂ କଲେଜସ୍ଥିତ ସ୍କୁଲର ଭିନବର୍ଷର ଫଳ ଦେଖି ପ୍ରିନ୍ସିପଲ ସହିତ ପ୍ରୋଫେସରମାନଙ୍କୁ କଟକରୁ ଟ୍ରାନ୍‌ସଫର କରିବାର କି ଗବର୍ଣ୍ଣମେଣ୍ଟର ଉଚିତ ନୁହେ ? ଯଦ୍ୟପି ବୋଲାଯାଏ ଯେ ଏସ୍ଥାନୀୟ ଛାତ୍ରମାନଙ୍କ ବୁଦ୍ଧି ନାହିଁ ସେଥିପାଇଁ ପରୀକ୍ଷାର ଫଳ ଏପରି ହୋଇ ଆସୁଅଛି ସେ ପକ୍ଷରେ ଆମ୍ଭର ବକ୍ତବ୍ୟ ଏହି କି ଯେ ଏକଥାର ବାସ୍ତବିକତା ପ୍ରମାଣ କରିବା ନିମନ୍ତେ ପ୍ରିନ୍ସିପଲ ସମେତ ପ୍ରୋଫେସରମାନଙ୍କୁ ଭିନ୍ନ ଦେଶରେ ବଦଳି କରି ଦେଇ ଉପଯୁକ୍ତ ଲବ୍ଧପ୍ରତିଷ୍ଠ ପ୍ରିନ୍ସିପଲ୍ ଏବଂ ଉପଯୁକ୍ତ ପ୍ରୋଫେସର କଟକ କଲେଜରେ ଦେଇ ଓଡ଼ିଶାର ବାଳକମାନଙ୍କ ବୁଦ୍ଧି ଥିବା ଅବା ନ ଥିବାର ପ୍ରମାଣ କରିବା ହେଉ କେବଳ ମାତ୍ର କେତେଜଣ ଅକର୍ମଣ୍ୟ ଲୋକର କଳ୍ପନା ରଚିତ କଥା ଉପରେ ବିଶ୍ୱାସ କରିବାର କିଛି ମାତ୍ର କାରଣ ନାହିଁ । ଆମ୍ଭେମାନେ ମେଃ ଏଜର ସାହେବଙ୍କୁ ଏବଂ ପ୍ରୋଫେସରମାନଙ୍କୁ ବଦଳ କରିବାର ପ୍ରସ୍ତାବରେ ସେମାନଙ୍କ ବନ୍ଧୁମାନେ ଶଙ୍କାନ୍ୱିତ ହୋଇ ପାରନ୍ତି ମାତ୍ର ସେମାନଙ୍କର ଜାଣିବା ଉଚିତ କି କଟକ କଲେଜ ଅବା ଓଡ଼ିଶାର ଶିକ୍ଷାବିଭାଗର ଅର୍ଥ ସେମାନଙ୍କୁ ଗବର୍ଣ୍ଣମେଣ୍ଟ ଏକାବେଳକେ ଜାଗୀର ଅବା ମୌରସି-ସୂତ୍ରେ ପ୍ରଦାନ କରି ନାହାନ୍ତି ଯେ କେବଳ ମାତ୍ର ସେମାନେ ଓଡ଼ିଶାର ଶିକ୍ଷାବିଭାଗର ଅଧିପତି ହୋଇ ଓଡ଼ିଶାର କଲେଜ ଏବଂ କଲେଜସ୍ଥିତ ସ୍କୁଲରେ ଘୁଞ୍ଚି ବସିଥିବେ ।

ଏହା ଅତିଶୟ ଦୁଃଖର ବିଷୟ ଅଟଇ କି ଡାଇରେକ୍ଟର ସାହେବ ଏବଂ ଭୂଦେବ ବାବୁଙ୍କର ଅଦ୍ୟାବଧି ଚୈତନ୍ୟୋଦୟ ହେଲା ନାହିଁ । ମାତ୍ର ଯେତେବେଳେ କଟକ କଲେଜ ରଖିବା ଗବର୍ଣ୍ଣମେଣ୍ଟର କର୍ତ୍ତବ୍ୟ ହୋଇଅଛି ସେତେବେଳେ ସେହି କଲେଜର ଟଙ୍କା ଅକର୍ମଣ୍ୟ ଲୋକଙ୍କୁ ବିଭାଗ କରି ଦେବାର କାରଣ ନାହିଁ ଏବର୍ଷ ଯଦ୍ୟପି ଗବର୍ଣ୍ଣମେଣ୍ଟ କଟକ କଲେଜର ଏବଂ କଲେଜସ୍ଥିତ ସ୍କୁଲର ଅସାଧାରଣ ସଂସ୍କାର ନିମନ୍ତେ କି କରିବା ଉଚିତ ତାହା ଶିକ୍ଷାବିଭାଗର ମହୋଦୟଙ୍କୁ ଉପଦେଶ ନ ଦେବେ ତେବେ ଆମ୍ଭେମାନେ ଜାଣିବୁ ଦୁର୍ଭାଗ୍ୟ ଓଡ଼ିଶାର ଶିକ୍ଷାବିଭାଗର ଉତ୍କର୍ଷ ସାଧନରେ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତହିଁ ବିମୁଖ ରହି ଅଛନ୍ତି ।

ଉପସଂହାରରେ ଆମ୍ଭେମାନେ ଯେପରି କଟକ କଲେଜର ପ୍ରିନ୍ସିପଲ ସହିତ ପ୍ରୋଫେସରମାନଙ୍କୁ ବଦଳ କରି ଭଲ ପ୍ରିନ୍ସିପଲ୍ ଏବଂ ପ୍ରୋଫେସର ଦେବାର ନିମନ୍ତେ ପ୍ରାର୍ଥନା କରୁଅଛୁଁ ସେହିପରି ଦେଶୀୟ ନେତା ବାବୁମାନେ କଲେଜର ସଂସ୍କାରର ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କ ଠାରେ ପ୍ରାର୍ଥନା କରିବା ନିମନ୍ତେ ଅନୁରୋଧ କରୁଁ । ଏବଂ ବର୍ତ୍ତମାନ ସମୟରେ ଯେସବୁ ବାବୁ ପ୍ରୋଫେସର ଏବଂ ମାଷ୍ଟରମାନେ କଲେଜସ୍ଥିତ ସ୍କୁଲର ଏବଂ କଲେଜର ଇଦୃଶ ଦୁରବସ୍ଥାର ମୂଳ କାରଣ ଅଟନ୍ତି ସେହି ଅତି ବିଦ୍ୱାନମାନଙ୍କର ଗାଣ୍ଠିଲି ଲଟ ଓଡ଼ିଶାରୁ ସିପ୍‌ମେଣ୍ଟ କରି କୌଣସି ଦ୍ୱୀପର ଉନ୍ନତି ନିମନ୍ତେ ପ୍ରେରଣ କରିବାକୁ ପ୍ରାର୍ଥନା କରନ୍ତୁ ।

୧।୨।୮୧ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

---

ବିଜ୍ଞାପନ ।

---

ଆଗାମୀ ସୋମବାର ରାତ୍ରିରେ ଏ ନଗର ମାନିକଘୋଷ ବଜାର ବାବୁ ଗୋପାଳପ୍ରସାଦ ମିତ୍ରଙ୍କ ବସାଠାରେ ଶ୍ରୀ ଶ୍ରୀ ସରସ୍ୱତୀ ପୂଜା ଉପଲକ୍ଷେ ଦର୍ଶାଇତ ନାଇଟେଲ ମଧୁସୂଦନ ଦତ୍ତ କୃତ ବଙ୍ଗ ଭାଷା ପଦ୍ମାବତୀ ନାଟକର ଅଭିନୟ ହେବ ରାତ୍ରି ଘ ୯ ଘା ସମୟରେ ଅଭିନୟ ଆରମ୍ଭ ହେବ ଓ ରାତ୍ରି ଘ ୮ ଘା ସମୟରୁ ସଦର ଦ୍ୱାରରେ ଟିକଟ ମିଳି ପାରିବ । ଟିକଟର ମୂଲ୍ୟ ଟ୦୧ ପିୟମାନଙ୍କ ସକାଶେ ଟ୦। ।

ଶ୍ରୀ ଜଗଦ୍‌ବନ୍ଧୁର ଘୋଷ
ମାନେଜର

---

ଅନେକ ପ୍ରକାର ସାନବଡ଼ ଦସ୍ତା ରଙ୍ଗ ଜଗୁପଟମୋକ କଟକ ଟ୍ରେଣିଂ ସ୍କୁଲ ପୁସ୍ତକାଳୟରେ ଅତି ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଜୈଠକଣ ନାଁ ପରି ଘଟାଇ ବା ନିମିତ୍ତ ଏସମସ୍ତ ଚମ୍ପଟ ଅତ୍ୟନ୍ତ ଉପଯୋଗୀ ଅଟଇ

---

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବ୍ୟବହୃତ । ସରକାରର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବଣ୍ଟିତ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଡଳଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୪ଅଉନ୍‌ସକୁ ଟ୭୯୦ । ୮ଅଉନ୍‌ସକୁ ଟ୧୧୦ । ୧୬ ଅଉନ୍‌ସକୁ ଟ ୨୦।୬ । ମୂଲ୍ୟ ନଗଦ ।

---

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗନେଶଚନ୍ଦ୍ର ମଣ୍ଡଳ | ବାଲେଶ୍ୱର | ବର୍ଷକ | ଟ ୨୧ |
| ,, ସଦାନନ୍ଦ ମହାନ୍ତି | କଟକ | ,, | ଟ ୨୧ |
| ଜେ, ଜି, ଗୁପ୍ତ ସାହେବ | ,, | ଅଗ୍ରିମ | ଟ ୬। |
| ବାବୁ ଚନ୍ଦ୍ରଶେଖର ମୁଖର୍ଯ୍ୟା | ,, | ବର୍ଷକ | ଟ ୩୧ |
| ଶ୍ରୀ ରାଜା ରାମଚନ୍ଦ୍ର ସିଂହ ପାଟଯୋଶୀ କନିହାଁ | ,, | | ଟ ୮। |
| ଶ୍ରୀ ମୀର୍ଜା ମହମ୍ମଦ ଅବଦୁଲବେଗ | ରଘୁନାଥପଡ଼ା | ଅଗ୍ରିମ | ଟ ୬।୶ |

---

ଏହି ଉତ୍କଳଦୀପିକା ସଦର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୬ ଶ
ସଂ ୮ ସଂଖ୍ୟା

ତା ୧୧ ଇଂସ ମାହେ ଫିବ୍ରୁଏରୀ ସନ ୧୮୮୧ ମସିହା । ମା । ଫାଲ୍ଗୁନ ଦି ୧୦ ମ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲ ପାଇଁ ଡାକମାସୁଲ ଟ ୧୫

ବାଲେଶ୍ୱରର ଏକଟିଂ କଲେକ୍ଟର ବଡନ ସାହେବ ବୀରଭୂମର ଏକଟିଂ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି । ଏହାଙ୍କର ବଦଳରେ ବାଲେଶ୍ୱରବାସିମାନେ ଅବଶ୍ୟ ଦୁଃଖିତ ହେବେ ଏବଂ ଏତେ ଶୀଘ୍ର ଏହାଙ୍କୁ ବଦଳ କରିବାର କାରଣ ଜଣା ଯାଉ ନାହିଁ । ଅନୁମାନ ହୁଏ ନର୍ମାନ ସାହେବଙ୍କର ଆସିବାର ସମୟ ନିକଟ ହୋଇଅଛି !

---

ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ସନ ୧୮୮୦ ସାଲର ଅ ୧ ଜନ ଧା ୮୮ ଧାର ଦ୍ୱାରା କ୍ରମେ ଘୋଷଣା ଦେଇଅଛନ୍ତି କି ଓଡ଼ିଶାର ଲାଖରାଜଦାରମାନଙ୍କର ପଥକର ଏବଂ ପ୍ରଦେଶୀୟକରର କିସ୍ତିବନ୍ଦୀ ଅପ୍ରେଲ ମାସ ତା ୭ ରିଖ ଏବଂ ଅକ୍‌ଟୋବର ତା ୧୫ ରିଖ ଧାର୍ଯ୍ୟ ହେଲା । ଖଜଣାର କିସ୍ତିବନ୍ଦୀ ସଙ୍ଗେ ଏ ଦୁଇ ପ୍ରକାର କିସ୍ତିବନ୍ଦୀର ମେଳ ଥିବାରୁ ଖଜଣାଖାନାର କାର୍ଯ୍ୟରେ ବଡ଼ ଅସୁବିଧା ଘଟୁଥିଲା ଏ ନିୟମଦ୍ୱାରା ତାହା ଅନେକାଂଶରେ ନିବାରଣ ହେବ ।

---

ବଙ୍ଗପ୍ରଦେଶର ପୋଷ୍ଟମାଷ୍ଟର ଜେନରଲ ଏ ମାସ ଆରମ୍ଭରେ ଏଠାକୁ ଆସିଥିଲେ । ତେଲିଗ୍ରାଫରୁ ଜଣାଗଲା ଯେ ଓଡ଼ିଶାର ଗଡ଼ଜାତମାନଙ୍କରେ ଡାକ ଯାତାୟାତର ସୁବିଧା ବିସ୍ତାର କରିବା ତାହାଙ୍କର ଆଗମନର ମୁଖ୍ୟ ଉଦ୍ଦେଶ୍ୟଥିଲା । ସେ ଏଠାରେ କି କି ବନ୍ଦୋବସ୍ତ କରି ଗଲେ ତାହା ଜଣାଯାଇ ନାହିଁ କିନ୍ତୁ ଏଥି ମଧ୍ୟରେ ଗଡ଼ଜାତର କେତେକ ସ୍ଥଳରେ ନୂତନ ଡାକଘର ଖୋଲାଯିବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଉତ୍ତମ ସଡ଼କ ନିର୍ମାଣ ଏବଂ ଡାକର ବନ୍ଦୋବସ୍ତ ଗଡ଼ଜାତମାନଙ୍କର ଉନ୍ନତି ସାଧନ ପକ୍ଷରେ ଅତ୍ୟନ୍ତ ପ୍ରୟୋଜନ ହୋଇଅଛି । ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ଏ ବିଷୟରେ ବିଶେଷ ମନୋଯୋଗୀ ହେଲେ ଏ କାର୍ଯ୍ୟମାନ ବହୁତର ପରିମାଣରେ ଅଗ୍ରସର ହୋଇପାରେ ।

---

ବ୍ରହ୍ମପୁରର ବାର୍ତ୍ତାବହ ପତ୍ରିକାରୁ ଅବଗତ ହେଲୁଁ ଯେ ଏ ନଗରନିବାସୀ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ କି ସେ କାର୍ଯ୍ୟୋପଲକ୍ଷରେ ଦୁଇ ମାସରୁ ଊର୍ଦ୍ଧ ହେବ ଗଞ୍ଜାମ ଜିଲ୍ଲାକୁ ଯାଇଅଛନ୍ତି । ଗତ ଜାନୁଏରୀ ମାସ ତା ୨୧ ରିଖରେ ଟକାଲିର ସ୍କୁଲ ଗୃହରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ଭାରତବର୍ଷର ପୂର୍ବ ଏବଂ ବର୍ତ୍ତମାନ ଅବସ୍ଥା ତାହାଙ୍କ ବୋଲିବାର ବିଷୟ ଥିଲା । ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ପ୍ୟାରୀ ବାବୁଙ୍କ ନାମ ସେ ଅଞ୍ଚଳରେ ବହୁଦୂର ପର୍ଯ୍ୟନ୍ତ ବାଜି ଯାଇଅଛି ସେହି ହେତୁ ବକ୍ତୃତା ଶୁଣିବାକୁ ଅନେକ ଲୋକ ଉପସ୍ଥିତ ହୋଇଥିଲେ ଏବଂ ସେମାନେ କଥା ଶୁଣି ବଡ଼ ଆନନ୍ଦିତ ହେଲେ ଏବଂ ବକ୍ତାଙ୍କର ବହୁତର ପ୍ରଶଂସା କଲେ । ଟକାଲିରେ ଏପ୍ରକାର ସଭା ପୂର୍ବେ କେବେ ହୋଇ ନ ଥିଲା । ଆମ୍ଭେମାନେ ଆଶା କରୁଁ ଯେ ଆମ୍ଭମାନଙ୍କର ଦକ୍ଷିଣୀଭ୍ରାତାମାନେ ସମୟ ସମୟରେ ଏପ୍ରକାର ସଭା କରିବା ଏବଂ ଲୋକଙ୍କୁ ଶିକ୍ଷା ଦେବାକୁ ଉତ୍ସାହିତ ହେବେ ।

---

ଗତ ଗୁରୁବାର ଭାରତବର୍ଷର ଲୋକସଂଖ୍ୟା କାର୍ଯ୍ୟ ସମାପ୍ତ ହେଲା । ଏ ନଗରବାସିମାନେ ଘୋଷଣା ଅନୁସାରେ ରାତ୍ର ଘ ୯ ଟା ପୂର୍ବରୁ ଦୋକାନ ବନ୍ଦ କରି ଯେ ଯାହା ଘରେ ସାପକାଳ ଜାଗ୍ରତ ରହିଥିଲେ । ଗଣନା କାର୍ଯ୍ୟରେ ନିଯୁକ୍ତଥିବା ବ୍ୟକ୍ତି ଏବଂ ପୁଲିସ ଛଡ଼ା ରାସ୍ତାରେ ଆଉ କେହି ନ ଥିଲେ ଗଣନାକାରଙ୍କର ଲଣ୍ଠନ ଆଲୋକରେ ଗୃହଦ୍ୱାର ଶୋଭା ପାଉଥିଲା ଓ ଲୋକମାନେ ତାହାଙ୍କର ଡାକ ଓ ସମସ୍ତ ପ୍ରଶ୍ନର ଉତ୍ତର ଦେବାରେ ଯଥୋଚିତ ତତ୍ପର ହୋଇଥିଲେ । ତତ୍ତ୍ୱାବଧାରକମାନେ ଆପଣା ଇଲାକାରେ ଏବଂ ସ୍ୱୟଂ ଜଏଣ୍ଟମାଜିଷ୍ଟ୍ରେଟ ସାହେବ ନଗରଯାକ ପରିଭ୍ରମଣ କରିଥିଲେ । ଗଣନା କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଥିବାର ଏବଂ କାର୍ଯ୍ୟକାରକମାନ ଆନନ୍ଦସହିତ ତାହା କରୁ ଥିବାର ସମସ୍ତ ଲକ୍ଷଣ ଦେଖି ଆମ୍ଭେମାନେ ସନ୍ତୁଷ୍ଟ ହୋଇଅଛୁଁ କୌଣସି ବନ୍ଦୋବସ୍ତର ତ୍ରୁଟି ଲକ୍ଷିତ ହୋଇ ନାହିଁ ଏବଂ କୌଣସି ଦୁର୍ଘଟନା ହୋଇ ନାହିଁ । କେବଳ ଜଣେ ଗଣନାକାରୀ ଏଠା ପୁଲିସର ମୋହରର ବାବୁ ହରପ୍ରସାଦ

Digitized by srujanika@gmail.com

Split by PDF Splitter



ସିଂହ ଆପଣା କାର୍ଯ୍ୟ ସାରିବସାଇ ଅଛି କାଗଜ ଦୋରସ୍ତ କରୁଥିଲେ କି ଏଥି ମଧ୍ୟରେ ଅକସ୍ମାତ ମୂର୍ଚ୍ଛା ଗଲେ । ନିକଟରେ ଅନ୍ୟାନ୍ୟ ଗଣନାକାରୀ ଏବଂ ଅପର ଲୋକ ଉପସ୍ଥିତ ଥିଲେ କିନ୍ତୁ ଚେଷ୍ଟା କରିବାର ସବୁ ଆଶା ବ୍ୟର୍ଥ ହେଲା । ପରିଶେଷରେ ଜଣାଗଲା ଯେ ହାତରେ କଲମ ଏବଂ ସମ୍ମୁଖରେ ସଂଖ୍ୟା କାଗଜ ରଖି ମୂର୍ଚ୍ଛିତ ହେବା ସଙ୍ଗେ୨ ଇହଲୋକରୁ ପ୍ରସ୍ଥାନ କଲେ । ଏପରି ଆଶ୍ଚର୍ଯ୍ୟ ମୃତ୍ୟୁ ଅଳ୍ପ ଦେଖା ଯାଇଅଛି । ଚିକିତ୍ସା କରିବାକୁ ଅବସର ହେଲା ନାହିଁ । ଏ ହୃଗ୍ରୁ ଜୀବନ ଉପରେ କିଏ ନିର୍ଭର କରିବ ।

---

ବଙ୍ଗଳର ଭାରତୀୟ ସମ୍ବାଦରୁ ଜଣାଗଲା ଯେ ଜେନରଲ ଷ୍ଟୁବର୍ଟ ସାହେବ କାବୁଲରେ ଅମିର ଓ ରୁଷୀୟ ଗବର୍ଣ୍ଣମେଣ୍ଟଙ୍କର ଯେ ସମସ୍ତ ଗୋପନୀୟ ଚିଠିପତ୍ର ପାଇଥିଲେ ସେ ସମସ୍ତ ପ୍ରକାଶିତ ହୋଇଅଛି । ତହିଁରୁ ପ୍ରକାଶ ଯେ ସନ ୧୮୭୮ ସାଲରେ ଅମିର ସେରଅଲିଙ୍କର ରୁଷିୟା ସଙ୍ଗରେ ଏକ ସନ୍ଧିପତ୍ର ହୋଇଥିଲା ଏବଂ ସମସ୍ତ ବିଦେଶୀୟ ଆକ୍ରମଣ ବିରୁଦ୍ଧରେ ଅମିରଙ୍କୁ ସାହାଯ୍ୟ ଦେବା କାରଣ ରୁଷିୟା ଆଶ୍ୱାସ ଦେଇଥିଲେ । ସନ ୧୮୭୮ ସାଲର ଅକ୍ଟୋବର ମାସର ପତ୍ରରେ ରୁଷିୟାର ଜେନରଲ ଅମିରଙ୍କୁ ଉପଦେଶ ଦେଇଥିଲେ କି ତୁମ୍ଭେ ପ୍ରକାଶ୍ୟରେ ଇଂରାଜଙ୍କ ସହିତ ସନ୍ଧି କରି ଗୋପନରେ ଯୁଦ୍ଧର ଆୟୋଜନ କରୁଥିବ । ସନ ୧୮୭୮ ସାଲର ନବମ୍ବର ମାସର ଏକ ପତ୍ରରେ ଅମିର ରୁଷିୟାକୁ ୩୦୦୦୦ ସେନା ନିମିତ୍ତ ପ୍ରାର୍ଥନା କରିଥିଲେ ଏବଂ ରୁଷିୟା ଉକ୍ତ ସାହାଯ୍ୟ ଦେବାକୁ ଅଙ୍ଗୀକାର କରିଥିଲେ କେବଳ ଜେନରଲ ସାହେବ ଲେଖି ପଠାଇଥିଲେ ଯେ ଅତ୍ୟନ୍ତ ଶୀତ ହେତୁ ସୈନ୍ୟ ପଠାଇପାରିଲେ ନାହିଁ । ଅନ୍ୟର କେତେକ ଚିଠିରୁ ଜଣାଯାଏ ଯେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଭାରତବର୍ଷୀୟ ମୁସଲମାନଙ୍କୁ ବିଦ୍ରୋହ କାର୍ଯ୍ୟରେ ଉତ୍ତେଜିତ କରିବା ରୁଷିୟାର ଅଭିସନ୍ଧି ଥିଲା । ଏପ୍ରକାର ଚିଠିପତ୍ରମାନ ପ୍ରକାଶିତ ହେବାରୁ ଇଂରାଜମାନେ କି ପାର୍ଲିମେଣ୍ଟ ସଭା ଏବଂ କି ଅନ୍ୟତ୍ରରେ ଭୟ ଉଦ୍ଭାବ ଧାରଣ କରିଅଛନ୍ତି ଏବଂ ରୁଷିୟା ପ୍ରତି ବିଶେଷ ରାଗ ଜାତ ହୋଇଅଛି । ବାସ୍ତବରେ ଅମିରଙ୍କ ସହିତ ରୁଷିୟାର ଷଡ଼ଯନ୍ତ୍ର ଥିବାର ଏତେବେଳେ ନିଶ୍ଚୟ ଜଣାଗଲା କିନ୍ତୁ ରୁଷିୟା ଅମିରଙ୍କୁ ଆଶ୍ୱାସନା ଦେବା ସ୍ଥଳେ ଦୁଃଖ ସମୟରେ ତାହାଙ୍କୁ ପରିତ୍ୟାଗ କରିବାଦ୍ୱାରା ଯେଉଁ ନୀତି ଦେଖାଇ ଅଛନ୍ତି ତହିଁରେ ଯେ ଭୂମଣ୍ଡଳରେ ରୁଷିୟା ପ୍ରତି କାହାର ବିଶ୍ୱାସ ହେବ ଏହା କଦାଚ ସମ୍ଭବ ନୁହଇ । ରୁଷିୟାର ଏପ୍ରକାର ବ୍ୟବହାର ହେତୁ ଅମିର ସେରଅଲି ତାହାଙ୍କ ରାଜ୍ୟରେ ଧରଣା ପଡ଼ି ପ୍ରାଣ ହରାଇଲେ ।

---

## ନାଟକାଭିନୟ ।

ଏ ନଗରରେ ଶ୍ରୀ ସରସ୍ୱତୀ ପୂଜା ଉପଲକ୍ଷରେ କାଞ୍ଚିକାବେରୀ ନାଟକର ଅଭିନୟ ହୋଇଥିବାର ବୃତ୍ତାନ୍ତ ଆମ୍ଭେମାନେ ଗତ ସପ୍ତାହରେ ପାଠକବୃନ୍ଦଙ୍କୁ ଜଣାଇ ଅଛୁଁ । ସରସ୍ୱତୀଦେବୀ ଦୁଇବର୍ଷ ନାଟକାଭିନୟ ଦେଖିବାରୁ ତହିଁରେ ତାଙ୍କର ବିଶେଷ ଶ୍ରଦ୍ଧା ହୋଇଥିବାର ବୋଧ ହୁଏ । ଏବର୍ଷ ଏକଥର ଅଭିନୟରେ ତାଙ୍କର ତୃପ୍ତି ହେଲା ନାହିଁ ଓ ଆଉଥରେ ଦେଖିବାକୁ ଇଚ୍ଛା କଲା ସୁତରାଂ ସେ ତଦନନ୍ତର ଗତ ମଙ୍ଗଳବାର ପର୍ଯ୍ୟନ୍ତ ଅପେକ୍ଷାକରି ରହିଲେ । ସେଦିନ ରାତ୍ରରେ ପଦ୍ମାବତୀ ନାଟକର ଅଭିନୟ ହୋଇଥିଲା । ଏ ନାଟକର କଥା ଅନେକ ପାଠକ ଜାଣି ନ ଥିବେ ଏହେତୁ ପ୍ରଥମେ ତହିଁର ସଂକ୍ଷେପ ପ୍ରସଙ୍ଗ ନିମ୍ନେ ଲେଖୁଅଛୁଁ ଯଥା;—

ଦିନେ ବିନ୍ଧ୍ୟଗିରି ଦେବ ଉପବନରେ ଶଚୀ, ରତି, ଓ ମୁରଜା ଏ ତିନୋଟି ଦେବକନ୍ୟା ଉପବିଷ୍ଟ ହୋଇ କୁତୂହଳେ କଥୋପକଥନ ହେଉଥିଲେ ଏମନ୍ତ ସମୟରେ ନାରଦ ସେଠାରେ ପ୍ରବେଶ ହେଲେ ଏହା ଦେଖି ତାଙ୍କର ଦେହ ସହିଲା ନାହିଁ । ସେମାନଙ୍କ ମଧ୍ୟରେ ବିବାଦ ଲଗାଇବା କଳ୍ପନାରେ ସେ କହିଲେ ଆମ୍ଭେ ଯେ ଏ କନକପଦ୍ମଟି ଆଣିଅଛୁଁ ତୁମ୍ଭମାନଙ୍କ ମଧ୍ୟରେ ଯେ ପରମସୁନ୍ଦରୀ ଥିବ ସେ ଏ ପଦ୍ମଟି ନେବ ଅନ୍ୟ କେହି ନେଲେ ଅଭିଶାପରେ ପଡ଼ିବ । ନାରଦ ଏହା କହି ଓ ପଦ୍ମଟି ସେଠାରେ ରଖି ପ୍ରସ୍ଥାନ କଲେ ଓ ତାହା ନେବା ପାଇଁ ସେ ଦେବକନ୍ୟାଙ୍କ ମଧ୍ୟରେ ଭାରି ବିବାଦ ବିସମ୍ବାଦ ଲାଗିଲା । ରାଜା ଇନ୍ଦ୍ରନୀଳ ସେ ବନକୁ ମୃଗୟାର୍ଥ ଯାଇଥିଲେ, ଦେବବାଣୀ ଅନୁସାରେ ସେମାନେ ତାଙ୍କୁ ମୀମାଂସାକର୍ତ୍ତା ସ୍ୱରୂପ ମନୋନୀତ କରି କହିଲେ ଆମ୍ଭମାନଙ୍କ ମଧ୍ୟରେ ଯେ ପରମସୁନ୍ଦରୀ ତାଙ୍କୁ ଏ ପଦ୍ମଟି ପ୍ରଦାନ କର । ରାଜା ରତିଙ୍କୁ ପଦ୍ମ ପ୍ରଦାନ କରିବାରୁ ଶଚୀ ଓ ମୁରଜା କୋପ କରି ଓ ତାଙ୍କୁ ଧମକାଇ ପ୍ରସ୍ଥାନ କଲେ । ରତି ରାଜାଙ୍କଠାରେ ପ୍ରସନ୍ନ ହୋଇ ଯତ୍ନ କରିବାରୁ ରାଜା ପରମସୁନ୍ଦରୀ ପଦ୍ମାବତୀ କନ୍ୟାଙ୍କର ପାଣି ଗ୍ରହଣ କଲେ ଓ ଦୁହିଙ୍କର ଭାରି ପ୍ରଣୟ ହେଲା । ଶଚୀ ଓ ମୁରଜା ବାଦ ସାଧିବାପାଇଁ ଏ ଦୁହିଙ୍କର ବିଚ୍ଛେଦ ବାସନା କଲେ ଓ ଏଥିରେ କଳିଙ୍କର ସାହାଯ୍ୟ ନେଲେ । କଳି ଅନେକ ଛଳ କୌଶଳ ପୂର୍ବକ ପଦ୍ମାବତୀଙ୍କୁ ହରଣ କରି ନେଇ ମହର୍ଷି ଅଙ୍ଗିରାଙ୍କ ଆଶ୍ରମରେ ରଖିଲେ । ଅତି ପ୍ରଣୟ ସ୍ଥଳେ ବିଚ୍ଛେଦ ହେଲେ ଯେପରି ମନୋବେଦନା ଓ ଯନ୍ତ୍ରଣା ହୁଏ ଏହା ସହଜରେ ଅନୁମାନ ହୋଇ ପାରେ । ରାଜା ବିଚ୍ଛେଦ ଯନ୍ତ୍ରଣା ଅନେକକାଳ ଭୋଗିବାରୁ ଶଚୀ ଇତ୍ୟାଦିଙ୍କର କୋପ ଶାନ୍ତ ହେଲା ତହୁଁ ସେମାନେ ଓ ମହର୍ଷି ଅଙ୍ଗିରା ଏକତ୍ରିତ ହୋଇ ରାଜାଙ୍କୁ ପଦ୍ମାବତୀ ପୁନର୍ଦାନ କଲେ ।

ନାଟକର ପ୍ରସଙ୍ଗଟି ଉପରେ ଲେଖିଲୁଁ ବର୍ତ୍ତମାନ ଅଭିନୟର ସମାଲୋଚନା କରୁଅଛୁଁ । ଯେଉଁ କୃତବିଦ୍ୟ ଯୁବକବୃନ୍ଦ ରାମାଭିଷେକ ଇତ୍ୟାଦି ନାଟକର ଅଭିନୟ କରିଥିଲେ ସେହିମାନେ ଏ ନାଟକର ଅଭିନେତୃ ଅଟନ୍ତି ମାତ୍ର ସେମାନଙ୍କ ପୂର୍ବ ଅଭିନୟ ଯେପରି ସନ୍ତୋଷଜନକ ହୋଇଥିଲା ଏଥର ସେପରି ହୋଇ ନାହିଁ । ଏ ନାଟକରେ ନେପଥ୍ୟର ଗୀତ କେତେ ଗୁଡ଼ିଏ ଥିଲା ମାତ୍ର ଗାନ ଭଲ ହୋଇ ନ ଥିଲା ଏଥିରୁ ବୋଧହୁଏ ଯେ ଅଭିନେତୃବର୍ଗ ଏଥର ପୂର୍ବ ପରି ପରିଶ୍ରମ କରି ନାହାନ୍ତି । ତଥାପି ଅଭିନୟଟି ବଡ଼ ମନ୍ଦ ହୋଇ ନ ଥିଲା ଅଭିନୟକାରଙ୍କ ମଧ୍ୟରେ ବିଦୂଷକ, କଞ୍ଚୁକୀ, ଓ ରତି ନିପୁଣତା ଦେଖାଇ ଥିଲେ ଓ ସେମାନଙ୍କର ଅଭିନୟ ସର୍ବୋତ୍କୃଷ୍ଟ ଓ ଅତି ପ୍ରୀତିକର ହୋଇଥିଲା । ପ୍ରଧାନ ଦୋଷ ଏହି ଯେ ଅନେକ ଅଭିନୟକାରୀ ନୀଚ ସ୍ୱରରେ କଥୋପକଥନ କରିବାରୁ ଦର୍ଶକମାନେ ତାହା ଶୁଣି ନ ପାରିଲେ । ପଦ୍ମାବତୀ ଜଣେ ପ୍ରଧାନ ନାୟିକା, ସେ ରୋଦନ ଇତ୍ୟାଦି ଭଙ୍ଗୀ ଉତ୍ତମରୂପେ କରିଥିଲେହେଁ ଏପରି ଅସ୍ପଷ୍ଟ ଓ ନୀଚ ସ୍ୱରରେ କହିଲେ ଯେ ତାଙ୍କର କଥା ସେହି ଶୁଣିଥିବେ । ଅଭିନୟକାରମାନେ ଉଚ୍ଚ ସ୍ୱରରେ କହିବାର ଅଭ୍ୟାସ କରିଥିଲେ ଏ ଦୋଷ ଲକ୍ଷିତ ହୋଇ ନ ଥାନ୍ତା । ଯାହାହେଉ ଅଭିନୟକୁ ତାଦୃଶ ଅସନ୍ତୋଷଜନକ ବୋଲିଯାଇ ନ ପାରେ କାରଣ

Digitized by srujanika@gmail.com

Split by PDF Splitter



ସ୍ତ୍ରାସ୍ତକ ଦର୍ଶକମଣ୍ଡଳୀରେ ଅଭିନୟ ଶେଷ ଅର୍ଥାତ୍ ରାତ୍ର ତିନପ୍ରହର ପର୍ଯ୍ୟନ୍ତ ପୂର୍ଣ୍ଣ ରହିଥିଲ ଓ ମଧ୍ୟେ ୨ ଆନନ୍ଦଧ୍ୱନି ଶୁଣାଯାଉଥିଲା । ଅଭିନେତୃବର୍ଗ ବନ୍ଧୁ ବ୍ୟୟରେ ପଲଟନର ସମ୍ବନ୍ଧ ବାଦ୍ୟ ଅଣାଇଥିଲେ ଓ ତାହା ବଡ ଜମକ ହୋଇଥିଲା । କନ୍ୟଗିରପକ୍ଷଙ୍କଟି ମଧ ନମୀଣ ହୋଇ ଥିଲା ଅଭିନୟ ଶେଷରେ ପଲଟନର ବାଦ୍ୟକର ଇଂଗରେଜୀ ଗାନ କଲେ ଓ ଗୋଟିଏ ଫିରିଙ୍ଗୀ ପିଲାର ଗାନ ଓ ଅଙ୍ଗଭଙ୍ଗି ବଡ ପ୍ରୀତିକର ହୋଇଥିଲା ଇତ୍ୟୁତ୍ତରେ ଗୋଟିଏ ବକ୍ତୃତା ହୋଇ ସଭା ଭଙ୍ଗ ହେଲା ।

ଶ୍ରୀବାବୁ ହାଣ୍ଟକାନାଥ ଅଗ୍ରୁର୍ଯ୍ୟ ବକ୍ତୃତା କରିଥିଲେ ସେ କଲର ନାଟ୍ୟୋକ୍ତି ମାହାତ୍ମ୍ୟ ଦେଖାଇ କହିଲେ ଯେ ଏକସପ୍ତାହ ପୂର୍ବେ ମଧ ହିନ ଓଡିଆ ଓ ବଙ୍ଗଲା ନାଟକାଭିନୟକାରଙ୍କ ମଧ୍ୟରେ ବିଚ୍ଛେଦ ଜନ୍ମାଇବାର ଚେଷ୍ଟା କରିଥିଲେ । ଭାଗ୍ୟବଶତଃ ତାହା ମେଣ୍ଟି ଗଲା । ନାଟକାଭିନୟରେ ଯେ କ୍ଷଣିକ ଆମୋଦ ପ୍ରମୋଦ ତାହା ନୁହେ ଇହିଁରେ ନୀତିଶିକ୍ଷା ଏବଂ ରୁଚି ଓ ଦେଶର ଉନ୍ନତି ହୁଏଇ । ଏପରି କାର୍ଯ୍ୟରେ ସକଳ ଯୁବକବୃନ୍ଦେ ଏକମେଳ ହୋଇ ଉଦ୍ୟୋଗ ଓ ଯତ୍ନ କରିବାର ଆବଶ୍ୟକ ଦର୍ଶକମାନେ ଅଭିନୟର ଦୋଷଭାଗ ପରିତ୍ୟାଗ ଓ ଗୁଣଭାଗ ଗ୍ରହଣ ପୂର୍ବକ ସନ୍ତୋଷ ପ୍ରକାଶ କରି ଯେପରି ନାଟଶାଳାଟି ଚିରସ୍ଥାୟୀ ହୁଏ ଇହିଁ ପକ୍ଷରେ ଅର୍ଥ ସାହାଯ୍ୟ ଓ ଯତ୍ନ କରିବାର ଉଚିତ । ବକ୍ତୃତାଟି ସୁନ୍ଦର ହୋଇଥିଲା ଓ ଆମ୍ଭେମାନେ ବକ୍ତାଙ୍କ ସହିତ ଐକ୍ୟ ହୋଇ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ବର୍ତ୍ତମାନ ପରି ଏପକ୍ଷରେ କୁଣ୍ଠିତ ନ ହୋଇ ମୁକ୍ତ ହସ୍ତରେ ସାହାଯ୍ୟ ପ୍ରଦାନ କରନ୍ତୁ । ଅଭିନୟ କାରମାନେ ଆମ୍ଭମାନଙ୍କ ଓ ଦର୍ଶକଙ୍କ ସମାଲୋଚନାରେ ଭଗ୍ନୋତ୍ସାହ ଓ ବିରକ୍ତ ନ ହୋଇ ଆପଣା ୨ ଦୋଷ ସୁଧାରି ଭବିଷ୍ୟତକୁ ଉତ୍କୃଷ୍ଟ ଅଭିନୟ ଦେଖାଇବାର ଚେଷ୍ଟା କରନ୍ତୁ । ଓଡିଆ ଓ ବଙ୍ଗଲା ଅଭିନୟକାରମାନେ ଏକମନ ହୋଇ ନାଟଶାଳାକୁ ଚିରସ୍ଥାୟୀ କରନ୍ତୁ ଓ ବର୍ଷକରେ ଥରେ ଅଭିନୟରେ କ୍ଲାନ୍ତ ନ ହୋଇ ସମୟ ସମୟରେ ଅଭିନୟ ଦେଖାଉନ୍ତୁ ତାହା ହେଲେ ଦୋଷସବୁ କ୍ରମେ ସୁଧୁରିଯିବ ଓ କଟ୍ଟୁଦିନେ ସେମାନେ ଉତ୍କୃଷ୍ଟ ଅଭିନୟକାରୀ ହୋଇ ଉଠିବେ । ବଙ୍ଗୀୟ ଅଭିନୟକାରମାନେ ଏଠା ଅଭିନୟର ଆଦିକର୍ତ୍ତା ସେମାନଙ୍କ ଯୋଗେ ଆମ୍ଭେମାନେ ଏ ନଗରରେ କେତେକ ଥର ଅଭିନୟ ଦେଖିଲୁଁ ଏ ହେତୁଁ ଆମ୍ଭେମାନେ ଏକାନ୍ତ ମନେ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ ଏ କାର୍ଯ୍ୟରେ ଶ୍ରୀ ବାବୁ ଜଗତ୍‌ବଲ୍ଲଭ ଘୋଷଙ୍କର ବିଶେଷ ଯତ୍ନ ଓ ପରିଶ୍ରମ ଦେଖାଯାଏ ତାଙ୍କୁ ଆମ୍ଭେମାନେ ବିଶେଷରୂପେ ଧନ୍ୟବାଦ ଦେଉଅଛୁଁ । ଆମ୍ଭମାନଙ୍କର ବଡ ଇଚ୍ଛା ଯେ ଅନତିବିଳମ୍ବେ ଆଉଥରେ ଅଭିନୟ ଦେଖୁଁ ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

ଗତମାସ ତା ୧୧ ରିଖରେ ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁତ ପଣି ସାହେବ ଓ ପୁଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଓ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ଓ ପୋଷ୍ଟମାଷ୍ଟର ଜେନରଲ ସାହେବ ମହୋଦୟମାନେ ଏ ମୁକାମରେ ଉପସ୍ଥିତ ହୋଇ ତା ୧୨ ରିଖରେ ଶ୍ରୀଯୁତ କଲେକ୍ଟର ସାହେବ ମହୋଦୟ ଏଠା ସବ୍‌ଟ୍ରେଜରୀ ଓ ସବ୍ ରେଜିଷ୍ଟ୍ରୀ ଅଫିସ ତଦନ୍ତ କଲେ ବାକି ସମସ୍ତ ମହକୁମା ତଦନ୍ତ କରି ଏମାସ ତା ୧୮ ରିଖରେ ଏ ମୁକାମରୁ ପ୍ରତ୍ୟାଗମନ କରିବାର ତାରିଖ ନିର୍ଣ୍ଣୟ କରିଅଛନ୍ତି ଓ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ଯାଜପୁର ଷ୍ଟେସନ ଇନ୍‌ସ୍ପେକ୍‌ସନ କରି ଏ ସ୍ଥାନରୁ ପ୍ରତ୍ୟାଗମନ କରିଅଛନ୍ତି ଓ ପୋଷ୍ଟମାଷ୍ଟର ଜେନରଲ ମହୋଦୟ ମଧ ଏଠା ପୋଷ୍ଟ ଅଫିସ ତଦନ୍ତ କରି କଲିକତା ମୁକାମକୁ ପ୍ରତ୍ୟାଗମନ କରିଅଛନ୍ତି । ଗତ ଶନିବାର ରାତ୍ରରେ ଶ୍ରୀ ଚତୁର୍ଭୁଜ ସତ୍ପଦେବ ମହାପାତ୍ର ପ୍ରଭୃତି ଜମିଦାର ଓ ଭଦ୍ର ଲୋକମାନେ ସାହେବ ମହୋଦୟମାନଙ୍କୁ ଥାଏଟର ଯାତ୍ରା ଦେଖାଇବା ସକାଶ ଆମନ୍ତ୍ରଣ କରି ନେଇଥିଲେ ଓ ସଭାସ୍ଥାନ ଉତ୍ତମ ରୂପେ ସୁସଜ୍ଜିତ ହୋଇଥିଲା ସାହେବ ମହୋଦୟମାନେ ଉକ୍ତ ସ୍ଥାନରେ ପହଞ୍ଚିବା ସମୟେ ମାନ୍ୟସୂଚକ ବମ୍ ଫାୟର ହେଲା ସାହେବ ମହୋଦୟମାନେ ପ୍ରତିମାମାନଙ୍କୁ ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହେଲେ ଓ ମଜଲିସରେ ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ବସି ନୃତ୍ୟାଦ ଦର୍ଶନ କଲେ ଗୃହ ପାଞ୍ଚଟାଇପା ନୃତ୍ୟକାରକ ମଧ୍ୟରୁ ଏକଗୋଟି ଦଶିଶିପିଲାର ବଡ ଭଙ୍ଗୀ ଦେଖି ବିଶେଷ ମୋହିତ ହୋଇଥିଲେ । ବର୍ତ୍ତମାନ ଉକ୍ତ ଥାଏଟର ନାଚ ଦେଖିବାକୁ ବହୁ ସଂଖ୍ୟକ ଯାତ୍ରୀ ପ୍ରତିଦିନ ମଫସଲରୁ ଆସୁଅଛନ୍ତି ଏଠା ଗୃହସ୍ଥଙ୍କର ଏକପ୍ରକାର ଉତ୍ତମ ଲାଭ ହେଉଅଛି । ବଙ୍ଗଦେଶୀୟ ନୃତ୍ୟକାରକଙ୍କୁ ଅଣାଇବା ସକାଶ ଉଦ୍ୟମକାରମାନେ ଚେଷ୍ଟା କରୁଅଛନ୍ତି । ଲକ୍ଷ୍ମୀ ଓ ସରସ୍ୱତୀ ଓ ତାଙ୍କ ପାଦଶେଷ ସଖୀଙ୍କ ସହିତ ଏକ ମେଢ଼ ଓ ରାଧାକୃଷ୍ଣ ଅଷ୍ଟସଖୀ ସହିତ ଏକ ମେଢ଼ ଓ ରାମ ଲକ୍ଷ୍ମଣ ସୀତା ଓ ଭରଥ ଶତ୍ରୁଘ୍ନ ଓ ହନୁମାନ ଓ ଜମ୍ବେବ ପ୍ରଭୃତି ଏକମେଢ଼ ଓ ବାକେ ପ୍ରତିମା ଅର୍ଥାତ୍ ବେଶ୍ୟା ଓ ବାବୁ ଓ ସାହେବ ଓ ଦବୀ ଓ ଦରୱାନ ପ୍ରଭୃତି ପ୍ରତିମାମାନ ଅବିକଳ ମନୁଷ୍ୟ ତୁଲ୍ୟ ନିର୍ମାଣ ହୋଇଥିବାରୁ ଦର୍ଶକମାନେ ମୋହିତ ଓ ଆଶ୍ଚର୍ଯ୍ୟ ହେଉଅଛନ୍ତି ଏକ ହଜାର ପର୍ଯ୍ୟନ୍ତ ଅର୍ଥ ବ୍ୟୟ ହେଲାଣି ମାତ୍ର ଉପଯୁକ୍ତ ନୃତ୍ୟାଦିର ବନ୍ଦୋବସ୍ତ ଅର୍ଥାଭାବରୁ ପୂର୍ବରୁ ହୋଇ ନ ଥିବାରୁ ଭଦ୍ର ଲୋକଙ୍କର ରୁଚି ହେଉ ନାହିଁ ।

---

# ସାପ୍ତାହିକ ସଂବାଦ ।

ଓଡିଶା ରୋଡ କୋଷ୍ଟକେନାଲ ଖୋଲାଇ କାର୍ଯ୍ୟ ଏହି ବର୍ଷରେ ଆରମ୍ଭ ହେବ । ଏଥିର ବନ୍ଦୋବସ୍ତ କରିବା ନିମନ୍ତେ ଦକ୍ଷିଣ ପଶ୍ଚିମ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶ୍ରୀଯୁକ୍ତ ଭର୍ଟାନିଜ ସାହେବ ଏଠାରେ ପହଞ୍ଚି ଅଛନ୍ତି । ଏବଜନ୍ ସାହେବ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଓ ହେଜସ ହେବ ଏସିଷ୍ଟେଣ୍ଟ ଇଞ୍ଜିନିୟର ହୋଇ ଆସୁଅଛନ୍ତି । ଅନ୍ୟାନ୍ୟ କର୍ମଚାରୀମାନେ ଅଠ ଦଶଦିନ ମଧ୍ୟରେ ପହଞ୍ଚିବେ । ବହୁକା

ଶ୍ରୀଯୁକ୍ତ ରାଜା ଶ୍ୟାମାନନ୍ଦଦେ ଆପଣା ଜମିଦାରୀର ଯେଉଁ ଅଂଶରେ କୋଷ୍ଟକେନାଲ ପଡିବ ସେଥିର ଉଚ୍ଚଜମିର ଖେସାରତ ନେବେ ନାହିଁ । ବଡ଼ ସୁଖର କଥା । ଦୁଃଖର କଥା ଏତେ ଯେ, ରାଜା ମହାଶୟଙ୍କର ସମୁଦ୍ର ଉପକୂଳରେ ଜମିଦାରୀ ଅଳ୍ପ ଅଧିକ ଥିଲେ ମନୁଷ୍ୟ ଙ୍କର ବଡ଼ ଉପକାର ହୁଅନ୍ତା । ଶୁଣିଲୁଁ, ଆମ୍ଭମାନଙ୍କ କଲେକ୍ଟର ସାହେବ ସମୁଦ୍ର ଉପକୂଳର ଅନ୍ୟାନ୍ୟ ଜମିଦାରମାନଙ୍କୁ ଜମିର ଖେସାରତ ଛାଡିଦେବା ନିମନ୍ତେ ଅନୁରୋଧ କରିଅଛନ୍ତି । ଭରସା କରୁଁ, ଉପକୂଳର ଜମିଦାର ମହାଶୟମାନେ ରାଜା ମହାଶୟଙ୍କର ଅନୁକରଣ କରିବେ । ବାହକା

ମାନ୍ଦ୍ରାଜମେଲରୁ ଜଣାଗଲା ଯେ ସେଠାର ଜଣେ ଧନବନ୍ତ ଲୋକ ଘରେ ଏକ ବିବାହ ଥିଲା । ଶୁଭକର୍ମ ଶେଷ ହେଲା ଉତ୍ତାରୁ ଘର ଲୋକମାନେ ସମସ୍ତେ ଶୟନ କଲେ ଏଥିମଧ୍ୟରେ ଯେଉଁ ଘରେ ବର କନ୍ୟା ଶୋଇଥିଲେ ସେହି ଘରରୁ କାନ୍ଦ କୋବାଟ ଶୁଣି ଲୋକେ ଦୌଡିଯାଇ ଦେଖିଲେ ଯେ ବର ଲୁଗାରେ ଉପରୁ ଅଗ୍ନି ଲାଗି ଜଳୁଅଛି । ଲୋକମାନେ କୌଣସିରୂପେ ଅଗ୍ନି ନିଭାଇ ଦେଲେ ମାତ୍ର ହତଭାଗ୍ୟ ବରର ଅଙ୍ଗ ଏପରି ପୋଡି ଯାଇଥିଲା ଯେ ତହିଁ ଅନନ୍ତର ତାହାଙ୍କର ପ୍ରାଣ ଗଲା । କ ଦାରୁଣ ଯେ ଘଟଣା !

ମହାରାଜା ଜ୍ୟୋତିନ୍ଦ୍ର ମୋହନ ଠାକୁର ଭାରତ ବର୍ଷୀୟ ବ୍ୟବସ୍ଥାପକ ସଭାର ଜଣେ ମେମ୍ବର ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ସମ୍ବାଦ ପତ୍ରରୁ ଜଣାଯାଏ ଯେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଆଗାମୀ ମାର୍ଚ୍ଚ ମାସ ତା ୧୫ ରିଖରେ ଅର୍ଥାତ୍ ବଜେଟ ହେସାବ ବାହାରିବାର ଅଳ୍ପଦିନ ପରେ ସିମଲାକୁ ଯାତ୍ରା କରିବେ । ଲେଫଟେନେଣ୍ଟ ତହିଁ ପୂର୍ବରୁ ସେଠାକୁ ଯିବେ । ସିମଲାର ସୁଖ କୌଣସି ଗବର୍ଣ୍ଣର ଜେନରଲ ତ୍ୟାଗ କରି ପାରିବେ ନାହିଁ ।

ସାନ୍ତାଳ ସ୍ଥାନରେ ଲୋକସଂଖ୍ୟାର ପ୍ରାଥମିକ କର୍ମମାନ ନିର୍ବିଘ୍ନରେ ଶେଷ ହୋଇଥିବାର ସମ୍ବାଦ ଆସି ଅଛି । ସନ୍ତାଳମାନେ ଏକହଜାର ବା ଦେଢ଼ହଜାର ଲେଖାଏ ଦଳବଦ୍ଧ ହୋଇ ଏଠାରେ ସେଠାରେ ଦେଖାଯାଉଥିଲେ ଏବଂ ତାଙ୍କଠାରେ ବାଣ ଛଡା ଅନ୍ୟ କିଛି ଅସ୍ତ୍ର ନ ଥିଲା ବରୁ ସିପାହିମାନଙ୍କୁ ଦେଖି ସେମାନେ ଲୁଚି ରହିଲେ ।

ଲକ୍ଷ୍ନୌର ସାହିବ ନବାବଙ୍କ ପୁତ୍ରମାନଙ୍କୁ ବିଦ୍ୟା ଶିକ୍ଷା ଦେବା ନିମିତ୍ତ କଲିକତା ନିକଟ ମଟିଆ ବୁରୁଜରେ ଗୋଟିଏ ନୂତନ ବିଦ୍ୟାଳୟ ସ୍ଥାପନ କରିବାକୁ ବଙ୍ଗଳା ଗବର୍ଣ୍ଣମେଣ୍ଟ ସ୍ଥିର କରି ଅଛନ୍ତି । ଅନ୍ୟାନ୍ୟ ସମ୍ଭ୍ରାନ୍ତ ମୁସଲମାନଙ୍କର ପିଲାମାନେ ମଧ ଏଠାରେ ଇଚ୍ଛା ପଢି ପାରିବେ ଏବଂ କସ୍ତା ଶର୍ତ୍ତ ସହିତ ପଢିବାର ବେତନ ପ୍ରତ୍ୟେକ ପିଲା ନିମିତ୍ତ ମାସକୁ ଟ ୧୦୦୲ ଙ୍କା ଲେଖାଏ ପଡିବ । ନବାବ ଏ ବିଦ୍ୟାଳୟ ପ୍ରତି ଅନୁକୂଳ ମତ ପ୍ରକାଶ କରି ସାହାଯ୍ୟ ଦେବାକୁ ପ୍ରତିଶ୍ରୁତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter

40



କଥିତ ହୁଅଇ ଯେ ସାନ୍ତାଳମାନଙ୍କର ରାଜ୍ୟକୁ ଗବର୍ଣ୍ଣମେଣ୍ଟ ଅଧିକ ସୁବନ୍ଦୋ ବସ୍ତରେ ପରିଣତ କରିବାକୁ ଇଚ୍ଛା କରିଅଛନ୍ତି । ସାନ୍ତାଳମାନେ ବର୍ତ୍ତମାନ ନିତାନ୍ତ ଅସଭ୍ୟାବସ୍ଥାରେ ଅଛନ୍ତି ସେମାନଙ୍କୁ ମନୁଷ୍ୟ କରିବାକୁ ବହୁତ ବଳମ୍ବ ଅଛି ଏବଂ ତହିଁ ପୂର୍ବରୁ ଅଧିକ ଜାଗା କରିବା ଭଲ ନୁହଇ ।

ମାନ୍ଦ୍ରାଜରେ ସରକାରୀ ଅଦର୍ଶ ସେଉ ରହିଛି । ତହିଁର ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ପ୍ରସ୍ତାବମତେ ଗବର୍ଣ୍ଣମେଣ୍ଟ-ଜେଲର ଚିଷ୍ଟାର କୃଷିକାର୍ଯ୍ୟମାନଙ୍କ ଖରଚ ମୂଳଂରେ ଯେ ଗାଇବା ସବାସେ କେତେ ସୁଦ୍ଧା ଲଙ୍ଗଳ ପ୍ରସ୍ତୁତ ଉଠିବେ ଏବଂ ତହିଁ ସଙ୍ଗେ ନୂତନ ଏବଂ ଉନ୍ନତ ପ୍ରକାରର ଲଙ୍ଗଳ ମଧ୍ୟ ଯେ ଗାଇବାର ବନ୍ଦୋବସ୍ତ ହେବ । ଏ ପ୍ରସ୍ତାବଟି ମନ୍ଦ ନୁହଇ ଏଥିରେ କୃଷିକ ଜନର ଅନେକ ସୁବିଧା ହେବାର ସମ୍ଭାବନା ।

ମହୀସୂରର ମହାରାଜା ବୟଃପ୍ରାପ୍ତ ହୋଇଅଛନ୍ତି । ଅସାମୀ ମାସ ତା ୧୬ ଦିନରେ ସେ ରାଜ୍ୟ ସୂର୍ଯ୍ୟ ସିଂହାସନାରୂଢ ହେବେ ଏବଂ ତହିଁ ନିମିତ୍ତ ଭଲ ସମାରୋହ ହେବ । ମାନ୍ଦ୍ରାଜର ଗବର୍ଣ୍ଣର ଜେନରଲ ସେଠାରେ ଉପସ୍ଥିତ ଥିବା କାରଣ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟରୁ ଅଦେଶ ପାଇଅଛନ୍ତି

ସମ୍ବଲପୁରର ଡେପୁଟୀ କମିଶ୍ନର ସ୍କଟ ସାହେବ ଅଗାମୀ ମାର୍ଚ୍ଚ ମାସ ତା ୧ ଦିନଠାରୁ ତିନି ମାସର ଛୁଟୀ ନେଇ ଅଛନ୍ତି ଏବଂ ଅସିଷ୍ଟାଣ୍ଟ କମିଶ୍ନର ଡାମ ସାହେବ ଏକଟିଂ ଡେପୁଟୀ କମିଶ୍ନର ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ସମ୍ପ୍ରତି ଏକ ଟଙ୍କାକୁ ସମ୍ବଲପୁରରେ ସେ ୪୬ ର ବଡାସ ପୁରରେ ସେ ୪୦ ର ଜବଲପୁରରେ ସେ ୧୫ ର ଏବଂ ରାଇପୁରରେ ସେ ୧୬୦ ର ଗଭଲ ବିକ୍ରୟ ହେଉଅଛି । ବାଣିଜ୍ୟ ଦ୍ରବ୍ୟ ଗତାୟାତର ସୁବିଧା ବାଟ ନ ଥିବାରୁ ଦରର ଏପ୍ରକାର ଅସୁବିଧା ଦେଖା ଯାଏ । ସମ୍ବଲପୁର ରେଲ କଲିକତାକୁ ଫିଟିଲେ ଅଢ଼ ଏ ଦର ରହିବ ନାହିଁ ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ଶ୍ରୀ ବାବୁ ଯଦୁମଣି ଘୋଷ ବ୍ରାହ୍ମଧର୍ମ ପ୍ରଚାରକ ଏଠାରେ କଟକରେ ଧର୍ମସମ୍ବନ୍ଧେ ଗୋଟିଏ ବକ୍ତୃତା ଇଂରେଜୀରେ ପ୍ରଦାନ କରିଥିଲେ । ବକ୍ତୃତାଟି ଉତ୍କୃଷ୍ଟ ହୋଇ ନ ଥିଲେହେଁ ମନ୍ଦ ହୋଇ ନ ଥିଲା ମାତ୍ର ତହିଁରେ ଗୋଟିଏ ବଡ଼ ଦୋଷ ଦେଖାଗଲା ତାହା ବକ୍ତାଙ୍କୁ ଜଣାଇ ଦେବାର ଆବଶ୍ୟକ । ସେ ଦୋଷଟି ଆତ୍ମପ୍ରଶଂସା ଅଟଇ ।- ବକ୍ତା ବକ୍ତୃତାରେ ପ୍ରକାରାନ୍ତରରେ ଆପଣାର ଅନେକ ପ୍ରଶଂସା କରିଥିଲେ । ତାଙ୍କର ପୂର୍ବ ବକ୍ତୃତାମାନଙ୍କରେ ମଧ୍ୟ ଏହି ଦୋଷ ଲକ୍ଷିତ ହୋଇଥିଲା ତେବେ କଣ ସେ ଆପଣାର ପ୍ରଶଂସା ପ୍ରଚାର କରିବା ଉଦ୍ଦେଶ୍ୟରେ ବକ୍ତୃତା କରନ୍ତି କି ? ଏ ସ୍ୱଭାବଟି ବ୍ରାହ୍ମଧର୍ମର ବିରୁଦ୍ଧ ଅଟଇ ଓ ତାହା ତ୍ୟାଗ କରିବାର ଉଚିତ । ଯଦି ଦୃଷ୍ଟାନ୍ତ ଆବଶ୍ୟକ ହୁଏ ତେବେ କଣ ଭାରତବର୍ଷ ମଧ୍ୟରେ ଅନ୍ୟ କେହି ବ୍ରାହ୍ମ ଦୃଷ୍ଟାନ୍ତର ଉପଯୁକ୍ତ ନୁହନ୍ତି ? ବକ୍ତା ନଅଣୀ ବ୍ରାହ୍ମ ଥିବାରୁ ସେ କଣ ବାବାଜିମାନଙ୍କପରି ଆପଣାକୁ ସର୍ବଶ୍ରେଷ୍ଠ ମନେ କରନ୍ତି ? ବାବାଜିମାନେ ଯେପରି ଆପଣାକୁ ଆପେ ସଧୁ ସାଧୁ ବୋଲି କହନ୍ତି ବକ୍ତା କଣ ତାହାର ଅନୁସର ଅଛନ୍ତି କି ? କିନ୍ତୁ ଆମ୍ଭ ବିବେଚନାରେ ଓ ମଧ୍ୟ ଶାସ୍ତ୍ରାନୁସାରେ ଗୃହସ୍ଥାଧର୍ମ ନଅଣୀଧର୍ମ ଅପେକ୍ଷା ଉତ୍କୃଷ୍ଟ । ସଂସାର ରକ୍ଷା ସଂସାରର ପ୍ରଧାନ ଧର୍ମ ଓ ମଧ୍ୟ ଈଶ୍ୱରଙ୍କର ଅଭିପ୍ରାୟ ଓ ଆଦେଶ— ନଅଣୀ ଧର୍ମରେ ଏପରି ସାର ଆଦେଶର ଉଲ୍ଲଂଘନ ସୁତରାଂ ତାହା ଦୋଷଯୁକ୍ତ ଓ ପାପଯୁକ୍ତ । ଅତଏବ ବକ୍ତା ସର୍ବଶ୍ରେଷ୍ଠ ବ୍ରାହ୍ମ ହୋଇ ନ ପାରନ୍ତି । ଯାହା ହେଉ ତାଙ୍କଠାରୁ ଧର୍ମସମ୍ବନ୍ଧୀୟ ବକ୍ତୃତା ଆମ୍ଭେମାନେ ସମସ୍ତ ସମୟରେ ଶୁଣୁଥିବାରୁ ତାଙ୍କୁ ଧନ୍ୟବାଦ ଦେଉଅଛୁଁ ଓ ପ୍ରାର୍ଥନା କରୁଅଛୁଁ ଯେ ଆମ୍ଭ ପ୍ରତି ବିରକ୍ତ ନ ହୋଇ ଆପଣାର ଦୋଷ ମାର୍ଜନା କରି ନେଉନ୍ତୁ । ଇତି ।

ତା ୧୭ ରିଖ ଫିବୃଏରୀ<br>ସନ ୧୮୮୧ ସାଲ } କେହି ଶ୍ରୋତା ।

---

ଶ୍ରୀମଦୁତ୍କଳ ଦୀପିକା ସମ୍ପାଦକ ମହାଶୟେଷୁ

ମହାଶୟ !

ପାଠକମାନଙ୍କ ଆଶ୍ଚର୍ଯ୍ୟ ଶ୍ରବଣ କୌତୁହଳାର୍ଥେ ଅଭିନବ ଶିଖଣ୍ଡିର ଜନ୍ମ ପ୍ରାଦୁର୍ଭାବ ଲେଖୁଅଛି ଦୟାପୂର୍ବକ ସ୍ୱପତ୍ରିକାରେ ମୁଦ୍ରିତ କରାଇବା ହେବେ ଏପ୍ରସଙ୍ଗଟି କେତେଦୂର ସତ୍ୟ କି ନା ଆମ୍ଭେ ନ ଜାଣୁ ପୁରୁଷାର୍ଥପ୍ରଦାୟିନୀ ପତ୍ରିକାଧ୍ୟକ୍ଷ ତାଙ୍କ ସ୍ୱପତ୍ରିକାରେ ପ୍ରକଟନ କରି ଅଛନ୍ତି ତଦ୍ୟଥା;—

ମୈସୂର ଦେଶାନ୍ତଃପାତୀ ତଲ୍ଲାଗାନ୍ଥୁ ଗ୍ରାମରେ ମୈସୂର ରାଜାଙ୍କ ସଭା ପଣ୍ଡିତ ଶ୍ରୀମତ୍ ଦର୍ଶନାଚାର୍ଯ୍ୟ ନାମକ ବ୍ୟକ୍ତିଙ୍କ ଗୋଟିଏ ପୁତ୍ରିକା ଜନ୍ମ ହେଲା ସେ ବାଳକାକୁ ଅହୋବଳାମ୍ବା ବୋଲି ନାମ ଦେଲେ ସେ ପିଲାର ଯଥା କାଳରେ ବିବାହ ମଧ୍ୟ ହେଲା ସେ କନ୍ୟା ପନ୍ଦରବର୍ଷ ପର୍ଯ୍ୟନ୍ତେ ଋତୁମତୀ ନୋହି ହୃଦୟ ଭାଗ ମଧ୍ୟ ପୁରୁଷାକାରରେ ଥାଇ ସେଥିରେ ରୋମମାନେ ଉଠି ପଡିଲେ ମୁଖରେ ଶ୍ମଶ୍ରୁ ମଧ୍ୟ ବାହାରିବାକୁ ଉଦ୍ୟମ ହେଲା ଏହି ସମୟରେ ସେ କନ୍ୟାର ପିତା ପଞ୍ଚତ୍ୱକୁ ପାଇଲେ ତାହାଙ୍କ ପୁତ୍ରମାନେ ପୈତୃକ ଦ୍ରବ୍ୟ ଓ ସ୍ଥିରାସ୍ଥା ମଧ୍ୟ ଯଥା ବିଭାଗରେ ଭାଗ ବିଭାଗ କରି ନେଇ ଆପଣା ଭଗିନୀଟିକି ହେଣୋରଙ୍କ ସ୍ନେହକୁ ପ୍ରେରିତ କରି ଦେଲେ । ଜାମାତା ସର୍ବତ୍ରୁପରେ ପରୀକ୍ଷା କଲେ ସେ କନ୍ୟାଟି ପୁରୁଷ ! ଏହା ଦେଖି ସବୁ ଛାଡ ଦେଇ ସେ କନ୍ୟାର ସ୍ୱାମୀ ଅନ୍ୟ ଭାମିନୀକୁ ବିବାହ କରିବାରୁ ସେ ଅହୋବଳାମ୍ବା ତାହାର ମନୋବୃତ୍ତି ନିମନ୍ତେ ବେଙ୍ଗୁଳୁର ଜଜସଦର୍ଯ୍ୟାଲାଧ୍ୟକ୍ଷଙ୍କଠାରେ ନାଲିଶ କରିବାରୁ ତାହାଙ୍କ ଭର୍ତ୍ତା କହିଲେ କି 'ଏକନ୍ୟା ସ୍ତ୍ରୀ ନୁହଇ ପୁରୁଷ' ଏଇଥିକି ମୁନସଫ ଶୁଣିକରି ମାଝବେ ଡାକ୍ତର ସାହେବଙ୍କଠାରେ ସେ କନ୍ୟାଟିକି ପରୀକ୍ଷା କରାଇବାରେ 'ଏ ପିଲା ବାରବର୍ଷ ପର୍ଯ୍ୟନ୍ତେ ସ୍ତ୍ରୀ ହୋଇଥିଲା ତଦ୍ବାଦ ଦୁଇବର୍ଷ ନପୁଂସକ ହେଲା ଉତ୍ତାର ପୁରୁଷ ଲକ୍ଷଣ ସମ୍ପୂର୍ଣ୍ଣରୂପରେ କଳ୍ପିତମାନ ହୋଇଅଛି' ବୋଲି ଡାକ୍ତର ସାହେବ ସାକ୍ଷ ଦେଲେ । ମୁନସଫ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ସେ କନ୍ୟାକୁ କହିଲେ କି 'ତୁମେ ସ୍ତ୍ରୀ ନୁହ ତୁମକୁ କିଏ ଭର୍ତ୍ତା ପ୍ରତିପାଳନା କରିବେ ତୁମ୍ଭ ପୈତୃକ ଚରସ୍ଥିରାସ୍ଥାରୁ ଭାଇମାନଙ୍କଠାରୁ ବିଭାଗ ନିଅ' ଏ ତା ଶୁଣି ସେ ଅହୋବଳାମ୍ବା ନାମ ପରିତ୍ୟାଗ କରି ଅହୋବଳାଚାର୍ଯ୍ୟ ବୋଲାଇ ମୁଣ୍ଡ କ୍ଷୌର କରି ଚୁଟି ରଖି ପୁରୁଷ ବେଶ ଧରି ଉପନୟନ ହୋଇ ବଶିଷ୍ଠାଦ୍ୱୈତ ଶାସ୍ତ୍ରାନୁସାରେ ପଞ୍ଚସଂସ୍କାର ସଂଯୁତ ହୋଇ ପୈତୃକ ଧନକୁ ଏବଂ ସ୍ଥିରାସ୍ଥାକୁ ଭ୍ରାତୃ ବିଭାଗ ନେଇ ସ୍ୱଜାତି କନ୍ୟାକୁ ବିବାହ ହୋଇ ପ୍ରଜାବନ୍ତ ମଧ୍ୟ ହେଲେ ...ପୁଣି ପୁରୁଷାର୍ଥ ପ୍ରଦାୟିନୀ ପତ୍ରିକାଧ୍ୟକ୍ଷଙ୍କ ଏ ରଚନା ଯଦ୍ୟପି ସତ୍ୟ ହୋଇଥିବ ଦ୍ୱାପର ଯୁଗରେ ଦ୍ରୁପଦ ମହାରାଜାଙ୍କ ପୁତ୍ରୀ ଶିଖଣ୍ଡୀ ଯକ୍ଷପତିଙ୍କ ଆଜ୍ଞାରେ ପୁରୁଷ ହେଲା ଯଥା ଏ ଅହୋବଳାଚାର୍ଯ୍ୟ ବୋଲିବା ଅଭିନବ ଶିଖଣ୍ଡୀ କଳିଯୁଗରେ ଅବତୀର୍ଣ୍ଣ ହେଲା ।

୧୩।୨।୮୧ } ପୁରୁଷାର୍ଥପ୍ରଦାୟିନୀ ପାଠକ<br>ଶ୍ରୀ — ଗ୍ରାମ୍ୟଣବଉଯେନା ସାନନ୍ଦ

---

ଅନେକ ପ୍ରକାର ସାଦା ଓ ... ଦରଜୀ କର୍ମ ... କଟକ ପ୍ରିଣ୍ଟିଂ କମ୍ପାନିର ପୁସ୍ତକାଳୟରେ ଅତି ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ... ନିମିତ୍ତ ଏସମସ୍ତ ... ଉପଯୋଗୀ ଅଟଇ ।

---

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । ... ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ ... ପୋଷ୍ଟମାଷ୍ଟରଙ୍କଠାରେ ... ଟରେ ... ନିମ୍ନଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୪ ଅଉନ୍ସର ଟିଣ୍‌କା । ୮ ଅଉନ୍ସର ଟି ୧୧୧ କା । ୧୬ ଅଉନ୍ସର ଟି ୨୦୪ କା । ମୂଲ୍ୟ ନଗଦ ।

---

ଏହି ଉତ୍କଳଦୀପିକା ସହର କଟକ ଦରଘବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com